# ବହି ମେଳାରୁ କର୍ଫ୍ୟୁ ପର୍ଯ୍ୟନ୍ତ

## କାନନ ମିଶ୍ର



Digitized by srujanika@gmail.com

# ବହିମେଳାରୁ
# ବୟ୍‌ଫ୍ରେଣ୍ଡ୍ ପର୍ଯ୍ୟନ୍ତ

କାନନ ମିଶ୍ର

ଶତଦ୍ରୁ ପ୍ରକାଶନୀ
ଭୁବନେଶ୍ୱର

Digitized by srujanika@gmail.com

ବହିମେଳାରୁ ବୟଫ୍ରେଣ୍ଡ ପର୍ଯ୍ୟନ୍ତ
(ଗଳ୍ପ ସଂକଳନ)

*ରଚନା :*
କାନନ ମିଶ୍ର

*ପ୍ରକାଶକ :*
ଶତଦ୍ରୁ ପ୍ରକାଶନୀ
୩୧ଏ, ଜନପଥ, ଭୁବନେଶ୍ୱର

*ପ୍ରଥମ ପ୍ରକାଶ :* ୨୦୦୧ ମସିହା

*ମୁଦ୍ରଣ :*
ଲକ୍ଷ୍ମୀ ପ୍ରିଣ୍ଟେକ୍ସ
ଭୁବନେଶ୍ୱର

ମୂଲ୍ୟ : ଟ ୬୦.୦୦

**BAHIMELARU BOYPHREND PARJYANTA**
(Oriya Story Collection)

*Written By :*
**Kanan Mishra**

*Published by :*
**SATADRU PRAKASHANI**
31A JANAPATH, BBSR

***1st Edition :*** 2001 A.D

***Printing :***
Laxmi Printex
Bhubaneswar

**Price : Rs. 60.00**

Digitized by srujanika@gmail.com

ବିନୟଙ୍କୁ,

ବିଗତ ଛତିଶ ବର୍ଷ ବିନିମୟରେ ।

Digitized by srujanika@gmail.com

# ସୂଚୀପତ୍ର


| | |
|---|---|
| ବହିମେଳାରୁ ବୟପ୍ରେଣ୍ଡ ପର୍ଯ୍ୟନ୍ତ | ୭ |
| ଇତିହାସସାକ୍ଷ ଓ ଦିଲ୍ଲୀ | ୧୮ |
| ମିଲ୍‌ଭ୍ରେଡ୍ ଓ ମିଜୋରାମ୍ | ୨୮ |
| ହ୍ୱିସ୍କି, ଲୁଲୁ ଓ ଇରାବତୀ | ୩୫ |
| ଚାରୋଟି କୁକୁଡ଼ା ଅଣ୍ଡାର କାହାଣୀ | ୪୬ |
| ପଦଧ୍ୱନି | ୫୨ |
| ହାସ୍ୟ ରସିକ | ୫୮ |
| ବୋଧହୁଏ | ୬୭ |
| ବର୍ଷାର ଶବ୍ଦ | ୭୬ |
| ଷାଠିଏ ବର୍ଷ ଆଗେ | ୮୧ |
| ଡିବିରି ଆଲୁଅ ଓ ବର୍ଷାପାଣି | ୮୯ |
| କାହାଣୀ ନୁହେଁ | ୯୫ |
| ପଇଙ୍କ | ୧୦୨ |
| ଶାନ୍ତି ଭବନ | ୧୦୮ |
| ଅଷ୍ଟମ ସନ୍ତାନର ଜନନୀ | ୧୧୪ |
| ବାପା | ୧୨୩ |


Digitized by srujanika@gmail.com

# ନିଜ କଥା

ଅନେକ, ଅନେକ ବର୍ଷ ଆଗେ ଲେଖୁଥିଲି । ସ୍କୁଲ୍ ଓ କଲେଜରେ ପାଠ ପଢ଼ିଲା ବେଳେ । ଲେଖୁଥିଲି କବିତା । ବହି ମଲାଟରେ, ଗଣିତ ଖାତାରେ ଓ କ୍ୟାଲେଣ୍ଡର ଫର୍ଦ୍ଦରେ । ଏବଂ ସେ ସବୁ କବିତା ନିୟମିତ ଛପା ବି ହୋଇଯାଉଥିଲା ବିଭିନ୍ନ ପତ୍ରପତ୍ରିକାରେ, ସମ୍ବାଦପତ୍ରରେ ।

ଊଣିଶଶହ ଚଉଷଠି ମସିହାରେ ଗୋତ୍ର ବଦଳିଗଲା । ଭରଦ୍ୱାଜରୁ ଗୌତମ । ଜୀବନ ବିତିଲା ଜନ୍ମମାଟିଠାରୁ ଦୂରରେ । ହୋଇଗଲି ଆସାମ, ମିଜୋରାମ ଓ ଦିଲ୍ଲୀର ବାସିନ୍ଦା । ଆଜି ଏଠି, କାଲି ସେଠି । ସଂସାରରୂପୀ ଅକ୍ଟୋପସ୍ ତା'ର ଅଜସ୍ର ବାହୁରେ ଆବୋରି ସତେ ଯେମିତି ଅଚାନକ ଜାବୁଡ଼ି ଧରିଲା ମୋତେ ! ଦୂରତ୍ୱ ହେତୁ ଓଡ଼ିଆ ଭାଷା ଓ ସାହିତ୍ୟ ସହିତ ସଂପର୍କ ମଧ ହୋଇ ଆସିଲା କ୍ଷୀଣ । କବିତା ଅଭିମାନ କରି ଦୂରେଇଗଲା ମୋ'ଠାରୁ ।

ସୁଦୀର୍ଘ ନିର୍ବାସନ ଉତାରୁ ଦ୍ୱିତୀୟଥର ପାଇଁ କଲମ ଧରିଲି ଜନ୍ମମାଟିକୁ ଫେରିଆସିଲା ପରେ । କବିତା ସହିତ ଥିଲା ପ୍ରଥମ ପ୍ରେମ । ତେବେ ଗଦ୍ୟ ଲେଖିଲି କାହିଁକି ?

ଜଣେ ସାହିତ୍ୟିକ ବନ୍ଧୁ ଇ ପ୍ରବର୍ତ୍ତାଇଥିଲେ ଗଦ୍ୟ ରଚନା ପାଇଁ । ''କିନ୍ତୁ ମୋତେ ଯେ ଗପ ଲେଖି ଆସେନି'' ! ଉତ୍ତର ଦେଇଥିଲି ତାଙ୍କୁ ।

''ଆପଣ ସାରା ଜୀବନ ଭାରତବର୍ଷର ବିଭିନ୍ନ ସ୍ଥାନ ବୁଲିଛନ୍ତି । ସମ୍ମୁଖୀନ ହୋଇଛନ୍ତି ଅଜସ୍ର ଚରିତ୍ର ଓ ଘଟଣାବଳୀର । ତାକୁଇ ନେଇ ଲେଖନ୍ତୁନା !'' ସାହିତ୍ୟିକ ବନ୍ଧୁ ପରାମର୍ଶ ଦେଇଥିଲେ ।

ଏବଂ ପରୀକ୍ଷାମୂକ ଭାବରେ ଲେଖିବାକୁ ଆରମ୍ଭ କଲି ମୋ' ନିଜ କଥା । ଏବଂ ପାଠକମାନଙ୍କ ଦ୍ୱାରା ତାହା ଆଦୃତ ହେଲା ମଧ । ସେମାନଙ୍କୁ କୁଆଡ଼େ

Digitized by srujanika@gmail.com

କାହାଣୀର ମଜା ମିଳୁଥିଲା ଏଥିରୁ । ମୋ'ପରି ଗୋଟିଏ ନଗଣ୍ୟ ମଣିଷର ସାଧାରଣ ସୁଖଦୁଃଖର କାହାଣୀ ପାଠକମନକୁ ଏତାଦୃଶ ରସାପ୍ଲୁତ କରୁଥିବାର ଦେଖି ମୁଁ ବି ବେଶ୍ ଆଚମ୍ବିତ ହେଲି ।

ମୋ' ଲେଖାକୁ ଲୋକଲୋଚନକୁ ଆଣିବାର ସମଗ୍ର ଶ୍ରେୟ ଯାଏ ଶ୍ରଦ୍ଧେୟ ସେକ୍ ମତଲୁବ୍ ଅଲିଙ୍କୁ । ଏ ସଂକଳନର ପ୍ରାୟ ସବୁ ରଚନା, ତାଙ୍କ ପତ୍ରିକା 'ଆଗାମୀ ଶତାବ୍ଦୀରେ' ହିଁ ପ୍ରକାଶିତ । ତାଙ୍କର ହୃଦ୍ୟତା ପାଖରେ ମୁଁ ଋଣୀ ।

ଏବଂ ମୁଁ ଋଣୀ, ମୋର ଅଗଣିତ ସ୍ନେହଶୀଳ ପାଠକ ପାଠିକାମାନଙ୍କ ପାଖରେ ମଧ୍ୟ । କାରଣ କେବଳ ସେମାନଙ୍କର ସଦିଚ୍ଛାହିଁ, ଲେଖିବା ପାଇଁ, ମୋର ଜଖମୀ ଡାହାଣ ହାତଟିକୁ ଅପ୍ରମିତ ଶକ୍ତି ଯୋଗାଇ ଆସିଛି ଆଜି ପର୍ଯ୍ୟନ୍ତ ।

ସର୍ବଶେଷରେ, ଏ ବହିଟିର ପ୍ରକାଶ ଜନିତ କ୍ଳେଶକୁ ସହନ କରିଥିବା, ଅନୁଜୋପମ କବି ଉପେନ୍ଦ୍ରଙ୍କୁ ତଥା 'ଶତଦ୍ରୁ ପ୍ରକାଶନୀ'ର କର୍ତ୍ତୃପକ୍ଷଙ୍କୁ ମୋର ଅଶେଷ ଧନ୍ୟବାଦ ।

କାନନ ମିଶ୍ର

Digitized by srujanika@gmail.com

# ବହି ମେଳାରୁ ବୟଫ୍ରେଣ୍ଡ୍ ପର୍ଯ୍ୟନ୍ତ

ସାନ ସାନ ଘଟଣା ସବୁ ବାଦ୍‌ଦେଲେ, ବିଶ୍ୱ ବହିମେଳାରେ ମୁଖ୍ୟତଃ ମୋର ତିନୋଟି ଅବିସ୍ମରଣୀୟ ଅନୁଭୂତି ହୋଇଥିଲା । ଅତ୍ୟନ୍ତ ଆକସ୍ମିକ ଭାବରେ ମୋତେ ପଞ୍ଚମ ଶ୍ରେଣୀରେ ଗଣିତ ପଢ଼ାଉଥିବା ଜଣେ ଶିକ୍ଷକଙ୍କ ସହିତ ଦେଖା ହୋଇଥିଲା, ଓଡ଼ିଶାର ଜଣେ ମନ୍ତ୍ରୀ ମହୋଦୟଙ୍କ ଜନନୀଙ୍କ ସହିତ କିଛିଦ୍ କଥା କଟାକଟି ହୋଇଥିଲା ଓ ସର୍ବୋପରି ମୋତେ ଜଣେ 'ବୟଫ୍ରେଣ୍ଡ୍' ମିଳିଥିଲେ ।

'ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ' ତରଫରୁ ଆୟୋଜିତ ଦିଲ୍ଲୀର ବିଶ୍ୱ ବହିମେଳାରେ ବର୍ଷଟିଏ ଦଶଦିନ ପାଇଁ ମୁଁ କାମ କରିଥିଲି । ବିଖ୍ୟାତ ବହିମେଳା । ପ୍ରଗତି ମଇଦାନର ମାଇଲ୍ ମାଇଲ୍ ଆବୋରି ଭାରତବର୍ଷ ତଥା ଭାରତ ବାହାରୁ ଆସିଥିବା ପୁସ୍ତକ ବିକ୍ରେତା ଓ ପ୍ରକାଶକମାନଙ୍କର ଦୋକାନ ଓ ବହି ବିକ୍ରି । ଓଡ଼ିଆ ବିଭାଗ ପାଇଁ ସାହିତ୍ୟଜ୍ଞାନ ଥିବା ଓ ଇଂରାଜୀ କହିପାରୁଥିବା ଜଣେ ସହାୟିକାଙ୍କର ଆବଶ୍ୟକତା ଥିଲା ଓ ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁରୋଧରେ ସାହାଯ୍ୟ କରିବା ପାଇଁ ମୁଁ ରାଜି ହୋଇଥିଲି । ଏନ୍.ବି.ଟି. ପାଇଁ ଗୋଟିଏ ଆସାମୀ ଉପନ୍ୟାସ ଓଡ଼ିଆରେ ଅନୁବାଦ କରିଥିବା ହେତୁ, ଉକ୍ତ ସଂସ୍ଥା ସହିତ ମୋର ସାମାନ୍ୟ ଜଣାଶୁଣା ଥିଲା । କାମଟି କରିବା ପାଇଁ ମୋ ଅପେକ୍ଷା ମୋର ବହି-ପାଗଳା କିଶୋର ପୁତ୍ରଟିର ଆଗ୍ରହ ଥିଲା ବେଶୀ । ପ୍ରତିଦିନ ଗାଡ଼ିରେ ମୋତେ ଛାଡ଼ିବା ଓ ଆଣିବା ବାହାନାରେ ବହିମେଳା ଦେଖିବା ଓ ବହି କିଣିବାର ଅପର୍ଯ୍ୟାପ୍ତ ସୁଯୋଗ ପାଇବ ବୋଲି ।

ବହିମେଳାର ପ୍ରଥମ ଦିନ ।

ଜଣେ ଭଦ୍ରଲୋକ ଆସି ବେଶ୍ କିଛି ସମୟ ଓଡ଼ିଆ ବହି ସବୁ ମନଯୋଗ ସହକାରେ ଦେଖୁଥିବା ଲକ୍ଷ୍ୟ କଲି । ଭଦ୍ରଲୋକ ମୋ ସହିତ କିଛି କଥାବାର୍ତ୍ତା କରିନଥିଲେ ଓ ପାଞ୍ଚ ଦଶ ମିନିଟ୍ ଏପଟ ସେପଟ ବୁଲି ଫେରିଗଲେ । ଦେଖିଲି, ଆମ ବିଭାଗଠାରୁ କିଛିତ ଦୂରରେ ଠିଆ ହୋଇଥିବା ମୋର ପରିଚିତ ଜଣେ ଓଡ଼ିଆ ଅଫିସରଙ୍କ ସହିତ ଅଳ୍ପ ସମୟ ଆଳାପ କରି ବଡ଼ ବଡ଼ ପାହୁଣ୍ଡ ପକାଇ ପୁଣି ଥରେ ଲେଉଟିଲେ ଓ ସିଧା ମୋ ସାମ୍‌ନାରେ ଆସି ଠିଆ ହୋଇ ଏବଂ ମତେ ବେଶ୍ ଅବାକ୍ କରି ବିଶୁଦ୍ଧ ଓଡ଼ିଆରେ କହିଲେ ''କାନନ, ମତେ ଚିହ୍ନିପାରୁନ ? ମୁଁ ପରା ତୁମକୁ ପାଠ ପଢ଼େଇଥିଲି ।''

Digitized by srujanika@gmail.com

ଭଦ୍ରଲୋକଙ୍କୁ ନିରେଖି ଦେଖିଲି । ପିନ୍ଧିଥିଲେ ଈଷତ୍ ଲୋଚାକୋଚା ହୋଇ ଆସୁଥିବା ସୁଟ୍‌ଟିଏ । କୋଟ୍‌ଟି ପେଟ ପାଖରେ ବେଶ୍ ଆଣ୍ଠ ହୋଇ ଯାଇଥିଲା, ଶରୀରର ଅନ୍ୟ ଅଙ୍ଗ ତୁଳନାରେ ଉଦରଟି ମାତ୍ରାଧିକ ଭାବରେ ସ୍ଫୀତ ଥିଲା ବୋଲି । ପାନପତ୍ର ପରି ତ୍ରିକୋଣାକାର ମୁହଁ, ଚିବୁକ ସୂଚ୍ୟଗ୍ର । ଅତ୍ୟଧିକ ଗୋରା ରଙ୍ଗ ପାଣି ପବନ ଖାଇ ତମ୍ବାଆସିଆ ପଡ଼ିଆସିଛି । ହାତରେ ସାନ ଆଟାଚିଟିଏ । ସ୍ୱପ୍ନରୁ ବାହାରି ଆସିଲା ପରି ଛବିଟିଏ ସ୍ମୃତିର ମଣିକୋଠାରୁ ବାହାରି ଆସିଲା । ''ରଘୁସାର୍ ନା !'' ମୁଁ ଈଷଦ୍ ହସି କହିଲି । ଭଦ୍ରବ୍ୟକ୍ତି ସମ୍ମତିସୂଚକ ମୁଣ୍ଡ ଟୁଙ୍ଗାରିଲେ ।

''ଅନେକ ବର୍ଷ ପରେ ଦେଖା, ମୁଁ ଆପଣଙ୍କୁ ଚିହ୍ନିପାରି ନ ଥିଲି ।''

''ମୁଁ ବି କେଉଁଠି ତୁମକୁ ଚହ୍ନିପାରିଲି ? ଫେରିଗଲା ରାସ୍ତାରେ ଏଇଠି ଦାସବାବୁଙ୍କ ସାଥିରେ ଦେଖାହେଲା । କଥା ପ୍ରସଙ୍ଗରେ ପଚାରିଲି - ଓଡ଼ିଆ ସେକ୍‌ସନ୍‌ର ଭଦ୍ରମହିଳା ଜଣକ କିଏ ? ସିଏ ଇ ତୁମ ବାପାଙ୍କ ନାଁ କହି ତୁମ ପରିଚୟ ଦେଲେ ।''

ମନେ ପଡ଼ିଲା ।

ରଘୁସାର୍ ଥିଲେ ଆମର ଅତି ପ୍ରିୟ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ । ଆମକୁ ପାଠ ପଢ଼ାଇଲା ବେଳେ ଥିଲେ ଅତ୍ୟନ୍ତ କମ୍ ବୟସର । ଦେହର ରଂଗ ଥିଲା ସ୍ୱର୍ଣ୍ଣାଭ । ପଢ଼ାଉଥିଲେ ବି ଚମତ୍କାର । ତାଙ୍କୁ ମନେରଖିବାର ଅନ୍ୟ କାରଣ ବି ଥିଲା । ସେ ସ୍କୁଲରୁ ଦୁଇ ଥର ଫେୟାରୱେଲ୍ ନେଇଥିଲେ ।

ଆମ ସ୍କୁଲରେ ଯେତେବେଳେ କୌଣସି ଶିକ୍ଷକ ସ୍କୁଲ ଛାଡ଼ି ଚାଲିଗଲେ ସାରା ସ୍କୁଲ ପିଲା ମିଶି ଚାନ୍ଦାକରି ତାଙ୍କ ପାଇଁ ଉପହାର କିଣୁଥିଲୁ । ସ୍କୁଲଛୁଟି ପରେ ପଡ଼ିଆରେ କିମ୍ୱା ସ୍କୁଲର ଲମ୍ୱପିଣ୍ଡାରେ ପିଲେ ଏକାଠି ହେଉଥିଲେ । ସାର୍‌ମାନେ ଭାଷଣ ଦେଉଥିଲେ । ପିଲାମାନଙ୍କ ଭିତରୁ କେହି କେହି ଦିପଦ କହୁଥିଲେ ମଧ୍ୟ । ମନେଅଛି, ରଘୁସାର୍‌ଙ୍କୁ ଆମେ ଗୋଟିଏ ହାତବନ୍ଧା ଘଡ଼ି ଉପହାର ଦେଇଥିଲୁ । ଯୁବକ ରଘୁସାର୍ ତାଙ୍କ ଭାଷଣ ଦେଲାବେଳେ ଆବେଗ ପ୍ରବଣ ହୋଇ କାନ୍ଦି ପକାଇଥିଲେ ଓ ତାଙ୍କ ଟକ୍ ଟକ୍ ଗୋରା ମୁହଁ ରଂଗ ପଡ଼ି ଯାଇଥିଲା । ହେଡ୍‌ସାର ତାଙ୍କୁ କାନ୍ଧକୁ ଆଉଜାଇ ପ୍ରବୋଧନା ଦେଇଥିଲେ ।

କେଇମାସ ପରେ ସାର୍ ପୁନର୍ବାର ଫେରି ଆସିଲେ ସ୍କୁଲକୁ, ହୁଏତ ଯେଉଁ ଚାକିରିକୁ ଯାଇଥିଲେ ସେଠି ଭଲ ଲାଗିନଥିଲା କିମ୍ୱା ଅନ୍ୟ କୌଣସି କାରଣ ହୋଇପାରେ । ଆମ ଘଣ୍ଟାଟି ବେକାରରେ ଗଲା ଜାଣି ସୁଦ୍ଧା ଆମେ ଖୁସି ହୋଇଥିଲୁ । ସାର୍ ଆମକୁ ପୁଣି ଅଙ୍କ ପଢ଼ାଇଲେ ସପ୍ତମ ଶ୍ରେଣୀ ଯାଏ ଏବଂ ଆମେ ସପ୍ତମରେ ପଢ଼ିଲା ବେଳେ ସାର୍ ସ୍କୁଲ ଛାଡ଼ିଦେଲେ-ଉଚ୍ଚଶିକ୍ଷା ପାଇଁ ।

Digitized by srujanika@gmail.com

କଥା ହୋଇ ଜାଣିଲି, ସାର୍ ଲାଇବ୍ରେରୀ ସାଇନ୍ସରେ ଉଚ୍ଚତର ଡିଗ୍ରୀ ହାସଲ କରି ବର୍ତ୍ତମାନ ଦିଲ୍ଲୀର ଏକ ବିଖ୍ୟାତ ଲାଇବ୍ରେରୀର କର୍ମକର୍ତ୍ତା ଭାବରେ ଅବସ୍ଥାପିତ । ସାର୍ ଙ୍କ ସାଥିରେ ଗପସପ ହେଲା । ଗଲା ଆଗରୁ ସାର କହିଲେ, "ଯାହାହେଉ, ତମେ ଅନ୍ତତଃ ମନେରଖିଚ ମତେ" ।

"ବାଃ! ଆୟତକ୍ଷେତ୍ରର ବର୍ଗଫଳ ଶିଖେଇଥିଲେ ଯେ ଆପଣ !" ମୁଁ ଉତ୍ତର ଦେଲି । ଉଭୟ ହସିଲୁ ଏକାସାଥିରେ ।

ବହିମେଳା ଥିଲା ଦଶଦିନ ପାଇଁ । ଦିନ ଗୋଟେରୁ ରାତି ଆଠଟା । ଶେଷ ଦିନ । ଆଠଟା ପାଖାପାଖି ହୋଇ ଆସିଲାଣି । ପହଞ୍ଚିଲେ ଓଡ଼ିଶାର ଜଣେ ତତ୍କାଳୀନ ମନ୍ତ୍ରୀ ମହୋଦୟ, ପରିବାରବର୍ଗ ତଥା ପାରିଷଦମାନଙ୍କ ଗହଣରେ । ଛୋଟକାଟିଆ ଭିଡ଼ଟିଏ । ଅନେକ ବର୍ଷ ଧରି ମୁଁ ଓଡ଼ିଶା ବାହାରେ । ତେଣୁ ଓଡ଼ିଶାର କୌଣସି ପ୍ରଖ୍ୟାତ ବ୍ୟକ୍ତିଙ୍କୁ ଚିହ୍ନିବା ମୋ ପକ୍ଷରେ ସମ୍ଭବ ନଥିଲା । ସୌଭାଗ୍ୟବଶତଃ ମନ୍ତ୍ରୀଙ୍କ ସାଥିରେ ଥିବା ତାଙ୍କ ସାନଭାଇ ମୋ ସହିତ ଏକଦା କଲେଜରେ ପଢୁଥିଲେ ଓ ଦୀର୍ଘ ବ୍ୟବଧାନ ପରେ ବି ମୁଁ ତାଙ୍କୁ ଚିହ୍ନିପାରିନଥିଲେ ସୁଦ୍ଧା ସେ ମୋତେ ଚିହ୍ନିଥିଲେ । ତାଙ୍କରି ମାଧ୍ୟମରେ ତାଙ୍କର ଜ୍ୟେଷ୍ଠଭ୍ରାତା ଓ ମୁଁ ପରସ୍ପର ସହିତ ପରିଚିତ ହେଲୁ ମଧ୍ୟ । ସ୍ୱୀକାର କରିବାକୁ ବାଧ ହେଉଛି ଯେ, ମନ୍ତ୍ରୀ ମହୋଦୟ ଥିଲେ ଅତ୍ୟନ୍ତ ସଂଭ୍ରମଶୀଳ, ଭଦ୍ର ଓ ବ୍ୟବହାରରେ ନିଖୁଣ ।

କିନ୍ତୁ ସାମାନ୍ୟ ଅପ୍ରୀତିକର ପରିସ୍ଥିତି ଉପୁଜିଲା ତାଙ୍କ ସହିତ ଆସିଥିବା ତାଙ୍କ ଜନନୀଙ୍କ ଯୋଗୁଁ । ମନ୍ତ୍ରୀ ମହୋଦୟ ମୋ ବାପାଙ୍କୁ ଭଲ ଭାବରେ ଜାଣନ୍ତି ବୋଲି କହିଲାବେଳେ ବାପାଙ୍କ ନାଁଟି ତାଙ୍କ ମାତାଙ୍କର କର୍ଣ୍ଣକୁହରରେ ପଡ଼ିଥିଲା ଏବଂ ସେ ହଠାତ୍ ସ୍ୱପ୍ରୋତ୍ଥିତ ଭାବରେ କହି ଉଠିଲେ, "ଓହୋ ! ତୁମେ ତାଙ୍କ ଝିଅ କି ? ହଁ, ହଁ, ମୋ ମଝିଆଁ ପୁଅର ବାହାଘର ଚମ ସାଥିରେ ପଡ଼ିଥିଲା ଯେ, ହେଲାନି ।"

କଥାଟି ଯେ ସମୟୋପଯୋଗୀ ଓ ସୌଜନ୍ୟମୂଳକ ହୋଇନି-ଏ କଥା ବୁଝିପାରି ଉଭୟ ମନ୍ତ୍ରୀ ଓ ତାଙ୍କ ସାନଭାଇ ଅସ୍ୱସ୍ତି ବୋଧକଲେ । ସେମାନଙ୍କର ମୁହଁ କିଛିଟା କଳା ପଡ଼ିଗଲା ମଧ୍ୟ । ମଧ୍ୟବୟସରେ ପହଞ୍ଚି, ଜୀବନରେ ଅନେକ ବିଚିତ୍ର ଅଭିଜ୍ଞତା ହାସଲ୍ କରିସାରିବା ପରେ, ଏଉସବୁ ଅବାନ୍ତର କଥାକୁ ବେଖାତିରରେ ହସି ଉଡ଼େଇଦେବା ଉଚିତ୍ ବୋଲି ମୁଁ ବୁଝୁଥିଲେ ସୁଦ୍ଧା ସେତେବେଳେ ତାହା କାର୍ଯ୍ୟରେ ଦେଖାଇ ପାରିନଥିଲି । ଖିଆଲ୍ ବି ରହିଲାନି, ଯେ ପାଟିଲାବାଳରେ ସିନ୍ଦୂର ଲଗାଇ ଓ

Digitized by srujanika@gmail.com

ଚଉଡ଼ା ଧଡ଼ିର ଧୋବଲୁଗା ପିନ୍ଧି ସାମ୍ନାରେ ଠିଆ ହୋଇଥିବା ମାତୃସମା ମହିଳା ଜଣକ ହୁଏତ ବୁଝିପାରିନାହାନ୍ତି ଯେ, ସବୁକଥା ସବୁ ଜାଗାରେ କୁହାଯାଏନି । ଯାହାହେଉ, ଏକାଧିକ ଲୋକ ଗହଣରେ ଭଦ୍ର ମହିଳା ଯେଉଁଭଳି ଭାବରେ କଥାଟି କହିଲେ ଓ ଏକଦା ପାତ୍ରୀ ହିସାବରେ ମତେ ନାକଚ୍ କରିଥିବାର ଇଙ୍ଗିତ ଦେଲେ, ସେଥିରେ ମୁଁ କିଞ୍ଚିତ ଅପମାନିତ ବୋଧ କରିଥିଲି ।

ମୋ ସ୍ୱାମୀ ଓ ପୁତ୍ର ମୋତେ ଆଣିବାକୁ ଯାଇଥିଲେ । ମୋର କିଶୋର ପୁତ୍ରଟି ତା'ର କ୍ୟାମେରା ଧରି ଟକ୍‌ଟାକ୍ ମୋର ଫଟୋ ଉଠାଇବାରେ ଲାଗିଥିଲା । ସାମାନ୍ୟ ଦୂରରେ ଥିବା ଇଂରାଜୀ ସେକ୍ସନରେ ମୋ ସ୍ୱାମୀ ଠିଆହୋଇ ବହି ଓଲଟାଉଥିଲେ । ଭଦ୍ର ମହିଳାକୁ ମୋର ପୁଅ ଓ ସ୍ୱାମୀ ଉଭୟଙ୍କୁ ଦେଖାଇ ଦେଇ କହିଲି ''ମୁଁ ବହୁତ ଭାଗ୍ୟବତୀ ଯେ, ଆପଣଙ୍କ ଘରର ପ୍ରସ୍ତାବଟି ବାତିଲ୍ ହୋଇ ଯାଇଥିଲା । ନ ହେଲେ ଏ ଭଳି ସ୍ୱାମୀ ଓ ପୁତ୍ର ମୁଁ ପାଇପାରି ନଥାନ୍ତି ।'' ମୋ କଥାଟି ଶୁଣି ଭଦ୍ରମହିଳା ଯେ ତାଙ୍କ ଭୁଲ ବୁଝିପାରିଲେ ଏହା ତାଙ୍କ ମୁହଁର ରେଖାଚିତ୍ରରୁ ପ୍ରତିଭାତ ହେଉଥିଲା ।

ମନ୍ତ୍ରୀ ମହୋଦୟ ତାଙ୍କ ମାତାଙ୍କ ବ୍ୟବହାରରେ ଏଭଳି ଲଜ୍ଜିତ ହୋଇଥିଲେ ଯେ, ମୋ ମୁହଁକୁ ଆଉ ଚାହିଁପାରିନଥିଲେ ଓ ସେସ୍ଥାନ ତ୍ୟାଗ କରି ଚାଲିଗଲେ ଏବଂ ତାଙ୍କର ପ୍ରିୟଦର୍ଶନ କନିଷ୍ଠ ଭ୍ରାତାଟି ମୋ ପାପୁଲି ଯୋଡ଼ିକ ତାଙ୍କ ହାତମୁଠାରେ ଧରି ରୀତିମତ୍ କାନ୍ଦକାନ୍ଦ ହୋଇ ବାରମ୍ବାର ତାଙ୍କ ମା'ଙ୍କ ତରଫରୁ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲେ । ଏଭଳି ସଦାଚାର ଜୀବନରେ ଖୁବ୍ କମ୍ ଦେଖିଛି ।

ପରେ ଥରେ ଘରକୁ ଆସିଥିଲା ବେଳେ ବୋଉକୁ ପଚାରି ବୁଝିଥିଲି ଯେ, ମୋ ସହିତ ଭଦ୍ରମହିଳାଙ୍କର କୌଣସି ପୁଅଙ୍କ ପାଇଁ ପ୍ରସ୍ତାବ ପଡ଼ିନଥିଲା । ପ୍ରାଥମିକ ସ୍ତରରେ କଥାବାର୍ତ୍ତା ହୋଇଥିଲା ମୋ ସାନଭଉଣୀ ସଂପର୍କରେ । ବାହାଘର ଏଭଳି ଏକ ଘଟଣା, ଯାହାର ଯେଉଁଠି ଯୋଗ ଥାଏ, ସେଇଠାରେ ହିଁ ହୁଏ । ମୋ ଭଉଣୀ ଓ ଭଉଣୀଜୋଇଁ ଉଭୟ ବର୍ତ୍ତମାନ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ଭଉଣୀ ମୋର ଦରବୁଢ଼ୀ ହୋଇଗଲାଣି ଓ ଏବେ ତା'ର ଡାକ୍ତରପୁଅ ପାଇଁ ବୋହୂ ଖୋଜୁଛି ଏବଂ ମୁଁ ଏ ବିଷୟରେ ନିଶ୍ଚିତ ଯେ ମନ୍ତ୍ରୀ ମହୋଦୟଙ୍କର ମଧ୍ୟମଭ୍ରାତା ମଧ୍ୟ ତାଙ୍କର ପତ୍ନୀ ଓ ସନ୍ତାନ ସନ୍ତତିମାନଙ୍କ ଗହଣରେ ସମଭାବରେ ସୁଖୀଜୀବନ ଯାପନ କରୁଥିବେ ।

ପ୍ରଥମ ଓ ଶେଷ ଦିନର ଅନୁଭୂତିର କଥା ଲେଖିଲି । ବହିମେଳାର ମଝି ଆଠଦିନର ଅନୁଭୂତି ଥିଲା ଅତ୍ୟନ୍ତ କୌତୁକମୟ ।

Digitized by srujanika@gmail.com

ଦ୍ୱିତୀୟ ଦିନ ।

କେରଳର ଜଣେ ସୁପ୍ରସିଦ୍ଧ ପ୍ରକାଶକ ଓଡ଼ିଆ ବହି ଓ ସାହିତ୍ୟ ସଂପର୍କରେ ମୋ ସହିତ ଆଲୋଚନା କରୁଥିଲେ । କଥା ପ୍ରସଙ୍ଗରେ ଓଡ଼ିଶାରୁ କେହି ଜ୍ଞାନପୀଠ ପୁରସ୍କାର ପାଇନାହାନ୍ତି ବୋଲି ସେ କହିବାରୁ, ମୁଁ ତାଙ୍କ କଥାକୁ ଖଣ୍ଡନ କରିଥିଲି ଓ ଶ୍ରୀ ଗୋପୀନାଥ ମହାନ୍ତିଙ୍କ ନାମୋଲ୍ଲେଖ କରିଥିଲି । ସେ କିନ୍ତୁ ମୋ କଥାଟିକୁ ପ୍ରତ୍ୟୟ କରିନଥିଲେ ଓ ଏ ଭଳି କୌଣସି ଲେଖକଙ୍କର ନାଁ ଶୁଣିନାହାନ୍ତି ବୋଲି କହିଲେ ।

ଦର୍ଶକମାନଙ୍କ ସକାଶେ ନୂଆ ଓଡ଼ିଆ ବହିସବୁ ଥାକଥାକ ହୋଇ ସଜାହୋଇ ରହିଥିଲା । ଦୈବାତ୍ ବହି ସେଲ୍‌ଫର ଠିକ୍ ସାମନାରେ ଥିବା 'ମାଟି ମଟାଳ' ଉପନ୍ୟାସଟିର ନୂତନ ସଂସ୍କରଣ ଉପରେ ମୋ ନଜର ପଡ଼ିଗଲା । ବହିଟି ଖୋଲି ଦେଖିଲି, ତା'ର ପ୍ରଥମ ପୃଷ୍ଠାରେ ଜ୍ଞାନପୀଠ ପୁରସ୍କାରର 'ସାଇଟେସନ୍' ଟି ଛପା । ସାଇଟେନ୍‌ର ଭାଷା ଥିଲା ଇଂରାଜୀ ଓ ତାହା କେରଳୀ ବହି ବ୍ୟବସାୟୀଙ୍କ ଦୃଷ୍ଟିଗୋଚର କରାଇଥିଲି । ଭଦ୍ରଲୋକ ଏହାପରେ ଶ୍ରୀଯୁକ୍ତ ମହାନ୍ତି ତଥା ଓଡ଼ିଆ ସାହିତ୍ୟ ପ୍ରତି ଅବିଚାର ପ୍ରଦର୍ଶନ କରିଥିବା ହେତୁ କ୍ଷମା ପ୍ରାର୍ଥନା କରିଥିଲେ । ତତ୍‌ସହିତ ତାଙ୍କ ଜ୍ଞାନବର୍ଦ୍ଧନରେ ମୁଁ ସହାୟିକା ହୋଇଛି ବୋଲି କହି ମୋତେ ମଧ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ କେଜାଣି କାହିଁକି ଅଚାନକ ମୋ' ପ୍ରତି ଅତ୍ୟନ୍ତ ସ୍ନେହଶୀଳ ହୋଇପଡ଼ି ଉତ୍‌ଫୁଲ୍ଲ ମନରେ ମୋ' ସହିତ ଗପ କରିବାକୁ ଲାଗିଲେ ।

ମାଲାୟାଲମ୍ ସାହିତ୍ୟର କୌଣସି ବହି ପଢ଼ିଛି କି ନାହିଁ ବୋଲି ମୋତେ ପଚାରିବାରୁ ମୁଁ ଶ୍ରୀମତୀ କମଳା ଦାସଙ୍କର ଅଧିକାଂଶ ଇଂରାଜୀ ଲେଖା ତଥା ଥାକାଜୀ ଶିବଶଙ୍କର ପିଲ୍ଲାଇଙ୍କର 'ଚେମ୍ମିନ୍' ଉପନ୍ୟାସର ଇଂରାଜୀ ଅନୁବାଦ ପଢ଼ିଛି ବୋଲି କହିଲି । ଶ୍ରୀ ପିଲ୍ଲାଇଙ୍କର ନାମୋଚ୍ଚାରଣ ମୋ ଦ୍ୱାରା ଠିକ୍ ମାଲାୟାଲମ୍ ଢଙ୍ଗରେ ହୋଇନଥିବାରୁ ଜିହ୍ୱାକୁ କିଭଳି ଭାବରେ ମୁଖଗହ୍ୱରରେ ସ୍ଥାପିତ କରି ସେ ନାମଟି ଉଚ୍ଚାରଣ କରିବାକୁ ହେବ, ତାହା ଭଦ୍ରଲୋକ ମୋତେ ଲାଗିପଡ଼ି ଶିଖାଇବାକୁ ଲାଗିଲେ । ତିନି ଚାରୋଟି ପ୍ରୟାସ ପରେ ମୁଁ କୃତକାର୍ଯ୍ୟ ହୋଇଥିଲି ଓ ପ୍ରକାଶକ ମହାଶୟ ଖୁସି ମନରେ ବିଦାୟ ନେଇଥିଲେ । ଠିକ୍ ସିଏ ଚାଲିଯିବା ପରେ ଦେଖିଲି, କିଛି ଦୂରରେ କଡ଼ିକିଆ ହୋଇ ଜଣେ ଭଦ୍ରଲୋକ ଠିଆହୋଇ ଆମ ବିଭାଗ ଆଡ଼େ ଅନାଇଛନ୍ତି । ହୁଏତ ଅନେକବେଳୁ, ମୁଁ କଥାବାର୍ତ୍ତାରେ ବ୍ୟସ୍ତ ଥିବା ହେତୁ ଦେଖିପାରିନି । ଭଦ୍ରଲୋକ ବେଶ୍ ବୟସ୍କ । ବୃଦ୍ଧ କହିଲେ ଚଳେ । ମସ୍ତକର ଉପରଭାଗର କେଶରାଶି ଲୁପ୍ତପ୍ରାୟ । କାନପାଖର କଳି ଧଳାପଡ଼ି ଆସୁଛି । ଗୌରବର୍ଣ୍ଣ । ସ୍ୱାସ୍ଥ୍ୟବାନ୍, ଗୋଲ୍‌ଗାଲ୍ ମଣିଷଟିଏ । ପରିଷ୍କାର ସୁଟ୍‌ଟାଇରେ ସଜ୍ଜିତ, ଆଖିରେ ସୁନାଫ୍ରେମ୍‌ର ଚଷମା ।

Digitized by srujanika@gmail.com

ମୋ' ଚାରିପଟ ଲୋକଗହଳି ଖାଲି ହୋଇସାରିଲା ପରେ ଧୀର ପଦକ୍ଷେପରେ ସେ ମୋ ପାଖକୁ ଆସିଲେ ଓ ନମସ୍କାର କରି ବାର୍ତ୍ତାଳାପ ଆରମ୍ଭ କଲେ । ମୋ ନାଁ, ମୋ ସ୍ୱାମୀଙ୍କ ନାମ ଓ ଜୀବିକା, ମୁଁ କେଉଁଠି ରହେ ଓ କଅଣ କରେ ଇତ୍ୟାଦି । ମୁଁ ମଧ ତାଙ୍କର ଖବରାଖବର ନେଲି । ନାଁ ଶ୍ରୀପାଲ୍ ଜୈନ୍ । ଜୈନଧର୍ମାବଲମ୍ବୀ ମାରୱାଡ଼ି ସଂପ୍ରଦାୟର ଲୋକ ଓ ଦିଲ୍ଲୀର ବାସିନ୍ଦା । ଷ୍ଟେନ୍‌ଲେସ୍ ଷ୍ଟିଲର ବ୍ୟବସାୟ । ନିଜର କାରଖାନା ଅଛି ଦିଲ୍ଲୀର ପାହଡ଼ଗଞ୍ଜ ଇଲାକାରେ । ଭଦ୍ରଲୋକଙ୍କର ଗୋଟିଏ କଥା କିନ୍ତୁ ମତେ ଭାରି ମଜା ଲାଗିଲା । ବିକୃତ ଇଂରାଜୀ କହିବେ, କିନ୍ତୁ କଥା କହିବେ ଇଂରାଜୀରେ । ତାଙ୍କୁ ସୁବିଧା ହେବ ବୋଲି ଭାବି ମୁଁ ହିନ୍ଦୀରେ କଥା କହିବାକୁ ଆରମ୍ଭ କଲି । କିନ୍ତୁ ଶ୍ରୀ ଜୈନ ସେଥିପ୍ରତି ଥିଲେ ସଂପୂର୍ଣ୍ଣ ଅନାଗ୍ରହୀ ।

ତା' ପରଠୁ ରୀତିମତ୍ ପ୍ରତିଦିନ ସନ୍ଧ୍ୟାବେଳେ ଭଦ୍ରଲୋକ ଆସିବେ ଓ କିଛି ସମୟ ଅନ୍ୟମନସ୍କ ଭାବରେ ଥାକରେ ସଜାହୋଇଥିବା ଓଡ଼ିଆ ବହିର ପ୍ରଚ୍ଛଦପଟ ଦେଖି ତା'ପରେ ମୋ ପାଖରେ ଖାଲିପଡ଼ିଥିବା ଚୌକିଟିରେ ବସିବେ ଓ ଏଣୁତେଣୁ ଗପ କରିବେ । କଥାବାର୍ତ୍ତା କିନ୍ତୁ ଥିଲା ଅତିମାତ୍ରାରେ ଶାଳୀନ ଓ ଭଦ୍ର । ମୋତେ କିନ୍ତୁ ଯାହା ଆଶ୍ଚର୍ଯ୍ୟ ଲାଗୁଥିଲା, ତାହା ହେଲା ଯେ ସେ ପ୍ରତ୍ୟେକଦିନ ତାଙ୍କଘରୁ ପ୍ରାୟ ଦଶକିଲୋମିଟର ରାସ୍ତା ସ୍କୁଟର ଚଲାଇ ଆସୁଥିଲେ ବହିମେଳା ଦେଖିବାପାଇଁ । ତାହା ପୁଣି ଓଡ଼ିଆ ବିଭାଗକୁ, ଯାହା ସଂପର୍କରେ ସେ ଥିଲେ ସଂପୂର୍ଣ୍ଣ ଭାବରେ ଅଜ୍ଞ । ବସ୍ତୁତଃ, ସେ କୌଣସି ଭାଷାର ସାହିତ୍ୟ ବା ବହି ବିଷୟରେ କିଛି ଜାଣିନଥିଲେ । ଥିଲେ ଖାଣ୍ଟି ବ୍ୟବସାୟୀ ।

ସ୍ୱଭାବରେ ଥିଲେ ଭୀରୁ ଓ ନିରୀହ କିସମ୍‌ର । ଅନର୍ଗଳ ଭାବରେ କଥା ବି କହିପାରୁନଥିଲେ । କଥା କହୁଥିଲେ ଅଟକେଇ ଅଟକେଇ । ଶବ୍ଦ ସବୁ ପାଟିରୁ ବାହାରି ମଝିରାସ୍ତାରେ ଝୁଣ୍ଟି ପଡୁଥିଲେ ଅବା । ଯା' ଭିତରେ ମୋର ଟେଲିଫୋନ ନମ୍ବର ଓ ଠିକଣା ମାଗି ନେଇଥିଲେ ଏବଂ ମୁଁ ମଧ୍ୟ ତାଙ୍କର ଟେଲିଫୋନ ନମ୍ବରଟି ଟିପି ରଖିଥିଲି । ଏ କଥା ମଧ୍ୟ ଜାଣିଥିଲି ଯେ, ଶ୍ରୀ ଜୈନ ଛଅଗୋଟି କନ୍ୟାରତ୍ନଙ୍କର ଜନକ ଓ ତାଙ୍କର ଏକମାତ୍ର ପୁତ୍ରର ନାଁ ଅନୁଜ ।

କଥା ପ୍ରସଙ୍ଗରେ ଦିନେ ମୋ ସ୍ୱାମୀ ବିନୟଙ୍କୁ ଶ୍ରୀଜୈନଙ୍କ କଥା କହିଥିଲି । ସେ କଥାଟିକୁ ସଂପୂର୍ଣ୍ଣ ରୂପେ ଅବଜ୍ଞା କରିଥିଲେ ଓ ତାହାଉପରେ କୌଣସି ଗୁରୁତ୍ୱ ଦେଉନଥିଲେ । କିନ୍ତୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଥିବା ମୋର କଲେଜ ପଢୁଆ ସାଙ୍ଗ ଲକ୍ଷ୍ମୀନାରାୟଣ ମୋକଥା ଶୁଣି ତା'ର ସ୍ୱଭାବସୁଲଭ ମଜାଳିଆ ଢଙ୍ଗରେ ଚିଡାଇଥିଲା । ବୁଝିଲ କାନନ, ଲୁହା ବ୍ୟବସାୟୀ ଆଉ ବହି ! ସେଥିରେ ପୁଣି ସି.ସି.

Digitized by srujanika@gmail.com

କଲୋନୀରୁ ପ୍ରଗତି ମଇଦାନ ନିଇତି କୋଡ଼ିଏ କିଲୋମିଟର ବାଟ ଯିବା ଆସିବା ! ତୁମର ବେଶ୍ ଭଲ ବୟଫ୍ରେଣ୍ଡଟିଏ ଜୁଟି ଯାଇଛି । 'ବୟଫ୍ରେଣ୍ଡ' ଶବ୍ଦଟି ସେଇଦିନଠୁ ଆମ ଘରେ ଚାଲୁ ହୋଇଗଲା । ପ୍ରତିଦିନ ଘରକୁ ଫେରିଲା ପରେ ମୋର କିଶୋର ପୁତ୍ରଟି ହସି ହସି ପଚାରୁଥିଲା, ''ମାମା ! ଆଜି ତମ ବୟଫ୍ରେଣ୍ଡ୍ ଯାଇଥିଲେ ?'' ମୁଣ୍ଡ ଟୁଙ୍ଗାରୁଥିଲି, ହଁ ।

ବହିମେଳା ଶେଷ ହେବାକୁ ଦିନେ ଖଣ୍ଡେ ଥାଏ । ସନ୍ଧ୍ୟା ହେବାକୁ ଯାଉଛି । ମୁଁ ଜାଣେ ଅଳ୍ପ ସମୟ ଭିତରେ ଶ୍ରୀ ଜୈନ ପହଞ୍ଚିବେ ଏବଂ ପହଞ୍ଚିଲେ ମଧ୍ୟ । ନମସ୍କାର କରି କୁଶଳାଦି ଜିଜ୍ଞାସା କରିବାପରେ କହିଲେ, ''ଚାଲନ୍ତୁ, ପାଖ ଷ୍ଟଲରେ କଫି ପିଇ ଆସିବା । ଆଜି ମୁଁ ଆପଣଙ୍କୁ କଫି ଓ ପେସ୍ଟ୍ରି ଖୁଆଇବି ।'' ଏଭଳି ଏକ ସାଧାରଣ ନିମନ୍ତ୍ରଣରେ ବିରକ୍ତ ବା ଉତ୍ତେଜିତ ହେବାର କୌଣସି କାରଣ ନଥିଲା । କିନ୍ତୁ ଗତ ଏକ ସପ୍ତାହ ଧରି ତାଙ୍କର ଅହେତୁକ କୌତୂହଳର ଶିକାର ହେଇପଡ଼ିଥିବା ହେତୁ ସେ ଦିନ ମୋର ସାମାନ୍ୟ ଧୈର୍ଯ୍ୟଚ୍ୟୁତି ଘଟିଲା ଓ ମୁଁ କହିଲି, ''ମୁଁ ଜଣେ ମର୍ଯ୍ୟାଦାସଂପନ୍ନ ପୋଲିସ୍ ଅଫିସରଙ୍କ ଗୃହିଣୀ । ଆପଣଙ୍କ ସହିତ ମୋର ଏଭଳି ଅନ୍ତରଙ୍ଗ ପରିଚୟ ଏପର୍ଯ୍ୟନ୍ତ ହୋଇନି ଯାହାଦ୍ୱାରା କି ମୁଁ ଆପଣଙ୍କ ସହିତ ଦୋକାନକୁ କଫି ପିଇବା ପାଇଁ ଯାଇପାରେ । ମୋତେ କ୍ଷମା କରିବେ ।''

କଥାଟିରେ ନିଶ୍ଚିତ ଭାବରେ ରୂଢ଼ତାର ସ୍ପର୍ଶଥିଲା ଓ ଏଭଳି ଉତ୍ତରଟିଏ ଦେଇ ମୁଁ ନିଜେ ହିଁ ଅସ୍ୱସ୍ତିବୋଧ କଲି । ଶ୍ରୀଜୈନ ମଧ୍ୟ କିଛି ସମୟ ପାଇଁ ନୀରବ ହୋଇଗଲେ ଏବଂ ସେ ଦିନ ଆଉ ବେଶି ସମୟ ନ ବସି ଅପେକ୍ଷାକୃତ ଶୀଘ୍ର ଚାଲି ଯାଇଥିଲେ ।

ତା'ପରଦିନ ବହିମେଳା ସରିଗଲା । ବିନୟଙ୍କୁ ଉପରୋକ୍ତ ଘଟଣାଟି କହିବାରୁ ସିଏ ଇଷତ୍ ହସି କହିଲେ, ''ସାନ ପିଲାଙ୍କ ପରି ଲୋକମାନଙ୍କୁ ପୋଲିସର ଭୟ ଦେଖାଇବା ଅଭ୍ୟାସ ଆଉ ତୋ'ର ଗଲାନି ।'' ତାଙ୍କ ମତରେ ଶ୍ରୀ ଜୈନଙ୍କ କଫିପାଇଁ ନିମନ୍ତ୍ରଣ ଥିଲା ଏକ ମାମୁଲି ଘଟଣା । ମୋର ପ୍ରତିକ୍ରିୟା ବରଂ ମୋର ପିଲାଳିଆମି ସାବ୍ୟସ୍ତ କରୁଥିଲା । ବାକି ରହିଲା ବୟୋବୃଦ୍ଧ ଲୋକଟିର ମୋସହିତ ଗପ କରିବା କଥା । ଜୀବନରେ ଏ ଭଳି ଅନେକଥର ହୁଏ । ଜଣେ ଜଣେ ମଣିଷର ଉପସ୍ଥିତି ଓ ସାନ୍ନିଧ୍ୟ ବିରକ୍ତିକର ମନେହୁଏ । ଅପରପକ୍ଷରେ ଏମିତି ଲୋକଟିଏ ବି କଦବା କେମିତି ମିଳିଯାଏ, ଯାହା ସହିତ କଥା କହିବାକୁ ଖୁସି ଲାଗେ । ମନ ହାଲୁକା ହୋଇଯାଏ । ସେଇ ହିସାବରେ ଶ୍ରୀ ଜୈନଙ୍କର ମୋ' ସହିତ ଗପ କରିବାଟା ଥିଲା କେବଳ ଏକ ସ୍ୱଚ୍ଛ ବନ୍ଧୁତ୍ୱର ନିଦର୍ଶନ ।

Digitized by srujanika@gmail.com

'ଅନ୍ତତଃ ମୋ' ସ୍ତ୍ରୀର ଭାବନାଧାରା ଅନ୍ୟ ମଣିଷମାନଙ୍କ ଅପେକ୍ଷା ଉଚ୍ଚସ୍ତରର ହେବ ବୋଲି ମୁଁ ଆଶଙ୍କରେ ।' ଏହି ବାକ୍ୟଟି କହି ବିନୟ ତାଙ୍କ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ଓ ମୁଁ ତାଙ୍କ କଥା ଶୁଣି ବିବ୍ରତ ବୋଧ କରିଥିଲି । ନିରୀହ ସ୍ନେହଶୀଳ ବୃଦ୍ଧବ୍ୟକ୍ତିଟିଙ୍କୁ ଅଯଥାରେ ଅପମାନିତ କଲି ଅବା ।

ବିନୟ ମୋ ମୁହଁକୁ ଚାହିଁ ବୋଧହୁଏ ମୋ ମନକଥା ବୁଝିପାରିଲେ । ପିଠି ଥାପୁଡାଇ କହିଲେ, ''ଠିକ୍ ଅଛି ! ମତେ ମିଷ୍ଟର ଜୈନଙ୍କ ଟେଲିଫୋନ୍ ନମ୍ବର ଦେଇଦେବୁ । ମୁଁ ନିଜେ କଥା କହିନେବି ।'' ଏବଂ ସତକୁ ସତ ଟେଲିଫୋନ ନମ୍ବର ନେଇ ଅର୍ଦ୍ଦଳିକୁ ଫୋନ ଲଗାଇବା ପାଇଁ କହିଥିଲେ । ଅର୍ଦ୍ଦଳି ପ୍ରେମ ବାହାଦୂର ଟେଲିଫୋନ୍‌ଟି ମିଳାଇଥିଲା । ''ଜୈନ ସାହେବ ହେଁ ?'' ସେ ପଟୁ ବୋଧହୁଏ ଉତ୍ତର ଆସିଲା ଅଛନ୍ତି ବୋଲି । ''କୃପୟା ବୁଲାଇୟେ । ନିଉପୋଲିସ ଲାଇନ୍‌ସେ ମିଶ୍ରସାହେବ ବାତ୍ କରନା ଚାହତେ ହେଁ'' । ବାହାଦୂର କଥାଟି କହି ପ୍ରାୟ ମିନିଟକ ପରେ ଟେଲିଫୋନ୍ ରଖିଦେଲା ।

-କ୍ୟା ହୁଆ ? ବିନୟ ପଚାରିଲେ

ଘରବାଲେ ବୋଲ୍‌ତେ ହେଁ କୀ ଅଭି ଅଭି ଫାକ୍‌ଟରୀ ନିକଲ୍‌ଗୟେ । ବାହାଦୂର ଉତ୍ତର ଦେଲା ଏବଂ ମୁଁ ମୁରୁକି ହସିଥିଲି । ନିଶ୍ଚିତଭାବରେ ଶ୍ରୀ ଜୈନ ଘରେ ଅଛନ୍ତି । ବିନୟଙ୍କ ନାଁ ଶୁଣି ଫୋନ ଧରିଲେନି ।

ବିନୟ କିନ୍ତୁ ଛାଡ଼ିବା ଲୋକ ନ ଥିଲେ । ତିନି ଚାରିଦିନ କ୍ରମାଗତ ଶ୍ରୀଜୈନଙ୍କ ଘରକୁ ଫୋନ କରା ଚାଲିଲା । ଫୋନ କରି କରି ପ୍ରେମ୍ ବାହାଦୂରର ନମ୍ବରଟି ମୁଖସ୍ଥ ହୋଇ ଯାଇଥିଲା ।

ଯେତେବେଳେ ଦୋକାନ, ବଜାର, ବାଥରୁମ୍, ଟୟଲେଟ, ଖାଇବା, ଶୋଇବା, ଜରହେବା, ବୁଲିଯିବା ଇତ୍ୟାଦି ଅନୁପସ୍ଥିତିର କାରଣମାନ ଶେଷହୋଇ ଆସିଲା, ଅନନ୍ୟୋପାୟ ହୋଇ ଶ୍ରୀଜିନ ଟେଲିଫୋନ ଧରିଲେ । ବିନୟ ତାଙ୍କର ସ୍ୱାଭାବିକ ଭଦ୍ରୋଚିତ ଢ଼ଙ୍ଗରେ କଥା କହିଥିଲେ ଓ ମୋ'ଠାରୁ ତାଙ୍କ ସମ୍ପର୍କରେ ଶୁଣିଛନ୍ତି ବୋଲି ଜଣାଇଥିଲେ । ଘରକୁ ଆସିବାକୁ ନିମନ୍ତ୍ରଣ କରିଥିଲେ ମଧ୍ୟ । ଫୋନ୍ ରଖିଲାପରେ ମତେ କହିଲେ, ''କି ଲୋକ ତୁ ! ଭଦ୍ରବ୍ୟକ୍ତିଙ୍କୁ ଏମିତି ଡରେଇ ଦେଇଛୁ ଯେ ତାଙ୍କ ପାଟିରୁ କଥା ବାହାରୁନି ।''

ଶ୍ରୀ ଜୈନ କିନ୍ତୁ ସେଦିନ ସନ୍ଧ୍ୟାବେଳେ ଆସିଥିଲେ । ସସ୍ତ୍ରୀକ । ହାତରେ ସୁସ୍ୱାଦୁ ରାଜଭୋଗର ସାନ ଥାଟିକାଟିଏ ଧରି । ମୋ ପୁଅ ଟପାଟପ୍ ଚାରୋଟି ରାଜଭୋଗ

Digitized by srujanika@gmail.com

ପାଟିକି ପକାଇଦେଇ ମତେ ଚିଡାଇଲା-''ମାମା ! ତୁମେ ଯେତେ ଇଚ୍ଛା ସେତେ ବୟପ୍ରେଣ୍ଡ ବନାଅ ତ ! ଆମକୁ ରାଜଭୋଗ ଖାଇବାକୁ ମିଳିଲେ ହେଲା ।''

ଶ୍ରୀ ଜୈନ ଯେତେବେଳେ ସସ୍ତ୍ରୀକ ଘରକୁ ପଶିଲେ, ତାଙ୍କ ହାତରେ ଥିଲା ସାନ ଚଉଖୁଣିଆ ତୁଳା ଗଦିଟିଏ । ତାର କାର୍ଯ୍ୟକାରିତା ସଂପର୍କରେ ଆମ ମନରେ ପ୍ରଶ୍ନବାଚୀ ଉଠିଥିଲେ ସୁଦ୍ଧା ଭଦ୍ରତା ଖାତିର୍‌ରେ କିଛି ପଚାରିପାରିନଥିଲୁ । ତା'ର ରହସ୍ୟ ଭେଦ କଲୁ ଜୈନଦଂପତି ଫେରିଗଲା ବେଳକୁ । ସ୍ଥୂଳକାୟା ଶ୍ରୀମତୀ ଜୈନଙ୍କର ପଶ୍ଚାଦ୍‌ଦେଶ ସ୍କୁଟର ପଛରେ ଥିବା ସିଟ୍‌ଟିରେ ଜାଗା ଧରୁନଥିଲା । ତେଣୁ ସିଟ୍ ଉପରେ ଗଦିଟି ପକାଇ ସିଏ ବସୁଥିଲେ ।

ପ୍ରଥମ ଦର୍ଶନରେ ଶ୍ରୀ ଜୈନ ବିନୟଙ୍କ ପ୍ରତି ସାମାନ୍ୟ ଶଙ୍କାକୁଳ ଥିଲାଭଳି ଜଣାପଡୁଥିଲେ । କିଛି ସମୟ ପରେ କିନ୍ତୁ ବିନୟଙ୍କର ସହଜ ଓ ସାବଲୀଳ ବ୍ୟବହାର ଦେଖି ଆରାମ ବୋଧ କରିଥିଲେ । ଶ୍ରୀମତୀ ଜୈନଙ୍କର ଶରୀର ଥିଲା ଅତି ମାତ୍ରାରେ ଓଜନ୍‌ଦାର । ଘରେ ପଶିଲାବେଳକୁ ଡ୍ରଇଂରୁମର ଫାଳେ କବାଟ ବାହାଦୂର ଖୋଲିଥିଲା । ଶ୍ରୀମତୀ ଜୈନ ଅଟକି ଯାଇଥିଲେ ଓ ତଳକୁ ମୁହଁ ପୋତି ମୁରକି ହସି ବାହାଦୂର ତରତର ହୋଇ ଅନ୍ୟ ଫାଳକ କବାଟ ଖୋଲି ଦେଇଥିଲା । ସିଏ ଥିଲେ କିନ୍ତୁ ଅତ୍ୟନ୍ତ ସରଳ ହୃଦୟା ଓ ସ୍ନେହଶୀଳା । ମୁଁ ବୟସରେ ତାଙ୍କଠାରୁ ଯଥେଷ୍ଟ ସାନ ଥିଲି ବୋଲି ପ୍ରଥମ ଦେଖାରୁ ହିଁ ମୋତେ ସାନ ଭଉଣୀ ତୁଲ୍ୟ ଜ୍ଞାନ କରୁଥିଲେ ଓ 'ବହନ୍‌ଜୀ' ବୋଲି ଡ଼ାକୁଥିଲେ । ମୁଁ ତାଙ୍କୁ ସମ୍ବୋଧନ କରୁଥିଲି 'ଭାବୀଜୀ' ।

କାଳକ୍ରମେ କିନ୍ତୁ ଶ୍ରୀଜୈନ ମତେ ସଂପୂର୍ଣ୍ଣ ରୂପେ ପାଶୋରି ଯାଇଥିଲେ ଓ ବିନୟଙ୍କୁ ତାଙ୍କର ଆଦର୍ଶ ସୁହୃଦ୍ ତଥା ଶୁଭଚିନ୍ତକର ଆସନଟି ଦେଇ ଦେଇଥିଲେ ।

ଥିଲେ ହୃଦ୍‌ରୋଗୀ, ଦିଲ୍ଲୀର ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡକ୍ଟର ପଦ୍ମାବତୀଙ୍କ ତତ୍ତ୍ୱାବଧାନରେ ରହୁଥିଲେ । ମାଡ୍ରାସ ଯାଇ ଆପୋଲୋ ହସ୍‌ପିଟାଲରେ ହାର୍ଟ ଅପରେସନ କରି ଆସିବା ପାଇଁ ଚିନ୍ତା କରୁଥିଲେ ମଧ୍ୟ । ଥିଲେ ସଂପୂର୍ଣ୍ଣ ନିରାମିଷାଶୀ । ମଦ୍ୟପାନ ବା ଧୂମ୍ରପାନ, କୌଣସି ଦୋଷ ନଥିଲା । ଘରୁ ଫାକ୍‌ଟରୀ ଯାଉଥିଲେ ସକାଳୁ-ପ୍ୟାକ୍‌ଡ଼ ଲଞ୍ଚ ସାଥିରେ ଧରି । ହୃଦ୍‌ରୋଗ ଯୋଗୁ ବାହାରର ତେଲ ମସଲାଯୁକ୍ତ ଖାଦ୍ୟ ଖାଇବା ମନା ଥିଲା । ଅନେକଥର ମଧ୍ୟାହ୍ନରେ ଆମ ଘରକୁ ଆସୁଥିଲେ । ବାହାଦୂର ତାଙ୍କ ଟିଫିନ୍ କ୍ୟାରିୟରରୁ ଡ଼ାଲି ତରକାରୀ କାଢ଼ି ଗରମ କରି ଦେଉଥିଲା । ସାଥିରେ ଆମଘର ତରକାରୀ ମିଶାଇ ରୁଟି ଖାଉଥିଲେ । ଭାବୀଜୀଙ୍କ ଘରକୁ ମଝିରେ ମଝିରେ ଆମେ ଯାଉଥିଲୁ । ବେସନ ରୁଟି ଓ ଛେନା ତରକାରୀ ବନାଇ ଖୁଆଉଥିଲେ ମତେ । ଖାତିର୍ କରୁଥିଲେ ବହୁତ । ବଡ଼ ପାଞ୍ଚଝିଅ ଥିଲେ ବର୍ଷେ ଲେଖାଏଁ ସାନବଡ଼ । ଏକାପରି ଦିଶୁଥିଲେ ସାଇଓ୍ୱାର କମିଜରେ । ମୁଁ ଚିହ୍ନିବାରେ ଭୁଲ କରୁଥିଲି । ପାଞ୍ଚଝିଅ

Digitized by srujanika@gmail.com

ପରେ ଅନୁଜ ଥିଲା ଏକମାତ୍ର ପୁତ୍ରସନ୍ତାନ । ତା' ତଳେ ପୁଅକୁ ଆଶାକରି ପୁନର୍ବାର କନ୍ୟାସନ୍ତାନଟିଏ, ଶ୍ୟାମଳ ଓ ସୁଶ୍ରୀ ଗୁଡ୍‌ଡ଼ୀ ।

ଧୀରେ ଧୀରେ ଜୈନଦମ୍ପତିଙ୍କର ପାରିବାରିକ ସୁଖଦୁଃଖ ଓ ଭଲ ମନ୍ଦରେ ଆମେ ସାମିଲ ହୋଇ ଯାଉଥିଲୁ । ଭାବୀଜୀଙ୍କର ଜ୍ୟେଷ୍ଠକନ୍ୟା 'କମଳେଶ' ଥିଲା ଅତ୍ୟନ୍ତ ପାରଙ୍ଗମ ଓ କାମିକା ଝିଅଟିଏ । ବି.ଏ. ପାଶ୍ କରି ବାପର ଫ୍ୟାକ୍ଟରୀ କାମ ବୁଝୁଥିଲା । କିନ୍ତୁ ଯେତେ ଜାଗାରେ ବାହାଘର ପ୍ରସ୍ତାବ ପଡୁଥିଲା ଭାଙ୍ଗି ଯାଉଥିଲା । ଝିଅଟି ମୋଟା ଥିଲା ବୋଲି । ଭାବୀଜୀଙ୍କର ମନଦୁଃଖର ଅନ୍ତ . ନ ଥିଲା । ଏଥିପାଇଁ ଦିନେ ସଂଜବେଳେ ଆସି କାନ୍ଦ କାନ୍ଦ ହୋଇ ବସିପଡ଼ିଲେ ଆମ ଘରେ ।

''ଆପ୍ କ୍ୟା ବେଟୀକୋ ଦୋ ରୋଟୀ ଖିଲା ନହିଁ ସକ୍‌ତୀ ? ଇତନୀ ପରେଶନ୍ କ୍ୟୋଁ ହୋ ରହୀ ହୈ ?'' ବୁଝାଇଥିଲି ।

''ସ ୱାଲ୍ ଦୋ ରୋଟିକା ନହିଁ ହୈ ବହନ୍‌ଜୀ । ଟାଟା, ବିର୍‌ଲା ଭି ଅପନୀ ବେଟୀ ଘର ରଖ୍ ନହିଁ ପାୟେ । ହମ୍, ତୁମ୍ କୌନସୀ ଖେତ୍‌କୀ ମୂଳୀ ହୈ ?'' ଭାବୀଜୀ ଜବାବ ଦେଉଥିଲେ ।

ଯାପରେ ଦିନେ ହଠାତ୍ ସଂଜବେଳେ ଜୈନ ଦମ୍ପତି ଆମଘରେ ହାଜର ହୋଉଥିଲେ । ସାଥିରେ ଜଣେ ଯୁବକ । ପ୍ୟାଣ୍ଟ ଓ ଫୁଲଓଭର ପିନ୍ଧା,ବେଶ୍ ଲାଜକୁଳା । ''ୟେ କୌନ ହୈ ?'' ପଚାରିଲି ।''ମେରା ବେଟା ହୈ'' ଭାବୀଜୀ ଉତ୍ତର ଦେଲେ । ଶ୍ରୀ ଜୈନ ତା'ପରେ ବିନୟଙ୍କୁ ସଙ୍କେତରେ ଭିତରକୁ ଡାକି ଯାହା କହିଲେ, ତା'ର ମର୍ମାର୍ଥ ଥିଲା ଏଇଆ- ଯୁବକଟିର ସାଥିରେ କମଳେଶର ବିଭାଘର ପ୍ରସ୍ତାବ ପଡ଼ିଛି । ପିଲାଟି ଜୈନ ଦମ୍ପତିଙ୍କର ଜଣାଶୁଣା । ସଦା ସର୍ବଦା ଘରକୁ ଆସୁଛି ଓ ଗପସପ କରି ଫେରି ଯାଉଛି । କିନ୍ତୁ ବିଭାଘର ସଂପର୍କରେ ଠିକ୍‌ଠିକ୍ ମତ କିଛି ଦେଉନାହିଁ । ଜୈନଦମ୍ପତି ବି ସିଧାସଳଖ ତାକୁ କିଛି ପଚାରିବାକୁ ସଂକୋଚ ବୋଧ କରୁଛନ୍ତି । ଯଦି ବିନୟ ପିଲାଟିକୁ ପଚାରି ତା'ର ମତଟି ଜାଣିପାରନ୍ତେ ଜୈନଦମ୍ପତି ବଡ଼ ଅନୁଗୃହୀତ ହୁଅନ୍ତେ ।

ବିନୟ ସାଗ୍ରହରେ ଦାୟିତ୍ୱ ନେଇଥିଲେ ଓ ପିଲାଟିକୁ ବେଡ଼ରୁମ୍‌କୁ ଡାକି ନିରୋଳାରେ କଥାବାର୍ତ୍ତା କରିଥିଲେ । ବୁଝାଇଥିଲେ ଯେ ଜଣେ ଭଦ୍ରଲୋକଙ୍କୁ ନିର୍ଦ୍ଦିଷ୍ଟ କିଛି ମତାମତ ନ ଦେଇ ଏଭଳି ଝିଅଟି ସାଥିରେ ମିଳାମିଶା କରିବା ଅଶୋଭନୀୟ । ଯୁବକଟି ବାଧ୍ୟ ହୋଇ ସଂକୁଚିତ ଭାବରେ ଉତ୍ତରଟି ଦେଉଥିଲା, '' ବାକୀ ସବ୍ ତୋ ଠିକ୍ ହୈ, ମଗର ଲଡ଼କୀ ଥୋଡ଼ୀ ସୀ ମୋଟୀ ହୈ ।''

କମଳେଶ୍‌ର ଅବଶ୍ୟ ବିଭାଘର ହୋଇଥିଲା କେଇମାସ ପରେ, ଅନ୍ୟ ଏକ ଯୋଗ୍ୟପାତ୍ର ସହିତ । ବାହାଘର ହୋଇଥିଲା ବେଶ୍ ଜାକଜମକରେ । ଜୈନ ଦମ୍ପତି

Digitized by srujanika@gmail.com

ଥିଲେ ବିତ୍ତବାନ୍ । ଝିଅକୁ ଫାକ୍ଟରୀର ଅଂଶ ଦେଇଥିଲେ । ବାହାଘର ବର୍ଷକ ଭିତରେ କମବେଶିର ଝିଅଟିଏ ହୋଇଥିଲା । ଭାବୀଜୀ ଯେବେ ଆସୁଥିଲେ ନାତୁଣୀର ଗୁଣଗାନ କରୁଥିଲେ ଓ ଦ୍ୱିତୀୟ ଝିଅ 'ପିଙ୍କି' ପାଇଁ ବରପାତ୍ର ଖୋଜା ଚାଲିଛି ବୋଲି କହୁଥିଲେ ।

ଶେଷଆଡ଼କୁ ଜୈନ ପରିବାର ସହିତ ସଂପର୍କ ସାମାନ୍ୟ କୋହଳ ପଡ଼ି ଆସିଥିଲା । ଶ୍ରୀ ଜୈନଙ୍କ ଫାକ୍ଟରୀରେ ଇଲେକ୍ଟ୍ରିକ୍ ଶକ୍ ଲାଗି ଜଣେ ଶ୍ରମିକର ମୃତ୍ୟୁ ଘଟିଥିଲା । 'ଲେବର୍‌ଲ' ହିସାବରେ ଯେଉଁସବୁ ସାବଧାନତା ଗ୍ରହଣ କରିବା କଥା, ତାହା ସଂପୂର୍ଣ୍ଣ ରୂପେ ଫାକ୍ଟରୀରେ କରାଯାଇ ନଥିଲା ଓ ଏ ସଂପର୍କରେ ମାମଲା ରୁଜୁ ହୋଇଥିଲା । ପୋଲିସ୍ ବିଭାଗ ତରଫରୁ କିଛିଟା ସହାୟତା ପାଇଁ ଶ୍ରୀ ଜୈନ ଅତ୍ୟନ୍ତ ସଂକୁଚିତ ଭାବରେ ଥରଟେ ବିନୟଙ୍କୁ ଅନୁରୋଧ କରିଥିଲେ । ନିୟମୋଲ୍ଲଂଘନ କରି କୌଣସି କାମ କରିବା ପାଇଁ ବିନୟ ମନା କରି ଦେଇଥିଲେ ଓ ଏଥିନିମିତ୍ତ ଶ୍ରୀ ଜୈନଙ୍କ ଉପରେ ସାମାନ୍ୟ ଅସନ୍ତୁଷ୍ଟ ହୋଇଥିଲେ ମଧ୍ୟ । କିନ୍ତୁ ଏହା ସତ୍ତ୍ୱେ ବି ପାରିବାରିକ ସ୍ତରରେ ଜୈନ ପରିବାର ସହିତ ସଂପର୍କ ଶେଷ ପର୍ଯ୍ୟନ୍ତ ଅତୁଟ ରହିଥିଲା ।

ବହିମେଳା ଓ ଶ୍ରୀ ଜୈନଙ୍କ ସହିତ ପରିଚୟ ଅନେକବର୍ଷ ଆଗର କଥା । ମୋ'ର ସେତେବେଳର କିଶୋର ବୟସର ପୁତ୍ରଟି ବର୍ତ୍ତମାନ ସ୍ୱୟଂ ଗୋଟିଏ ପୁତ୍ର ସନ୍ତାନର ଜନକ । କିନ୍ତୁ ମୋର ବୃଦ୍ଧ ବୟସ୍ପ୍ରେଣ୍ଡକୁ ମୁଁ ଏପର୍ଯ୍ୟନ୍ତ ଭୁଲିପାରିନି । ମୋର ସାରାଘର ସେ ଆବୋରି ବସିଛନ୍ତି ।

ପ୍ରତିବର୍ଷ ଦୀପାବଳିରେ ବନ୍ଧୁବାନ୍ଧବ ତଥା ସାଥି ସହୋଦରମାନଙ୍କୁ ମିଠାଇ ପ୍ୟାକେଟ୍‌ଟିଏ ଓ ସମ୍ଭବ ହେଲେ ତା' ସହିତ କିଛି ଉପହାର ଦେବାଟା ଦିଲ୍ଲୀର ପ୍ରଚଳିତ ରୀତି । ନିୟମ ମୁତାବିକ ଶ୍ରୀଜୈନ ପ୍ରତି ଦୀବାଲିରେ ମିଠା ପ୍ୟାକେଟ୍‌ଟିଏ ଧରି ପହଞ୍ଚୁଥିଲେ- ସାଥିରେ ସ୍ୱଫାକ୍ଟରୀ ତିଆରି କିଛି ଷ୍ଟିଲ୍‌ବାସନ ଉପହାର ନେଇ । କେତେବେଳେ କଣ୍ଟା ଚାମଚ ତ କେତେବେଳେ ଟ୍ରେ, କେବେ ଯଦି କ୍ୱାର୍ଟରପ୍ଲେଟ୍‌ର ସେଟ୍‌ଟିଏ ତ ଆଉ କେବେ ଫୁଲ୍‌ପ୍ଲେଟ୍ ଛଅଟି । ଏବେ ଘରଭର୍ତ୍ତି ତାଙ୍କରି ଚିହ୍ନ-ଚା'ଖିଆ ମଗ୍‌ଠାରୁ ଆରମ୍ଭ କରି ଭାତଖିଆ ଥାଳୀ ପର୍ଯ୍ୟନ୍ତ ।

ତାଙ୍କୁ ଭୁଲିଯିବାର କୌଣସି ବାଟ ଆଉ ସିଏ ଛାଡ଼ିନାହାନ୍ତି ।

■ ■ ■

ମେ' ୧୯୯୮

Digitized by srujanika@gmail.com

# ଇତିହାସସାର୍ ଓ ଦିଲ୍ଲୀ

ସାର୍ ଦିଲ୍ଲୀ ଯାଉଥିଲେ । କଟକ ରେଲ୍‌ୱେ ଷ୍ଟେସନ୍‌ରେ ଦେଖା । ବାଇଶ ତେଇଶ ବର୍ଷପରେ । କେହି କାହାରିକୁ ଚିହ୍ନିବା କଥା ନୁହେଁ । କିନ୍ତୁ ବାପା ଥିଲେ ସାଥିରେ । ନୂତନ ଯୋଗସୂତ୍ରର ମାଧ୍ୟମ ସେ ହିଁ ହୋଇଗଲେ ।

ବାପା ଓ ମୁଁ ପ୍ଲାଟଫର୍ମରେ ବୁଲୁଥିଲୁ । ଟ୍ରେନ ଆସିବାକୁ ଡେରିଥିଲା । ଦେଖିଲି ଭିଡ ଭିତରୁ ଜଣେ ଭଦ୍ରଲୋକ ପାଖକୁ ଆସି ପାନଖିଆ ପାଟିରେ ଅମାୟିକ ହସ ହସି ବାପାଙ୍କୁ ନମସ୍କାର କଲେ ।

ବାଙ୍ଗରା, ସାଧାରଣ ସ୍ୱାସ୍ଥ୍ୟର ମଣିଷଟିଏ, ମୁଣ୍ଡରେ ହାଲୁକା ପଡି ଆସୁଥିବା କୁଞ୍ଚୁକୁଞ୍ଚିଆ ବାଳ । ପାନପତ୍ର ପରି ତିନିକୋଣିଆ ମୁହଁ । ହନୁହାଡ଼ ସାମାନ୍ୟ ଉଞ୍ଚା । ପାତିଆ ଧାରରେ ପୋଛି ଆଣିଲା ପରି ଗାଲ । ଗୋଟିଏ ପଟ ଗାଲରେ ଛୋଟିଆ ଆବୁଟିଏ । କଲରେ ଗୁଞ୍ଜା ହେଇଥିବା ଖିଲୀପାନର ଜ୍ରପାରୁ । ପିନ୍ଧିଥିଲେ ସାମାନ୍ୟ ଆଣ୍ଠ ହୋଇ ଆସୁଥିବା ଓ ଭଲ ଭାବରେ ଇସ୍ତ୍ରୀ ନଥିବା ସୁଟ୍‌ଟିଏ । ଦେଖିଦେଲେ ଜଣାପଡୁଥିଲା ତାହା ବର୍ଷ ବର୍ଷ ଧରି ତୋରଙ୍ଗ ତଳେ ସାଇତା ହୋଇ ରହିଥିଲା- ଆଜି ସକାଳେ ଖୋଲାହୋଇଛି । ଚଉତା ଦାଗ ସୁସ୍ପଷ୍ଟ । ଭଦ୍ରବ୍ୟକ୍ତିଙ୍କର ଅଭିବ୍ୟକ୍ତି ଥିଲା ଅତ୍ୟନ୍ତ ନିରୀହ ଧରଣର ।

"ସାର୍ ଆପଣ ଏଠି ? " ସାମାନ୍ୟ ଅନୁନାସିକ ସ୍ୱରରେ ବାପାଙ୍କୁ ପଚାରିଲେ ।

"ଇଏ ବଡ଼ ଝିଅ, ଦିଲ୍ଲୀରେ ଅଛି । ଘରକୁ ଆସିଥିଲା ଯେ ଆଜି ଫେରିଯାଉଛି" ବାପା ଉତ୍ତର ଦେଲେ ।

କିଏ ଜଣେ ଅପରିଚିତ ବ୍ୟକ୍ତି ବୋଲି ଭାବି ମୁଁ କଡିକିଆ ହୋଇ ଠିଆ ହୋଇଥିଲି । ଭଦ୍ରବ୍ୟକ୍ତି ଏଥରକ କିଛି ସମୟ ମତେ ଚାହିଁଲେ ଓ ବାପାଙ୍କୁ ପଛକରି ମୋ ଆଡ଼କୁ ମୁହାଁଇଲେ- ପାନଖିଆ ପାଟିରେ ସେଇ ଅମାୟିକ ହସ ହସି ।

"କାନନ, ମତେ ଚିହ୍ନିପାରୁନ ? ମୁଁ ପରା ତୁମକୁ ସ୍କୁଲରେ ପାଠ ପଢ଼େଇଥିଲି" ଗଳାରେ ଶିକ୍ଷକ ସୁଲଭ ସ୍ନେହ ଓ ଅନ୍ତରଂଗତାର ସ୍ୱର ।

ଅଜଣା ଭଦ୍ରଲୋକଙ୍କ ମୁହଁକୁ ନିରେଖି ଦେଖିଲି ଓ ତାଙ୍କୁ ମନେପକାଇବା ପାଇଁ ଚେଷ୍ଟାକଲି । ସ୍ମୃତି ଉପରେ ପଡିଥିବା କୁହୁଡି କିଛିକିଛି ଅପସରି ଗଲା ।

Digitized by srujanika@gmail.com

ମନେପଡ଼ିଲା ସାର୍‌ଙ୍କ କଥା । ଷଷ୍ଠ ଶ୍ରେଣୀରେ ଆମକୁ ଇତିହାସ ପଢ଼ାଉଥିଲେ । ପିନ୍‌ପିନ୍ ପତଳା ଚୋକାଳିଆ ଚେହେରା । ଥିଲେ ବି ଅତ୍ୟନ୍ତ କମ୍ ବୟସର । ଆଇ.ଏ.ପାଶ୍ ପରି ସ୍କୁଲରେ ଯୋଗ ଦେଇଥିଲେ । ଏତେ ପତଳା ଓ ଦୁର୍ବଳିଆ ଥିଲେ ଯେ ପେଟ ପାଖରେ ସାମାନ୍ୟ ବାଙ୍କି ଯାଉଥିଲେ ଆଗକୁ । ଧୋତି ଓ ହାଫ୍‌ସାର୍ଟ ପିନ୍ଧି ସ୍କୁଲକୁ ଆସୁଥିଲେ । ଆମେ ପିଲାମାନେ ତାଙ୍କ ଶ୍ରେଣୀରେ ଭାରି ପାଟିତୁଣ୍ଡ କରୁଥିଲୁ । ସାର୍ ବୋଲି ନ ଭାବି ସାଙ୍ଗ ବୋଲି ଭାବୁଥିଲୁ ।

ତାଙ୍କ ମୁହଁରେ ବିଶେଷ କିଛି ପରିବର୍ତ୍ତନ ହୋଇନଥିଲା । ସେଇ କୁଞ୍ଚୁକୁଞ୍ଚିଆ ବାଳ ଓ ଚଉଡା କପାଳ । ପ୍ରୌଢ଼ତ୍ୱ ଉତୀର୍ଣ୍ଣ ହେବାକୁ ଯାଉଛି । ତେଣୁ ଟୁକ୍ ଟୁକ୍ କପାଳରେ କିଛିଟା ବଳିରେଖା ପଡ଼ିବା ତ ସ୍ୱାଭାବିକ । କିନ୍ତୁ ବୟସର ବଳିରେଖା ବ୍ୟତୀତ ବି ସାର୍‌ଙ୍କ ମୁହଁରେ ଥିଲା ସାମାନ୍ୟ ଉଦ୍‌ବିଗ୍ନତାର ଛାପ । ସାର୍ ମତେ ଅଳ୍ପ ଦିନ ପାଇଁ ପାଠ ପଢ଼ାଉଥିଲେ । ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ବାପାଙ୍କର ବଦଳି ହୋଇଗଲା ବଲାଙ୍ଗୀର । ବର୍ଷକ ପରେ ବଲାଙ୍ଗୀରରୁ ସେହି ସ୍କୁଲରେ ଯୋଗ ଦେଲାବେଳକୁ ସାର୍ ଆଉ ନଥିଲେ । ସ୍କୁଲ୍‌ଛାଡି ଦେଇଥିଲେ ।

ତାଙ୍କରିଠାରୁ ହିଁ ଜାଣିଲି-ଉଚ୍ଚଶିକ୍ଷା ଲାଭ କରିବା ଆଶାରେ ସେ ଶିକ୍ଷକତା ଛାଡ଼ି ଦେଇଥିଲେ । ଉଚ୍ଚ ଶିକ୍ଷା ଲାଭ କରିଥିଲେ ମଧ୍ୟ । ବର୍ତ୍ତମାନ କୌଣସି ସମ୍ମାନନୀୟ ସଂସ୍ଥାରେ ଭଲ ପାହିଆରେ ଚାକିରି କରୁଛନ୍ତି । କେଇଦିନ ପାଇଁ ଦିଲ୍ଲୀ ଯାଉଛନ୍ତି ସରକାରୀ କାମରେ । ସେତେବେଳେ ଦିଲ୍ଲୀ ଯିବାପାଇଁ ଏକମାତ୍ର ଟ୍ରେନ୍ ଥିଲା ଉତ୍କଳ ଏକ୍ସପ୍ରେସ୍ । ବାପା ସହଜରେ ସ୍ୱଳ୍ପବାକ୍ । ତେଣୁ ସାର ସୁଯୋଗପାଇ ମୋ ସାଥିରେ ଗପ କରିବାକୁ ଲାଗିଲେ ପ୍ଲାଟ୍‌ଫର୍ମର ହଟ୍ଟଗୋଳ, ଚାୟ ଗ୍ରମ୍ ଓ ପାନ୍‌ବିଡି ଡାକ ଭିତରେ । ମତେ ଦେଖିଥିଲେ ଏଗାର ବର୍ଷ ବେଳେ । ଏବେ ମୁଁ ପୂରାପୂରି ମଧ୍ୟବୟସ୍କା ଗୃହିଣୀ । ବୋଧହୁଏ ତାଙ୍କ ସହିତ କିଭଳି ବ୍ୟବହାର କରିବି ସେ ସଂପର୍କରେ ସାର ସନ୍ଦିହାନ ଥିଲେ ଓ ପରଖି ନେଉଥିଲେ ମୋତେ । ପିଲାଦିନର ଓ ଏବର ବ୍ୟବହାର ଭିତରେ କୌଣସି ଅସାମଞ୍ଜସ୍ୟ ନଦେଖି ସାର୍ କିଛିଟା ସ୍ୱାଚ୍ଛନ୍ଦ୍ୟ ଅନୁଭବ କଲେ ଓ ଦ୍ୱିଧା କାଟି ସିଧାସଳଖ ଅସଲକଥାକୁ ପଳାଇ ଆସିଲେ । ଏବଂ ସାର୍‌ଙ୍କ ମୁହଁରେ ଦେଖିଥିବା ଉଦ୍‌ବିଗ୍ନତାର କାରଣ ହଠାତ୍ ମୋ ପାଇଁ ପରିଷ୍କାର ହୋଇଗଲା ।

"ବୁଝିଲ କାନନ, ମୁଁ ଆଗରୁ କେବେ ଦିଲ୍ଲୀ ଯାଇନି । କେଉଁଠି ରହିବି କଅଣ କରିବି ବଡ ଭୟ ଲାଗୁଛି" ।

ସାର୍‌ଙ୍କ ମୁହଁକୁ ଚାହିଁଲି । ସତରେ ଅତ୍ୟନ୍ତ ଶଙ୍କାକୁଳ ଜଣାପଡୁଥିଲେ ସିଏ । ଜୀବନରେ ପ୍ରଥମ ଥର ପାଇଁ ସଂପୂର୍ଣ୍ଣ ଅଜଣା ଏକ ମହାନଗରୀକୁ ଯିବାରେ ଯେ କୌଣସି ବ୍ୟକ୍ତି ନିଜକୁ ଅସହାୟ ଓ ଏକାକୀ ମନେ କରିବାଟା ସ୍ୱାଭାବିକ । କିନ୍ତୁ

Digitized by srujanika@gmail.com

ସାର୍ ଥିଲେ ଟିକିଏ ଅହେତୁକ ଭାବରେ ଚିନ୍ତାଗ୍ରସ୍ତ । ବୁଝିପାରିଲି - ସାର୍ ଦିଲ୍ଲୀର ବାଦ୍‌ଶାହମାନଙ୍କର ଇତିହାସ ଆମକୁ ପଢ଼ାଇଛନ୍ତି ସତ, କିନ୍ତୁ ବାଦ୍‌ଶାହମାନଙ୍କର ନଗରୀ ତାଙ୍କୁ କିଭଳି ଭାବରେ ଅଭିନନ୍ଦନ କରିବ, ସେ ସଂପର୍କରେ ସେ ସନ୍ଦିହାନ ।

"ଆପଣ ବ୍ୟସ୍ତ ହୁଅନ୍ତୁନି । ମୋ ସ୍ୱାମୀ ପରା ଅଛନ୍ତି ସେଠି ! କିଛି ଅସୁବିଧା ହବନି ଆପଣଙ୍କର" ସାରଙ୍କ କଥାକୁ ଅଧାରେ କାଟି ମୁଁ ଆଶ୍ୱାସନା ଦେଲି ।

ସାର୍‌ଙ୍କ ଚିନ୍ତାନ୍ୱିତ ମୁହଁର ଟାଣ ଟାଣ ହୋଇ ରହିଥିବା ମାଂସପେଶୀ କିଛିଟା ଶିଥିଳ ହେଲା ସତ, କିନ୍ତୁ ପୂରାପୂରି ନୁହେଁ ଓ ମନର ସନ୍ଦେହଟିକୁ ସାର୍ ସାମାନ୍ୟ କୁଣ୍ଠାର ସହିତ ପୁଣିଥରେ ପ୍ରକାଶ କଲେ ।

"କିନ୍ତୁ ତୁମ ସ୍ୱାମୀ ତ ମତେ ଜାଣନ୍ତିନି....."

ମୁଁ ସାମାନ୍ୟ ହସିଲି । ବିନୟଙ୍କ ସଂପର୍କରେ ସାର୍‌ଙ୍କ ଅମୂଳକ ସନ୍ଦେହ କଥା ଶୁଣି ।

"ଆପଣ ସେ ବିଷୟରେ ନିଶ୍ଚିନ୍ତ ରହନ୍ତୁ" । ଏ ଆଲୋଚନାର ପୂର୍ଣ୍ଣଚ୍ଛେଦ ଟାଣି ମୁଁ କହିଲି ।

ମୋ ସାଥିରେ ମୋ ଭଉଣୀଜୋଇଁ ପ୍ରତାପ ଦିଲ୍ଲୀ ଯାଉଥିଲେ । ଗଣତନ୍ତ୍ର ଦିବସ ପ୍ୟାରେଡ୍ ଓ 'ବିଟିଙ୍ଗ୍ ଦି ରିଟ୍ରିଟ୍' ଦେଖିବା ପାଇଁ । ଠିକ୍ ଗଲା ଆଗରୁ ତାଙ୍କ ସାନପୁଅର ଜର ହୋଇଥିଲା । ତେଣୁ ସେ ଯିବେ କି ନଯିବେ ବୋଲି ଦ୍ୱିଧାରେ ପଡ଼ି ଶେଷ ମୁହୂର୍ତ୍ତରେ ରାଜି ହୋଇଥିଲେ । ଡେରିରେ ଟିକେଟ୍ କାଟିବା ହେତୁ ଏକାସାଥିରେ ଦୁଇଟି ଉଚ୍ଚଶ୍ରେଣୀର ଟିକେଟ୍ ଆମକୁ ମିଳିନଥିଲା ଓ ଆମେ ଯାଉଥିଲୁ ସେକେଣ୍ଡ କ୍ଲାସ ସ୍ଲିପରରେ । ଶୀତଦିନ, ତେଣୁ ଅସୁବିଧା କିଛି ନଥିଲା ଅବଶ୍ୟ ଆମ ପାଇଁ ।

ସାର୍ କିନ୍ତୁ ଯାଉଥିଲେ ଶୀତତାପ ନିୟନ୍ତ୍ରିତ କୋଚ୍‌ରେ । ସରକାରୀ ଖର୍ଚ୍ଚରେ । ଟ୍ରେନ୍‌ର ତୃତୀୟ ଘଣ୍ଟି ବାଜିଲା । ନିଜ ନିଜ କଂପାର୍ଟମେଣ୍ଟରେ ପଶିଲୁ । ଟ୍ରେନ୍‌ରେ ଚଢ଼ିଲା ବେଳକୁ ସାର୍ କହିଲେ "ଦିଲ୍ଲୀରେ ଦେଖାହବ" ।

କିନ୍ତୁ ସାର୍‌ଙ୍କୁ ଦେଖିବା ପାଇଁ ଦିଲ୍ଲୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ି ନଥିଲା । ତା' ପରଦିନ ଭୋର୍‌ରେ ଗୋଟିଏ ଛୋଟିଆ ଷ୍ଟେସନ୍‌ରେ ଗାଡ଼ି ଛିଡ଼ା ହୋଇଛି । ଶୀତୁଳିଆ ପାଗ । କୁହୁଡ଼ି ଛାଡ଼ିନି ଭଲ କରି । ପ୍ରତାପ ଓ ମୁଁ ଅଳସ କଟାଇବା ପାଇଁ ମାଟି ଖୁରୀରେ ଧୂଆଁ ଉଠୁଥିବା ତା' ପିଉଚୁ, ସାର୍ ଏକରକମ ଅସ୍ତବ୍ୟସ୍ତ ହୋଇ ଆମ କଂପାର୍ଟମେଣ୍ଟରେ ପହଞ୍ଚିଲେ । ଘୋଡ଼ି ହୋଇଥିବା ଧୂସର ଆଲୋଆନ୍‌ଟି ଅଧା ତଳେ ଘୁଷୁରୁଛି । ମୁହଁ ରକ୍ତହୀନ, ଭୂତ ଦେଖିଲା ପରି ।

"ବସନ୍ତୁ ସାର୍, ତା' ପିଇବେ ?" ପ୍ରତାପ ପଚାରିଲେ । ସାର କିନ୍ତୁ ତା' ପ୍ରତି କୌଣସି ଆଗ୍ରହ ପ୍ରକାଶ ନକରି କମ୍ପିତ କଣ୍ଠରେ କହିଲେ "ମୁଁ ଆଉ ସେ ଏ.

Digitized by srujanika@gmail.com

ସି କୋଚ୍‌କୁ ନଯାଏ । ମୁଁ ଏଇଠି ବସିବି'' ସ୍ୱରତନ୍ତ୍ରୀରେ ତାଙ୍କର ରୀତିମତ ଆତଙ୍କର ସ୍ପର୍ଶ ।

''କାହିଁକି ? ଅସୁବିଧା କଅଣ ହେଲା'' ? ମୁଁ ଜାଣିବାକୁ ଚାହିଁଲି । ଥାଉ ସାର୍ ଭଙ୍ଗା ଭଙ୍ଗା କଣ୍ଠରେ ଯାହା କହିଲେ ତା'ର ସଂକ୍ଷିପ୍ତ ସାରମର୍ମ ଥିଲା ଏଇଆ ।

ସାର୍‌ଙ୍କୁ ଏ.ସି.କୋଚ୍‌ରେ କୁପେଟିଏ ମିଳିଥିଲା । ଗୋଟିଏ ବର୍ଥରେ ସାର୍ ଓ ଅନ୍ୟ ବର୍ଥଟିରେ ଦୀର୍ଘକାୟ ଓ ଶ୍ମଶ୍ରୁଳ ଜଣେ ପଞ୍ଜାବୀ ଭଦ୍ରଲୋକ । କଟକ ଷ୍ଟେସନ୍‌ରୁ ଗାଡ଼ି ଛାଡ଼ିଲା ପରେ, ପଞ୍ଜାବୀ ଭଦ୍ରଲୋକ ତାଙ୍କର ସାର୍ଟ ପ୍ୟାଣ୍ଟ କବଳରୁ ତାଙ୍କର ବର୍ତ୍ତୁଳ ସ୍ଫୀତୋଦରଟିକୁ ମୁକ୍ତି ଦେଇ ଏବଂ ସାଧାରଣ ରାତ୍ରି ବାସ ପିନ୍ଧି ତାଙ୍କ ବାକ୍ସରୁ ମଦ ବୋତଲଟିଏ ଓ ଗ୍ଲାସଟିଏ କାଢ଼ିଥିଲେ ଓ ଜଳ ସଂଯୋଗ କରି ସୁରାଚକ ଚୁକୁଚୁକୁ କରି ପାନ କରିଥିଲେ । ନିଦ୍ରା ଯାଇଥିଲେ ରାତ୍ରିର ଶେଷ ଯାମରେ, ବୋତଲଟିକୁ ଅନେକାଂଶରେ ଖାଲି କରିଦେଇ । ସାର୍‌ଙ୍କ ସହିତ ତାଙ୍କର କୌଣସି ବାକ୍ୟ ବିନିମୟ ଅବଶ୍ୟ ହୋଇ ନଥିଲା । ସେ ଅବସ୍ଥାରେ ବି ସାର୍ ନଥିଲେ । ଆଲୋଆନ୍ଦଟି ଘୋଡ଼ି ହୋଇ ଜାକିଜୁକି ହୋଇ ଭୟରେ ବିଛଣାରେ ପଡ଼ି ରହିଥିଲେ । ନିଦ ଆସିବାର ପ୍ରଶ୍ନ ନାହିଁ । ମଝିରେ ମଝିରେ ଆଖି ମିଟି ମିଟି କରି ପଞ୍ଜାବୀ ଭଦ୍ରଲୋକଙ୍କ ପ୍ରତିକ୍ରିୟା ଦେଖୁଥିଲେ ମାତ୍ର ଓ ପଞ୍ଜାବୀ ସହଯାତ୍ରୀଟି ମଝିରେ ମଝିରେ ସୁରାଗ୍ରସ୍ତ ରକ୍ତିମ ଆଖିରେ ତାଙ୍କୁ ଚାହୁଁଥିବାର ମଧ ଲକ୍ଷ୍ୟ କରିଥିଲେ । ଜୀବନରେ ପ୍ରଥମଥର ପାଇଁ ଏତେ ପାଖରୁ ମଦ ବୋତଲଟିଏ ଓ ମଦ ପିଉଥିବା ମଣିଷଟିଏ ଦେଖି ସାର୍‌ଙ୍କର ହୃତ୍‌କମ୍ପ ଜାତହୋଇଥିଲା ଏବଂ ମାତାଲ ସହଯାତ୍ରୀଟି ଯେକୌଣସି ମୁହୂର୍ତ୍ତରେ ତାଙ୍କ ଉପରେ ଝାମ୍ପ ମାରି ତାଙ୍କୁ ଆକ୍ରମଣ କରିବେ ବୋଲି ସେ ଶଙ୍କାକୁଳ ଚିତ୍ତରେ ଅପେକ୍ଷା କରି ରହିଥିଲେ । ସେଥିରୁ ତ୍ରାହି ପାଇବାର ଉପାୟ ମଧ ଖୋଜି ବୁଲୁଥିଲେ ଏବଂ ସେତେବେଳେ ଏକମାତ୍ର ଉପାୟ ଯାହାକି ତାଙ୍କ ମନକୁ ଆସିଥିଲା ତାହା ହେଲା ଆମ ପାଖକୁ ପଳାଇ ଆସିବା । ନିଶୂନ ଶୀତଦିନିଆ ରାତି । ସଭିଏଁ ନିଦ୍ରାମଗ୍ନ । କୁପେର ଦରଜା ବନ୍ଦ । ସାରା ରାତି ଚେଷ୍ଟା କରି ସୁଦ୍ଧା ଆମ ପାଖକୁ ଆସିପାରିଲେନି । ଭୋରରେ ପ୍ରଥମେ ଯେଉଁ ଷ୍ଟେସନ୍‌ରେ ଗାଡ଼ି ରହିଛି ସେଇଠୁ ଓହ୍ଲାଇ ପର୍ସ ଓ ଟିକେଟ୍ ସାଥିରେ ଧରି ଆମ ପାଖକୁ ପଳାଇ ଆସିଛନ୍ତି । ସହଯାତ୍ରୀଟି ଏବେ ବି ନିଦ୍ରାମଗ୍ନ ।

ସାର୍‌ଙ୍କୁ ଚାହିଁଲି । ଏକ ଭୟଭୀତ ଶିଶୁ ପରି ମୁହଁର ଅଭିବ୍ୟକ୍ତି । ଭାବିଲି, ଆଜିକାଲି ଯୁଗରେ ଏଭଳି ଲୋକ ସମ୍ଭବ ? ଶ୍ରଦ୍ଧା ହେଲା, ସହାନୁଭୂତି ବି ।

''ଠିକ୍ ଅଛି । ଆପଣ ଏଇଠି ଆମ ପାଖେ ବସନ୍ତୁ । ଏ.ସି.କୋଚ୍‌ରେ ଆଟେଣ୍ଡାଣ୍ଟ୍ ଅଛି । ଜିନିଷପତ୍ର ଠିକ୍ ଠାକ୍ ରହିବ ଆପଣଙ୍କର'' । ସାର୍‌ଙ୍କୁ ଆରାମରେ ବସିଲା ଭଳି ଜାଗାଟିଏ ଦେଇ କହିଲି ।

Digitized by srujanika@gmail.com

ସାର୍‌ଙ୍କ ମୁହଁରେ ଏତେବେଳ ପରେ ସ୍ନିଗ୍ଧ ହସଟିଏ ଖେଳିଗଲା । ଫେରିଆସିଲା ପୂର୍ବର ସାରଲ୍ୟ । ଚା' ପିଇଲେ । ପ୍ରତାପଙ୍କ ଠାରୁ ମାଗି ପାନ ବି ଖାଇଲେ । ଦିନ ବଢ଼ି ଚାଲିଲା । ସାର୍ ଆଲୋଆନଟି କାଢ଼ି ପାଖରେ ରଖିଲେ । ପିନ୍ଧିଥିଲେ ନେଳି ଲୁଙ୍ଗି ଓ ଆଡମଇଲା ଜାମାଟିଏ ଯାହା କି ସୁଟ୍ ଅପେକ୍ଷା ତାଙ୍କୁ ନିଶ୍ଚିତ ଭାବରେ ତାଙ୍କୁ ବେଶୀ ଆରାମପ୍ରଦ ଲାଗୁଥିଲା ।

ମୋ ଭଉଣୀଜୋଇଁ ପ୍ରତାପଙ୍କର ପେଶା ଇଞ୍ଜିନିୟରିଂ । କିନ୍ତୁ ନିଶା ତାଙ୍କର ଦୁଇଟି - ପାନ ଏବଂ ଗୁଲିଗପ । ସାର୍‌ଙ୍କ ସାଥିରେ ଜମିଗଲା ଖୁବ୍ ।

''ବୁଝିଲେ ପ୍ରତାପ ବାବୁ, କାଲି ସାରା ରାତି ଦୁ'ନି ହୋଇ ବସିଚି । କି ଯେ ଶାନ୍ତି ଲାଗୁଛି ଏଠି ବସି ଆପଣଙ୍କ ସାଥିରେ ଗପ କଲାରୁ । ସାର୍ କହିଲେ । ''ପାନ ନିଅନ୍ତୁ'' ପ୍ରତାପ ଜବାବ୍ ଦେଲେ ପାନ ଚୋବାଉ ଚୋବାଉ ।

ଟ୍ରେନ୍ ଗଡ଼ିଚାଲିଲା ବିହାର ଓ ଉତ୍ତରପ୍ରଦେଶ ସାନବଡ଼ ସହର ଓ ବଣବୁଦା ଛୁଇଁ ଛୁଇଁ । ସାର୍ ଓ ପ୍ରତାପଙ୍କର ଅସରନ୍ତି କାହାଣୀ ସବୁ ବି ଲମ୍ବି ଚାଲିଲେ ଟ୍ରେନ୍‌ର ଦୌଡ଼ ସହିତ ତାଳ ଦେଇ ଦେଇ ।

ଯାତ୍ରା ଏକ ସମୟରେ ଶେଷ ହେଲା । ପାଖ ହୋଇଆସିଲା ଦିଲ୍ଲୀ । ସାର୍ କିଛି ସମୟ ଆଗରୁ ତାଙ୍କ କମ୍ପାର୍ଟମେଣ୍ଟକୁ ଚାଲି ଯାଇଥିଲେ । ଜିନିଷପତ୍ର ବନ୍ଧାବନ୍ଧି କରିବା ପାଇଁ । ଉତ୍କଳ ଏକ୍ସପ୍ରେସ୍ ଅଟକୁଥିଲା ନିଜାମୁଦ୍ଦିନ୍ ଷ୍ଟେସନ୍‌ରେ । ''ଆପଣ ଜିନିଷପତ୍ର ଓହ୍ଲାଇ ଏ.ସି.କୋଚ୍ ସାମ୍ନାରେ ଅପେକ୍ଷା କରିଥିବେ । ଆମେ ଆପଣଙ୍କୁ ସାଙ୍ଗରେ ନେଇଯିବୁ । ବ୍ୟସ୍ତ ହେବେନି'' ସାର୍‌ଙ୍କୁ ମନେ ପକାଇ ଦେଇଥିଲି ଯିବା ଆଗରୁ ।

ମତେ ନେବା ପାଇଁ ଷ୍ଟେସନ୍‌କୁ ବିନୟ ଆସିଥିଲେ । ଟ୍ରେନ୍‌ରୁ ଓହ୍ଲାଇ ତାଙ୍କୁ ସାର୍‌ଙ୍କ କଥା କହିଲି । ''ଠିକ୍ ଅଛି ତାଙ୍କୁ ସାଙ୍ଗରେ ନେଇଯିବା । ''ବିନୟ ଉତ୍ତର ଦେଲେ । କୁଲି ଡାକି ଜିନିଷପତ୍ର ଉଠାଇ ସାର୍‌ଙ୍କ କମ୍ପାର୍ଟମେଣ୍ଟ ଆଗରେ ପହଞ୍ଚିଲୁ । ସୁଟ୍‌କେଶ୍ ଓ ବେଡିଂ କୌଣସିମତେ ଟାଣି ତଳକୁ ଓହ୍ଲାଇ ସାର୍ ଅତ୍ୟନ୍ତ ବିଚଳିତ ଭାବରେ ଏପଟ ସେପଟ ଅନାଇ କୁଲିଟିଏ ଖୋଜୁଥିଲେ । ବିନୟଙ୍କ ସହିତ ପରିଚୟ କରାଇଦେଲି । ସାର୍ ପ୍ରତିନମସ୍କାର କରି ଅପ୍ରସ୍ତୁତ ଭାବରେ ଠିଆ ହୋଇ ରହିଲେ କେବଳ । ଏପର୍ଯ୍ୟନ୍ତ କୁଲିଟିଏ ମିଳିନି । ପ୍ଲାଟ୍‌ଫର୍ମ ବାହାରକୁ ଜିନିଷପତ୍ର ନେବେ କେମିତି ? କ୍ଷୀଣ ସ୍ୱରରେ ଦୁଇଥର 'କୁଲି' 'କୁଲି' ଡାକି କିଂକର୍ତ୍ତବ୍ୟବିମୂଢ଼ ହୋଇ ଓ ଲାଜକୁଳା ହସ ହସି ମୃଦୁ କଣ୍ଠରେ କହିଲେ ''କୁଲି ମିଳୁନି ।''

ଆମେ ବି ଦେଖିଲୁ, ଆଖ ପାଖରେ କୁଲିଟିଏ ନାହିଁ କି ମିଳିବାର ସମ୍ଭାବନା ବି ନାହିଁ । ଆମ ଡ୍ରାଇଭର୍‌ର ଗୋଟିଏ ହାତରେ ମୋର କିଛି ଛୋଟିଆ ଜିନିଷ ।

Digitized by srujanika@gmail.com

ଅନ୍ୟ ହାତରେ ସିଏ ସାର୍‌ଙ୍କର ସୁଟ୍‌କେଶ୍‌ଟି ଉଠାଇନେଲା । ବିନୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସାର୍‌ଙ୍କ ହାଲୁକା ବେଡ଼ିଂଟି ଉଠାଇନେଇ କହିଲେ 'ଚାଲନ୍ତୁ' ।

ମଣିଷ ବିସ୍ମୟରେ ହଠାତ୍ ହତବାକ୍ ହୋଇଯିବା କଥା ବହିରେ ପଢ଼ିଥିଲି, କିନ୍ତୁ ତଦ୍ରୂପ ପରିସ୍ଥିତିରେ ଗୋଟିଏ ମଣିଷର ପ୍ରକୃତ ଅଭିବ୍ୟକ୍ତି କଅଣ ହୋଇପାରେ ତାହା ଜାଣି ନଥିଲି । ସେଇଦିନ ଜୀବନରେ ପ୍ରଥମ ଓ ଶେଷଥରକ ପାଇଁ ସେ ଅଭିବ୍ୟକ୍ତି ଦେଖିଥିଲି ସାର୍‌ଙ୍କ ମୁହଁରେ । ଭାଷାରେ ବର୍ଣ୍ଣନା କରିବା ସହଜସାଧ୍ୟ ନୁହେଁ ।

ସାର୍ ଚକ୍ଷୁ ବିସ୍ଫାରିତ କରି ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ଭାବରେ ଚିତ୍ରପୁତ୍ତଳିକା ନ୍ୟାୟ ଜଡ଼ବତ୍ ଠିଆ ହୋଇ ରହିଥିଲେ । ବିନୟ ପୁଣି ଥରେ ତାଙ୍କର ପୂର୍ବ କଥା ଦୋହରାଇଲେ - "ଚାଲନ୍ତୁ" ଓ ନିଜେ ବୁଲିପଡ଼ି ଚାଲିବାକୁ ଆରମ୍ଭ କଲେ । ନିଜାମୁଦ୍ଦିନ ପ୍ଲାଟ୍‌ଫର୍ମର ଅଗଣିତ ଜନସମୁଦ୍ରର ପଟୁଆର ମଝିରେ ଠେଲାପେଲା ଓ ଗହଳି ଭିତର ଦେଇ ସାର୍ ଭୀତଗ୍ରସ୍ତ ଭାବରେ ବଡ଼ ବଡ଼ ପାହୁଣ୍ଡ ପକାଇ ବିନୟଙ୍କୁ ଅନୁସରଣ କଲେ । ଅନୁଭବ କଲି, ସାର୍ ତାଙ୍କ ଜୀବନରେ ନିହାତି ପାଖରୁ କେବଳ ଯେ ମଦ ବୋତଲଟିଏ ଦେଖି ନଥିଲେ ତାହା ନୁହେଁ, ପୋଲିସ୍‌ଟିଏ ମଧ୍ୟ ଦେଖିନଥିଲେ । ଜଣେ ପୋଲିସ୍ ଅଫିସର ଯେ ତାଙ୍କର ପୁରୁଣା ମସିଆ ବେଡ୍‌ହୋଲ୍‌ଡରଟି ଅତ୍ୟନ୍ତ ସ୍ୱାଭାବିକ ଢ଼ଙ୍ଗରେ ଉଠାଇ ନେଇପାରେ ଏହା ତାଙ୍କ ପାଇଁ ଥିଲା ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ସଦୃଶ । ଯଦିଓ ବିନୟ ତାଙ୍କର ଚିରାଚରିତ ସ୍ୱଭାବ ଅନୁଯାୟୀ ସ୍ୱୟଂପରିଚାଳିତ ହୋଇ କାମଟି କରିଥିଲେ ଏବଂ ଏହା ଉପରେ କୌଣସି ଗୁରୁତ୍ୱ ଦେଇନଥିଲେ । ଏହା ତାଙ୍କ ପାଇଁ ଥିଲା ସାଧାରଣ ମଣିଷପଣିଆର କଥା । ଅଫିସରପଣିଆର ବିନ୍ଦୁବିସର୍ଗ ସଂପର୍କ ନଥିଲା ଯା ସହିତ ।

ପ୍ଲାଟ୍‌ଫର୍ମ ବାହାରକୁ ଆସି କାର୍‌ରେ ବସିଲୁ । ଗାଡ଼ି ଭିତରେ ଅନେକ ସମୟ ଚୁପ୍‌ଚାପ୍ ବସିବା ପରେ ସାର୍ ମତେ ଫିସ୍ ଫିସ୍ କରି କହିଲେ, "କାନନ, ତମେ ସିନା ମୋର ଛାତ୍ରୀ, ହେଲେ ବିନୟ ବାବୁ ଏତେ ବଡ଼ ଅଫିସର୍, ମତେ ଭାରି ଖରାପ ଲାଗୁଛି । ଧୀରସ୍ୱରରେ କହିଥିଲେ ସୁଦ୍ଧା କଥାଟି ବିନୟ ଆଗ ସିଟ୍‌ରୁ ଶୁଣିପାରିଲେ । ଅଳ୍ପ ହସି ଜବାବ୍ ଦେଲେ "ମୁଁ ମୋଟେ ବଡ଼ ଅଫିସର୍ ନୁହେଁ, ମୋର ଉଚ୍ଚତା ମାତ୍ର ପାଞ୍ଚ ଫୁଟ ପାଞ୍ଚ ଇଞ୍ଚ ।"

ପୋଲିସ୍ ଅଫିସର୍ ଜଣେ ଯେ କେବଳ ଷ୍ଟେସନ୍‌ରେ ବେଡ଼ିଂ ଉଠାଇ ପାରେ ତାହା ନୁହେଁ, ସାଧାରଣ ମଣିଷ ପରି ସ୍ଥଳବିଶେଷରେ ହାସ ପରିହାସ ବି କରିପାରେ ଏକଥା ପ୍ରଥମଥର ପାଇଁ ଆବିଷ୍କାର କରି ସାର୍ ଆଉ ଟିକିଏ ଅବାକ୍ ହୋଇଗଲେ ଓ ବାକି ରାସ୍ତାତକ ତାଙ୍କ ପାଟିରୁ ଆଉ କୌଣସି କଥା ବାହାରି ନଥିଲା ।

Digitized by srujanika@gmail.com

ଘରେ ପହଞ୍ଚିଲୁ । ସାର୍ ଦିଲ୍ଲୀ ବିଷୟରେ କିଛି ଜାଣନ୍ତିନି । ଆମ ଘର ଠାରୁ ଦୂର କୌଣସି ଜାଗାରେ ବା ଅପରିଚିତ ହୋଟେଲ୍‌ରେ ରହିଲେ ନିଶ୍ଚିତ ଭାବରେ ହଇରାଣ ହେବେ । ବିନୟ କହିଲେ 'ଏଇଠି ପାଖରେ ଅଫିସର୍ସ ମେସ୍‌ରେ ରଖାଇଦବା ।''

ଆମେ ସେତେବେଳେ ରହୁଥିଲୁ କିଙ୍ଗସ୍‌ୱେ କ୍ୟାମ୍ପର ନିଉ ପୋଲିସ୍ ଲାଇନ୍‌ରେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଲାଗି ଏକାଧିକ ଅଫିସ୍, ବିଭିନ୍ନ ଶ୍ରେଣୀର ଅଫିସରମାନଙ୍କ କ୍ୱାର୍ଟର, କନେଷ୍ଟବଲ୍ ମାନଙ୍କର ବ୍ୟାରାକ ତଥା ଦୁଇଟି ପ୍ୟାରେଡ୍ ଫିଲ୍ଡ ସମନ୍ୱିତ ଅଜସ୍ର ନିମ ଓ ଜାମୁ ଗଛରେ ସୁଶୋଭିତ ବିରାଟ କ୍ୟାମ୍ପସ୍ । ଦ୍ୱିତଳ ଓ ସୁଦୃଶ୍ୟ ଅଫିସର୍ସ ମେସ୍‌ଟି ଥିଲା ଏହି ହତା ଭିତରେ । କିନ୍ତୁ ପୁଣି ଭାଳେଣି ପଡ଼ିଲା । ସାରଙ୍କର ଯାହା ମାନସିକ ଅବସ୍ଥା ସେଥିରେ ମେସ୍‌ର ପୋଲିସ୍ କାରବାର ଭିତରେ ଏକୁଟିଆ ରହିଲେ ହୁଏତ ଆହୁରି ତ୍ରସ୍ତ ହୋଇପଡ଼ିବେ । ଶେଷକୁ ଠିକ୍ କଲୁ ତାଙ୍କୁ ଏକୁଟିଆ ନଛାଡ଼ି ମହେଶ୍ୱର ସାଥିରେ ରଖାଇଦେବା ପାଇଁ ।

ମହେଶ୍ୱର ଥିଲା ଓଡ଼ିଆ ଓ ଦିଲ୍ଲୀରେ କାର୍ଯ୍ୟରତ ଏକ ସି.ଆର୍.ପି. ବାଟାଲିୟନ୍‌ର ଡାକ୍ତର । ଅଳ୍ପବୟସ୍କ ଓ ଅବିବାହିତ । ସଂପର୍କ ଥିଲା ଘରଲୋକ ଭଳିଆ । ବିନୟ ତା' ସହିତ କଥାବାର୍ତ୍ତା କରିବାରୁ ମହେଶ୍ୱର ଖୁସିରେ ରାଜି ହେଇଗଲା ସାର୍‌ଙ୍କୁ ତା' ରୁମ୍‌ରେ ରଖିବା ପାଇଁ । ବିନୟ ସାର୍‌ଙ୍କୁ ଅଫିସର୍ସ ମେସ୍‌ରେ ପହଞ୍ଚାଇ ଦେଲେ ଏବଂ ସାର୍ ସ୍ୱସ୍ତିରେ ନିଃଶ୍ୱାସ ପକାଇଲେ । ତାଙ୍କ ସହିତ ଆମେ ବି ।

ଦିଲ୍ଲୀ ରହଣି ସମୟରେ ସାର୍ ସରକାରୀ କାମରେ କିଛି ସମୟ ବ୍ୟସ୍ତ ରହୁଥିଲେ । ବାକି ସମୟ କଟାଉଥିଲେ ମହେଶ୍ୱର ସାଥିରେ ଗପ କରି । ମଝିରେ ମଝିରେ ଆମ ଘରକୁ ଆସୁଥିଲେ । ଆମେ ପାଖରେ ଥିବା ଯୋଗୁଁ ସୁବିସ୍ତୃତ, ଅଚିହ୍ନା ଓ କୋଳାହଳମୟ ନଗରୀଟିରେ ତାଙ୍କୁ ଓଡ଼ିଶାର ବାତାବରଣ ମିଳୁଥିଲା ଓ ବେଶ୍ ନିରାପଦ ଲାଗୁଥିଲା । ଭୀତତ୍ରସ୍ତ ଭାବ କିଛିଟା ସହଜ ହୋଇ ଆସିଥିଲା ମଧ୍ୟ । ବିନୟଙ୍କ ସାଥିରେ ଯାଇ ରାଷ୍ଟ୍ରପତି ଭବନ ଦେଖି ଆସିଥିଲେ । ରାଷ୍ଟ୍ରପତି ଭବନର ସୁରକ୍ଷା ବ୍ୟବସ୍ଥା ସେତେବେଳେ ଥିଲା ଦିଲ୍ଲୀ ପୋଲିସ୍ ଅଧୀନରେ । ତେଣୁ ସାଧାରଣ ଜନତାକୁ ଯେଉଁସବୁ ସ୍ଥାନରେ ପ୍ରବେଶାଧିକାର ନଥିଲା, କର୍ମରତ ପୋଲିସ୍ ଅଫିସରମାନଙ୍କୁ କର୍ତ୍ତବ୍ୟର ସୀମା ଭିତରେ ଥିବା ସେ ସବୁ ସ୍ଥାନ ପରିଦର୍ଶନ କରିବା ଥିଲା ଅତ୍ୟନ୍ତ ସାଧାରଣ ଘଟଣା ।

ସାର୍ କିନ୍ତୁ ବିନୟଙ୍କୁ ଯେତେ ଦେଖୁଥିଲେ, ସେତେ ଚମତ୍କୃତ ହେଉଥିଲେ । ଟଙ୍କା ଦେଇ ଫେରନ୍ତା ଯାତ୍ରା ଲାଗି ଟିକେଟ୍ କାଟିଦେବା ପାଇଁ ଅନୁରୋଧ କରି

Digitized by srujanika@gmail.com

ବସିଲେ ସପ୍ତାହକ ପରେ । "ଆପଣ ମୋ ପାଇଁ ସେକେଣ୍ଡ କ୍ଲାସ୍ ସ୍ଲିପରର୍ ରିଜର୍ଭେସନ୍ କରିଦେବେ" ।

"କିନ୍ତୁ ଆପଣଙ୍କୁ ତ ଏ.ସି.ର ପଇସା ସରକାରଙ୍କ ଠାରୁ ମିଳିବ । ଆରାମରେ ନଯାଇ ହଇରାଣ ହୋଇକି ଯିବେ କାହିଁକି ?" ବିନୟ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

ସାର୍ ତାଙ୍କର ଶଙ୍କାର କାରଣଟି ଅବଶ୍ୟ ବିନୟଙ୍କୁ ଜଣାଇଥିଲେ । ଦିଲ୍ଲୀ ଆଗମନକାଳୀନ ଭୟଦ ଅନୁଭୂତି ଏବେ ବି ତାଜା ଥିଲା ତାଙ୍କ ମନରେ । ପ୍ରଥମଥର ଆମେମାନେ ଥିଲୁ ବୋଲି କୌଣସି ମତେ ବର୍ତ୍ତି କରି ଆସିଛନ୍ତି । ଦ୍ୱିତୀୟଥର ଆଉ ସେ ଭୁଲ୍ ସିଏ ନକରନ୍ତି । ପ୍ରାଣଧରି ଓଡ଼ିଶା ପହଞ୍ଚିଗଲେ ରକ୍ଷା । ଯେତେ ବୁଝାଇଲେ ବି ସେଇ ଏକା ଜିଦ୍ । ସିଏ ସେକେଣ୍ଡକ୍ଲାସ୍‌ରେ ଯିବେ ଓ ସରକାରଙ୍କ ଠାରୁ ସେକେଣ୍ଡକ୍ଲାସ୍ ଗସ୍ତ ଖର୍ଚ୍ଚ ନେବେ ।

ସାର୍‌ଙ୍କ ମାନସିକ ଅବସ୍ଥା ବୁଝିପାରିଲି । ନିତିଦିନିଆ ସୁଖ ଦୁଃଖ, ହସକାନ୍ଦର ସାଧାରଣ ମଣିଷଟିଏ । ସେକେଣ୍ଡ କ୍ଲାସ୍‌ର ଲୋକବାକ ଗହଳି ଓ ଖୋଲାମେଲା ପରିବେଶରେ, ସଭିଙ୍କ ଭିତରେ ଜଣେ ହୋଇ ଯାତ୍ରା କରିବାରେ ତାଙ୍କୁ ଯେଉଁ ଆରାମ ଓ ଆତ୍ମୀୟତା ମିଳୁଥିଲା, ଏ.ସି.କୋଚ୍‌ର ବନ୍ଦ ଦରଜା ଭିତରେ ହୁଏତ ତାହା ସିଏ ପାଉନଥିଲେ ।

ଅଗତ୍ୟା ଜଣେ ଅଫିସରଙ୍କୁ ପଠାଇ ବିନୟ ଟିକେଟ୍ କଟାଇ ଆଣିଲେ ଓ ସାର୍ ନିର୍ବିଘ୍ନରେ ଘରେ ପହଞ୍ଚିଗଲେ । କହିବା ବାହୁଲ୍ୟ ଯେ, ଫେରନ୍ତା ବାଟରେ କୌଣସି ସୁରାପାୟୀ ସହଯାତ୍ରୀ ମିଳିନଥିଲେ ତାଙ୍କୁ । ପରେ ବୋଉଠାରୁ ଶୁଣିଥିଲି ଯେ, ଦିଲ୍ଲୀରୁ ଫେରିବା ପରେ, ମିଠା ପ୍ୟାକେଟ୍‌ଟିଏ ଧରି ଆମ ଘରକୁ ଯାଇଥିଲେ ଓ ଅନେକ ସମୟ ଧରି ବାପା ବୋଉଙ୍କ ସହିତ ଗପ କରିଥିଲେ । ଏବଂ ପ୍ରତ୍ୟେକ ପାଞ୍ଚଟି ବାକ୍ୟ ପରେ ଥରେ ଲେଖାଏଁ ଦୋହରାଇଥିଲେ "ଆହା ! କୁଆଡ଼ିଟିଏ କରିଛନ୍ତି ତ" ।

ଆମ ଜୀବନରେ ସାର୍‌ଙ୍କ ଅଧ୍ୟାୟ ଶେଷ ହେଇଯାଇଥିଲା ଓ ଦିଲ୍ଲୀରେ ଆମ ଜୀବନ ପୁଣି ତା'ର ନିଜସ୍ୱ ଛନ୍ଦରେ ଚାଲିବାକୁ ଆରମ୍ଭ କଲା । ହଠାତ୍ ପ୍ରାୟ ଦୁଇମାସ ପରେ ସାର୍ ପୁଣି ଉଦୟ ହେଲେ ଆମ ଜୀବନରେ । ସାର୍‌ଙ୍କ ଠାରୁ ମିଳିଲା ଏକ ବିନତିପୂର୍ଣ୍ଣ ଚିଠି । ସିଏ ପଡ଼ିଛନ୍ତି ମହାବିପଦରେ ଓ ତାଙ୍କୁ ଉଦ୍ଧାର କରିବାକୁ ହେବ । ସାର୍ ଦିଲ୍ଲୀରେ ଥିବା ସମୟରେ ତାଙ୍କ ସଂସ୍ଥାର ଲାଇବ୍ରେରୀ ପାଇଁ କୌଣସି ଏକ ବହିଦୋକାନୀକୁ କେତେକ ବହିର ଅର୍ଡ଼ର ଦେଇଥିଲେ । ସରକାରଙ୍କ ପାଣ୍ଠିରୁ ଅଗ୍ରୀମ ପାଞ୍ଚ ହଜାର ଟଙ୍କା ଦେଇଥିଲେ ମଧ୍ୟ । ଦୋକାନୀଟି ନା ବହି ପଠାଉଛି ନା

Digitized by srujanika@gmail.com

ତାଙ୍କର କୌଣସି ଚିଠିର ଜବାବ୍ ଦେଉନି । ସରକାରୀ ଟଙ୍କାତକ ବୁଡ଼ିଗଲା ଜାଣି ଓ ଅଫିସ୍‌ରେ ତାଙ୍କର ଅଶେଷ ଅବସ୍ଥା ଲେଖାଅଛି । ଦୋକାନୀର ଠିକଣା ଜଣାଇଥିଲେ ଓ ବିନୟଙ୍କୁ କହି ଏହାର ତୁରନ୍ତ ପ୍ରତିକାର କରିବା ପାଇଁ ମତେ ଚିଠିରେ ଅନୁରୋଧ କରିଥିଲେ ।

ବିନୟ ଏ ପତ୍ର ପାଇ ଜଣେ ସବ୍‌ଇନିସ୍‌ପେକ୍ଟର, ଶ୍ରୀ ସତ୍‌ପାଲ୍ ଭାଲ୍ଲାଙ୍କୁ ସେ ଦୋକାନୀ ପାଖକୁ ପଠାଇଥିଲେ । ଶ୍ରୀ ଭାଲ୍ଲାଙ୍କର ଚେହେରା ଥିଲା ଦର୍ଶନୀୟ । ଦିଲ୍ଲୀର ବାସିନ୍ଦା । ପଞ୍ଜାବୀ । ବର୍ଣ୍ଣରେ ଅତ୍ୟନ୍ତ ଗୌର ଓ ଚେହେରାରେ ସୁପୁରୁଷ । ପ୍ରାୟ ସାଢ଼େ ଛଅଫୁଟ ଉଚ୍ଚ ଓ ତାଙ୍କୁ ଚାହିଁ ଦୈର୍ଘ୍ୟ । ସିଧାସଳଖ ଓ ସୁଗଠିତ ଶାଳପ୍ରାଂଶୁ ଶରୀର ନେଇ ଶ୍ରୀ ଭାଲ୍ଲା ଯେତେବେଳେ ଦିଲ୍ଲୀ ପୋଲିସ୍‌ର ଏମ୍‌ବ୍ଲେମ୍ ଲଗା ଉର୍ଦ୍ଦି ପିନ୍ଧି ଓ ଲାଠିଟି ହାତରେ ବୁଲାଇ ବୁଲାଇ ଦରିଆଗଞ୍ଜର ଜନବହୁଳ ରାସ୍ତାରେ ଦୋକାନଟି ଆଗରେ ଠିଆ ହୋଇଥିଲେ ଓ ଠକେଇ ଅପରାଧରେ ଦୋକାନୀଟିର ଉପଯୁକ୍ତ ଦଣ୍ଡ ପ୍ରାପ୍ୟ ବୋଲି ତାହାକୁ ବୁଝାଇଥିଲେ, ଖାଣ୍ଟି ଓଡ଼ିଆ ଭାଷାରେ, ଦୋକାନୀଟିର ପିଳେହି ପାଣି ହୋଇଥିଲା । ସିଏ କେବଳ ଶ୍ରୀ ଭାଲ୍ଲାଙ୍କର ଯେ ପ୍ରଚୁର ଖାତିର କରିଥିଲା ତାହା ନୁହେଁ, ଅବିଳମ୍ବେ ସାର୍‌ଙ୍କର ବହିତକ ପଠାଇଦେବା ପାଇଁ ଅଙ୍ଗୀକାରବଦ୍ଧ ହୋଇଥିଲା । ଶ୍ରୀ ଭାଲ୍ଲା ଆସି ବିନୟଙ୍କୁ ଖବର ଦେଇ କହିଥିଲେ । ବହି ପାର୍ଶଲଟି ସପ୍ତାହକ ଭିତରେ ସାର୍‌ଙ୍କ ପାଖରେ ପହଞ୍ଚିଥିଲା ଓ ସାର୍ ଆଶୁ ବିପଦରୁ ରକ୍ଷା ପାଇଥିଲେ ।

ପଚାଶୋର୍ଦ୍ଧ ଜୀବନରେ ବିଭିନ୍ନ ରକମର ଚରିତ୍ରମାନଙ୍କ ସଂପର୍କରେ ଆସିଛି । ସାର୍‌ଙ୍କ ଚରିତ୍ରଟି ତନ୍ମଧ୍ୟରେ ସବୁଠାରୁ ନିରୀହ ଓ ରଙ୍ଗହୀନ । ଚରିତ୍ରଟିରେ ଏଭଳି କିଛି ଚଟକ୍ ବା ଜୌଲୁସ୍ ନାହିଁ ଯାହାକୁ ଅବଲମ୍ବନ କରି ଜନମାନସକୁ ମୁଗ୍ଧ କଲା ଭଳିଆ ଲେଖାଟିଏ ଲେଖିହେବ । କିନ୍ତୁ ବହୁ ବର୍ଷ ପୂର୍ବେ ଘଟିଥିବା ଏ ଘଟଣାଟିକୁ ନେଇ କାହିଁକି ଏ ସ୍ମୃତିଲେଖା ଲେଖିବାକୁ ବାଧ ହେଲି, ତା'ର କାରଣ ଅଛି ।

ଏବେ ଦିନେ ମୋର ଅଗ୍ରଜୋପମ ଜଣେ ସାହିତ୍ୟିକଙ୍କ ସହିତ ଫୋନ୍‌ରେ କଥା ହେଉଥିଲି । ''ଚିହ୍ନି ପାରୁଛନ୍ତି ? ସେଇ ଯେ କିଶୋରୀ ଝିଅଟି, ପିଲାଦିନେ ଆପଣଙ୍କ ପତ୍ରିକାରେ କବିତା ଲେଖୁଥିଲା ? '' ନିଜ ନାଁ ବତାଇ କହିଲି ।

ସାହିତ୍ୟିକ ବନ୍ଧୁ ବହୁତ ଖୁସି ହେଲେ । ମଜା କରି କହିଲେ ''ତୁମେ ସିନା ଓଡ଼ିଶା ଛାଡ଼ି ସମସ୍ତଙ୍କୁ ଭୁଲି ଯାଇଥିଲ,ହେଲେ ମୁଁ ତମର ଖବର ରଖିଛି । ତମେ ଆସାମ ଛାଡ଼ି ଦିଲ୍ଲୀ ଆସିଥିଲ ନା'' ।

ତାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଲି । ତାଙ୍କ ସହିତ ମୋର ଶେଷ ଦେଖା ଅନେକ ଅନେକ ବର୍ଷ ଆଗେ । ମୋ ବାହାଘର ପରଠୁ ବିଗତ ତେତିଶ ବର୍ଷ ହୋଇଗଲା ତାଙ୍କ ସହିତ ମୋର କୌଣସି ସଂଯୋଗ ନାହିଁ ।

Digitized by srujanika@gmail.com

ପଚାରି ଜାଣିଲି- ଇଏ ସବୁ ଇତିହାସ ସାର୍‌ଙ୍କ କରାମତି । ଦିଲ୍ଲୀରୁ ଫେରିବା ପରେ ସାହିତ୍ୟିକ ବନ୍ଧୁଙ୍କୁ ମୋର ଓ ବିନୟଙ୍କର ଖବର ସିଏ ଇ ଦେଇଥିଲେ । ସାହିତ୍ୟିକ ବନ୍ଧୁଙ୍କ ସହିତ ତାଙ୍କର ସାମାନ୍ୟ ଜଣାଶୁଣା ଅଛି । ସବାଶେଷରେ ଏ କଥାଟି ଅବଶ୍ୟ ସାର୍ ଯୋଖିବାକୁ ଭୁଲି ନଥିଲେ ଯେ, ବିନୟଙ୍କ ଭଳିଆ ଭଲ ଲୋକଟିଏ ସିଏ ତାଙ୍କ ଜୀବନରେ ଦେଖି ନାହାନ୍ତି ।

ବୁଝିପାରିଲି - ସାର୍ କେବଳ ମୋ ବାପାବୋଉଙ୍କୁ ନୁହେଁ, ତାଙ୍କ ପରିଚିତ ଓ ସ୍ୱଳ୍ପପରିଚିତ କାହାକୁ ବି ବାଦ୍ ଦେଇ ନାହାନ୍ତି ବିନୟଙ୍କ ପ୍ରଶଂସା ଶୁଣାଇବାରେ ।

କଥାଟି ମତେ ଭାବାନ୍ୱିତ କଲା; କେଉଁଠି ଟିକିଏ ମନକୁ ଦୋହଲାଇ ଦେଲା ବି । ବିନୟ ତାଙ୍କର ସ୍ୱଭାବସୁଲଭ ପ୍ରକୃତିରେ ଅନେକ ଲୋକଙ୍କ ପାଇଁ ଅନେକ କାମ କରିଛନ୍ତି ଜୀବନରେ । କିନ୍ତୁ କାହିଁ ଏଭଳି ଭାବରେ ତ କେହି ମନେ ରଖିନାହାନ୍ତି ସେ କଥା ! ଆଜିର ଈର୍ଷାପରାୟଣ, ସ୍ୱାର୍ଥାନ୍ୱେଷୀ ଓ ପରଶ୍ରୀକାତର ସମାଜରେ ସାର୍ ଯେ ଏକ ଅନନ୍ୟ ବ୍ୟତିକ୍ରମ !

ଭାବିଲି, କିଛି ତ ସେମିତି ଅଧିକା ଆମେ କରିନଥିଲୁ ସାର୍‌ଙ୍କ ପାଇଁ । ଅସୁବିଧାରେ ବା ଦୁର୍ଯୋଗରେ ପଡ଼ିଲେ ମଣିଷ ମଣିଷକୁ ସାହାଯ୍ୟ କରିବାଟା ତ ଅତି ସାଧାରଣ କଥା । ମଣିଷର ଧର୍ମ ଏଇଟା । ଏଥିରେ ପ୍ରଶଂସନୀୟ ହେବାର ପ୍ରଶ୍ନ ଉଠୁଛି କେଉଁଠି ? ହୃଦୟବତ୍ତାତ ସାର୍‌ଙ୍କର । ଯିଏ କି ମୋ ସ୍ୱାମୀଙ୍କର ସାମାନ୍ୟ ଶିଷ୍ଟାଚାର, ସୌଜନ୍ୟ ଓ ଭଦ୍ର ବ୍ୟବହାର ଭିତରେ ଏଡ଼େ ବଡ଼ ମହତପଣିଆ ଦେଖିବାକୁ ପାଇଲେ । ଅନୁଭବ କଲି, ସାର୍‌ଙ୍କର ଏଇ ସ୍ନେହ ଓ ମହାନୁଭବତା ପାଖରେ ମୁଁ ଋଣୀ ହୋଇ ରହିଗଲି - ଆଜୀବନ । ଏ ଋଣର ଭାର କିଛି କମ୍ ନୁହେଁ । ଏ ଋଣ ମତେ ସୁଝାଇବାକୁ ହବ ।

ସେଇଥି ପାଇଁ ଏ ସ୍ମୃତିଲେଖା । ଏ ଲେଖା ଲେଖି ଆଜି ମୁଁ ଋଣମୁକ୍ତ ହେଲି ।

■ ■ ■

ଅକ୍ଟୋବର ୧୯୯୭

Digitized by srujanika@gmail.com

# ମିଲ୍ଡ୍ରେଡ୍ ଓ ମିଜୋରାମ୍

ଆସାମରୁ ମିଜୋରାମ୍ ଆସିବାରେ କିଛିଟା ଅବଦାନ ମିଲ୍ଡ୍ରେଡ୍‌ର ଥିଲା । କାରଣ ମିଲ୍ଡ୍ରେଡ୍ ପାଇଁ ଯାଇଥିବା ଟ୍ରକ୍ ଭର୍ତ୍ତି ଗୋଖାଦ୍ୟ ସହିତ ଗୋଖାଦ୍ୟର ବିଲ୍ଟି ମଧ ଚାଲି ଯାଇଥିଲା ।

ମିଲ୍ଡ୍ରେଡ୍ ଥିଲା ବିଭାଗୀୟ ସର୍ବୋଚ୍ଚ କର୍ମକର୍ତ୍ତାଙ୍କର ଡାଇରୀ ଫାର୍ମର ସବୁଠାରୁ ସୁନ୍ଦରୀ, ସ୍ୱାସ୍ଥ୍ୟବତୀ ଓ ଦୁଗ୍ଧବତୀ ଗାଭୀ । ଅଫିସର୍‌ମାନଙ୍କର ବାର୍ଷିକ ଚରିତ୍ରଲିପି ସେମାନଙ୍କର କାର୍ଯ୍ୟକ୍ଷମତା ଉପରେ ନିର୍ଭର କରୁନଥିଲା, କରୁଥିଲା ସେମାନେ କେଉଁ ପରିମାଣରେ କିମ୍ୱା କିଭଳି ହୃଦ୍ୟତାର ସହିତ ମିଲ୍ଡ୍ରେଡ୍‌ରେ ଖାତିର କରୁଛନ୍ତି ତାହା ଉପରେ ।

ଦୁର୍ଭାଗ୍ୟକ୍ରମେ ମୋ ସ୍ୱାମୀ ବିନୟଙ୍କର କର୍ମସ୍ଥଳରେ ଥିଲା ଗୋଖାଦ୍ୟ କାରଖାନାଟି । ବିନୟ କାର୍ଯ୍ୟରେ ଯୋଗଦେବା ପରେ ସ୍ୱୟଂ ମିଲ୍ଡ୍ରେଡ୍ ମାଲିକ ଫୋନ୍ କରି ରାଜଧାନୀସ୍ଥିତ ତାଙ୍କ ଗୋଶାଳା ପାଇଁ ବିଭାଗୀୟ ଟ୍ରକ୍‌ରେ ଲଦି ଗାଡ଼ି ଭର୍ତ୍ତି ଗୋଖାଦ୍ୟ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୋ ସ୍ୱାମୀ ଗୋଖାଦ୍ୟ ପଠାଇଥିଲେ ସତ, କିନ୍ତୁ ଗୋଟିଏ ମାରାତ୍ମକ ଭୁଲ୍ କରିଦେଇଥିଲେ । ଗୋଖାଦ୍ୟ ସହିତ ବିଲ୍ଟି ମଧ ପଠାଇ ଦେଇଥିଲେ । ଅପର୍ଯ୍ୟାପ୍ତ ବେତନ ପାଉଥିବା ଏକ ପଦମର୍ଯ୍ୟାଦାସଂପନ୍ନ ଅଫିସର ଯେ ତାଙ୍କର ଗାଭୀମାନଙ୍କର ଖର୍ଚ୍ଚ ସରକାରୀ ପାଣ୍ଠିରୁ କିମ୍ୱା କୌଣସି ଅଧସ୍ତନ କର୍ମଚାରୀଙ୍କ ସ୍ୱଳ୍ପ ଦରମାରୁ ଆଦାୟ କରିବାର ଗୋପନ ଅଭିଳାଷ ହୃଦୟରେ ପୋଷଣ କରିଥିବେ- ଏହା ତାଙ୍କ ମନକୁ ଆସି ନଥିଲା ।

ଯାହାହେଉ, ସାମାନ୍ୟ କେତୋଟି ଟଙ୍କାର ବିଲ୍, ତାହା ମଧ ନିଜର ପ୍ରାଇଭେଟ୍ ଗୋଶାଳା ପାଇଁ ଯେଉଁଠୁ କି ରୀତିମତ୍ ଦୁଗ୍ଧ ବ୍ୟାପାର ହେଉଥିଲା, ଅଚିରେ ପ୍ରମାଣ କରିଦେଲା ଯେ, ମୋ ସ୍ୱାମୀ ଜଣେ ଦାୟିତ୍ୱଜ୍ଞାନହୀନ ଅଫିସର ।

ଅକ୍ଷମଣୀୟ ଅପରାଧଟି ସଂପର୍କରେ ଜାଣିଥିଲୁ ଯା ପର ମାସରେ; ଆମ ସହରକୁ ଗସ୍ତରେ ଆସିଥିବା ସ୍ୱୟଂ ମିଲ୍ଡ୍ରେଡ୍ ମାଲିକଙ୍କ ମୁହଁରୁ । କୁକୁଚି ବିଲ୍ ତଥା ସେ ସଂପର୍କରେ ତାଙ୍କର ଗଭୀର ନିରାଶବୋଧ ବେଶ୍ ସ୍ପଷ୍ଟ ଭାବରେ କଥିତ ଭାଷାରେ ଜାହିର କରିଥିଲେ । କଥା ଶେଷରେ ରାଗ ତମ୍ ତମ୍ ମୁହଁରେ ଚେତାବନୀ

Digitized by srujanika@gmail.com

ଦେଇଥିଲେ 'ଇଫ୍ ଇଓର ସିନିୟର ଅଫିସର୍ସ ଆର୍ ନଟ୍ ପ୍ଲିଜ୍‌ଡ୍, ଇଭନ୍ ଗଡ୍ କାଣ୍ଟ୍ ହେଲ୍ପ ୟୁ'' - ଯଦି ଉପରିସ୍ଥ ହାକିମ ସନ୍ତୁଷ୍ଟ ନୁହନ୍ତି, ସ୍ୱୟଂ ଭଗବାନ ବି ତୁମର ସହାୟ ହେବେନି । କଥାଟି ବିନୟଙ୍କ ଠାରୁ ଶୁଣି ହସିବି ନା କାନ୍ଦିବି ଜାଣିପାରି ନଥିଲି ।

ଅନେକ ଦିନ ଉତ୍ତାରୁ ବିନୟଙ୍କ ପରେ ଉକ୍ତ ଜିଲ୍ଲାର ଦାୟିତ୍ୱ ନେଇଥିବା ଅଫିସର ଜଣକଙ୍କ ଠାରୁ ଶୁଣିଥିଲି - ଗୋଟିଏ ଡିନର୍ ପାର୍ଟିରେ, ଯେ ପ୍ରତି ମାସରେ ମିଲ୍‌ଡ୍ରେଡ୍ ପାଇଁ ଗୋଖାଦ୍ୟ ପଠାଇ ପଠାଇ ସେ ନୟାନ୍ତ ହୋଇଗଲେଣି । ଅଭିଧାନ ବହିର୍ଭୂତ ଭାଷାରେ ଗାଳିଗୁଲଜ କରୁଥିଲେ ମିଲ୍‌ଡ୍ରେଡ୍ ମାଲିକଙ୍କୁ । କିନ୍ତୁ ଉପରିସ୍ଥ ହାକିମ ବିଗିଡ଼ିଯିବା ଭୟରେ ବିଲ୍ ପଠାଇ ପାରୁ ନଥିଲେ । ବରଂ ମିଲ୍‌ଡ୍ରେଡ୍‌ର ଛିଙ୍କ ଭଲ ହେଲାଣି ନା ନାହିଁ, ସେ ସଂପର୍କରେ ନିଜ ବ୍ୟସ୍ତତା ଜାହିର୍ କରୁଥିଲେ ଟେଲିଫୋନ୍‌ରେ ସ୍ୱକଣ୍ଠସ୍ୱରକୁ ଯଥାସମ୍ଭବ କୋମଳ ଓ ସହାନୁଭୂତି-ପ୍ରବଣ କରି ।

ଯାହାହେଉ, ଯା'ପରେ ମିଲ୍‌ଡ୍ରେଡ୍ ମାଲିକଙ୍କର ବିଶ୍ୱାସ ହୋଇଥିଲା ଯେ, ଏଭଳି ଏକ ଦାୟିତ୍ୱଜ୍ଞାନରହିତ ଯୁବକ ଅଫିସର୍, ଯିଏ କି ସାମାନ୍ୟ ଜେଇ ଗାଡ଼ି କୁକୁଚି ସରବରାହର କାମ ନିର୍ବିଘ୍ନରେ ଚଳାଇ ପାରିଲାନି, ମୁଖ୍ୟମନ୍ତ୍ରୀଙ୍କର କନଷ୍ଟିଚୁଏନ୍ସି ଥିବା ପ୍ରଖ୍ୟାତ ଜିଲ୍ଲାଟିର ବିଭାଗୀୟ ଅଧିକାରୀ ରୂପେ ଅବସ୍ଥାପିତ ହେଲେ ତାହା ତାଙ୍କ ପାଇଁ ଆଦୌ ଲାଭଜନକ ନୁହେଁ । ବିଲ୍ ପଠାଇଥିବା ଅକ୍ଷମଣୀୟ ଅପରାଧଟି ମାର୍ଜନା କରିପାରି ନଥିଲେ ଓ ପ୍ରତିଶୋଧ ସ୍ୱରୂପ ଓର ଉଣ୍ଡି ଲାଗିଥିଲେ ପ୍ରଦେଶ ବାହାରକୁ ପଠାଇ ଦେବା ପାଇଁ । ଥରଟିଏ ଡେପୁଟେସନ୍‌ରେ ବିହାର ପଠାଇବା ପାଇଁ ଆପ୍ରାଣ ପ୍ରୟାସ କରି ଅସଫଳ ହୋଇଥିଲେ ମଧ । ତେଣୁ ଯେତେବେଳେ ଆସାମକୁ ଅଲଗା ହୋଇ ମିଜୋହିଲ୍ସ ଜିଲ୍ଲାଟି କେନ୍ଦ୍ରଶାସିତ ଅଞ୍ଚଳ ରୂପେ ଘୋଷିତ ହେଲା ଓ ଅଧିକା କେଇଜଣ ଅଫିସର ୟୁନିୟନ୍ ଟେରିଟୋରୀ କାଡର୍ ପାଇଁ ଦରକାର ପଡ଼ିଲେ, ମିଲ୍‌ଡ୍ରେଡ୍ ମାଲିକ ଆଗ୍ରହର ସହିତ କାଡରେ ବଦଳି ପାଇଁ ବିନୟଙ୍କର ନାଁଟି ସରକାରଙ୍କ ପାଖକୁ ପଠାଇ ଦେଇଥିଲେ । ନାମଟି କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା, ଆମେ ମିଜୋରାଜମ ଆସିଲୁ ଓ ମିଲ୍‌ଡ୍ରେଡ୍‌ର ମାଲିକ ସ୍ୱସ୍ତିରେ ନିଃଶ୍ୱାସ ପକାଇଲେ ।

ମିଜୋରାମ୍‌ରେ ଥିଲୁ ତିନିବର୍ଷ । ତା'ପରେ ବଦଳି ହୋଇ ଆସିଲୁ ଦିଲ୍ଲୀ । ଚାକିରି ଜୀବନର ବାକିତକ ସମୟ ସାଧାରଣ ସୁଖଦୁଃଖ ଭିତର ଦେଇ ସୁରୁଖୁରୁରେ ଦିଲ୍ଲୀରେ କଟିଥିଲା । ତତ୍‌ସହିତ ଏହା ମଧ ପ୍ରମାଣିତ ହୋଇଥିଲା ଯେ, ଉପରିସ୍ଥ ହାକିମ ସନ୍ତୁଷ୍ଟ ନହେଲେସୁଦ୍ଧା, ଭଗବାନ ଅନେକ ସମୟରେ ସହାୟ ହୁଅନ୍ତି ।

Digitized by srujanika@gmail.com

ଦିଲ୍ଲୀରେ ଥିବା ସମୟରେ, ଆସାମ ଛାଡ଼ିବାର ଅନେକ ଅନେକ ବର୍ଷ ପରେ, ଥରେ ଅଚାନକ ମିଲ୍‌ଡ୍ରେଡ୍ ମାଲିକଙ୍କ ସହିତ ଦେଖା ହୋଇଥିଲା । ଚମତ୍କାର ଏକ ଅନୁଭୂତି ।

ରାଜଧାନୀର ଚାଣକ୍ୟପୁରୀସ୍ଥିତ 'ଆସାମ ହାଉସ୍'କୁ ଥରେ ପତିପତ୍ନୀ ଦୁହେଁ ଯାଇଥିଲୁ, ସେଠାରେ ଆସି ପହଞ୍ଚିଥିବା ଆସାମର ବିଦଗ୍ଧ ପଣ୍ଡିତ ଓ ଗୌହାଟୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ମହେଶ୍ୱର ନେଓଗଙ୍କର ଶାରୀରିକ ଅସୁସ୍ଥତାର ଖବର ପାଇ । ଆସାମୀ ସାହିତ୍ୟ ଉପରେ କିଛି ଲେଖାଲେଖି ଓ ଗବେଷଣା କରିଥିଲି । ଡକ୍ଟର ନିୟୋଗଙ୍କ ସହିତ ପରିଚୟ ସେଇ ସୂତ୍ରରୁ । ଉଭୟ ବିନୟଙ୍କୁ ଓ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । ସାଥିରେ ତାଙ୍କର ଯୁବକ ପୁତ୍ର ପ୍ରଣବ ଥିଲା । ଆଦର କରି କଫି ପିଆଇଲା । ଡକ୍ଟର ନେଓଗ୍ ବିଛଣାରେ ଶୋଇ ଶୋଇ ଖୁସି ଗପ କଲେ । ବିଦ୍ୱାନ୍ ମଣିଷଟି ଥିଲେ ଭାରି ଖୁସ୍‌ମିଜାଜିଆ । ଗୋଟିଏ ପୁରୁଣା ମଜାଦାର୍ ଗପ ଶୁଣାଇଲେ ଆମକୁ ।

ଥରେ ଗୌହାଟୀ ବିଶ୍ୱବିଦ୍ୟାଳୟର ଲେଡିଜ୍ ହଷ୍ଟେଲ୍‌ର ଏକ ଉତ୍ସବରେ ଉକ୍ତ ବିଶ୍ୱବିଦ୍ୟାଳୟର ଜଣେ ପ୍ରାକ୍ତନ ଅଧ୍ୟାପକଙ୍କୁ ଝିଅମାନେ ଡାକିଥିଲେ ମୁଖ୍ୟଅତିଥି କରି । ସାମ୍ନା ଫାଟକରେ ତୋରଣ ସଜା ହୋଇଥିଲା, ଅପର୍ଯ୍ୟାପ୍ତ ଆଲୋକମାଳା ସହିତ । ନାତୁଣୀ ବୟସୀ ଝିଅମାନେ ଶଙ୍ଖଧ୍ୱନି କରି, ଅତର ଛିଞ୍ଚି ଓ ଗଜରା ମଲ୍ଲିମାଳରେ ସ୍ୱାଗତ କରି ବୟୋବୃଦ୍ଧ ବ୍ୟକ୍ତି ଜଣଙ୍କୁ ଆଣି ବସାଇଥିଲେ ମଞ୍ଚ ଉପରେ । ଯେତେବେଳେ ଅଭିଭାଷଣର ସମୟ ଆସିଲା, ଅଧ୍ୟାପକ ଜଣଙ୍କ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ''ଆଜି ତମେ ନାତୁଣୀମାନେ ମିଶି ଏତେ ଜାକଜମକରେ ମୁଖ୍ୟ ଫାଟକ ଦେଇ ମତେ ପାଛୋଟି ଆଣିଲ, ମୋ' ମନ କିନ୍ତୁ ମୋଟେ ଖୁସି ନୁହଁ । ଲେଡିଜ୍ ହଷ୍ଟେଲ୍‌କୁ କଅଣ ଏମିତି ଆସିବାକୁ ହୁଏ ? ଲେଡିଜ୍ ହଷ୍ଟେଲ୍‌କୁ ଆସିବାକୁ ହୁଏ ରାତି ଅନ୍ଧାରରେ, ଛପି ଛପି, ପାଚେରି ଡେଇଁ । ସେ ମଜା ଏଥିରେ କାଇଁ ?'' କହିବା ବାହୁଲ୍ୟ, ନାତୁଣୀମାନେ କୁର୍ କୁର୍ ହସି କରତାଳି ସହିତ ବକ୍ତବ୍ୟଟିକୁ ସ୍ୱାଗତ କରିଥିଲେ ।·

ଦ୍ୱିତୀୟରେ ଉକ୍ତ ଦିବସର କାର୍ଯ୍ୟସୂଚୀ ଛପା ହୋଇଥିବା କାଗଜଟିରେ 'ମୁଖ୍ୟଅତିଥି' ସ୍ଥାନରେ 'ମ'ରେ ହ୍ରସ୍ୱ 'ଉ' ନହୋଇ ଭୁଲ୍‌ରେ ଦୀର୍ଘ 'ଊ' ଛପା ହୋଇ ଯାଇଥିଲା । ଅଧ୍ୟାପକ ତାହାକୁ ଦେଖାଇ କହିଥିଲେ, ''ମୋର ଭାଗ୍ୟ ଭଲ । ମୁଁ ଅଳ୍ପକେ ରକ୍ଷା ପାଇ ଯାଇଛି । ପ୍ରେସ୍‌ବାଲା କେବଳ 'ମ'କୁ ଆକ୍ରମଣ କରି ସେଇଠି ଅଟକି ଯାଇଛି । 'ଖ' ପର୍ଯ୍ୟନ୍ତ ପହଞ୍ଚି ପାରିନି । ଯଦି 'ଖ'ର 'ଯ' ଫଳା ସ୍ଥାନରେ ରେଫଟିଏ ଦେଇ ଦେଇଥାଆନ୍ତା ତା'ହେଲେ ମୋ କଥା ସରିଥିଲା । 'ମୁଖ୍ୟ'

Digitized by srujanika@gmail.com

ଅତିଥି ସ୍ଥାନରେ ମୁଁ ହୋଇ ଯାଇଥାଆନ୍ତି 'ମୂର୍ଖ' ଅତିଥି । ବକ୍ତୃତାଟି କୁଆଡ଼େ ବେଶ୍ ଜମିଥିଲା ।

ଡକ୍ଟର ନେଓଗଙ୍କର ପାଖ ପ୍ରକୋଷ୍ଠଟିରେ କୌଣସି କାର୍ଯ୍ୟରେ ଦିଲ୍ଲୀ ଆସି ରହୁଥିଲେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଶ୍ରୀ ଭବେନ୍ ସାଇକିଆ, ଯିଏ କି ପଦାର୍ଥ ବିଜ୍ଞାନୀ ଅପେକ୍ଷା ଏକ ସଫଳ ସିନେମା ନିର୍ଦ୍ଦେଶକ ହିସାବରେ ବେଶୀ ପରିଚିତ ଓ ପ୍ରଶଂସିତ । ତାଙ୍କ ନିର୍ଦ୍ଦେଶନାରେ ଏକାଧିକ ଆସାମୀ ସିନେମା ନିର୍ମିତ ହୋଇ ପୁରସ୍କୃତ ହୋଇଛି । କମର୍ସିଆଲ୍ ସିନେମାରୁ ହଟି କରି ସ୍ତ୍ରୀ ଚରିତ୍ରର ପ୍ରାଧାନ୍ୟ ଥିବା ଚମତ୍କାର ଜୀବନଧର୍ମୀ ସିନେମା ନିର୍ମାଣ କରିଛନ୍ତି । ସିଗ୍ରେଟ୍ ପେପର୍‌ରେ ଟବାକୋ ରଖି ମୋଡୁ ମୋଡୁ ଢ଼ିଲା ପାଇଜାମା ଓ ଆଡମଇଲା ବୁସ୍ ସାର୍ଟ ପିନ୍ଧା ଅଧ୍ୟାପକ ସାଇକିଆ ଖୁସି ଗପରେ ଯୋଗଦେଲେ । ସଂଧ୍ୟାଟି ଥିଲା ଭାରି ମନୋରମ ।

ବିନୟ ଓ ମୁଁ ଅଧ୍ୟାପକ ନେଓଗଙ୍କ ଠାରୁ ବିଦାୟ ନେଇ ଫେରୁଥିବୁ, ସାମ୍ନା ଲାଉଞ୍ଜରେ ଅନେକ ଅନେକ ବର୍ଷ ପରେ ଭେଟ ହେଲା ମିଲ୍‌ଡ୍ରେଡ୍ ମାଲିକଙ୍କ ସହିତ । ଅବସରପ୍ରାପ୍ତିର ବହୁତ ବର୍ଷ ହୋଇ ଯାଇଥିଲା । ପଦମର୍ଯ୍ୟାଦା ସଂପନ୍ନ ଚୌକିରେ ବସିଥିଲେ, ପୌରୁଷକାରର ଏକ ଉଜ୍ଜ୍ୱଳ ଦୀପ୍ତିର ପ୍ରତିଫଳନ ସାଧାରଣତଃ ମଣିଷ ମୁହଁରେ ଦେଖାଯାଏ । ଚାକିରି ସରିଯିବା ସହିତ ଉକ୍ତ ଦୀପ୍ତିର ଅବସାନ ଘଟିଥିଲା ଓ ମୁହଁଟି ଦିଶୁଥିଲା ଫାକାସିଆ । ବିନୟଙ୍କୁ ଚିହ୍ନିଲେ ଓ ପ୍ରସନ୍ନ ଚିତ୍ତରେ କରମର୍ଦ୍ଦନ କରି କାନ୍ଧରେ ହାତ ପକାଇ କୁଶଳାଦି ଜିଜ୍ଞାସା କରିଥିଲେ । ମୋ ଆଡ଼କୁ ଅନାଇଁ ମୁରୁକି ହସି ଶୁଭସଂଧ୍ୟା ଜଣାଇ କହିଲେ, ''ହାଓ ଆର୍ ୟୁ ମିସେସ୍ ମିଶ୍ର ? ଆଣ୍ଡ ହାଓ ଇଜ୍ ଇଓର୍ ସନ୍ ?''

ଶୁଭସଂଧ୍ୟାର ପ୍ରତ୍ୟୁତ୍ତର ଜଣାଇ କହିଥିଲି ଯେ, ମୋ ପୁଅ ଦିଲ୍ଲୀର ଏକ ଉଚ୍ଚମାନର ବିଦ୍ୟାଳୟରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ଭାରତର ଏକ ପ୍ରଖ୍ୟାତ ଇଞ୍ଜିନିୟରିଂ କଲେଜରେ ଅଧ୍ୟୟନରତ । ସାଥିରେ ଏ କଥାଟି ବି ଯୋଡ଼ିଥିଲି ଯେ, ''ଏଥିପାଇଁ କିନ୍ତୁ ଆପଣ ଧନ୍ୟବାଦାର୍ହ । କାରଣ ବିନୟଙ୍କୁ ଆପଣ ୟୁନିୟନ୍ ଟେରିଟୋରୀ ପଠାଇ ନଥିଲେ ହୁଏତ ଆସାମର କୌଣସି ଏକ ଅନାମଧେୟ କଲେଜରେ ବର୍ତ୍ତମାନ ମୋ ପୁଅ ପଢୁଥାଆନ୍ତା । ଜୀବନର ଗତିପଥ ତା'ର ହୋଇଥାଆନ୍ତା ସଂପୂର୍ଣ୍ଣ ଭିନ୍ନ ।''

ଉତ୍ତରଟି ଶୁଣି ଭଦ୍ରଲୋକ କିଛି ସମୟ ପାଇଁ ଥତମତ ହୋଇଗଲେ ଓ ତାଙ୍କ ମୁହଁରୁ ଅନ୍ୟ କୌଣସି କଥା ପଦଟି ନଥିଲା । ଓଠରେ ଲାଖି ରହିଥିବା ସୌଜନ୍ୟମୂଳକ ହସ ସତ୍ତ୍ୱେ, ମୁହଁଟି ଦିଶିଥିଲା ବେଶ୍ କଳା ଓ ନିଷ୍ପ୍ରଭ । ନିଷ୍ଠିତ

Digitized by srujanika@gmail.com

ରୂପେ ମନେ ପଡ଼ି ଯାଇଥିଲା ଗୋଖାଦ୍ୟ ବିଲ୍ର ଅପରିସୀମ ଲଜ୍ଜାଜନକ କାହାଣୀ, ଆମକୁ ମିଜୋରାମ୍ ପଠାଇଥିବା ପ୍ରତିହିଂସାମୂଳକ ଉପାଖ୍ୟାନ ।

ମିଜୋରାମ ବର୍ତ୍ତମାନ ଭାରତବର୍ଷର ଏକ ସ୍ୱୟଂସଂପୂର୍ଣ୍ଣ ପ୍ରଦେଶ । ଶୁଣିବାକୁ ପାଇଛି ରାଜଧାନୀ ଆଇଜଲ୍ ଏବେ ଆଧୁନିକ ବ୍ୟବସ୍ଥା ସଂପନ୍ନ ଏକ ଉନ୍ନତ ସହର । ଛବିଶ ବର୍ଷ ଆଗେ, ଊଣେଇଶ ଶହ ବାସ୍ତରୀ ମସିହାରେ ଆମେ ଯେତେବେଳେ ପ୍ରଥମେ ମିଜୋରାମ ଯାଇଥିଲୁ, ସେତେବେଳେ ଏଠାକାର ଅବସ୍ଥା କିନ୍ତୁ ଥିଲା ବେଶ୍ ସଂକଟାପନ୍ନ । ମୁଖ୍ୟତଃ ଥିଲା ଉଗ୍ରପନ୍ଥୀମାନଙ୍କର ହିଂସାତ୍ମକ କାର୍ଯ୍ୟକଳାପ ତଥା ନରହତ୍ୟାରେ ବେଶ୍ ସରଗରମ ଏକ ପାହାଡ଼ୀ ଇଲାକା ।

ମିଜୋହିଲ୍ସ ଥିଲା ଆସାମର ଏକ ଅନୁନ୍ନତ ପାହାଡ଼ୀ ଜିଲ୍ଲା । ସାଧାରଣ ଜୀବନ ଯାପନର ଉପକରଣ, ପାଣି, ବିଜୁଳି ତଥା ଯାତାୟାତର ଉତ୍ତମ ପ୍ରବନ୍ଧ ନଥିଲା ଓ ସେଠାରେ ନିଯୁକ୍ତି ପତ୍ର ପାଇଲେ, ଆସାମର ଅଫିସରମାନେ ତାହାକୁ ଏକ ଦଣ୍ଡ ବୋଲି ମଣୁଥିଲେ । ଚାରିପଟେ ବାଙ୍ଗଲାଦେଶ, ତ୍ରିପୁରା, ମଣିପୁର ଓ ବର୍ମା । ଆସାମ ସହିତ ଜନ୍ମର ଫୁଲନାଡଟି ଲାଗିଥିଲା କେବଳ ଗୋଟିଏ ଅପ୍ରଶସ୍ତ, ଅଙ୍କାବଙ୍କା, ଭଗ୍ନପ୍ରାୟ ସଡ଼କ ରୂପରେ । ଶିଲଚର ଠାରୁ ଆଇଜଲ୍ ପର୍ଯ୍ୟନ୍ତ । ଦୁର୍ଭେଦ୍ୟ ଓ ଭୟାନକ ଉଠାଣିର ଘାଟି ରାସ୍ତାଟି ବର୍ଷାଦିନେ ପାହାଡ଼ ଧସି ଅନେକ ସମୟରେ ବନ୍ଦ ରହୁଥିଲା ମଧ୍ୟ । ଚେହେରା,ଭାଷା, ସଂସ୍କୃତି, ଖାଦ୍ୟପେୟ, ବେଶଭୂଷା-ସବୁଥିରେ ମିଜୋମାନେ ଥିଲେ ବ୍ରହ୍ମପୁତ୍ର ଉପତ୍ୟକାର ଅଧିବାସୀମାନଙ୍କ ଠାରୁ ଭିନ୍ନ । ଚେପ୍ଟା ମୁହଁ, ହରିଦ୍ରାର ରଙ୍ଗ, ଅନୁନ୍ନତ ନାସିକା, ସରୁ ଈଷତ୍ ଉପରକୁ ଟଣା ଆଖି, ଉଚ୍ଚ ହନୁହାଡ଼-ମିଜୋମାନଙ୍କର ଚେହେରାର ସାମଞ୍ଜସ୍ୟ ଥିଲା ବର୍ମିଜ୍‌ମାନଙ୍କ ସହିତ । ମହିଳାମାନଙ୍କର ପୋଷାକ, ହାତବୁଣା ଫୁଲପକା ସୂତାଲୁଙ୍ଗି (ପୋଆନ୍) ଓ ଢ଼ିଲା ବ୍ଲାଉଜ୍ - ମଧ୍ୟ ଥିଲା ବର୍ମିଜ୍ ମହିଳାମାନଙ୍କର ପୋଷାକ ଅନୁରୂପ । ପ୍ରାୟ ସଭିଏଁ ଥିଲେ ଖ୍ରୀଷ୍ଟଧର୍ମାବଲମ୍ବୀ ।

ଆମେ ଯିବାର କେଇବର୍ଷ ଆଗରୁ ମିଜୋ ଗରିଲାମାନେ ଯୁଦ୍ଧ କରି ଆସାମ ତଥା ଭାରତବର୍ଷ ଠାରୁ ଅଲଗା ହୋଇଯିବାକୁ ଚାହୁଁଥିଲେ । ମଝିରେ ଥରେ ଶ୍ରୀ ଲାଲ୍‌ଡେଙ୍ଗାଙ୍କ ନେତୃତ୍ୱରେ ମିଜୋ ନାସନାଲ୍ ଫ୍ରଣ୍ଟ୍ ଉଗ୍ରପନ୍ଥୀମାନେ ବେଶ୍ ସକ୍ରିୟ ହୋଇ ମିଜୋହିଲ୍ସର ବିଭିନ୍ନ ସରକାରୀ ଦପ୍ତର ଇତ୍ୟାଦି ଆକ୍ରମଣ କରି ସ୍ଥାନଟିର ପରିଚାଳନା ଦାୟିତ୍ୱ ନିଜ କରାୟତ୍ତକୁ ମଧ୍ୟ ନେଇ ଆସିଥିଲେ । ଆସାମ ସରକାର ଏତାଦୃଶ ଅବସ୍ଥାରେ କିଂକର୍ତ୍ତବ୍ୟବିମୂଢ଼ ବୋଧ କରିଥିବାରୁ ଭାରତ ସରକାର ସେଠାକୁ ଅପର୍ଯ୍ୟାପ୍ତ ସାମରିକ ବାହିନୀ ପଠାଇଥିଲେ ଓ ଅବସ୍ଥା ଅନେକାଂଶରେ ସୁଧୁରିଥିଲା ।

Digitized by srujanika@gmail.com

ଆତ୍ମଗୋପନକାରୀ ମିଜୋ ଉଗ୍ରପନ୍ଥୀମାନେ ସ୍ୱଭାବତଃ ନିବିଡ଼ ଜଙ୍ଗଲ ଭିତରେ ଥିବା ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକରେ ଲୁଚି ରହୁଥିଲେ । ଗ୍ରାମବାସୀମାନଙ୍କ ଠାରୁ ସାହାଯ୍ୟ ପାଉଥିଲେ ମଧ୍ୟ । ଭାରତୀୟ ସାମରିକ ବାହିନୀ ଏହା ବନ୍ଦ କରିବା ପାଇଁ ଅଗମ୍ୟ ପାହାଡ଼ୀ ଗ୍ରାମଗୁଡ଼ିକ ଭାଙ୍ଗିଦେଇ ମୁଖ୍ୟ ରାସ୍ତାର ଦୁଇକଡ଼ରେ ଗ୍ରୁପ୍‌ସେଣ୍ଟରମାନ ନିର୍ମାଣ କରି ଲୋକମାନଙ୍କୁ ଥଇଥାନ କରିଥିଲେ । ଗ୍ରୁପ୍‌ସେଣ୍ଟରଗୁଡ଼ିକର ପରିଚାଳନା ସାମରିକ ବାହିନୀ ତଥା ସରକାରୀ ଅଧିକାରୀମାନଙ୍କ ନିୟନ୍ତ୍ରଣରେ ରହୁଥିଲା । ଏହା ସତ୍ତ୍ୱେ ବି ବିଦ୍ରୋହର ବହ୍ନି ଧିକି ଧିକି ହୋଇ ଜଳୁଥିଲା ମିଜୋହିଲ୍ସ ଛାତିରେ । ଶେଷପର୍ଯ୍ୟନ୍ତ ଆସାମଠାରୁ ଏହାକୁ ଅଲଗାକରି କେନ୍ଦ୍ର ସରକାର ଏହାକୁ ଉଣେଇଶ ଶହ ବାସ୍ତରୀ ମସିହାରେ ୟୁନିୟନ୍ ଟେରିଟୋରୀ ବା କେନ୍ଦ୍ରଶାସିତ ଅଞ୍ଚଳ ରୂପେ ଘୋଷଣା କରିଥିଲେ । ନୂତନ ନାମକରଣ ହୋଇଥିଲା 'ମିଜୋରାମ୍' । ମିଜୋ ଭାଷାରେ 'ରାମ୍' ମାନେ ଦେଶ । ଆମେ ଗଲାବେଳକୁ ମିଜୋରାମର ପ୍ରଚ୍ଛଦପଟର କାହାଣୀ ଥିଲା ଏଇଭଳି ।

ସେତେବେଳେ ମିଜୋରାମ୍ ଯିବାକୁ ହେଲେ, ଆସାମର ଶିଲ୍‌ଚରସ୍ଥିତ ଏହାର ଏକ ଦପ୍ତରରୁ ଆଜ୍ଞାପତ୍ର ବା ଇନର୍ ଲାଇନ୍ ପରମିଟ୍ ନେବାକୁ ପଡୁଥିଲା । ମିଜୋରାମ୍‌ରେ ଥିଲା ତିନୋଟି ଜିଲ୍ଲା । ଆଇଜଲ୍, ଲୁଙ୍ଗଲେ ଓ ଚିମ୍‌ତୁଇପୁଇ । ଏକମାତ୍ର ଆଇଜଲ୍ ହିଁ ସଂଯୁକ୍ତ ଥିଲା ରାସ୍ତା ଦ୍ୱାରା ଶିଲ୍‌ଚର୍ ସହିତ । ଅନେକ ସମୟରେ ଏଇ ରାସ୍ତାର ଦୁଇକଡ଼ରେ ପାହାଡ଼ ତୀଖରେ ଛକି ବସି ଉଗ୍ରପନ୍ଥୀମାନେ ଚଳନ୍ତା ଯାନବାହନ ଉପରେ ଗୁଳି ବର୍ଷଣ କରୁଥିଲେ । ତେଣୁ ଆଗରେ ଓ ପଛରେ ସାମରିକ ବାହିନୀର ଗାଡ଼ି ଜଗୁଆଳ ରୂପେ ରଖି ଯାନବାହନ ସବୁ ଏକତ୍ର 'କନ୍‌ଭୟ'ରେ ଯାତ୍ରା କରୁଥିଲେ । ଏକୁଟିଆ କେହି ଯିବାକୁ ସାହସ କରୁନଥିଲେ । ଆମ୍ଭେମାନେ ଥିବା ସମୟରେ ମିଜୋରାମ୍‌ର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଶ୍ରୀ ଶାନ୍ତିପ୍ରିୟ ମୁଖାର୍ଜୀଙ୍କ ଗାଡ଼ି ଉପରେ ଏହି ରାସ୍ତାରେ ଏମ୍.ଏନ୍.ଏଫ୍. ଉଗ୍ରପନ୍ଥୀମାନେ ଗୁଳିଚାଳନା କରିଥିଲେ । ଶ୍ରୀ ମୁଖାର୍ଜୀଙ୍କ ସିକ୍ୟୁରିଟି ଅଫିସରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଶ୍ରୀ ମୁଖାର୍ଜୀଙ୍କ ଦେହରେ ଗୁଳି ଲାଗିଥିଲେ ସୁଦ୍ଧା ସୌଭାଗ୍ୟବଶତଃ ସେ ବଞ୍ଚି ଯାଇଥିଲେ । ଚିକିତ୍ସା ହେବାପାଇଁ ଯାଇଥିଲେ କଲିକତା । ଆରୋଗ୍ୟ ଲାଭପରେ ଆଉ ମିଜୋରାମ୍ ଫେରି ନଥିଲେ ଓ କଲିକତା ଠାରେ କାର୍ଯ୍ୟଭାର ଶ୍ରୀ ଛିବ୍‌ବର୍‌ଙ୍କୁ ହସ୍ତାନ୍ତର କରିଥିଲେ ।

ଶିଲ୍‌ଚର୍ ଛାଡ଼ିଲୁ ବ୍ରେକ୍‌ଫାଷ୍ଟ ଖାଇସାରି । ଅନବରତ ପାହାଡ଼ ଉଠାଣି । ଶିଲ୍‌ଚର୍ ଓ ଆଇଜଲ୍ ମଝିରେ ସାନ ପାହାଡ଼ୀ ସହର ଦିଓଟି- ଭାରାଙ୍ଗଟେ ଓ କୋଲାସିବ୍ । ପାହାଡ଼ ଚାରିପଟେ ବୁଲିବୁଲି ଅଣଓସାରିଆ ସର୍ପିଳ ରାସ୍ତା । ଚକ

Digitized by srujanika@gmail.com

ସାମାନ୍ୟ ଏପଟ ସେପଟ ହେଲେ ତୀକ୍ଷ୍ଣ ପାହାଡ଼ ତଳକୁ ଧାବିତ ହେବ ଗାଡ଼ିଟି । ଦିଗନ୍ତ ପ୍ରସାରୀ ମିଜୋହିଲ୍ସର ପର୍ବତଶ୍ରେଣୀ । ମଝିରେ ମଝିରେ ପଥର ପେଟ ଚିରି ବହି ଯାଉଥିବା ଝିରି ଝିରି ସରୁ ଝରଣା । ସ୍ଫଟିକ ଧାର ପରି ଜଳସ୍ରୋତ । ଜଙ୍ଗଲୀ ଲତାରେ ଫୁଟିଥିବା ବାଇଗଣୀ ଫୁଲ, କଟା ହୋଇଥିବା ପାହାଡ଼ର ବୁକୁ ଫଟାଇ ଗଜୁରିଥିବା ନାନା ଜାତୀୟ ଗୁଳ୍ମ, ଫର୍ଣ୍ଣ ଓ ଅର୍କିଡ୍, ଗ୍ରୁପ୍ ସେଣ୍ଟରର ପିଣ୍ଡାରେ କାର୍ଯ୍ୟରତ ମା'ର ପିଠିରେ ଫୁଲ୍‌ପକା ଗାମୁଛାରେ ବନ୍ଧା ହୋଇଥିବା ସୁସ୍ଥ, ଅପରିଚ୍ଛନ୍ନ ଶିଶୁ । ଆଇଜଲ୍ ପହଞ୍ଚିଲା ବେଳକୁ ଗୋଧୂଳି ଉତ୍ତୀର୍ଣ୍ଣ ।

ସୂର୍ଯ୍ୟ ବୁଡ଼ିଗଲେ ଉଚ୍ଚ ଉଚ୍ଚ ପର୍ବତ ଶିଖର ପଛପଟେ ସ୍ୱଚ୍ଛ ଆକାଶକୁ ନିଜ ବର୍ଣ୍ଣବିଭାରେ ମହିମାମଣ୍ଡିତ କରି । ଆଉ ଠିକ୍ ତା' ପରେ ପରେ ଚଟ୍ କରି ଘନେଇ ଆସିଲା ଅନ୍ଧକାର । ସବୁଜାଭ ପାହାଡ଼ ସବୁ କୃଷ୍ଣକାୟ ଦୈତ୍ୟର ରୂପ ନେଇ ଠିଆ ହୋଇ ରହିଲେ ବାଟ ଓଗାଳି ।

ଚାରିଆଡ଼େ ଏକ ଅଦ୍ଭୁତ ଭୟସଂକୁଳ ନିସ୍ତବ୍ଧତା । ଉଗ୍ରପନ୍ଥୀମାନଙ୍କର ହିଂସାତ୍ମକ କାଣ୍ଡ ଯୋଗୁଁ ସନ୍ଧ୍ୟା ପରେ ସାରା ଇଲାକାଟିରେ କର୍ଫ୍ୟୁ ଥିଲା,ନଥିଲା ବି କୋଳାହଳମୁଖର ଜନସମାଗମ । ପାହାଡ଼ୀ ଗ୍ରାମ୍ୟ ସହରଟିର ଅଳ୍ପାଂଶ ବାଦ୍ ଦେଲେ ବାକି କେଉଁଠି ବିଜୁଳି ସରବରାହ ନଥିଲା । ଏଠି ସେଠି ଡାହାଣୀ ଆଲୁଅ ପରି ଟିମ୍ ଟିମ୍ ଦୀପଶିଖା ଆଉ ମାଇଲ୍ ମାଇଲ୍ ଧରି ଆଖି ଅପହଞ୍ଚ ଦୂର ପାହାଡ଼ ପର୍ଯ୍ୟନ୍ତ ଧକ୍ ଧକ୍ ସାନ୍ଦ୍ର ଅନ୍ଧକାର । ସତେ ଅବା ଛୁରୀର ଫଳକରେ ଖଣ୍ଡ ଖଣ୍ଡ କରି କାଟିହେବ ସେ ଘନ ଜମାଟବନ୍ଧା ତମିସ୍ରା ।

କେଜାଣି କାହିଁକି ଅନିଶ୍ଚିତ ଲାଗିଲା ଭାରି । ସାମାନ୍ୟ ଭୀତିମିଶା ଅନିଶ୍ଚିତତା । ଇଏ କେଉଁଠି ଆସି ପହଞ୍ଚିଲି ମୁଁ ?

ବିନୟ ବୋଧହୁଏ ବୁଝିପାରିଲେ ମୋ ବିବ୍ରତ ମନର ଦୋଳନ । ଗାଡ଼ିରୁ ଓହ୍ଲାଇବା ଆଗରୁ ହାତ ଉପରେ ହାତ ରଖିଲେ । ଅତ୍ୟନ୍ତ କୋମଳ ଓ ସବାକ୍ ଥିଲା ସେ ସ୍ପର୍ଶ । ସେ ସ୍ପର୍ଶ ସତେ ଅବା କାନରେ କହିଗଲା, ''ଭୟ ନାହିଁ,ମୁଁ ଅଛି ପାଖରେ ।''

■ ■ ■

ସେପ୍ଟେମ୍ବର ୧୯୯୮

Digitized by srujanika@gmail.com

# ହ୍ୱିସ୍କି, ଜୁଲୁ ଓ ଇରାବତୀ

ସିହ୍ନା ଭଲ ପାଉଥିଲା ହ୍ୱିସ୍କି, ଜୁଲୁ ଏବଂ ଇରାବତୀଙ୍କୁ, ଅବଶ୍ୟ ଠିକ୍ ସେଇ କ୍ରମରେ ନୁହେଁ। ହ୍ୱିସ୍କି ଥିଲା ସିନ୍ହାର ପ୍ରଥମ ପ୍ରେମ। ଇରାବତୀଙ୍କର ଆଗମନ ତା' ଜୀବନରେ ଅନେକ ପରେ। ଆଉ ଜୁଲୁ ତା' ପାଖକୁ ଆସିଥିଲା ଅଳ୍ପ ସମୟ ପାଇଁ। ବର୍ଷେ ହେବ କି ନହେବ।

ସିନ୍ହା ସାଥିରେ ମୋର ପ୍ରଥମ ପରିଚୟ ଜୁଲୁ ମାଧମରେ ଏବଂ ବେଶ୍ ନାଟକୀୟ ଭାବେ। ବିନୟ ଓ ମୁଁ ଡିଫୁରୁ ଫେରିଥାଉ। ଡିଫୁ ସେତେବେଳେ ଥିଲା ଆସାମର ନର୍ଥକାଚାର ଓ ମିକିର ହିଲ୍ସ ଜିଲ୍ଲାର ହେଡ୍‌କ୍ୱାର୍ଟର। ବିନୟ ଯାଇଥିଲେ ରିକ୍ରୁଟ୍‌ମେଣ୍ଟ ପାଇଁ। ମତେ ସାଥିରେ ନେଇଯାଇଥିଲେ।

ଆମେ ଆସି ଠିକ୍ ପହଞ୍ଚି ସଂଧ୍ୟାବେଳେ ଚା' ଖାଇବାକୁ ଯାଉଛୁ, ହଠାତ୍ ଗୋଟିଏ ନିହାତି କୁନି କୁକୁର ଛୁଆ-କୁତ୍ କୁତ୍ କଳା ଓ ଶୀର୍ଣ୍ଣକାୟ - ଖୋଲା ଦରଜା ଦେଇ ବୁଲେଟ୍ ଗତିରେ ଆସି ଆମ ଖଟତଳେ ପଶିଗଲା ଓ ଜାକିଜୁକି ହୋଇ ଗୋଟିଏ କଳାପେଣ୍ଡୁର ଆକାର ଧାରଣ କରି ନବବଧୂସୁଲଭ ଲଜ୍ଜାରେ ଘାଣ୍ଡୁ ହୋଇ କଣିକିଆ ଅନ୍ଧାରୁଆ ଜାଗାଟିରେ ବସି ରହିଲା। ଘଟଣାଟି ଘଟିଲା ନିତାନ୍ତ ଅପ୍ରତ୍ୟାଶିତ ଭାବେ। ଏବଂ ଠିକ୍ ତା' ପରେ ମେସ୍‌ର ରାନ୍ଧୁଣିଆ କଲିଆ - ସମଭାବରେ କୁତ୍‌କୁତ୍ କଳା ଓ ଶୀର୍ଣ୍ଣକାୟ - ତା'ର ମାଇଚିଆ ଅନୁନାସିକ ସ୍ୱରରେ ଜୁଲୁ, ଜୁଲୁ ଡାକି ପର୍ଦ୍ଦା ବାହାରେ ଆସି ଠିଆହେଲା।

ଆମେ ସାତଦିନ ଆଗରୁ ଯେତେବେଳେ ଅଫିସର୍ସ ମେସ୍ ଛାଡ଼ି ଯାଇଥିଲୁ ସେତେବେଳେ କୌଣସି କୁକୁରଛୁଆର ଚିହ୍ନବର୍ଣ୍ଣ ନଥିଲା ସେଠି। ଏଇ ନୂତନ ଅତିଥିଙ୍କର ଆବିର୍ଭାବ ଏବଂ କଲିଆର ତା' ପ୍ରତି ହୃଦ୍ୟତା - ଦୁଇଟିଯାକ ଘଟଣା ଆମ ପାଇଁ ଥିଲା ବିସ୍ମୟକର।

କା' କୁକୁର ଏଇଟା ? ବିନୟ ପଚାରିଲେ।

''ଏଇଟୁ ସିନ୍ହା ସାହାବର କୁକୁର ପୋଆଲୀ ସାବ୍'', ଆସାମୀ ଭାଷାରେ ମିଁ ମିଁ କରି କଲିଆ ଜବାବ୍ ଦେଲା।

''ସିନ୍ହା ସାହେବ ?''

Digitized by srujanika@gmail.com

''ହଁ ସା'ବ୍ । ଆପୁନି ଯେଚିଆ ଡିଫୁ ଗଇସିଲ୍ ସିନ୍ହା ସାହେବ ଆହି ଫୋର୍ଥ ବଟାଲିୟନତ୍ ଜଏନ୍ କରିସେ । ମେସତ୍ ଦୁଇନମ୍ବର ରୁମତ୍ ଆସେ ସା'ବ୍ ।'' ଆଟେନସନ୍ ଭଙ୍ଗୀରେ ଠିଆହୋଇ କଲିଆ ଉତ୍ତର ଦେଲା ।

''ସିନ୍ହା କିଏ ?'' ମୁଁ ବିନୟଙ୍କୁ ପଚାରିଲି । ବାହାଘର ପରେ ପରେ ମୁଁ ଆସାମ ଯାଇଥାଏଁ । ପ୍ରାୟ ଅଫିସରଙ୍କ ନାଁ ବି ଜାଣିନଥାଏ ।

''ଆଲୋକ ସିନ୍ହା - ବିହାରର । ମୋ'ଠୁ ବର୍ଷେ ଜୁନିୟର । ଆମେ ନଥିଲା ବେଳେ ଆସି ଜଏନ୍ କରିଚି ବୋଧେ ।'' ଅନ୍ୟମନସ୍କ ଭାବରେ ବିନୟ ବୁଝାଇ ଦେଲେ ।

ଡେରଗାଓଁ ସାନ ସହରଟି ଆସାମର ଶିବସାଗର ଜିଲ୍ଲାରେ । ସେତେବେଳେ ସହରଟି ପାଞ୍ଚଟି ସଶସ୍ତ୍ର ଆସାମ ପୋଲିସ୍ ବାହିନୀର ହେଡ୍‌କ୍ୱାର୍ଟର ଥିଲା । ଆସାମର ପୋଲିସ୍ ଟ୍ରେନିଂ କଲେଜଟି ମଧ୍ୟ ଥିଲା ଏଇଠି ।

ଯାହାହେଉ, ଯା ପରେ କଲିଆ ଚରମ ହାସ୍ୟୋଦ୍ଦୀପକ ଭଙ୍ଗୀରେ ଯୋଡ଼ାଖଟ ତଳେ ଗୁରୁଣ୍ଡି ଗୁରୁଣ୍ଡି ଓ ଅନେକ ସ୍ତୋକବାକ୍ୟରେ ଆପ୍ଲୁତ କରି ପେଣ୍ଟୁଟିକୁ ହସ୍ତଗତ କଲା ଓ ଦୁଇହାତରେ ତାକୁ ଜାବୁଡ଼ିଧରି ବାହାରକୁ ନେଇଯାଇଥିଲା । କୁକୁରଟି କିନ୍ତୁ ମୋତେ ବିଲ୍‌କୁଲ୍ କୁକୁର ପରି ଲାଗିଲାନି । ଏକଦମ୍ ଲାଜକୁଳା ଓ ଡରୁଆ । ଅନ୍ୟ ଯେକୌଣସି ପଶୁ ସେ ହୋଇପାରି ଥାଆନ୍ତା, କିନ୍ତୁ କୁକୁର କଦାଚନ ନୁହେଁ ।

ବିନୟ ଓ ମୁଁ ଚା' ପିଇଲୁ । କଲିଆ ଯିବାର ପାଞ୍ଚ ମିନିଟ୍ ହୋଇଛି କି ନାଇଁ ପର୍ଦ୍ଦା ଠେଲି ଜଣେ ଯୁବକ, ଅଳ୍ପ ଥଙ୍ଗେଇ ଥଙ୍ଗେଇ ସଙ୍ଗୀତମୟ ଭାବରେ 'ଗୁଡ୍‌ଇଭିନିଂ ସାର' କହି ଓ କରମର୍ଦ୍ଦନ ପାଇଁ ଉଦ୍ୟତ ହେଇଥିବା ଡାହାଣ ହାତଟିକୁ ବଢ଼ାଇ ଘର ଭିତରକୁ ପଶି ଆସିଲେ ଓ କୁକୁର ଛୁଆଟିର ଅଭଦ୍ର ଆଚରଣ ଯୋଗୁଁ କ୍ଷମାପ୍ରାର୍ଥନା କଲେ । ମୁଁ ଚା' କପ୍‌ଟି ତଳେ ଥୋଇଦେଇ ସାନପିଲାଙ୍କ ପରି ସୁଦୃଶ୍ୟ ଆଁ ଟିଏ କରି ଭଦ୍ରଲୋକଙ୍କ ମୁହଁକୁ ବଲବଲ କରି ଅନାଇ ଲାଗିଲି ଓ ଆଖି ଫେରାଇବାକୁ ଭୁଲିଗଲି । କାରଣଟି ଥିଲା ମଜାର ।

ସିନ୍ହା ଥିଲା ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣର । ନହକା ବାଉଁଶକଣି ପରି ସିଧା ସଳଖ ଚେହେରା । ଦେହ ମୁଣ୍ଡ କୋରିଆଣିଲେ ବି ପଲେ ଚର୍ବି ବାହାରିବନି । ମୁଣ୍ଡର ବାଳସବୁ ଝିଙ୍କ କାଠି ପରି ଠିଆ ଠିଆ ଯାହାକି ପ୍ରାୟ ଚାରିଇଞ୍ଚ ଉଚ୍ଚତାର ଜଳାଟୋପରଟିଏ ପିନ୍ଧିବାର ଭ୍ରମ ଦେଉଥିଲା । ଲମ୍ବା ମୁହଁ । ନାକଟି ସଳଖ ଓ ସୁନ୍ଦର । କିନ୍ତୁ ଯେଉଁ ଜିନିଷଟି ମୋତେ ଦାରୁଭୂତ କରିଥିଲା ତାହା ଥିଲା ସିନ୍ହାର

Digitized by srujanika@gmail.com

ନିଶ ଏବଂ ସେ ନିଶ ସେତେବେଳେ ମୋତେ ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ରୂପେ ପ୍ରତିଭାତ ହୋଇଥିଲା ।

ନିଶ ହଳିକ ସିନ୍ହାର ନାକ ଓ ଓଠର ମଧବର୍ତ୍ତୀ ସ୍ଥାନ ପୂରାପୂରି ଦଖଲ କରି ଗାଦି ମାଡ଼ି ବସିଥିଲେ । କିୟଦଂଶ ଗାଲ ଉପରକୁ ମାଡ଼ି ଆସିଥିଲେ ମଧ । ନିଶହଳକ ଯେ କେବଳ ଅସମ୍ଭବ ଭାବରେ ଘଞ୍ଚ ଥିଲେ ତା' ନୁହେଁ, ତାଙ୍କର ଅଗ୍ରଭାଗ ଅତ୍ୟନ୍ତ ସରୁ ଦୁଇଟି ଛୁଞ୍ଚ ପରି ମୁନିଆ କରାଯାଇଥିଲା । ପ୍ରାୟ ଏକ ଇଞ୍ଚ ଲମ୍ବର ଛୁଞ୍ଚଯୋଡ଼ିକ ସାମାନ୍ୟ ଉପର ଆଡ଼କୁ ବାଙ୍କି ଶୂନ୍ୟରେ ଠିଆହୋଇ ରହିଥିଲେ ଏକ କନେଷ୍ଟବଲ୍‌ର ଆଟେନ୍‌ସନ୍ ଭଙ୍ଗୀରେ, ବିନ୍ଦୁମାତ୍ର ହଲ୍‌ଚଲ୍ ବା ସ୍ଥାନଚ୍ୟୁତ ନହୋଇ । ନିଶ ହଳକର କିଛି ଗୋଟେ ଯାଦୁଗରୀ ମାହାତ୍ମ୍ୟ ଥିଲା ନିଶ୍ଚୟ । କାରଣ ସିନ୍ହା ମୁହଁକୁ ଅନାଇଲେ, ମୁହଁର ଅନ୍ୟ କିଛି ଅଂଶ ଆଖିରେ ପଡୁନଥିଲା । ପୂରା ମୁହଁଟି ଦିଶୁଥିଲା ନିଶମୟ । ଯେମିତିକି ସାରା ମୁହଁରେ ଆଉ କିଛି ନାହିଁ । ଅଛି କେବଳ ହଳିଏ ନିଶ ।

''ଗୁଡ଼୍ ଇଭନିଂ ସିନ୍ହା । ପ୍ଲିଜ୍ ମିଟ୍ ମାଇଁ ୱାଇଫ୍' । ବିନୟ ପରିଚୟ କରାଇଦେଲେ ଓ ମୋର ସୁଦୃଶ୍ୟ ଆଁଟି ତତ୍‌କ୍ଷଣାତ୍ ବନ୍ଦ ହୋଇଗଲା, ଲାଜରେ ।

ଏଇ ଥିଲା ସିନ୍ହା ସହିତ ମୋର ପ୍ରଥମ ପରିଚୟ ।

ଅଫିସର୍ସ ମେସ୍‌ର ପାଖାପାଖି କୋଠରୀରେ ରହୁଥିଲୁ । ରାତି ପାହିଲେ ଦେଖା । ଅବିବାହିତ ସିନ୍ହା ଥିଲା ହାସ୍ୟରସିକ, ଖୁସ୍‌ମିଜାଜ୍ ଓ ଦିଲ୍‌ଦାର । କଥାବାର୍ତ୍ତା ଥିଲା ନିଃସଙ୍କୋଚ, ସାବଲୀଳ ଓ ଭଦ୍ର । ହସଟି ନିଷ୍କପଟ ଓ ମିଠା । ବନ୍ଧୁତ୍ୱ ହେବାକୁ ଡେରି ଲାଗିଲା ନାହିଁ ।

ସିନ୍ହାର ପ୍ରତ୍ୟେକ ଦିନ ସକାଳ, ସଂଜ ଓ ସାରା ରବିବାର ବିତିଯାଉଥିଲା ଜୁଲୁକୁ ଟ୍ରେନିଂ ଦେବାରେ । ସେ ସମୟରେ ସିନ୍ହାର ପୋଷାକ ଥିଲା ଅଦ୍‌ଭୁତ । ଗୋଟିଏ ରଙ୍ଗବେରଙ୍ଗୀ ବିରାଟ ଟିର୍କିସ୍ ତଉଲିଆ ଓ ଅଧା ଗେଞ୍ଜିଟିଏ । ଜୁଲୁ ବେକରେ ଗୋଟିଏ ଶିକୁଳି ବାନ୍ଧି ଶିକୁଳିର ଆରପଟଟି ହାତରେ ଧରି ପ୍ରାୟ ଚାରି ପାଞ୍ଚ ଫୁଟ୍ ଦୂରରେ ଠିଆହୋଇ ଘଣ୍ଟା ଘଣ୍ଟା ଧରି ସିନ୍ହା କହୁଥିଲା ''ସିଟ୍ ଜୁଲୁ ସିଟ୍'' । ଆମ ରହଣିକାଳ ଭିତରେ ଲାଞ୍ଜଟି ପଛ ଦୁଇଗୋଡ଼ ମଝିରେ ପୂରାଇ କୁଇଁ କୁଇଁ କରିବା ବ୍ୟତୀତ, ମାଲିକ କଥା ମାନି କେତେବେଳେ ଜୁଲୁକୁ ବସିପଡ଼ିବା ଆମେ ଦେଖି ପାରିଲୁନି । ସିନ୍ହାର ଧୈର୍ଯ୍ୟ ଥିଲା କିନ୍ତୁ ଅସୀମ । ଯଦି କୌଣସି ଦିନ ସିନ୍ହା ସକାଳୁ ଶୀଘ୍ର ଉଠି ପାରୁନଥିଲା, ଇନ୍‌କୁ ଚାହିଁଦେଲେ ତା'ର ଅନୁପସ୍ଥିତି ଆମେ ଅନୁଭବ କରୁଥିଲୁ । ମେସ୍‌ର ମୁଲାୟମ ଘାସପଡ଼ିଆ ଓ ଇତାର ମାଳଞ୍ଚ

Digitized by srujanika@gmail.com

ସହିତ ଫୁଲପକା ତଉଲିଆ ଓ କାଳିଆ କୁକୁର ଦ୍ୱୟଆଟି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ଯାଇଥିଲେ । ପ୍ରଚ୍ଛଦପଟର ଉପବନ ବି କେଉଁଠି ଟିକିଏ ରଙ୍ଗହୀନ ହୋଇଯାଉଥିଲା ସେମାନଙ୍କ ବିନା ।

ଛିଟ ତଉଲିଆ ନେଇ ସିନ୍ହା କିନ୍ତୁ ଥରେ ମହାବିପଦରେ ପଡ଼ିଥିଲା । ପାଖରେ ଥିବା ଜୋର୍ ହାଟ ସହରର ଏସ୍.ପି.ଶ୍ରୀ ଚୌଧୁରୀ ହଠାତ୍ ଥରେ ଛୁଟି ଦିନରେ ମେସ୍‌ରେ ପହଞ୍ଚିଗଲେ । ଏମିତି ଗପସପ କରିବା ପାଇଁ । ସିନ୍ହା ଫାଟକ ଆଡ଼କୁ ପଛକରି ଠିଆ ହୋଇଥିଲା ଓ କୁକୁର ଟ୍ରେନିଂ ନେଇ ଏତେ ମସ୍‌ଗୁଲ୍ ଥିଲା ଯେ, ଶ୍ରୀଚୌଧୁରୀଙ୍କ ଗାଡ଼ି ଆସିବାର ଶବ୍ଦ ବି ଶୁଣିପାରିଲାନି । ଶ୍ରୀଚୌଧୁରୀ ଯେତେବେଳେ ଗାଡ଼ିରୁ ଓହ୍ଲାଇ ତାକୁ ପଛରୁ ଡାକିଲେ, ତାଙ୍କର ଅକସ୍ମାତ୍ ଡାକରେ ସିନ୍ହା ଚମକି ପଡ଼ିଲା ଓ ଦୈବାତ୍ ଠିକ୍ ସେଇସମୟରେ ତା' ତଉଲିଆଟି ଫୁସୁଲିଗଲା । ସିନ୍ହାର ଗୋଟିଏ ହାତରେ କୁକୁର ଶିକୁଳି । ଅନ୍ୟ ଗୋଟିଏ ହାତରେ ତଉଲିଆଟିକୁ ପେଟ ପାଖରେ କୌଣସି ମତେ ଚାକିଧରି ଓ ଅପ୍ରସ୍ତୁତ ହସ ହସି ସିନ୍ହା ଆଟେନ୍‌ସନ୍ ଭଙ୍ଗୀରେ ଠିଆ ହେବାକୁ ଚେଷ୍ଟା କରୁଛି – ଏଭଳି ଦୃଶ୍ୟ ଜୀବନରେ ସଚରାଚର ଦେଖିବାକୁ ମିଳେନି । ଆମେ ସବୁ ମୁରୁକି ହସ ହସିଥିଲୁ । ସିନ୍ହା କିନ୍ତୁ ଯାପରେ ତଉଲିଆଟି ଅଣ୍ଟାରେ କଷିକରି ଭିଡ଼ିବା ବି ଲକ୍ଷ୍ୟ କଲୁ ।

ସିନ୍ହା ନିଜେ ଶୋଉଥିଲା ଗୋଟିଏ ଛୋଟିଆ ଖଟରେ । କୁକୁ ପାଇଁ ସାନବିଛଣାଟିଏ ଥିଲା ତା' ଖଟତଳେ । କୁକୁ କିନ୍ତୁ ଖୁବ୍ କମ୍ ତା' ନିଜ ବିଛଣାରେ ଶୋଉଥିଲା । ଶୀତଦିନ । ରାତିରେ ଚୁପ୍‌କି ଉଠି ସିନ୍ହାର ଅଜାଣତରେ ତା' ରେଜେଇ ତଳେ ପଶି, ମୁନିବ ଦେହର ଉଷୁମଟାଣି ଆରାମରେ ନିଦ୍ରା ଯାଉଥଲା । ବିନୟ ସବୁବେଳେ ସିନ୍ହାକୁ ଚିଡ଼ାଉଥିଲେ ''ତୋ ସ୍ତ୍ରୀ ଆସିଲେ ତା'ର ପ୍ରଥମ କାମ ହେବ କୁକୁକୁ ଗୁଳିକରି ମାରିବା'' । ସିନ୍ହା ହସୁଥିଲା - ତା'ର ଚିରାଚରିତ ମିଠା ହସ ।

ସିନ୍ହା ଥିଲା ଅତି ଭଦ୍ର ଓ ଅତ୍ୟନ୍ତ ଭଲ ମଣିଷଟିଏ । କିନ୍ତୁ ସୁରା ପ୍ରତି ତାର ଆସକ୍ତି ଥିଲା ପ୍ରବଳ । ତାର ହ୍ୱିସ୍କି ପିଇବା ମୁଁ ପସନ୍ଦ କରୁନଥିଲି ଓ ମଦ୍ୟପାନ ପ୍ରତି ମୋର ଅସୂୟା ସିନ୍ହାକୁ ଜଣାଥିଲା । ସେ ବାରମ୍ବାର ହସି ହସି ମୋତେ ବୁଝାଇବାକୁ ଚେଷ୍ଟା କରୁଥିଲା ଯେ ଏଇଟା ଏମିତି କିଛି ଖରାପ ଜିନିଷ ନୁହେଁ । କିନ୍ତୁ ଉଭୟେ ଥିଲୁ ନିଜ ନିଜ ମତରେ ଜିଦ୍ଦି ଓ ଅଟଳ ।

ଥରେ ବିନୟ ଓ ସିନ୍ହା ଗପ କରୁଥିଲେ । ଜଣେ ଅଫିସର୍‌ଙ୍କ ପ୍ରସଙ୍ଗରେ କଥା କହିଲା ବେଳେ ସିନ୍ହା ହଠାତ୍ କହିଉଠିଲା ''ଇଉ ଡୋଣ୍ଟ ନୋ ସାର୍, ହି ଇଜ୍ ଏ ଗ୍ରେଟ୍ ଫୁଟ'' ।

Digitized by srujanika@gmail.com

'ହ୍ୱାଟ୍ ଡଜ୍ ଦ୍ୟାଟ୍ ମିନ୍' ? ମୁଁ ପଚାରିଦେଲି । ଏକୋଇଶ ବର୍ଷ ଚାଲୁଥିବା ତରୁଣୀ ଝିଅଟିଏ ଯେ 'ଫ୍ଲର୍ଟିଙ୍ଗ୍' ସଂପର୍କରେ ସଂପୂର୍ଣ୍ଣ ଅନଭିଜ୍ଞା ଥାଇପାରେ ଏହା ସିନ୍ହା ପାଇଁ ଥିଲା ଏକାନ୍ତ ଭାବରେ ଅବିଶ୍ୱାସ୍ୟ । ସେଇଦିନଠୁ ତା' ମୁଣ୍ଡରେ ଗୋଟେ ଧାରଣା ପଶିଗଲା ଯେ, ମୁଁ ଗୋଟିଏ ନିହାତି ନିରୀହ, ସରଳ ଓ ବୋକୀ ଝିଅଟିଏ । ବିନୟଙ୍କୁ ସବୁବେଳେ କହୁଥିଲା 'ଆଜିକାଲି ଯୁଗରେ କେଉଁଠୁ ଖୋଜି ଖୋଜି ଏମିତିକା ଝିଅଟିଏ ଯୋଗାଡ଼ କଲେ ସାର୍ । ସି ଇଜ୍ ରିଏଲି ଗ୍ରେଟ୍ ।'

ଆସାମରେ କିଛି ମାସ ରହିଲା ପରେ ମୁଁ ଓଡ଼ିଶା ଆସିଲି । ମୋ ପୁଅ ଜନ୍ମହେବାର ଥାଏ । ଆସିବା ଆଗଦିନ ସିନ୍ହା କହିଲା 'ମିସେସ୍ ମିଶ୍ର । ଖିଚ୍‌ଡ଼ି ଅଉର୍ ଆଲୁକା ଭର୍ତ୍ତା ବନାଇଏ । ଆଜ୍ ଆପ୍‌କେ ସାଥ୍ ଖାନା ଖାଉଙ୍ଗା ।' ଆମ ସାଥିରେ ମଧ୍ୟାହ୍ନ ଭୋଜନ କରିଥିଲା ମଧ୍ୟ । ଅବଶ୍ୟ ଆଳୁଭର୍ତ୍ତା ସହିତ ଅନ୍ୟ ତରକାରୀ ବି ଥିଲା । ଆଉ ଥିଲା ସିନ୍ହା ପ୍ରତି ଉଦ୍ଦିଷ୍ଟ ମୋର ବିଦାୟକାଳୀନ ଅନୁରୋଧ । ବେଶୀ ହ୍ୱିସ୍କି ନ ପିଇବା ପାଇଁ ।

ଓଡ଼ିଶା ଆସିବାର କିଛିଦିନ ପରେ ଲଫାପା ଖୋଲି ବିନୟଙ୍କ ଚିଠି ସହିତ ଆଉ ଗୋଟିଏ ଅପରିଚିତ ହସ୍ତାକ୍ଷରର ଚିଠି ପାଇଲି । ଚିଠିଟି ସିନ୍ହା ଲେଖି ବିନୟଙ୍କୁ ଦେଇଥିଲା ପଠାଇଦେବା ପାଇଁ । ସାନ ଚିଠିଟିଏ - ସରୁ କଲମରେ ଲେଖା ମୁନିଆ ତ୍ରିଭୁଜାକାର ପରିଚ୍ଛନ୍ନ ଇଂରାଜୀ ହସ୍ତାକ୍ଷର । ଇଆଡୁ ସିଆଡୁ କଥା ପଛରେ ତା'ର ଶେଷ ବାକ୍ୟଟି ଥିଲା ''ମୁଁ କିନ୍ତୁ ହ୍ୱିସ୍କି ପିଇବା ବନ୍ଦ କରିନି । ଆପଣ ଯେମିତି ମୋ ଉପରେ ନ ରାଗନ୍ତି'' ।

ମୋ ଶିଶୁପୁତ୍ରଟିକୁ ଧରି ମୁଁ ଯେତେବେଳେ ତେଜ୍‌ପୁର ଫେରିଲି, ସେତେବେଳେ ଆମେ ବିନୟଙ୍କୁ ମିଳିଥିବା ବଙ୍ଗଳାକୁ ଚାଲିଗଲୁ । ସିନ୍ହା ରହିଗଲା ମେସ୍‌ରେ । ମୋ ଅନୁପସ୍ଥିତିରେ ଦୁଇଟି ଉଲ୍ଲେଖନୀୟ ଘଟଣା ଘଟିଥିଲା ସିନ୍ହା ଜୀବନରେ । ଜୁଲୁର ସ୍ୱର୍ଗବାସ ହୋଇଥିଲା ଓ ସିନ୍ହା ତା'ର ସଯତ୍ନେ ପରିପାଳିତ ଛୁଞ୍ଚମୁନିଆ ନିଶକୁ କାଟି ସରୁ ସରୁ କରି ଦେଇଥିଲା । ମୁହଁଟି ଦିଶୁଥିଲା ପରିଚ୍ଛନ୍ନ ଓ ସୁନ୍ଦର । ଦେଖାସାକ୍ଷାତ ଜାରି ରହିଥିଲା ସିନ୍ହା ସହିତ । ସନ୍ଧ୍ୟାବେଳେ ବିନୟ ଓ ସିନ୍ହା ଟେବୁଲ୍ ଟେନିସ୍ ବା ବ୍ୟାଡ୍‌ମିଣ୍ଟନ୍ ଖେଳୁଥିଲେ । ସିନ୍ହା ଆସୁଥିଲା ପ୍ରାୟ ଘରକୁ । ଖେଳୁଥିଲା ମୋ ପୁଅ ବବି ସାଥିରେ । ବବିକୁ ଯେତେବେଳେ ପାଞ୍ଚ ମାସ, ତା'ର ତଳଦାନ୍ତ ଦୁଇଟି ଉଠିଗଲା । ସିନ୍ହା ଥରେ ତା' ବିଶିଆଙ୍ଗୁଠିରେ ବବିର ଦାନ୍ତ ଦେଖିବାକୁ ଚେଷ୍ଟା କଲାବେଳେ ବବି ତାକୁ ଜୋର୍‌ରେ କାମୁଡ଼ିଦେଲା ଏବଂ ସେଇ ମୁହୂର୍ତ୍ତରୁ ସିନ୍ହା ତା' ନାଁ ରଖିଦେଲା 'ଲାୟନ୍' । ଡାକୁଥିଲା ବି ତାକୁ ଲାୟନ୍ ବୋଲି ।

Digitized by srujanika@gmail.com

ରବିବାର ଦିନ ଆମେ ପ୍ରାୟ ମେସ୍ ଯାଉଥିଲୁ ସିନ୍ହା ସହିତ ଗପ କରିବା ପାଇଁ । ଆଦ୍‌ମଇଲା ଓ ସାମାନ୍ୟ ଛୋଟ ହୋଇଯାଇଥିବା କୁର୍ତ୍ତା ପାଇଜାମା ପିନ୍ଧି, ଗଦା ଗଦା ଫୁଲକୁଣ୍ଡ ଭିତରେ ସବୁଜ ବେତଚେୟାରରେ ମେସ୍ ବରଣ୍ଡାରେ ବସି ସିନ୍ହା ପଢୁଥିଲା ଡିପାର୍ଟମେଣ୍ଟାଲ୍ ପରୀକ୍ଷା ପାଇଁ । ସେତେବେଳେ ଆସାମ ସରକାରଙ୍କର ନିୟମ ଥିଲା ଯେ, ପ୍ରତ୍ୟେକ ପୋଲିସ୍ ଅଫିସର ଲ' ଏବଂ ଆକାଉଣ୍ଟସ୍ ପରୀକ୍ଷାରେ ତଥା ଅଣଆସାମୀ ଅଫିସରମାନେ ଆସାମୀ ଭାଷାର ପରୀକ୍ଷାରେ ଉତ୍ତୀର୍ଣ୍ଣ ନହେଲେ ସେମାନଙ୍କୁ ଦରମାରେ ଇନକ୍ରିମେଣ୍ଟ ମିଳିବ ନାହିଁ । ଏବେ ନିୟମଟି ଲାଗୁ ଅଛି ନା ନାହିଁ ଜାଣେନି । ବିନୟ ଆସାମୀ ଭାଷା ଓ ଲ' ପାସ୍ କରି ସାରିଥିଲେ । କେବଳ ଆକାଉଣ୍ଟସ୍ ବାକି ଥିଲା । ସିନ୍ହା କୌଣସି ପରୀକ୍ଷାରେ ସେ ପର୍ଯ୍ୟନ୍ତ ବସି ନଥିଲା ।

ବିନୟ ଓ ସିନ୍ହା ଉଭୟ ଏ ନିୟମଟିକୁ ବିରୋଧ କରି ରାଗି ଯାଉଥିଲେ ଓ ସିନ୍ହା ଅଜ୍ଞାତ ନିୟମ ପ୍ରଣୟନକାରୀ ଅଫିସରମାନଙ୍କୁ ଗାଳି ଦେଉଥିଲା । ସିନ୍ହାର ଗାଳି ଅବଶ୍ୟ ସର୍ବଦା ସୀମିତ ଥିଲା କେବଳ ତିନୋଟି ଶବ୍ଦରେ । ଲାଉଡ୍ ମାଉଥ୍ଡ୍ ସ୍କାଉଣ୍ଡ୍ରେଲ୍ । ବିନୟ ଓ ସିନ୍ହା, ଉଭୟଙ୍କର ପରୀକ୍ଷା ସମସ୍ୟାର ସମାଧାନ ଅବଶ୍ୟ ହୋଇଯାଇଥିଲା ଅତ୍ୟନ୍ତ ସରଳ ଭାବରେ, ବ୍ୟାକ୍‌ହ୍ନା ନାମକ ଡେରଗାଓଁର ଜଣେ ମିଜୋ ପୋଲିସ୍ ଅଫିସରଙ୍କ ସୌଜନ୍ୟରୁ ।

ଶ୍ରୀ ବ୍ୟାକ୍‌ହ୍ନା ତତ୍କାଳୀନ ରାଜଧାନୀ ଶିଲଙ୍ଗର କୌଣସି ସୂତ୍ରରୁ ପ୍ରତି ପ୍ରଶ୍ନପତ୍ରକୁ ସତୁରୀ ଟଙ୍କା ଲେଖାଏଁ ଦେଇ ସବୁତକ ପ୍ରଶ୍ନପତ୍ର ଯୋଗାଡ଼ କରିଥିଲେ । ଅନ୍ୟମାନଙ୍କୁ ତାହା ଦେବେ ନା ନାଇଁ ବୋଲି ସାରାସଂଧ୍ୟା ସେ ଦ୍ବିଧାରେ ପଡ଼ି ଅବଶେଷରେ ଏଇ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ତାଙ୍କର ଚୈତନ୍ୟ ଥିବା ଅବସ୍ଥାରେ ସେ ହିଂସା, ଦ୍ୱେଷ ତଥା ଯୌକ୍ତିକତାର ଶିକାର ହୋଇପଡୁଛନ୍ତି ଓ ନିର୍ଦ୍ଦିଷ୍ଟ ଭାବରେ କିଛି ଠିକ୍ କରିପାରୁ ନାହାନ୍ତି । ତେଣୁ ଅଧବୋତଲ ଖଣ୍ଡେ ରମ୍ ପାନ କରିଦେଲେ ତାଙ୍କର ଜାଗତିକ ଚେତନା ଲୁପ୍ତ ହୋଇଯିବ ଓ ତାଙ୍କ ମନ ଭିତରର ଅସଲ ଉଦ୍ଦେଶ୍ୟଟି ତାଙ୍କ ଆଗରେ ସ୍ପଷ୍ଟ ହୋଇଯିବ ଏବଂ ସିଏ ତାହା ହିଁ କରିଥିଲେ । ବୋତଲରୁ ପାନୀୟ ଅଧାଅଧି ସରିବାପରେ ତାଙ୍କର ମନ ହଠାତ୍ ଉଦାର ହୋଇଯାଇଥିଲା ଏବଂ ସେ ହୃଦୟଙ୍ଗମ କରିଥିଲେ ଯେ ଏଇ ଅଳୀକ, କ୍ଷଣଭଙ୍ଗୁର ସଂସାରରେ ମାନବକୁ ନିଃସ୍ୱାର୍ଥପର ହୋଇ କାମ କରିବା ଉଚିତ । ତେଣୁ ତାଙ୍କ ପତ୍ନୀଙ୍କୁ ପ୍ରଶ୍ନପତ୍ର ନକଲ କରିବା କାମରେ ଲଗାଇ ଦେଇ ରାତି ଏଗାରଟାରେ ସଂପୂର୍ଣ୍ଣ ମାତାଲ୍ ଅବସ୍ଥାରେ ଗାଡ଼ି ଚଳାଇ ଆସି ଆମକୁ ଖବରଟି ଦେଇଯାଇଥିଲେ ।

Digitized by srujanika@gmail.com

କହିବା ବାହୁଲ୍ୟ ଯେ ଯା'ପରେ ପରୀକ୍ଷାର୍ଥୀମାନଙ୍କର ପ୍ରସ୍ତୁତି ପର୍ବ ନିର୍ବିଘ୍ନରେ ପରିସମାପ୍ତି ଲାଭ କରିଥିଲା ।

ଆଲୋକ 'ସିନ୍‌ହା ଥିଲା ଅସମ୍ଭବ 'ନାଟପ୍ରିୟ' । ଡେରଗାଁଓର ଅଫିସର୍ସ ମେସ୍‌ରେ ପ୍ରାୟ ଡିନରପାର୍ଟି ଦିଆଯାଉଥିଲା । ସେଠାରେ ଥିବା ବରିଷ୍ଠ ପୋଲିସ୍ ଅଫିସର ଶ୍ରୀ ରହମାନ୍ ଓ ତାଙ୍କର ଅର୍ଦ୍ଧାଙ୍ଗିନୀଙ୍କର ଏଥିରେ ଥିଲା ପ୍ରବଳ ଉତ୍ସାହ । କେବଳ ପୋଲିସ୍ ଅଫିସର୍ ନୁହନ୍ତି, ପାଖ ଚା' ବଗିଚାର ମ୍ୟାନେଜରମାନେ ତଥା ଜୋରହାଟର ଆର୍ମି ଓ ଏୟାରଫୋର୍ସର ଅଫିସରମାନେ ସସ୍ତ୍ରୀକ ଆସୁଥିଲେ । ଏସବୁ ପାର୍ଟିରେ ସିନ୍‌ହାର ଉତ୍ସାହ ଥିଲା ସବୁଠାରୁ ବେଶୀ । ଥରେ ସିନ୍‌ହା ହଲ୍ ଘରର କାର୍ପେଟ୍‌ଟି ଉଠାଇ ନିଜ ପାଉଡର ଟିଣଟି ଅପର୍ଯ୍ୟାପ୍ତ ଭାବରେ ଚଟାଣ ସାରା ଛିଞ୍ଚି ଚଟାଣଟିକୁ ଖସଡ଼ା କରିଥିଲା । ନାଚିଲା ବେଳେ ଜୋତା ପିନ୍ଧି ଘୁରିବା ସହଜ ହେବ ବୋଲି ।

ମନେ ଅଛି ଥରଟେ ଡିସେମ୍ବର ଏକତିରିଶ ତାରିଖ ଦିନ ସିନ୍‌ହା ହଠାତ୍ ଆସି ଆମ ଘରେ ହାଜର ହୋଇଥିଲା - ନିକଟସ୍ଥ ଜୋରହାଟ କ୍ଲବ୍‌ରେ ନବବର୍ଷର ପୂର୍ବସନ୍ଧ୍ୟା କଟାଇବା ପାଇଁ । ସେତେବେଳକୁ ତା'ର ଅନ୍ୟ ଜାଗାକୁ ବଦଳି ହୋଇ ଯାଇଥାଏ । କିନ୍ତୁ ଡେରଗାଁଓ ଆସିଲେ ମେସ୍‌ରେ ନରହି ରହେ ଆମ ଘରେ । ଏକ ପ୍ରକାର ଘରଲୋକ ଭଳିଆ ।

ସିନ୍‌ହା ପହଞ୍ଚିଲା ବେଳକୁ ବିନୟ ଯାଇଥାଆନ୍ତି ଗସ୍ତରେ ହାଫ୍‌ଲଙ୍ଗ । ଘରେ ଶିଶୁପୁତ୍ରଟି ଧରି ମୁଁ ଏକା । ମୋ ଦିଅର ଗୁନୁ ଆସାମ ବୁଲିବାକୁ ଯାଇଥାଆନ୍ତି ଓ ଥାଆନ୍ତି ମୋ ପାଖରେ ।

ସିନ୍‌ହା ସନ୍ଧ୍ୟାବେଳେ ଆରାମରେ ଗାଧୁଆପାଧୁଆ କରି ମୋଠାରୁ ନେଲ୍‌କଟରଟି ମାଗି ହାତ ନଖ ସବୁ ଘୋରି ଘୋରି ଗୋଲ୍ କରିବାକୁ ଲାଗିଲେ ।

ଯାର କଅଣ ଦରକାର ଏତେ ରାତିରେ ? ପଚାରିଲି ।

ମିସେସ୍ ମିଶ୍ର, ଆପଣ ଏବେ ବି ସେଇ ସାନଝିଅ ହୋଇ ରହିଗଲେ । ନାଚିଲା ବେଳେ ସୁସଜ୍ଜିତା ନାରୀମାନଙ୍କର ଅଣ୍ଟା ଓ ହାତ ଧରିବାକୁ ହୁଏ ଜାଣନ୍ତି ନା ନାହିଁ ? ନଖ ସବୁ ପରିଷ୍କାର ନଥିଲେ ସେମାନେ କଅଣ ଭାବିବେ କହନ୍ତୁତ ?

ସାରା ସନ୍ଧ୍ୟା ରାତି ନଅଟା ପର୍ଯ୍ୟନ୍ତ ସିନ୍‌ହାର କଟିଗଲା ନଖ ସଜାଇବାରେ, ଆଉ ଯେତେବେଳେ ତା'ର କ୍ଲବ୍ ଯିବା ସମୟ ହେଲା ସିଏ ହଠାତ୍ ଆବିଷ୍କାର କଲା ଯେ, ସେ ତା'ର ସୁଟ୍‌ଟି ଆଣିବାକୁ ଭୁଲିଯାଇଛି । ବିନା ସୁଟ୍‌ରେ କ୍ଲବ୍‌ରେ ପଶିବା ମନା ।

Digitized by srujanika@gmail.com

''ମିସେସ୍ ମିଶ୍ର, ସାର୍‌ଙ୍କ ସୁଟ୍‌ଟିଏ ଦୟାକରି ମତେ ଦିଅନ୍ତୁ'' ସିନ୍‌ହା କହିଲା ।

''କିନ୍ତୁ ମିଷ୍ଟର ସିନ୍‌ହା, ଆପଣ ଯେ ବିନୟଙ୍କ ଠାରୁ ଢ଼େର ପତଳା ଏବଂ ଡେଙ୍ଗା ମଧ'', ମୁଁ ଉତ୍ତର ଦେଲି । ସିନ୍‌ହା କିନ୍ତୁ ଥିଲା ନାଛୋଡ଼ବନ୍ଧା । ଅଗତ୍ୟା ବିନୟଙ୍କର ସୁଟ୍‌ଟିଏ କାଢ଼ିଦେଲି । କୋଟ୍ ଓ ପ୍ୟାଣ୍ଟ ଉଭୟ ଢ଼ୋଲା । ସିନ୍‌ହା ଦିଶିଲା କିମ୍ଭୂତକିମାକାର । ଗୁନ୍ନୁ ଓ ମୁଁ ପରସ୍ପରକୁ ଚାହିଁ ହସିଲୁ । ସିନ୍‌ହା କିନ୍ତୁ ବେପରୱା । ତାକୁଇ ପିନ୍ଧି ଗାଡ଼ି ଧରି ଚାଲିଲା ନବବର୍ଷର ପୂର୍ବ ସନ୍ଧ୍ୟାରେ ହେଉଥିବା ଡିନର୍ ଓ ଡ୍ୟାନ୍ସ ଉପଭୋଗ କରିବା ପାଇଁ ।

ସିନ୍‌ହାର କାରବାର ସବୁ ଥିଲା ଅଜବ । ଥରେ କଅଣ ଗୋଟିଏ ପୋଲିସ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଡେରଗାଓଁ ଆସିଥାଏ । ଉର୍ଦ୍ଦି ପିନ୍ଧି ସକାଳେ ପ୍ୟାରେଡ୍‌କୁ ଯିବାପାଇଁ ତିଆରି ହୋଇସାରିଲା ପରେ ହଠାତ୍ ଦେଖିଲା ତା ଟୋପିର ଆଇ.ପି.ଏସ୍. ଏମ୍ବ୍ଲେମ୍‌ଟି ଖସିପଡ଼ିଛି । ମୋତେ ଲଗାଇଦେଲା କାମରେ - ''ମିସେସ୍ ମିଶ୍ର ଆପଣ ଛୁଞ୍ଚି ସୂତାରେ ଏମ୍ବ୍ଲେମ୍‌ଟି ଟୋପିରେ ସିଲେଇ କରିଦିଅନ୍ତୁ ।'' କୌଣସିମତେ ଝାଳନାଳ ହୋଇ ମୁଁ ସିଲେଇ କାମଟି ସାରିଲା ବେଳକୁ ବିନୟ ଗାଡ଼ିଧରି ବାହାରିଗଲେ । ସ୍ୱାଭାବିକ ଭାବରେ ସିଏ ଭାବିଥିଲେ ଯେ, ସିନ୍‌ହା ତା' ଗାଡ଼ିରେ ଆସିବ । ସିନ୍‌ହା କିନ୍ତୁ ତା' ପୂର୍ବଦିନ ଡ୍ରାଇଭରକୁ ଛୁଟି ମଂଜୁର କରିଥିଲା ଓ ବିନୟଙ୍କୁ ସେକଥାଟି କହିବାକୁ ଭୁଲି ଯାଇଥିଲା । ଆମ ଘରଠୁ ପ୍ୟାରେଡ୍ ପଡ଼ିଆ ପ୍ରାୟ ଦୁଇ କିଲୋମିଟର । ପ୍ୟାରେଡ୍‌ର ସମୟ ହେଇଯାଉଛି । ପୂରା ରାସ୍ତା ସିନ୍‌ହା ୟୁନିଫର୍ମ ପିନ୍ଧି, ହାତରେ ଲାଠିଟି ଧରି ଏବଂ ବେଶ୍ କୌତୁକପୂର୍ଣ୍ଣ ଭଙ୍ଗୀରେ ଦୌଡ଼ି ଦୌଡ଼ି ଯାଇ ପ୍ୟାରେଡ୍ ଫିଲ୍ଡରେ ପହଞ୍ଚିଥିଲା । ବିନୟ ପରେ ତା' ଉପରେ ଏଥିପାଇଁ ରାଗିଥିଲେ - ''ମତେ ସାଥିରେ ନେଇଯିବାକୁ କହିଲୁନି କାହିଁକି ?'' କୋଇ ବାତ୍ ନହିଁ - ସିନ୍‌ହା ହସିଥିଲା ତା'ର ଚିରାଚରିତ ମଧୁର ହସ ।

ଯା ପରେ ଆମେ ବଦଳି ହୋଇ ଆସିଲୁ ଡେରଗାଓଁକୁ ପ୍ରାୟ ଲାଗି ରହିଥିବା ଜୋରହାଟ ସହରକୁ । ଜୋରହାଟ ଥିଲା ଶିବସାଗର ଜିଲ୍ଲାର ହେଡ୍‌କ୍ୱାର୍ଟର । ସିନ୍‌ହା ଥାଏ ଶିଲଂରେ । ଦେଖାସାକ୍ଷାତ ପ୍ରାୟ ହୁଏନି । ମଝିରେ ମଝିରେ ସିନ୍‌ହାର ଚିଠି ମିଳେ । ତା' ଜୀବନ ବୀମାର ପଲିସି ଥାଏ ଆମ ସହରରେ । ମଝିରେ ମଝିରେ ପ୍ରିମିୟମ୍ ଟଙ୍କା ବିନୟଙ୍କ ପାଖକୁ ପଠେଇ ଦିଏ ଜମା କରିବା ପାଇଁ ।

ଆମେ ସମସ୍ତେ ଯେତେବେଳେ ସିନ୍‌ହାକୁ 'କନ୍‌ଫର୍ମଡ୍ ବାଚେଲର୍' ବୋଲି ଭାବିନେଇଥିଲୁ, ଠିକ୍ ସେତିକିବେଳେ ଆମ ସମସ୍ତଙ୍କୁ ଚମକାଇ ଦେଇ ସିନ୍‌ହା ବାହା ହୋଇ ପଡ଼ିଲା । ଶିଲଂରୁ ଜୋରହାଟ ଗସ୍ତରେ ଆସିଥିବା ଜଣେ ପୋଲିସ୍

Digitized by srujanika@gmail.com

ଅଫିସରଙ୍କ ସହିତ ଆମଘରେ ରାତ୍ରିଭୋଜନ କରୁ କରୁ ମିସେସ୍ ସିନ୍ହା କଥା ପଚାରିଥିଲି । ଅଫିସରଜଣକ ଶ୍ରୀ ଝା - ମଧ୍ୟ ଥିଲେ ବିହାରର ଓ ସିନ୍ହାର ଘର ପାଖର ଲୋକ ।

''ଏକଦମ୍ ସାନ ଝିଅଟିଏ - ଅଠର ଊଣିଶ ବର୍ଷର ହେବ' । ଶ୍ରୀ ଝା ଜବାବ ଦେଲେ । ''ସିନ୍ହା ସେମିତି ପିଆପିଇ କରୁଚି ? ପଚାରିଲି ।

''ବିଲ୍‌କୁଲ୍ । ଏଇତ ସେଦିନ ଜିଲ୍ଲା କ୍ଲବ୍‌ରେ ପିଇଦେଇ ମିସେସ୍ ସିନ୍ହାକୁ ଧରି ଖୁବ୍ ନାଚିଲା ସିନ୍ହା । ମିସେସ୍ ସିନ୍ହା ନାଚିବନି ଆଉ ସିନ୍ହା ତାକୁ ଜବରଦସ୍ତି ନଚେଇବ ।'' ଶ୍ରୀ ଝା ହସି ହସି କହିଲେ, ''ବିବିସେ ବହୁତ ପ୍ୟାର ହୈ ଉସ୍‌କା ।''

ଶୁଣି ଖୁସି ଲାଗିଲା । ମିସେସ୍ ଇରାବତୀ ସିନ୍ହା ସାଥିରେ ଦେଖା ବି ହେଲା ବହୁତ ଶୀଘ୍ର । ଅଲ୍ ଆସାମ ପୋଲିସ୍ ମିଟ୍‌ରେ ଯୋଗଦେବା ପାଇଁ ସିନ୍ହା ଡେରଗାଓଁ ଆସିଲା ସସ୍ତ୍ରୀକ । ଆମେ ବି ଡେରଗାଓଁ ଯାଉଥିଲୁ ବିଭିନ୍ନ କାର୍ଯ୍ୟକ୍ରମକୁ । ସେଇଠି ଆଳାପ ହେଲା ଇରା ସାଥିରେ ।

ପିନ୍‌ପିନ୍ ପତଳା ସାବନ ରଙ୍ଗର ଝିଅଟିଏ । ସାମ୍ନା ଦାନ୍ତ ସାମାନ୍ୟ ବଡ଼ । କିନ୍ତୁ ତାକୁ ଚାହିଁଦେଲେ ଯାହା ଚଟ୍‌କରି ଆଖିରେ ପଡୁଥିଲା ତାହା ହେଲା ତା'ର ସୁନ୍ଦର ଲୋମଶ ଭ୍ରୂଲତା ଓ ଗୋଖର ସାପ ପରି ସୁଦୃଶ୍ୟ ଲମ୍ବା ବେଣୀ । ଏଡେ କୁନି ଝିଅଟିଏ ଏତେ ଓଜନିଆ ବେଣୀର ଭାର ବୋହୁଛି କେମିତି ? ଭାବିଥିଲି । ଇରା ଆଖିପତା ଉପରେ କଜଳ ଲଗାଇଥିଲା । ଓଠରେ ଫିକା ଲିପ୍‌ଷ୍ଟିକ୍ । ପିନ୍ଧିଥିଲା ଜରିଧଡ଼ିର ବନାରସୀ ଶାଢ଼ୀ । ସବୁ ମିଶି ଭାରି କମନୀୟ, ଭାରି କୋମଳ ମୁଖଶ୍ରୀ ।

ପୋଲିସ୍ ମିଟ୍‌ରେ ଗୋଟିଏ ଦିନ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ନାଚଗୀତର ଆସର । ସାରା ସଂଧ୍ୟା ଇରା ମୋ ପାଖରେ ବସି ଗୋଟିଏ ସିମେଣ୍ଟ ରଙ୍ଗା ସ୍ୱେଟରର ହାତ ଦୁଇଟି ବୁଣୁଥାଏ - ମଞ୍ଚ ଉପରେ ଚାଲିଥିବା ସଂଗୀତ ଓ ନୃତ୍ୟ ପ୍ରତି ସଂପୂର୍ଣ୍ଣ ଉଦାସୀନ ଓ ବୀତସ୍ପୃହ ହୋଇ ।

''ଏଇଟା ରାତିରେ ନ ବୁଣିଲେ ଚଳନ୍ତାନି ?'' ମୁଁ ପଚାରିଲି ।

''ମୁଁ ମୋ ସ୍ୱାମୀଙ୍କୁ ନୂଆବର୍ଷରେ ଏଇଟା ଉପହାର ଦେବି ବୋଲି କହିଛି । ଆଉ କମା ଦି ଦିନ ରହିଲା । ପ୍ରାୟ ସରିଆସିଲାଣି ।'' ଇରା ଉତ୍ତର ଦେଲା ।

କାର୍ଯ୍ୟକ୍ରମ ପରେ ଆମେ ଜୋରହାଟ ଫେରିଆସିଲୁ । ଇରା ଓ ସିନ୍ହା ରହିଗଲେ ଡେରଗାଓଁରେ ।

ଠିକ୍ ତା' ପରଦିନ । ବିନୟ ଓ ମୁଁ ସଂଧ୍ୟାବେଳେ ବାହାରେ ବସିଥିଲୁ । ସିନ୍ହା ଇରା ଓ ଶ୍ରୀ ଝା ଆସି ପହଞ୍ଚିଲେ ଆମ ଘରେ । ଗାଡ଼ିରୁ ଓହ୍ଲାଇ ଡ୍ରଇଂ ରୁମ୍‌ରେ

Digitized by srujanika@gmail.com

ପହଞ୍ଚିଲା ପରେ ସିନ୍‌ହା ତା' କୋଟ୍ ତଳୁ ବାହାର କଲା ସ୍କଚ୍ ହ୍ୱିସ୍କିର ବୋତଲଟିଏ । ସେଇଦିନ ସକାଳେ ଅଫିସର୍ସ ମେସ୍‌ରେ ପୋଲିସ୍ ଟ୍ରେନିଂ କଲେଜର ପ୍ରିନ୍ସିପାଲ୍ ଶ୍ରୀ ସମର ଦାସଙ୍କୁ ଟେବୁଲ୍ ଟେନିସ୍ ଖେଳରେ ହରାଇ ତାଙ୍କଠାରୁ ବାଜି ଜିତି ଆଦାୟ କରିଛି ବୋଲି କହିଲା । ଖୁସି ଗପ ଚାଲିଲା । ବୋତଲର ହ୍ୱିସ୍କିର ପରିମାଣ ଧୀରେ ଧୀରେ କମିବାକୁ ଲାଗିଲା ସିନ୍‌ହାର ଦୟାରୁ । ଶ୍ରୀ ଝା ତାଙ୍କୁ ସଙ୍ଗ ପ୍ରଦାନ କରୁଥିଲେ ।

''ମିସେସ୍ ମିଶ୍ର । ତାଙ୍କୁ କିଛି ଖାଇବାକୁ ଦିଅନ୍ତୁ । ଖାଲି ପେଟରେ ଡ୍ରିଙ୍କ୍ କଲେ ତାଙ୍କ ଦେହ ଖରାପ ହେବ'' ଇରା କହିଲା । ପକୋଡ଼ା ଓ କାଜୁ ଖୁଆଇଥିଲି ସମସ୍ତଙ୍କୁ । ସାରା ସଂଧ୍ୟା ସିନ୍‌ହା ଚିଡାଉଥିଲା ଇରାକୁ । କହୁଥିଲା କେମିତି ରାଞ୍ଚିରେ ଇରାକୁ ଦେଖିଦେଇ ଚିରକୁମାର ରହିବାର ବ୍ରତ ଭୁଲିଯାଇଥିଲା ସିଏ । କଥା ପ୍ରସଙ୍ଗରେ ସିନ୍‌ହା କହିଲା ତାଙ୍କର ବାହାଘର ବେଳେ ବରର ପୋଷାକ ଅତ୍ୟନ୍ତ ଅଜବ କିସମର । ଜରିକାମକରା ସିଲ୍କର ଚୁଡ଼ୀଦାର ଓ ଗଳାବନ୍ଦ କୋଟ୍ । ମୁଣ୍ଡରେ ରାଜା ମହାରାଜା ପିନ୍ଧିଲା ଭଳିଆ ପଗଡ଼ି । 'ଇଟ୍‌ସ୍ ରିଏଲି ହରିବ୍‌ଲ' ସିନ୍‌ହା ମତପ୍ରକାଶ କଲା ।

''ମଗର୍ ଆପ୍ ଉସ୍‌ମେ ବହୁତ ସୁନ୍ଦର ଲଗ୍‌ତେ ଥେ'' ପକୋଡ଼ା ଖାଉ ଖାଉ ଇରା ଜବାବ୍ ଦେଲା ।

ବେଶ୍ ରାତିରେ ଶ୍ରୀ ଝା, ସିନ୍‌ହା ଓ ଇରା ଫେରି ଯାଇଥିଲେ । କଳା ସୁଟ୍ ଓ ଟାଇ ପିନ୍ଧା ସୁସଜ୍ଜିତ ସିନ୍‌ହା, ତା' ହାତରେ ହାତ ଛନ୍ଦି ଫୁଲପକା କଳା ଜର୍ଜେଟ ଶାଢ଼ୀରେ ସଜ୍ଜିତା ହସ୍‌କୁରୀ ଇରା । ଗାଡ଼ିରେ ଚଢ଼ିବା ଆଗରୁ ଦୁଇଜଣ ପାଖା ପାଖି ଛିଡ଼ା ହୋଇଥିଲେ । ମନେ ହୋଇଥିଲା ଭାରି ସୁଖୀ, ଭାରି ସୁନ୍ଦର ଯୋଡ଼ିଟିଏ । ସେଇ ସିନ୍‌ହା ସାଥିରେ ଶେଷ ଦେଖା । ସିନ୍‌ହା ତା'ପରେ ଶିଲଂରୁ ମିଜୋହିଲ୍‌ସ ଏସ୍.ପି. ହୋଇ ବଦଳି ହୋଇଯାଇଥିଲା । ସେତେବେଳେ ଆଜିର ମିଜୋରାମ୍ ଥିଲା ଆସାମର ଏକ ପାହାଡ଼ୀ ଜିଲ୍ଲା । କେତେମାସ ପରେ ଶୁଣିବାକୁ ପାଇଥିଲୁ ସିନ୍‌ହାର ଝିଅଟିଏ ହେଇଛି - ଶିଲା । ତା'ପରେ ଦିନେ ସିନ୍‌ହାର ଖବର ପାଇଲୁ ଅତ୍ୟନ୍ତ ଅପ୍ରତ୍ୟାଶିତ ଓ ଦୁଃଖଦ ଭାବରେ । ଆଶ୍ଚର୍ଯ୍ୟ ସାମଞ୍ଜସ୍ୟ, ସିନ୍‌ହାକୁ ପ୍ରଥମେ ଦେଖିଥିଲି ଡିଫୁରୁ ଫେରି । ସିନ୍‌ହାର ଶେଷ ଖବର ବି ପାଇଲି ଡିଫୁରୁ ଫେରିବା ରାସ୍ତାରେ ।

ଫେରନ୍ତା ବାଟରେ ଅଙ୍କା ବଙ୍କା ପାହାଡ଼ୀ ରାସ୍ତା କଡ଼ରେ ଗୋଟିଏ ପୋଲିସ୍ ଆଉଟ୍‌ପୋଷ୍ଟ ପାଖରେ ଜଣେ କନେଷ୍ଟବଲ୍ ଠିଆ ହୋଇ ଥାମ ଖାଡ଼ିଟି ବନ୍ଦ କରିବା ପାଇଁ ଡ୍ରାଇଭରକୁ ସଙ୍କେତ ଦେଲା । ଆଉଟ୍‌ପୋଷ୍ଟରେ ଖବର

Digitized by srujanika@gmail.com

ପହଞ୍ଚିଥିଲା ବିନୟ ଟୁର୍‌ରୁ ସେଇବାଟେ ଫେରିବେ ବୋଲି ଓ କନେଷ୍ଟବଲ୍‌ଟି ଅନେକ ସମୟରୁ ଆମକୁ ଅପେକ୍ଷା କରି ଠିଆ ହୋଇଥିଲା । ଆମ ଡ୍ରାଇଭର ଗାଡ଼ି ଅଟକାଇଲା । କନେଷ୍ଟବଲ୍‌ଟି ସାଲ୍ୟୁଟ୍ କରି ଶିଲଂରୁ ଆସିଥିବା ପୋଲିସ୍ ୱାୟାରଲେସ୍‌ର ଖଣ୍ଡିଏ କାଗଜ ବିନୟଙ୍କ ହାତକୁ ବଢ଼ାଇଦେଲା । ସିନ୍‌ହା ମୃତ । ପୋଲିସ୍ ହେଡ୍‌କ୍ୱାର୍ଟର ତରଫରୁ ସାରା ପ୍ରଦେଶର ପୋଲିସ୍ ଅଫିସର୍‌ମାନଙ୍କୁ ଖବରଟି ଜଣାଇ ଦିଆଯାଇଛି ।

ଘର ପର୍ଯ୍ୟନ୍ତ ବାକିତକ ରାସ୍ତା ଆମେ କେମିତି ଆସିଚୁ ମୋର କିଛି ମନେ ନାହିଁ । ବିନୟ ଓ ମୁଁ ଜଡ଼ବତ୍ ଗାଡ଼ିରେ ବସିଥିଲୁ । ଆମର ସେତେବେଳର ମାନସିକ ଅବସ୍ଥା ବର୍ଣ୍ଣନା କରିବାପାଇଁ ସମସ୍ତ ଶବ୍ଦକୋଷ ଘାଣ୍ଟିଲେ ବି ସଠିକ୍ ଶବ୍ଦଟିଏ ମିଳିବ ବୋଲି ମୁଁ ଭାବିପାରୁନି । ପରେ ଖବର ପାଇଥିଲୁ ଅତ୍ୟଧିକ ମଦ୍ୟପାନ ହେତୁ ସିରୋସିସ୍ ଅଫ୍ ଲିଭର୍ ବେମାରୀରେ ସିନ୍‌ହାର ମୃତ୍ୟୁ ଘଟିଥିଲା । ଇଗା ଯାପରେ ବିହାର ଫେରିଯାଇଥିଲେ ଛିଲାକୁ ନେଇ ।

ଏବେ ଥରେ ପୁରୁଣା ଆଲବମ୍‌ଟି ଘାଣ୍ଟୁଥିଲି । ତେତିଶ ବର୍ଷ ଆଗର ଉଣିଶ ଶହ ଚଉଷଠି ମସିହାର କଳାଧଳା ଫଟୋ ସବୁ, ରଙ୍ଗ ଛାଡି ଛାଡ଼ି ଆସିଲାଣି । ହଠାତ୍ ଆଲବମ୍‌ର ଶେଷ ପୃଷ୍ଠାରେ ନଜର ଅଟକିଗଲା । ଏ ଫଟୋଟି କଥା ବିଲ୍‌କୁଲ୍ ଭୁଲି ଯାଇଥିଲି ।

ନୂଆ ବାହା ହୋଇ ଗଲା ପରେ ଡେରଗାଓଁ ଅଫିସର୍ସ ମେସ୍ ସାମ୍‌ନାରେ ଉଠା ଫଟୋରେ ମୋର ଗୋଟିଏ ପଟେ ବିନୟ ଓ ଆରପଟେ ସିନ୍‌ହା । ସାମ୍‌ନାରେ ଘାସ ଉପରେ ବସିଛି ଛୁଲ୍ଲା । ମନେ ପଡ଼ିଲା - ଶ୍ରୀ ଗୋସ୍ୱାମୀ ଫଟୋଟି ଉଠାଉଥିଲା ବେଳେ ସିନ୍‌ହା ଜିଦ୍ ଧରିଥିଲା, ଛୁଲ୍ଲା ବି ତା' ସାଥିରେ ରହିବ ବୋଲି ।

■ ■ ■

ଅକ୍ଟୋବର ୧୯୯୭

Digitized by srujanika@gmail.com

# ଚାରୋଟି କୁକୁଡ଼ା ଅଣ୍ଡାର କାହାଣୀ

ସେମାନେ ଆସି ପହଞ୍ଚିଲେ ଠିକ୍ ବାରଟା ପାଖାପାଖି । ପୁଅ ଯାଇଥିଲା ସ୍କୁଲ । ବିନୟ ଅଫିସ୍‌ରେ । ମୁଁ ଥିଲି ଏକା । ଘର ବିଲ୍‌କୁଲ୍ ଶୂନ୍‌ଶାନ୍ । ମୁଁ ଠିଆ ହୋଇଥିଲି ଅଗଣାରେ । ପାହାଡ଼ ତଳ ଝରଣାଆଡୁ ତୀବ୍ରବେଗରେ ପବନ ବହୁଥିଲା । ମୁଖରା ଝରଣାଟିର କୁଳୁକୁଳୁ ଶବ୍ଦ ବହି ଆସୁଥିଲା ସେ ଦମ୍‌କା ପବନ ସାଥିରେ । ଚମତ୍କାର ସୁନେଲୀ, ଶୁଖିଲା ଦିନ । ଫିକା ହଳଦୀରଙ୍ଗର ପାଣିଚିଆ ଖରା ଧୋଇଦେଉଥିଲା ଚକ୍ରବାଳଯାଏ ଲମ୍ବିଥିବା ଉଚ୍ଚ ଉଚ୍ଚ ପର୍ବତଶ୍ରେଣୀସବୁ- ବେଶ୍ ଅକୃପଣ ଭାବରେ । ମିଜୋ ପାହାଡ଼ର ବନବୀଥିରୁ ଉପୁଚି ପଡୁଥିବା ସବୁଜ ସୁଷମାର ଘ୍ରାଣ ନେଉଥିଲି ନିଃଶ୍ୱାସ ଭରି । ଶ୍ୟାମଳିମା କଅଣ ଏମିତି ଅତରମିଶା ଫଗୁ ପରି ରେଣୁ ରେଣୁ ହୋଇ ସମୀର ସାଥିରେ ମିଶିଯାଏ ? ତୁଙ୍ଗଶିଖରୀ ପର୍ବତମାଳା ଓ ସୁଦୂରପ୍ରସାରୀ ସମୁଦ୍ର ଉଭୟ ସତେ ଯେମିତି ଟିକିଏ ସତ୍ତାହୀନ କରିଦିଅନ୍ତି ମଣିଷକୁ । ସଚେତନ କରାଇ ଦିଅନ୍ତି କୌଣସି ଏକ ସୁବୃହତ ଐଶୀ ଶକ୍ତିର ଅବସ୍ଥିତି ସଂପର୍କରେ । ବସ୍ତୁତଃ ମୁଁ ସାମାନ୍ୟ ଅନ୍ୟମନସ୍କ ଥିଲି । ଆଉ ଠିକ୍ ଏତିକିବେଳେ, ମତେ ସାମାନ୍ୟ ଚମ୍‌କାଇ ଦେଇ, ସେମାନେ ଆସି ଠିଆହେଲେ ମୋ ଆଗରେ । ଦୁଇଜଣ ଯାକଙ୍କର ବାମହାତରେ ଓହଳା ବେଶ୍ ବଡ଼ମାପର ତେଲ ରଙ୍ଗର ଟିଣ । ଅନ୍ୟ ହାତମୁଠାରେ ଧରା ଚଉଡ଼ା ହାଣ୍ଡେଲ୍‌ବାଲା ରଙ୍ଗଦିଆ ବ୍ରସ୍ । ଦୁହେଁ ଈଷତ୍ ହସି ମିଜୋଭାଷାରେ ମତେ କିଛି କହିଲେ । ମୁଣ୍ଡ ହଲାଇଲି । ମିଜୋ ଭାଷା ଆସେନି । ଚେଷ୍ଟା କଲି ହିନ୍ଦୀ କିମ୍ବା ଇଂରାଜୀରେ କଥା କହିବାକୁ ସେମାନଙ୍କ ସାଥିରେ । ଏଥରକ ସେମାନେ ମୁଣ୍ଡ ହଲାଇଲେ । ସେ ଦୁଇଟି ଭାଷା ସେମାନଙ୍କୁ ଆସେନି ।

ଏମିତିରେ ଘରକୁ କୌଣସି ଅଚିହ୍ନା ମିଜୋଲୋକ ଆସିଲେ ମତେ କିଞ୍ଚିତ୍ ଭୟ ଲାଗୁଥିଲା । ମିଜୋଗରିଲାମାନଙ୍କର ପ୍ରଚଣ୍ଡ ଉପଦ୍ରବ ସେତେବେଳେ । ସେମାନେ ଯୁଦ୍ଧ କରୁଥିଲେ ଭାରତବର୍ଷର ଅଲଗା ହୋଇ ନୂଆରାଜ୍ୟ ଗଠନ କରିବାପାଇଁ । ଅଣମିଜୋମାନେ ଥିଲେ ତାଙ୍କର ଶତ୍ରୁ - ତାଙ୍କ ଭାଷାରେ 'ଭାଇ' । 'ଭାଇ' ଶବ୍ଦଟିର ଅର୍ଥ ତାଙ୍କ ପାଇଁ ସଖା ବା ସହୋଦର ନଥିଲା, ଥିଲା ଭିନ୍ନଦେଶୀ, ଅଲଗା ରାଜ୍ୟର ଲୋକ । ପ୍ରାୟ ଦିନ ମିଜୋନାସ୍‌ନାଲ୍‌ଫ୍ରଣ୍ଟ ଉଗ୍ରପନ୍ଥୀମାନଙ୍କର ଗୁଳିଚାଳନାରେ କେହି ନା କେହି ଅଣମିଜୋ ଅଫିସର ମୃତ କିମ୍ବା ଆଘାତପ୍ରାପ୍ତ ହେଉଥିଲେ । ସେମାନଙ୍କ ଚାରିପଟେ ରହିଥିବା କଡ଼ା ସରକାରୀ ନିରାପତ୍ତା ବ୍ୟବସ୍ଥା ସତ୍ତ୍ୱେ । ଏଭଳି ପରିବେଶରେ

Digitized by srujanika@gmail.com

ଦୁଇଟି ନୂଆ ଓ ଅଜଣା ମିଜୋଲୋକ ଦେଖି ମୋ ମନରେ କିଛିଟା ଭୀତିସଂଚାର ହେବା ଥିଲା ସ୍ୱାଭାବିକ । କିନ୍ତୁ ମୋ ସାମ୍ନାରେ ଠିଆ ହୋଇଥିବା ମଣିଷ ଦୁଇଟିଙ୍କର ପରିଚ୍ଛନ୍ନ ହସ ତଥା ମୁହଁର ଅଭିବ୍ୟକ୍ତି ଏତେ ମିଠା, ସଚ୍ଚୋଟ ତଥା ସୁଖପ୍ରଦ ଥିଲା ଯେ କେଜାଣି କାହିଁକି ସେମାନଙ୍କୁ ଦେଖି ମୋତେ ଭୟ ଲାଗିଲାନି ।

କିଛିସମୟ ପାଇଁ ସେମାନେ ଓ ମୁଁ, ମୃଦୁ ହସି ଓ ପରସ୍ପରକୁ ସାମ୍ନାରେ ରଖି ନୀରବରେ ଠିଆ ହୋଇ ରହିଲୁ । ତା'ପରେ ଦୁଇଜଣଯାକ ଅଚାନକ ଏକାସାଥିରେ ହାତରେ ଧରିଥିବା ରଙ୍ଗଟିଣ ଦୁଇଟି ଆଡ଼େ ମୋ ଦୃଷ୍ଟି ଆକର୍ଷଣ କରି, ହାତରେ ଧରିଥିବା ବ୍ରସ୍ ଦୁଇଟିକୁ ରଙ୍ଗଦେବାର ଭଙ୍ଗୀରେ ଶୂନ୍ୟରେ ଫଟ୍‌ଫଟ୍ ଚଲାଇବାକୁ ଆରମ୍ଭ କଲେ । ସେମାନଙ୍କ ଇଙ୍ଗିତରୁ ତଥା ସେମାନଙ୍କ ମୁହଁରୁ ବାରମ୍ବାର ଉଚ୍ଚାରିତ ହେଉଥିବା ପି.ଏଚ୍.ଡି. ଶବ୍ଦଟିରୁ ବୁଝିପାରିଲି ଯେ ସେମାନେ ଆମର ସରକାରୀ କ୍ୱାର୍ଟରଟିକୁ ରଙ୍ଗ ଦେବା ପାଇଁ ଆସିଛନ୍ତି ।

ଆମେ ଆଇଜଲ୍‌ରେ ଆସ୍ଥାନ ଜମାଇଥିବା ଘରଟିର ନିର୍ମାଣକାର୍ଯ୍ୟ ସଂପୂର୍ଣ୍ଣ ରୂପେ ଶେଷ ହୋଇନଥିଲା । ରହିଯାଇଥିଲୁ ତରବରିଆ ହୋଇ । କାରଣ ଯା ଆଗରୁ ସହର ମଝିରେ ପାହାଡ଼ଉପରେ ଥିବା ପୁରୁଣାଘରଟି ଆମକୁ ସୁହାଇନଥିଲା । ପାହାଡ଼ିଆ ଭୂଇଁରେ ଚାଲବୁଲ କରିବାରେ ଅନଭ୍ୟସ୍ତ ଥିବା ମୋ ସାନପୁଅଟି ଥରେ ଗୋଡ଼ଖସି ପାହାଡ଼ ତଳକୁ ଖସି ପଡ଼ିଥିଲା । ଏକ୍‌ଦମ୍ ତଳକୁ ଗଡ଼ିନଯାଇ, ସୌଭାଗ୍ୟବଶତଃ କେଇଫୁଟ୍ ତଳେ ପାହାଡ଼ କାଟି ତିଆରି ହୋଇଥିବା ପାଦଚଲା ରାସ୍ତାରେ ଅଟକି ଯାଇଥିଲା । ଗୋଟିଏ ପଟ୍ ଗାଲ କିନ୍ତୁ ହୋଇଯାଇଥିଲା ବିଦୀର୍ଣ୍ଣ । ଆଉଥରେ ବର୍ଷା ପରେ ପାହାଡ଼ ଧସିଯିବା ଫଳରେ ମୁଁ ମଧ୍ୟ କିଛି ପରିମାଣରେ ମାଟି ତଳେ ପୋତି ହୋଇଯାଇଥିଲି । ତେଣୁ ବ୍ୟତିବ୍ୟସ୍ତ ହୋଇ, ରଙ୍ଗ କାମ ନହୋଇଥିଲେ ସୁଦ୍ଧା, ସହରଠାରୁ କିଞ୍ଚିତ୍ ଦୂରରେଥିବା ଏଇ ନବନିର୍ମିତ ସାନଘରଟିକୁ ଚାଲି ଆସିଥିଲୁ । ଏ ଘରଟି ମଧ୍ୟ ଥିଲା ପାହାଡ଼ର ଶୀର୍ଷଦେଶରେ । କିନ୍ତୁ ଘରଟିର ଚାରିପଟେ ଅଣ୍ଟେ ଉଚ୍ଚର ବେଶ୍ ଶକ୍ତ ବାଉଁଶର ବାଡ଼ଥିଲା । ଗୋଡ଼ଖସି ତଳକୁ ପଡ଼ିଯିବାର ଭୟ ନଥିଲା ଅନ୍ତତଃ ।

ମିଜୋରାମ୍‌ର ଘରଗୁଡ଼ିକ ଥିଲା ପ୍ରାୟତଃ କାଠରେ ତିଆରି । ଲମ୍ବଲମ୍ବ ଚଉଡ଼ାକାଠର ପଟା ଗୋଟିକ ଉପରେ ଗୋଟିଏ ଖଞ୍ଜି ତିଆରି ହେଉଥିଲା ଘରର ଦୀବାଲ୍ । ଅନ୍ୟଥା, ମୋଟା ମୋଟା କାଠଫ୍ରେମ୍‌ରେ କାର୍ଡବୋର୍ଡ ସଦୃଶ ଦିଶୁଥିବା ସାନ ସାନ ଆଜବେଷ୍ଟସ୍ ସିଟ୍ ପେଚଦେଇ ଆଣ୍ଡି, ତିଆରି ହେଉଥିଲା କାନ୍ଥ । କାଠଗୁଡ଼ିକରେ ସୁରକ୍ଷା ପାଇଁ ରଙ୍ଗ ଦେବା ଥିଲା ଏକାନ୍ତ ଜରୁରୀ । ତେଣୁ ରଙ୍ଗଦେବା ପାଇଁ ଆସିଥିବା ଲୋକଦୁଇଟିକୁ ଦେଖି ମନ ପ୍ରଫୁଲ୍ଲିତ ହେଲା । ଯାହାହେଉ, ଘରଟିରେ

Digitized by srujanika@gmail.com

ହେଲେ ପୋଚଟାଏ ରଙ୍ଗ ଲାଗିଯିବ । କାମ ଆରମ୍ଭ ହେବା ଆଗରୁ ଜାଣିଥିବା ଏକମାତ୍ର ମିଜୋବାକ୍ୟଟିର ସଦ୍‌ବ୍ୟବହାର କଲି ଓ ପଚାରିଲି "ତୁମ୍‌ଙ୍କ ହେ ଇହ୍‌ଙ୍ଗମିଙ୍ଗ ?" ତୁମ ନାଁ କଅଣ ? ଦିହେଁ ଉତ୍ତର ଦେଲେ ଜଣଜଣ ହୋଇ । ଜଣଙ୍କର ନାଁ 'ପୁନି' । ଅନ୍ୟଜଣଙ୍କର ବୁଆଙ୍ଗା । ପୁନି ଥିଲା ଖର୍ବକାୟ ଓ ବୃଦ୍ଧ । ଗୌରବର୍ଣ୍ଣ, ଈଷଦ୍ ନ୍ୟୁବ୍ଜ ଚେହେରା । ଗୋଟିଏ ପଟ କାନ୍ଧ ଅନ୍ୟ କାନ୍ଧଟି ଅପେକ୍ଷା ସାମାନ୍ୟ ତଳକୁ ଝୁଙ୍କି ରହିଥିଲା । ମୁଣ୍ଡରେ ହାଲୁକା ପଡ଼ିଆସିଥିବା କାଶଶୁଭ୍ର କେଶ । ବିକଶିତ ଦନ୍ତପଂକ୍ତି ଥିଲା ଅନବରତ ତମାକୁ ଚର୍ବଣର ଫଳ ହେତୁ ହରିଦ୍ରାଭ । ବୁଆଙ୍ଗା ଥିଲା ଅପେକ୍ଷାକୃତ କମ୍ ବୟସର । ବର୍ଣ୍ଣରେ ଶ୍ୟାମଳ । ମୁଣ୍ଡରେ ଝିଙ୍କକାଠି ପରି ଠିଆ ଠିଆ ଆମିଷାଳିଆ ଚୁଳରେ କୃକଟ୍ କରା ବାଳ ଯାହାକି ମୁଣ୍ଡ ଉପରେ କଳା ଟୋପରଟିଏ ପିନ୍ଧିବାର ଭ୍ରମ ଦେଉଥିଲା । ଗଳାର ସ୍ୱର ଥିଲା ଅନୁନାସିକ ।

ଦୁଇଜଣଯାକଙ୍କ ମୁହଁରେ ସ୍ୱ ଗୋଷ୍ଠୀର ଛାପ ସୁସ୍ପଷ୍ଟ । ଉଚ୍ଚ ହନୁହାଡ଼, ଅନୁନ୍ନତ ନାସିକା ଓ କିଞ୍ଚିତ ଚେପ୍‌ଟା ମୁହଁ । ତୀର୍ଯ୍ୟକ୍ ଭାବରେ ଚିରା ହୋଇଥିବା ସରୁ ସରୁ ଆଖି ଓ ନିର୍ଲୋମ ଭ୍ରୂଲତା । ଦିହିଁଙ୍କର ପହରଣ ଥିଲା ଶତଛିନ୍ନ ମଇଳା ଫୁଲ୍‌ପ୍ୟାଣ୍ଟ ଓ ସାର୍ଟ । ଦୁହେଁ ଥିଲେ ଦାରିଦ୍ର୍ୟ ଓ ଅନାଦରର ମୂର୍ତ୍ତିମନ୍ତ ଅବତାର । ଦୁଇଜଣଯାକଙ୍କୁ ଡାକି ଘର ଭିତରକୁ ନେଇ । ଦେଖାଇ ଦେଲି ବଖରା ସବୁ । କାମ ବି ଆରମ୍ଭ କରିଦେଲେ ସେମାନେ ଚଟାପଟ୍ ।

ରଙ୍ଗ କାମ କରିବା ପୂର୍ବରୁ ରଙ୍ଗଛିଟାରୁ ବଞ୍ଚାଇବାପାଇଁ ଘରର ଜିନିଷପତ୍ର ବାହାରକୁ ନେଇ ଆସିବାକୁ କହିଲି ସେମାନଙ୍କୁ । ବେଶ୍ ବୋଲକରା ଥିଲେ ସେମାନେ । ସତର୍କତାର ସହିତ ଓ ବିନା ବାକ୍ୟବ୍ୟୟରେ ଜିନିଷ ସବୁ ବାହାରେ ଆଣି ଜମା କରିବାକୁ ଲାଗିଲେ ଏବଂ ଠିକ୍ ସେତିକିବେଳେ, ମୋର ଅଜାଣତରେ ମୁଁ ଗୋଟିଏ ମାରାତ୍ମକ ଭୁଲ୍ କରି ବସିଲି । ଅନେକଗୁଡ଼ିଏ ହାଣ୍ଡଲ୍‌ଭଙ୍ଗା କପ୍, ସାମାନ୍ୟ ଫାଟିଯାଇଥିବା କାଚଗ୍ଲାସ ଓ କିଛି ଅବ୍ୟବହୃତ ପ୍ଲାଷ୍ଟିକ୍ ଗ୍ଲାସ ଓ ମଗ୍ ଗୋଟିଏ ବେତଝୁଡ଼ିରେ ଘରକଣରେ ଜମା ହୋଇ ପଡ଼ିଥିଲା । ଝୁଡ଼ିଟି ସେମାନେ କାଢ଼ିଲାବେଳେ, ଯଦି ସେମାନଙ୍କର କିଛି କିଛି କାମରେ ଆସେ, ତାହେଲେ ତାହା ସେମାନେ ନେଇପାରନ୍ତି ବୋଲି କହିଦେଲି । ମୋର ଏଇଭଳି ଅପ୍ରତ୍ୟାଶିତ ବଦାନ୍ୟତାରେ ସେମାନେ ପ୍ରଥମେ କେଇମୁହୂର୍ତ୍ତ ପାଇଁ ହତଚକିତ ହୋଇପଡ଼ିଲେ ଏବଂ ତା'ପରେ ବେଶ୍ ଦିଲ୍‌ଖୋଲା ହସ ହସି ଜିନିଷତକ ନେଇ ସାଇତି ରଖିଲେ ପିଣ୍ଡାତଳେ-ଗଲାବେଳେ ସାଥିରେ ନେଇଯିବାପାଇଁ । ଏବଂ ଯା'ପରେ ପ୍ରତ୍ୟେକଟି ସାନ ସାନ ଜିନିଷ ଘରୁ କାଢ଼ିଲାବେଳେ ମତେ ବାରମ୍ବାର ପଚାରିବାକୁ ଲାଗିଲେ ସେ ଜିନିଷଟି ସେମାନେ ନେଇ ପାରିବେ କି ନାହିଁ ।

Digitized by srujanika@gmail.com

ଦିନ ଭିତରେ ଅତିକମ୍‌ରେ ପଚାଶଥର ମୋତେ ସେମାନଙ୍କର ଏଭଳି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଥିଲା ଓ ଅନେକ ସମୟରେ ତାହା ବିରକ୍ତିକର ବି ମନେହେଉଥିଲା । ବେଳେବେଳେ ମୁଁ ଅସହିଷ୍ଣୁ ହେଇ ପଡୁଥିଲି ଓ ମୋ ମୁହଁର ମାଂସପେଶୀଗୁଡ଼ିକର ସଂକୁଚନ ଓ ପ୍ରସାରଣରେ କେବେ କେମିତି ମୋର ମନଭିତରର ଅସହିଷ୍ଣୁତା ଓ ରୂଢ଼ତା ଫୁଟି ବାହାରୁଥିଲା ମଧ । କିନ୍ତୁ ସେମାନଙ୍କର ହୃଦୟ ଥିଲା ଅତି ମାତ୍ରାରେ ଉଦାର । ଯେଉଁ ଜିନିଷ ମୋର ଦରକାର, ତାହା ଦେବାପାଇଁ ମୁଁ ଅନିଚ୍ଛୁକ ହେଲେ, ସେମାନେ ଆଦୌ ଖରାପ ଭାବୁନଥଲେ ଓ ପରମଯତ୍ନରେ ତାହା ନେଇ ଘରଭିତରେ ନିର୍ଦ୍ଦିଷ୍ଟ ସ୍ଥାନରେ ସାଇତି ରଖୁଥିଲେ । କିନ୍ତୁ ଅନେକ ଅଦରକାରୀ ଜିନିଷ, ଯାହା କି ପ୍ରତ୍ୟେକ ପରିବାରରେ ଏପଟ ସେପଟ ହୋଇ ପଡ଼ିଥାଏ- ଯଥା ସୂତା ଉଲୁରିଆସିଥିବା ତଉଲିଆ, ରଙ୍ଗ ଉଠିଯାଇଥିବା ଜାମା, ସାମାନ୍ୟ ଙ୍କଣା ହୋଇଯାଇଥିବା ଗେଞ୍ଜି, ଅବ୍ୟବହୃତ ପାପୋଛ, ପିଲାଙ୍କ ପୁରୁଣା ଖେଳଣା ଓ ବଲ୍, ପୁରୁଣା ଛୁରୀ ବ୍ଲେଡ, ଶିଶି, ବୋତଲ ଓ ଡବା, ତଳିପା ଘଷା ହାଓ୍ୱାଇ ଚପଲ, ଆଣ୍ଠ ହୋଇ ଆସୁଥିବା ଜୋତା, ପୁରୁଣା ଭାନିଟି ବ୍ୟାଗ୍ - ଇତ୍ୟାଦି ମୁଁ ସେମାନଙ୍କୁ ଦେଇ ଦେଉଥିଲି । ସେମାନେ ସଂଗ୍ରହ କରୁଥିବା ସବୁତକ ଜିନିଷ ଯେ ସତରେ ସେମାନଙ୍କର କୌଣସି କାମରେ ଲାଗିବ ଏ ସଂପର୍କରେ ମୁଁ ସନ୍ଦିହାନ ଥିଲି । କିନ୍ତୁ ସେମାନେ କୌଣସି ଜିନିଷ ଫିଙ୍ଗିବାକୁ ରାଜି ନଥିଲେ । ପରମ ଆଗ୍ରହରେ ଗୋଟାଇ ରଖୁଥିଲେ ନେଇଯିବାପାଇଁ । ଚାରି ପାଞ୍ଚଦିନ ପରେ ଯେତେବେଳେ ସେମାନଙ୍କର ରଙ୍ଗକାମ ସରିଗଲା, ସେତେବେଳେ ମାସ ମାସ ଧରି ଜମାହୋଇଥିବା ଜଞ୍ଜାଳରୁ ମୋ ଘରଟି ମୁକ୍ତ ହୋଇଯାଇଥିଲା ଓ ସେମାନଙ୍କର ସଂଗୃହୀତ ଜିନିଷର ପୁଟୁଳିଯୋଡ଼ିକ ବେଶ୍ ବୃହଦାକାର ଧାରଣ କରିଥିଲା ।

ଲୋକ ଦୁଇଟି ଥିଲେ କିନ୍ତୁ ଅତ୍ୟନ୍ତ କର୍ମନିଷ୍ଠ । ଏବଂ ତତ୍‌ସହିତ ସମଭାବରେ ପ୍ରଗଳ୍‌ଭ ମଧ । ସାରାଦିନ ମୋ ସହିତ କଥା କହୁଥିଲେ । ମୁଁ ମିଜୋଭାଷା ଜାଣିନଥିଲି । ତେଣୁ କଥାସହିତ ସେମାନଙ୍କୁ ପ୍ରଚୁର ପରିମାଣରେ ଅଙ୍ଗଭଙ୍ଗୀ କରିବାକୁ ପଡୁଥିଲା । ସବୁଠାରୁ ଆଚମ୍ବିତ କଥା, ଆମେ କେହି କାହାରି ଭାଷା ଜାଣିନଥିଲେ ସୁଦ୍ଧା ପରସ୍ପରର ମନକଥା ବୁଝିବାରେ ଆମର ବିଶେଷ କିଛି ଅସୁବିଧା ହୋଇନଥିଲା । ଠାର ଓ ଇଙ୍ଗିତ ଦେଉଥିଲା ଭାଷାର କାମ ।

ପୁନି ଓ ବୁଆଙ୍ଗା ଆସୁଥିଲେ ସକାଳୁ । ଯାଉଥିଲେ ଅପରାହ୍ଣରେ । ବିନା ଭୋଜନରେ କାମ କରୁଥିଲେ ସାରାଦିନ । ମଝିରେ କେବଳ ଖାଉଥିଲେ ସାଥିରେ ଆଣିଥିବା ସପୁରୀଟି ମାନ । ଖାଇବାର ପଦ୍ଧତି ବି ଥିଲା ଅଭିନବ । ମୋ'ଠାରୁ ଛୁରୀ ମାଗି ସପୁରୀଟିକୁ ଲୟଆଡିଆ ଦୁଇଭାଗ କରି କାଟୁଥିଲେ । ତା'ପରେ ସେଇ ଅର୍ଦ୍ଧାଂଶକୁ

Digitized by srujanika@gmail.com

ମଝିଆଡୁ ଖଣ୍ଡ ଖଣ୍ଡ କରି ଦାନ୍ତରେ କାଟି ଖାଉଥିଲେ । ରସ ଗଡ଼ିଆସୁଥିଲା ଦୁଇ ଓଠକଡ଼ରୁ । ଖାଇ ସାରିଲା ପରେ ତାଙ୍କ ହାତରେ କେବଳ ରହିଯାଉଥିଲା ସପୁରୀ ଫଳର ଆଖି ମିଶ୍ରିତ ଚୋପାଟି । ଗୋଟିକ ଉପାସରେ କାମକରୁଥିବା ଖୁସ୍‌ମିଜାଜ୍ ନିଃସ୍ୱ ଲୋକଦୁଇଟିଙ୍କୁ ଦେଖି, ମୋର ବେଶ୍ କଷ୍ଟ ହେଉଥିଲା ଓ ମଧ୍ୟାହ୍ନରେ ସେମାନଙ୍କୁ ସାମାନ୍ୟ ଚା' ଓ ଜଳପାନ ଦେଉଥିଲି ।

ଚାରି ପାଞ୍ଚଦିନ ପରେ ରଙ୍ଗ କାମ ସରିଗଲା । ମୋତେ ପ୍ରଚୁର ଧନ୍ୟବାଦ ଦେଇ ଓ ମୋର ଅବ୍ୟବହୃତ ଜିନିଷତକ ଧରି ବେଶ୍ ପ୍ରସନ୍ନ ଚିତ୍ତରେ ବିଦାୟନେଲେ ପୁନି ଓ ବୁଆଙ୍ଗା । ଚକ୍‌ଚକ୍ ସଫେଦ୍‌ରଙ୍ଗର ଲେପ ନେଇ ଘରଟି ଆମର ଦିଶୁଥିଲା ଚମତ୍କାର । ଆମ ଜୀବନ ପୁଣି ବହିଚାଲିଲା ତା'ର ନିତିଦିନିଆ ଛନ୍ଦରେ ।

ପ୍ରାୟ ମାସକ ପରେ, ଯେତେବେଳେ ମୁଁ ପୁନି ଓ ବୁଆଙ୍ଗାଙ୍କୁ ଏକରକମ ଭୁଲିଯିବାକୁ ବସିଥିଲି, ପୁରୁଣା ସ୍ମୃତିକୁ ତାଜା କରି ହଠାତ୍ ଦିନେ ମଧ୍ୟାହ୍ନରେ ଉଦୟ ହେଲା ବୁଆଙ୍ଗା - ତା'ର ସାନମାନ ଦୁଇଟି ସନ୍ତାନ ଓ ଆସନ୍ନପ୍ରସବା ପତ୍ନୀକୁ ସାଥିରେ ଧରି । ଜ୍ୟେଷ୍ଠପୁତ୍ରଟି ଥିଲା ବୁଆଙ୍ଗାର କୋଳରେ । ଦ୍ୱିତୀୟ ପୁତ୍ରଟି ତା' ସ୍ତ୍ରୀ ପିଠିପଟେ ଗାମୁଛା ଦେଇ ବନ୍ଧା ହୋଇଥିଲା । ଶିଶୁଦୁଇଟି ଥିଲେ ରୁଗ୍ଣ ଓ ଶୀର୍ଣ୍ଣକାୟ । ଶରୀରରେ ପୁଷ୍ଟିହୀନତାର ଲକ୍ଷଣ ସ୍ପଷ୍ଟ । ଭଗ୍ନସ୍ୱାସ୍ଥ୍ୟର ଲୁଙ୍ଗିପିନ୍ଧା ମହିଳାଟି, ଯାହାର କପୋଳ ଓ ଚିବୁକ୍‌ରେ ଜମା ହେଇଥିବା ଟୋପି ଟୋପି ସ୍ୱେଦବିନ୍ଦୁ ସୂର୍ଯ୍ୟକିରଣରେ ଝଟକୁଥିଲା, ସ୍ୱ ସ୍ଫୀତୋଦରର ଭାରରେ ଥିଲା ଅବଶ ଓ କ୍ଳାନ୍ତ । ବୁଆଙ୍ଗା କଥାରୁ ଯାହା ବୁଝିଲି ତାହାହେଲା, ଅନେକଦୂରରେ ଥିବା ପାହାଡ଼ ସେପଟ ଗାଁରୁ ସିଏ ତା ପତ୍ନୀକୁ ନେଇଆସିଛି ମତେ ଦେଖାଇବାପାଇଁ । ମୋ'ପରି ଭଲ 'କପି' ବା ଭଦ୍ରମହିଳାଟିଏ ସିଏ କୁଆଡ଼େ ଏପର୍ଯ୍ୟନ୍ତ ତା' ଜୀବନରେ ଦେଖିନି । ବୁଆଙ୍ଗା କଥା ଶୁଣି ମନେ ମନେ ଲଜ୍ଜିତ ହେଲି । ଆଉ କେହି ଜାଣୁ ବା ନଜାଣୁ, ଅନ୍ତତଃ ମୁଁ ନିଜେ ଜାଣିଥିଲି ଯେ ବୁଆଙ୍ଗାର ବର୍ଣ୍ଣନାମାଫିକ୍ ଏତେ ବେଶୀ ଭଲପଣିଆ ମୋ ପାଖରେ ନଥିଲା । କାଇଁ, ଟିରାସାର୍ଟ ବଦଳରେ, ଆଲମାରୀରେ ଥାକମାରି ରଖାହୋଇଥିବା ସ୍ୱାମୀଙ୍କ ଭଲ ସାର୍ଟରୁ ଖଣ୍ଡିଏ ତ ମୋହ ତୁଟାଇ ଦେଇପାରିନଥିଲି ତାକୁ । ଯଦିଓ ଠିକ୍ ଜାଣିଥିଲି ଯେ ତା'ର ଗୋଟିକରୁ ଯୋଡ଼ିଏ ଜାମା ନଥିଲା । ପ୍ରତିଦିନ କାମ କରିବାକୁ ଆସୁଥିଲା ସେଇ ଏକମାତ୍ର ମଳିନ, ଶତଚ୍ଛିନ୍ନ ଜାମାଟି ପିନ୍ଧି ।

ବୁଆଙ୍ଗାକୁ ଓ ତା' ପତ୍ନୀକୁ ବସିବା ପାଇଁ ଆସନ ଦେଲି । ପିତାମାତାଙ୍କ କୋଳରୁ କୁନିକୁନିଆ ଯୋଡ଼ିକ ଅବାକ୍ ଦୃଷ୍ଟିରେ ଅନାଇ ରହିଲେ ମୋଆଡ଼େ । ଗାଲ ଟିପି ଆଦର କଲି ସେମାନଙ୍କୁ । ବିସ୍କୁଟ ଦି'ଖଣ୍ଡି ଲେଖାଏଁ ହାତରେ ଧରାଇଦବା ପରେ ସେମାନେ ମନମଉଜରେ ସାରା ପିଣ୍ଡା ବୁଲି ବୁଲି ଖେଳିବାକୁ ଲାଗିଲେ ।

Digitized by srujanika@gmail.com

ବୁଆଙ୍ଗା ଓ ତା' ସ୍ତ୍ରୀ ତା' ପିଇଲେ । ଥଙ୍ଗପୁଇ ପିଉ ପିଉ ଅନେକ ଗପ କଲା ବୁଆଙ୍ଗା । ତା ବାରିର ଧାନୀଲଙ୍କା ଗଛର କଥା । ତା'ର ସ୍ନେହଶୀଳା ଭୀରୁ ପତ୍ନୀଟିର ସହନଶୀଳତାର କଥା ଓ ସର୍ବୋପରି ତା'ର ଅଭାବ ଅନାଟନର କଥା । ରାଗିଲି ତା' ଉପରେ । ଅନ୍ତଃସତ୍ତ୍ୱା ପତ୍ନୀଟିକୁ ଶାରୀରିକ କଷ୍ଟ ଦେଇ ଏତେ ବାଟ ପାହାଡ଼ ଚଢ଼ାଇ ନେଇଆସିଛି ବୋଲି । ବୁଆଙ୍ଗା ତଳକୁ ଚାହିଁ ଧୀରସ୍ୱରରେ ଉତ୍ତରଦେଲା ''ସିଏ ନିଜେ ହିଁ ତୁମ ପାଖକୁ ଆସିବାକୁ ଚାହୁଁଥିଲା ।''

ଗପ ସରିଲା । ବୁଆଙ୍ଗା ଉଦ୍ୟତ ହେଲା ଫେରିବାକୁ । ପଥ ଯେ ଅନେକ ଦୂର । ସେମାନଙ୍କୁ ବିଦାୟ ଜଣାଇ ଘରେ ପଶିବାକୁ ଯାଉଛି, ବୁଆଙ୍ଗା ପଛରୁ ଡାକିଲା ମୋତେ । ଫେରି ଚାହିଁଲି । ବୁଆଙ୍ଗା ସଲ୍ଲଜ ହସ ହସି ଓ ତା ଫୁଲ୍‌ପ୍ୟାଣ୍ଟର ପକେଟ ଦୁଇଟି ଅଣ୍ଡାଳି ତହିଁରୁ ଚାରୋଟି କୁକୁଡ଼ା ଅଣ୍ଡାକାଢ଼ି ବଢ଼ାଇଦେଲା ମୋ ଆଡ଼କୁ; ଅତ୍ୟନ୍ତ ବିନମ୍ର ଭଙ୍ଗୀରେ । ବୁଝାଇଦେଲା - ଅଣ୍ଡା ଚାରୋଟି ମୋ ପୁଅପାଇଁ ତା' ତରଫରୁ ଉପହାର । ଖାଲି ହାତରେ ମୋ ପାଖକୁ ସିଏ ଆସିଥାଆନ୍ତା ବା କେମିତି ? ସିଏ ଗୋଟିଏ କୁକୁଡ଼ା ପୋଷିଛି ଘରେ । ଇଏ ତାହାରି ଅଣ୍ଡା, ଏକ୍‌ଦମ୍ ତାଜା ।

ବୁଆଙ୍ଗାର କଙ୍କାଳସାର ସନ୍ତାନ ଦୁଇଟିକୁ ଚାହିଁଲି । ନିଶ୍ଚିତରୂପେ ମୋ ପୁଅ ଅପେକ୍ଷା ସେମାନଙ୍କର ଅଧିକ ପ୍ରୟୋଜନ ଥିଲା ଏ ଅଣ୍ଡା ଚାରୋଟିର । କିନ୍ତୁ ମୁଁ ବୁଆଙ୍ଗାକୁ ମନା କରିପାରିଲିନି । ଅସମ୍ମାନ କରି ପାରିଲିନି ତା'ର ସ୍ନେହ ଓ ଶ୍ରଦ୍ଧାକୁ । ତା'ର ମାନବିକତା ଓ ହୃଦୟବତ୍ତାକୁ । ହାତ ବଢ଼ାଇ ପରମ ଆଗ୍ରହରେ ଗ୍ରହଣ କଲି ଅଣ୍ଡା ଚାରୋଟି ।

ଏ କାହାଣୀ ଅନେକ ପୁରୁଣା । ଉଣିଶ ଶହ ବାସ୍ତରୀ ମସିହାର । ଆଜିଠୁ ଛବିଶ ବର୍ଷ ଆଗର କଥା । କିନ୍ତୁ ସେଇଦିନଠୁ ଆଜି ପର୍ଯ୍ୟନ୍ତ, ଯେତେଥର ମୁଁ ମୋର ସ୍ୱାସ୍ଥ୍ୟବାନ, ସୁଦର୍ଶନ ପୁତ୍ରଟି ପାଇଁ ଅଣ୍ଡା ପୋଚ୍ ତିଆରି କରିଛି, ସେତେଥର ମୋର ମନେପଡ଼ିଛି ଗୋଟିଏ ଦରିଦ୍ର ମିଜୋ ରଙ୍ଗମିସ୍ତ୍ରୀର ମୁହଁ ଏବଂ ପାଞ୍ଚଫୁଟିଆ ଖର୍ବକାୟ ପାହାଡ଼ୀ ମଣିଷଟି ସତେ ଯେମିତି ଅଚାନକ ମତେ ଟପି ଉଚ୍ଚତାରେ ହୋଇଯାଇଛି ସୁବୃହତ୍ ମିଜୋ ପର୍ବତ ସହିତ ସମାନ ।

■ ■ ■

ଜାନୁଯାରୀ ୧୯୯୯

Digitized by srujanika@gmail.com

# ପଦଧ୍ୱନି

ଶ୍ରୀ ଓ ଶ୍ରୀମତୀ ଅନ୍‌ଓ୍ୱର ହୁସେନ୍ ରହୁଥିଲେ ମେସ୍‌ରେ ଆମ ପାଖାପାଖି ଅନ୍ୟ ଗୋଟିଏ ପ୍ରକୋଷ୍ଠରେ, ସପରିବାର । ତାଙ୍କୁ ସରକାରୀ କ୍ୱାର୍ଟର ସେପର୍ଯ୍ୟନ୍ତ ମିଳି ନଥିଲା, ଆମକୁ ବି । ଶ୍ରୀହୁସେନ୍ ଥିଲେ ଆସାମ ପୋଲିସରେ ଡି.ଏସ୍.ପି. । ଥିଲେ ପ୍ରୌଢ଼ ଓ କୃଷ୍ଣକାୟ । ବେଲ୍‌ଟଟି ନାଭି ପାଖରେ ସ୍ୱସ୍ଥାନରେ କଦାପି ରହୁ ନଥିଲା । ଖସି ଆସୁଥିଲା ଅଣ୍ଟା ଆଡ଼କୁ - ସ୍ଫୀତୋଦର ହେତୁ । ସାଧାରଣ ଉଚ୍ଚତାର ମୋଟାସୋଟା ମଣିଷଟିଏ, ଗୌହାଟୀରୁ ବଦଳି ହୋଇ ଆସିଥିଲେ ତେରଗାଉଁ । ଶ୍ରୀମତୀ ହୁସେନ୍ ଥିଲେ ଗୌରବର୍ଣ୍ଣା, ସ୍ଥୂଳକାୟା ଓ ରୁଚିଶୀଳା । ଆଖିରେ ରୋଲ୍‌ଡ୍‌ଗୋଲ୍‌ଡ୍‌ର ଚିକ୍ ଚିକ୍, ସରୁ ସୁନାଫ୍ରେମ୍‌ର ଚଷମା । ପିନ୍ଧୁଥିଲେ ନିଜସ୍ୱ ଆସାମୀ ପୋଷାକ । ଫୁଲପକା ମେଖଳା ଚାଦର । ଚେହେରା ଓ କଥାବାର୍ତ୍ତାରେ ମାତୃସୁଲଭ ନମନୀୟତା ଥିଲା ।

ଶ୍ରୀମତୀ ହୁସେନ୍ ଥିଲେ ପାଞ୍ଚଟି ସନ୍ତାନର ଜନନୀ । ବଡ଼ ଯୁବକ ପୁତ୍ର ଦୁଇଟି ପାଠ ପଢୁଥିଲେ ଗୌହାଟୀରେ । ଝିଅ ତିନୋଟି ରହୁଥିଲେ ପାଖରେ । ସବା ସାନ କୋଡ଼ପୋଛା ଝିଅଟି ଥିଲା ଆଠ ଦଶ ବର୍ଷର । ଝୁମ୍ପୁର୍ ଝୁମ୍ପୁର୍ ପ୍ରେଞ୍ଚକଟ୍ ବାଳ । ଦେହରେ ଫୁଲ୍‌କା ହାତର କୁଞ୍ଚପକା ଲେସ୍ ଜାମା । ମୋଟାମାଟି ଝିଅଟି ଦିଶୁଥିଲା କଣ୍ଢେଇ ପରି । ବଡ଼ଝିଅ ଯୋଡ଼ିକ - ଇଲା ଓ ଇରା ଥିଲେ ଅତ୍ୟନ୍ତ ଲାବଣ୍ୟମୟୀ ଓ ସ୍ୱାସ୍ଥ୍ୟବତୀ । ବୟସରେ ଥିଲେ ବର୍ଷେ ସାନ ବଡ଼ । କିନ୍ତୁ ଦିଶୁଥିଲେ ଯମଜ ପରି । ବଡ଼ଟି ଅପେକ୍ଷା ସାନଟିର ବର୍ଣ୍ଣଥିଲା କିଞ୍ଚିତ ନିଷ୍ପ୍ରଭ । ପ୍ରତିଦିନ ଅପରାହ୍ନରେ ଝିଅ ଯୋଡ଼ିକ ସଜବାଜ ହୋଇ ହାତକଟା ବ୍ଲାଉଜ ଓ ସିଲ୍‌କ ଶାଢ଼ୀ ପିନ୍ଧି ବୁଲି ବାହାରୁଥିଲେ । ବଡ଼ଟି ଲଗାଉଥିଲା ଟକ୍ ଟକ୍ ନାଲି ରଙ୍ଗର ଲିପ୍‌ଷ୍ଟିକ ଓ ସାନଟିର ପ୍ରିୟ ରଙ୍ଗ ଥିଲା ଫିକା ଗୋଲାପି ।

ଝିଅ ଯୋଡ଼ିକ ସାନ୍ଧ୍ୟ ଭ୍ରମଣରେ ବାହାରିଲେ ମେସ୍‌ର ଅନ୍ୟ ଗୋଟିଏ ବଖରାରେ ରହୁଥିବା ଟକ୍ ଟକ୍ ଗୋରା ଓ ଗୋଲାପି ଓଠବାଲା ଅବିବାହିତ ଯୁବକ ଡି.ଏସ.ପି. ଜଣକ - ଶ୍ରୀ ଭଟ୍ଟାଚାର୍ଜି, ଚଟ୍‌କରି ତାଙ୍କ କୋଠରୀ ବାହାରକୁ ପଳାଇ ଆସୁଥିଲେ ଓ ଝିଅ ଦୁଇଟିଙ୍କର ବାଟ ଓଗାଳି ତାଙ୍କ ସହିତ ଖୁସିଗପ କରୁଥିଲେ । ଇଲା ଓ ଇରାଙ୍କର ସମୟ ପଞ୍ଜିକା, ଶ୍ରୀ ଭଟ୍ଟାଚାର୍ଜିଙ୍କର ମୁଖସ୍ଥ ହୋଇ ଯାଉଥିଲା ।

ବାହାଘର ଠିକ୍ ପରେ ମୁଁ ଆସାମ ଯାଇଥାଏ । ବିନୟଙ୍କର ନୂଆ ପୋଷ୍ଟିଙ୍ଗ । କ୍ୱାର୍ଟର ମିଳି ନ ଥାଏ । ଆମେ ରହୁଥାଉ ଆସାମ ପୋଲିସର ଅଫିସର୍ସ ମେସ୍‌ରେ ।

Digitized by srujanika@gmail.com

ଜାଗାଟିର ନାଁ ଡେରଗାଓଁ । ଡେରଗାଓଁ ଆସାମର ଶିବସାଗର ଜିଲ୍ଲାସ୍ଥିତ ସାନ ସହରଟିଏ । ଅନ୍ତତଃ ସେତେବେଳେ ଥିଲା, ଆଜିଠୁ ଚଉତିରିଶ ବର୍ଷ ଆଗେ, ଇଣେଇଶିଶହ ଚଉଷଠି ମସିହାରେ । ଚାରିପଟେ ଚାହା ବଗିଚାର ସବୁଜିମା ଘେରା ନିରୋଳା ତନ୍ଦ୍ରାଚ୍ଛନ୍ନ ସହରଟିଏ । ପାଖରେ ଥିଲା ସାନ ପାହାଡ଼ଟିଏ - ମର୍କିହିଲ୍ସ । ପାହାଡ଼ ଉପରେ ପ୍ରାଚୀନ ଶିବ ମନ୍ଦିର । ଭାରି ପ୍ରତ୍ୟକ୍ଷ ଦେବତା । ଜାଗାଟିର ପ୍ରସିଦ୍ଧି ଥିଲା ତା'ର ପୋଲିସ ଟ୍ରେନିଂ କଲେଜପାଇଁ । ଆସାମ ପୋଲିସର ଚାରୋଟି ସଶସ୍ତ୍ର ବାହିନୀର ହେଡ୍‌କ୍ୱାର୍ଟର ମଧ୍ୟ ଥିଲା ଏଇଠି ।

ମାଇଲ ମାଇଲ ଧରି ଆଖି ଅପହୁଞ୍ଚ ସୁବୃହତ୍ ପୋଲିସ କ୍ୟାମ୍ପସ୍ । ପାଞ୍ଚଟି ପ୍ୟାରେଡ୍ ଫିଲ୍ଡ, ଖୋଲା ଷ୍ଟାଡ଼ିୟମ, ଛଅଟି ବିଭିନ୍ନ ବିଭାଗର ଦପ୍ତର, କନେଷ୍ଟବଲ ମାନଙ୍କର ବ୍ୟାରାକ, ପଦସ୍ଥ ଅଫିସର ମାନଙ୍କର ବଙ୍ଗଳା, ବିଭିନ୍ନ ୟୁନିଟର କ୍ୟାଣ୍ଟିନ୍, ସେଣ୍ଟ୍ରାଲ ୱାର୍କସପ୍, ଗୁଳିବନ୍ଧୁକ ରଖିବାର ଜାଗା - ପୋଲିସ ପରିସରଟି ଇ କେବଳ ଥିଲା ଛୋଟକାଟିଆ ସହରଟିଏ ଭଳି । ପୂରା କ୍ୟାମ୍ପସ୍‌ରେ ଅଜଗର ସାପ ପରି ଲଟେଇ ଲଟେଇ ଅଜସ୍ର ଅଣଓସାରିଆ ପିଚୁ ରାସ୍ତା, ରାସ୍ତାକଡ଼ରେ ଧାଡ଼ି ଧାଡ଼ି ହୋଇ ଛାୟାପ୍ରଦ ପଣସ ବୃକ୍ଷ ସବୁ । ଏକାସାଥିରେ ଏତେ ବେଶୀ ପଣସଗଛ ଆଗରୁ କେବେ ଦେଖିନଥିଲି ।

ପୋଲିସ୍ ବିଭାଗର ଜମାଦାରମାନେ ଓ ରିକ୍ରୁଟମାନଙ୍କର 'ଫାଟିଗ୍ ପାର୍ଟି' ହତାଟିକୁ ଓଳାଇ ପୋଛି ଚକ୍ ଚକ୍ କରି ରଖୁଥିଲେ । ଶୁଖିଲା ପତ୍ରଟିଏ ବି କେଉଁଠି ଆଖିକୁ ଦିଶୁନଥିଲା । ପରିସରଟି ଥିଲା ପ୍ରଶସ୍ତ, ଖୋଲା ମେଲା ଓ ଆବର୍ଜନାଶୂନ୍ୟ । ବିଭାଗୀୟ ମାଳିମାନେ ବିଭିନ୍ନ ଅଫିସ ସାମ୍ନାରେ ଓ ସରକାରୀ କୋଠିମାନଙ୍କରେ ଚମତ୍କାର ଫୁଲଗଛ ଲଗାଉଥିଲେ । ମୁଲାୟମ୍ ଘାସର ଲନ୍ ତିଆରି କରୁଥିଲେ ଓ ବଡ଼ବଡ଼ କତୁରୀରେ କାଟି ଜମାଟବନ୍ଧା ସବୁଜ ରଙ୍ଗର ମେହେନ୍ଦୀ ଓ ମନ୍ଦାରର ହେଜ୍ ତିଆରି କରୁଥିଲେ । ଚମତ୍କାର ପରିବେଶ, ପରିଚ୍ଛନ୍ନ ବାତାବରଣ ।

ଅଫିସର୍ସ ମେସ୍‌ଟି ଥିଲା ଅତିମାତ୍ରାରେ ସୁଦୃଶ୍ୟ । ଗସ୍ତରେ ଆସୁଥିବା ବିଭାଗୀୟ କର୍ମକର୍ତ୍ତାମାନେ କିମ୍ବା କ୍ୱାର୍ଟର ନ ମିଳିବା ପର୍ଯ୍ୟନ୍ତ ଅଫିସର୍‌ମାନେ କିଛିଦିନପାଇଁ ସେଠାରେ ରହି ଯାଉଥିଲେ । ସାଥିରେ ଥିଲା ଡାଇନିଂହଲ, କିଚେନ୍ ଓ ଟେବୁଲଟେନିସ୍ ରୁମ୍ । ସାମ୍ନାରେ ବିସ୍ତୃତ ଘାସପ୍ରାନ୍ତର । ଗେଟ୍ ଉପରେ ଲଟେଇଥିବା ନହକା ବୋଗେନ୍‌ଭିଲାର ଡାଳ ଚିତ୍ର ବିଚିତ୍ର ପୁଷ୍ପ ସମ୍ଭାରରେ ଫାଟି ପଡୁଥିଲା । ପିଣ୍ଡା ଉପରେ ଧାଡ଼ି ଧାଡ଼ି ସବୁଜ ରଙ୍ଗର ଫୁଲ ଗାମ୍ଲା । ବେତଚୌକୀ ଗୁଡ଼ିକର ରଙ୍ଗ ବି ଥିଲା ସବୁଜ ।

ବିନୟଙ୍କର ପୁରୁଣା ନେପାଳୀ ଅଡ଼ର୍ଲି ଜୀବଲାଲ୍ ଛେତ୍ରୀ ଯାହାର କି ଗାଲରେ ଆପ୍‌ଲର ରଙ୍ଗ ଉକୁଟୁଥିଲା, ମେସ୍ କିଚେନରେ ଆମପାଇଁ ରାନ୍ଧିବାଢ଼ି ଦେଉଥିଲା ।

Digitized by srujanika@gmail.com

ବିନୟ ଅଫିସରୁ ଫେରିଲାପରେ ଚା' ଖାଇ ସଞ୍ଜବେଳେ ପୋଲିସ ହତା ଭିତରେ ଚାଲିଚାଲି ଇତସ୍ତତଃ ଘୂରି ବୁଲୁଥିଲୁ ଆମେ । ମାସ ଥିଲା ଅଗଷ୍ଟ । ଡେରଗାଓଁର ଲତାପତ୍ର ଗହଳିରେ ଅଜସ୍ର ଜୁଳୁଜୁଳିଆ ପୋକ ଉଡ଼ି ବୁଲୁଥିଲେ । ରାତି ଦିଶୁଥିଲା ସୁନେଲୀ ବୁଟିଦାର ଶାଢ଼ୀଟିଏ ପିନ୍ଧିଲା ପରି । ଏକାସାଥିରେ ଏତେ ସଂଖ୍ୟାରେ ଜୁଗନୁ ରାତିରାତି ଧରି ଏଭଳି ଉଡ଼ି ବୁଲିବାର ଆଉ କେଉଁଠି ଦେଖିନି । ଭାରି ଚମତ୍କାର, ଭାରି ଖୁସବୁଦାର୍ ଦିନ ଥିଲା ସେଗୁଡ଼ିକ ।

ଅଫିସର୍ସ ମେସ୍‌ଟି ଥିଲା ବିବାକ୍ ନିରୋଳା । ଶ୍ରୀ ହୁସେନ୍‌ଙ୍କର ଆଗମନ ପରେ ଇଲା ଓ ଇରାଙ୍କର କଳକଣ୍ଠରେ ବାତାବରଣ କିଛିଟା ଚଞ୍ଚଳ ହୋଇ ଉଠିଥିଲା । ଝିଅ ଯୋଡ଼ିକ ଆସି କେବେ କେମିତି ଆମ ରେଡ଼ିଓ ଗ୍ରାମରେ ଭୁପେନ୍ ହାଜାରିକାଙ୍କର ଆସାମୀ ରେକର୍ଡ଼ ବଜାଇ ଶୁଣୁଥିଲେ । ଶ୍ରୀମତୀ ହୁସେନ୍ ଥରେ ଦୁଇଥର ମୋ' ସହିତ କଥା କହିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଭାଷା ହୋଇଥିଲା ଅନ୍ତରାୟ । ମତେ ଆସାମୀ ଭାଷା ଜଣା ନଥିଲା ଓ ଶ୍ରୀମତୀ ହୁସେନ୍ ମାତୃଭାଷା ବ୍ୟତୀତ ଅନ୍ୟ କୌଣସି ଭାଷା ଜାଣି ନ ଥିଲେ । ଆସାମୀ ଭାଷା ଅଳ୍ପ ଅଳ୍ପ ମୁଁ ବୁଝି ପାରୁଥିଲି ଅବଶ୍ୟ ।

ଶ୍ରୀମତୀ ହୁସେନ୍ ତାଙ୍କ ସ୍ୱାମୀଙ୍କର ହାକିମଙ୍କ ପତ୍ନୀ ଥିଲି ବୋଲି କିଛିଟା ଦୂରତ୍ୱ ମୋ' ସହିତ ବଜାୟ ରଖିବାକୁ ଚେଷ୍ଟା କରୁଥିଲେ ସତ, କିନ୍ତୁ ସର୍ବଦା ତହିଁରେ ସଫଳ ହୋଇପାରୁ ନଥିଲେ । ଦୂରଦେଶରେ ସଂପୂର୍ଣ୍ଣ ନୂତନ ପରିବେଶରେ ପହଞ୍ଚି ଈଷତ୍ ସଂକୁଚିତ ହୋଇ ରହୁଥିବା ତାଙ୍କ କନ୍ୟା ବୟସର ତରୁଣୀ ଝିଅଟିପ୍ରତି ତାଙ୍କ ଭାବ ଭଙ୍ଗୀରୁ କଦବା କେମିତି କୋମଳ ମାତୃହୃଦୟର ପ୍ରଶ୍ରୟ ମିଳି ଯାଉଥିଲା- ସ୍ୱତଃସ୍ଫୂର୍ତ୍ତ ଭାବେ ।

କେଇଦିନ ପରେ-

ଦିନେ ରାତିରେ ବିନୟ ଓ ମୁଁ ଆମ ରୁମ୍‌ରେ ଖାଇ ବସିଛୁ, ହଠାତ୍ ଶ୍ରୀହୁସେନ୍‌ଙ୍କ ବଡ଼ ଝିଅଟି ଝଡ଼ ବେଗରେ ଆମଘରକୁ ପଶିଆସି କାନ୍ଦିକାନ୍ଦି ବିନୟଙ୍କୁ କଅଣ ସବୁ କହିବାକୁ ଲାଗିଲା । ତା'ର ବକ୍ତବ୍ୟ ଥିଲା ଆସାମୀ ଭାଷାରେ ଓ ଝିଅଟି କଥା କହୁଥିଲା ତର୍‌ତର୍ ହୋଇ । ତେଣୁ ସବୁକଥା ମୁଁ ବୁଝି ପାରିନଥିଲି । ସାଧାରଣ ଭାବରେ ଅନ୍ଦାଜ କରି ଯାହା ବୁଝିଲି ତାହାର ମର୍ମାର୍ଥ ଥିଲା ଏଇଆ, - କୌଣସି କାରଣରୁ ଶ୍ରୀ ଓ ଶ୍ରୀମତୀ ହୁସେନ୍‌ଙ୍କ ମଧ୍ୟରେ କଳି କଜିଆ ଲାଗିଛି ଓ ଶ୍ରୀ ହୁସେନ୍ ଅତ୍ୟନ୍ତ ରାଗିଯାଇ ତାଙ୍କ ସ୍ତ୍ରୀଙ୍କୁ ପ୍ରହାର କରୁଚନ୍ତି । ଝିଅଟି ଭୟଭୀତ ହୋଇ ଦଉଡ଼ି ଆସିଛି ବିନୟଙ୍କ ପାଖକୁ, ସିଏ ଯେମିତି ଯାଇ କୌଣସିମତେ ତା ମା'କୁ ରକ୍ଷା କରନ୍ତି ।

ଘଟଣାଟି ଘଟିଥିଲା ବେଶ୍ ନାଟକୀୟ ଭାବେ । ଅଚାନକ୍ ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ଅପରିଣତ ବୟସ ଓ ଅନଭିଜ୍ଞ ମନର ମୁଁ ଅସମ୍ଭବ

Digitized by srujanika@gmail.com

ଭୀତଗ୍ରସ୍ତ ଓ ବିଚଳିତ ହୋଇପଡ଼ିଲି । ବିନୟ ଝିଅଟିକୁ ବୁଝାଇ ସୁଝାଇ ଘରକୁ ପଠାଇ ଦେଲେ, - ଡ଼ିନର ଖାଇ ସାରି ଯିବେ ବୋଲି କହି ।

"ତମେ ଗଲନି କାହିଁକି ଇଲା ସାଥିରେ ?" ମୁଁ ବ୍ୟସ୍ତ ହୋଇ ବିନୟଙ୍କୁ ପଚାରିଲି । "ପାଗଳ ନା କଅଣ ? ସ୍ୱାମୀସ୍ତ୍ରୀଙ୍କ କଳି, ରାତି ପାହିଲେ ମିଟ୍‌ମାଟ୍ ହୋଇଯିବ-। ମଝିରେ ଖାଲି ମୁଁ ଯାହା ଚିହ୍ନା ପଡ଼ିବି," ବିନୟ ଉତ୍ତର ଦେଲେ ଓ ବେଶ୍ ଆରାମରେ ବସି ରୁଟି ଖାଇବାରେ ଲାଗିଲେ ।

ମୁଁ କିନ୍ତୁ ଭୟରେ ଉଦ୍‌ବିଗ୍ନ ହୋଇ ସାରାରାତି ଭଲକରି ଶୋଇ ପାରିଲିନି । ଯେତିକି ସମୟ ବି ଆଖି ଲାଗିଲା, ସ୍ୱପ୍ନରେ ଆସିଲେ ମୁଷ୍ଟିଯୁଦ୍ଧ ଭଙ୍ଗୀରେ ଶ୍ରୀ ଓ ଶ୍ରୀମତୀ ହୁସେନ୍ । ମାତୃସମା ମହିଳାଟିପାଇଁ କେଉଁଠି ଟିକିଏ ହୃଦୟରେ ରକ୍ତ କ୍ଷରଣ ହେଲା ମଧ୍ୟ । କିନ୍ତୁ ବିନୟଙ୍କର ସାଂସାରିକ ଜ୍ଞାନ ନିଶ୍ଚିତ ରୂପେ ମୋ'ଠାରୁ ଅଧିକତର ଥିଲା । କାରଣ ସକାଳେ ଉଭୟ ପତିପତ୍ନୀଙ୍କୁ ମେସ୍‌ର ସବୁଜ ଲନ୍‌ରେ ସାଥିହୋଇ ପଦଚାଳନା କରିବାର ଦେଖିଲି । ଚମତ୍କାର ସୁଖୀ ଦମ୍ପତିଟିଏ । ଦୁହେଁ ହସି ହସି କଥା କହୁଥିଲେ । ଗତରାତିର ଘୂର୍ଣ୍ଣିବାତ୍ୟାର ଚିହ୍ନବର୍ଣ୍ଣ ବି ନଥିଲା । ଦୃଶ୍ୟଟି ଭାରି ମୋହମୟ ଲାଗିଲା । ବିନୟଙ୍କୁ ଡାକି ଦୃଶ୍ୟଟି ଦେଖାଇଥିଲି ମଧ୍ୟ । ବିନୟ ମୃଦୁ ହସି ଉତ୍ତର ଦେଲେ, "ମୁଁ କଅଣ କହୁଥିଲି ?"

ବିବାହର ମାସକ ଭିତରେ ବିବାହ ସଂପର୍କରେ ମୋର ପ୍ରଥମ ଖଡ଼ିପାଠ ହୋଇଗଲା । ବୁଝିପାରିଲି, ଏଇ ସମ୍ବନ୍ଧର ବୁନିୟାଦ୍ ବେଶ୍ ମଜବୁତ୍ । ଅନେକ ଝଡ଼ଝଞ୍ଜା ଓ ଭୂମିକମ୍ପ ସହ୍ୟ କରିଯାଏ ଅକ୍ଳେଶରେ ।

ଏହି ଘଟଣାର କିଛିଦିନ ପରେ ମୁଁ କିନ୍ତୁ ବେଶ୍ ଅସୁସ୍ଥ ହୋଇପଡ଼ିଲି । ସବୁବେଳେ ମୁଣ୍ଡ ବୁଲାଏ । ଥିଲି ଶାକାହାରୀ । ଜୀବଜାଲ୍‌ର ରନ୍ଧା-ଆସାମୀ ଢେକିଆ ଶାଗ ଓ ସ୍କ୍ୱାସ୍ ନାମକ ପରିବାର ତରକାରୀ-ପାଚିକୁ ବିରକ୍ତିକର ଲାଗିଲା । ନ ଖାଇ ନ ପିଇ ବେଶ୍ ଦୁର୍ବଳ ବି ହୋଇପଡ଼ିଲି । ଦିନେ ବିନୟଙ୍କ ସାଥିରେ ସାନ୍ଧ୍ୟ ଭ୍ରମଣ କରୁ କରୁ ଏତେ ଜୋର୍‌ରେ ମୁଣ୍ଡ ଝିମ୍ ଝିମ୍ କଲା ଯେ ଆଉ ପାଦେ ଆଗକୁ ଯାଇପାରିନଥିଲି ଓ ଚଳତ୍‌ଶକ୍ତିବିହୀନ ହୋଇ ରାସ୍ତା କଡ଼ରେ ପଡ଼ିଥିବା ଗୋଟିଏ ପଥର ଉପରେ ବସିପଡ଼ି କାନ୍ଦିବାକୁ ଲାଗିଲି ।

ବିନୟ ବେଶ୍ ବିବ୍ରତ ହୋଇପଡ଼ିଲେ ଓ ତା'ପରଦିନ ପାଖରେ ଥିବା ସାନ ପୋଲିସ ହସ୍‌ପିଟାଲଟିକୁ ମତେ ନେଇଗଲେ ସାଥିରେ । ହସ୍‌ପିଟାଲର ଡାକ୍ତର ଥିଲେ ବୟୋବୃଦ୍ଧ । ବାଉଁଶକଣି ପରି ଧଡ଼ିଆ ଓ ଆଲ୍‌କାତରା ପରି କଳା । ଧୀର, ଶାନ୍ତ ହସ୍‌କୁରା ମଣିଷଟିଏ । ଈଷତ୍ ହସି ପଚାରିଲେ, "କଅଣ ହୋଇଛି ?"

"କହୁଚି ସବୁବେଳେ ତା' ମୁଣ୍ଡ ବୁଲାଉଛି । ଖିଆପିଆ ବି କିଛି କରୁନି । ବେଶ୍ ଦୁର୍ବଳ ହୋଇଗଲାଣି" ବିନୟ ଉତ୍ତର ଦେଲେ ।

Digitized by srujanika@gmail.com

ଡାକ୍ତରବାବୁ ମୋ ପେଟ ଟିପିଲେ, ଆଖିପତା ଓଲଟାଇ ଦେଖିଲେ, ଜିଭକୁ ବେଶ୍ ନିରୀକ୍ଷଣ କଲେ ଓ ଥାକରୁ ଟନିକ୍ ବୋତଲଟିଏ କାଢ଼ି ତତ୍‌କ୍ଷଣାତ୍ ନିଜର ସୁଚିନ୍ତିତ ମତାମତ ଜାହିର୍ କରିଦେଲେ, ‘‘କିଛି ବ୍ୟସ୍ତ ହେବାର ନାହିଁ, ଦେହରେ ରକ୍ତଶୂନ୍ୟତା । ଏଇ ଟନିକ୍‌ଟା ଦିନକୁ ଦୁଇଥର ଖାଇବେ । ଭୋକ ବଢ଼ିବ, ଖିଆପିଆ କଲେ ଦେହ ବଳେ ଠିକ୍ ହୋଇଯିବ ।’’

ଘରକୁ ଆସି ବିଚ୍‌କିଚିଆ କଳାରଙ୍ଗର ଉତ୍କଟ ଗନ୍ଧଯୁକ୍ତ ଦ୍ରବଣଟିରୁ ଦୁଇ ଚାମଚ ନାକପୁଡ଼ା ଚିପି କୌଣସିମତେ ଗଳାଧଃକରଣ କରିଥିଲି ଓ ତତ୍‌କ୍ଷଣାତ୍ ଭକ୍ କରି ତାହା ପେଟରୁ ବାହାରି ଆସିଥିଲା, - ସକାଳେ ଖାଇଥିବା ସାମାନ୍ୟ ଚା’ ଓ ପାଉଁରୁଟି ସହିତ । ଏବଂ ତା’ପରେ ଦୁଇ ତିନିଦିନ ଭିତରେ ବ୍ରେକ୍‌ଫାଷ୍ଟ, ଲଞ୍ଚ ଓ ଡିନର୍ ପରେ କ୍ରମାଗତ ଭାବରେ ଦୁଇ ଦୁଇ ଚାମଚ ପିଇ ବିନୟ ଟନିକ୍‌ଟି ଶେଷ କରି ଦେଇଥିଲେ ।

କେଇଦିନ ବିତିଗଲା । ମୋ ଦେହ କିନ୍ତୁ ଭଲ ହେଲାନି । ସକାଳୁ ଉଠି ମେସ୍‌ର ଲନ୍‌ରେ ବୁଲୁଥିବା ଦୁଇଟି ମୋଟାସୋଟା ବାଦାମୀ ବଣିଙ୍କ ଖେଳ ଦେଖୁଥିଲି । ବଣି ଦୁଇଟି ଖେଳିଲେ, କିନ୍ତୁ ତାଙ୍କୁ ଯାଇ ଦେଖିବାର ସଉକ୍ ମୋର ଆଉ ନଥିଲା । ଫୁଲଝରିର ଅସଂଖ୍ୟ ସ୍ଫୁଲିଙ୍ଗ ପରି ଜୁଗ୍‌ନୁମାନେ ପ୍ରତି ସଞ୍ଜରେ ଡେରଗାଓଁର ରାସ୍ତାଘାଟ ସଜାଇବାକୁ ଲାଗିଲେ । କିନ୍ତୁ ସାନ୍ଧ୍ୟଭ୍ରମଣରେ ଗଲାପରି ଶକ୍ତି ମୋର ନଥିଲା । ବିନୟ ଅଫିସ ଗଲାପରେ ସାରାଦିନ ଚୁପ୍‌ଚାପ୍ ଶୋଇ ରହେ ଓ ସେ ଫେରିଆସିଲେ ତାଙ୍କ ଆଗରେ କାନ୍ଦେ । ମନେପଡ଼େ ସଦ୍ୟ ଛାଡ଼ି ଆସିଥିବା ଘରକଥା । ମନେପଡ଼େ ବୋଉ ହାତରନ୍ଧା ସନ୍ତୁଳା, ଶାଗଖରଡ଼ା ଓ ଆଚାରର କଥା । ମନେପଡ଼େ ପଖାଳ ଭାତ ଓ ବଡ଼ିଭଜାର ସୁଆଦ । ବେଳେ ବେଳେ ମେସ୍ ପିଣ୍ଡାରେ ଯାଇ ବେତ ଚୌକୀରେ ବସେ ।-ଅନେକ ସମୟରେ ବିନୟଙ୍କ ସହିତ ମଧ୍ୟ । ଶ୍ରୀମତୀ ହୁସେନ୍ ଦୂରରୁ ମୋତେ ଅନେକଥର ଲକ୍ଷ୍ୟ କରୁଥିବାର ଦେଖେ । ଅନେକଥର ଲାଗେ ଯେମିତି କଅଣ କହିବେ କହିବେ ହୋଇ ଶେଷ ପର୍ଯ୍ୟନ୍ତ ସାହସ କରି କହିପାରୁ ନାହାନ୍ତି । ଭାଷା ବି ଥିଲା ଅନ୍ତରାୟ ।

ଦିନେ ସନ୍ଧ୍ୟାବେଳେ । ଖଟରେ ଶୋଇ ମୁଁ ସବୁଦିନ ପରି କାନ୍ଦୁଛି । ବିନୟ କଅଣ କରିବେ ଜାଣିନପାରି ମୁହଁ ଶୁଖାଇ ପାଖରେ ବସିଛନ୍ତି । ଶ୍ରୀମତୀ ହୁସେନ୍ ପିଣ୍ଡାରେ ବୁଲୁଥିଲେ । ହୁଏତ ପର୍ଦ୍ଦା ଫାଙ୍କରେ ଆମକୁ ଦେଖିଲେ । କିଛି ସମୟ ପରେ ବାହାରେ କବାଟରେ ଠକ୍ ଠକ୍ ଆୱାଜ ହେଲା ।

‘ୟେସ୍’ ? ବିନୟ ପଚାରିଲେ ।

‘‘ସାର୍ ମୁଁ ହୁସେନ୍ । ଆପଣଙ୍କ ସାଥିରେ ଟିକିଏ କଥା ଅଛି ।’’ ଶ୍ରୀ ଅନୱାର ହୁସେନ୍ ବାହାରୁ ଇଂରାଜୀରେ ଜବାବ ଦେଲେ ।

ବିନୟ ବାହାରକୁ ଗଲେ ଓ କିଛି ସମୟଧରି ଦୁହିଁଙ୍କ ମଧ୍ୟରେ ଫିସ୍‌ଫିସ୍ ସ୍ୱରରେ କୌଣସି ବିଷୟରେ ଆଲୋଚନା ହେଉଥିବାର ଶୁଣିବାକୁ ପାଇଲି ।

Digitized by srujanika@gmail.com

ଗଲାବେଳକୁ ଶ୍ରୀ ହୁସେନ୍ ବେଶ୍ ପାଟିକରି ବୁଝାଇ ଦେଲେ ''ଆପଣ ଦୁଇ ଜଣଙ୍କୁ ଏଭଳି ବ୍ୟସ୍ତ ହେଉଥିବାର ଦେଖି ମୋ ପତ୍ନୀ ମତେ ଜବରଦସ୍ତି ଆପଣଙ୍କ ପାଖକୁ ପଠାଇଲେ । କହିଲେ ସେମାନେ ପିଲା ଲୋକ, ଜାଣିପାରୁ ନାହାନ୍ତି । ତମେ ବରଂ ମିଶ୍ର ସାହେବଙ୍କୁ କଥାଟି କହିଦେଇ ଆସ ।''

ତା'ପରେ ଶ୍ରୀ ହୁସେନ୍‌ଙ୍କୁ ଧନ୍ୟବାଦ ଦେଇ ପର୍ଦ୍ଦା ଆଢ଼େଇ ବିନୟ ଘର ଭିତରକୁ ପଶିଲେ ଓ ମନଖୋଲି ହସିବାକୁ ଲାଗିଲେ - ବେଶ୍ ଜୋର୍‌ରେ । ମୁଁ ମୁହଁ ଫୁଲାଇଲି । କି ଲୋକ ! ମୋ ଦେହ ଏତେ ଖରାପ, ଅଥଚ ହସୁଛନ୍ତି ତୁଚ୍ଛାଟାରେ ! ପଚାରିଲି, ''କଅଣ ହେଲା ? କଅଣ କହିଲେ ହୁସେନ୍ ସାହେବ୍ ? ମିସେସ୍ ହୁସେନ୍ କଅଣ ମେଡ଼ିସିନ୍ କଥା କହିଲେ କି ?''

ବିନୟଙ୍କ ମୁହଁ ଖୁସିରେ ଉଜ୍ଜ୍ୱଳ ଦିଶୁଥିଲା । ଉତ୍ତର ଦେଲେ, ''ଆରେ ନାଇଁ ନାଇଁ, ମେଡ଼ିସିନ୍ ଫେଡିସିନ୍ କିଛି ଦରକାର ନାହିଁ । ଘରେ ଜଣେ କିଏ ବୟୋଜ୍ୟେଷ୍ଠ ଅଭିଜ୍ଞ ସ୍ତ୍ରୀ ଲୋକ ନଥିଲେ ଏଇଆ ହୁଏ । ମିସେସ୍ ହୁସେନ୍ କହିଛନ୍ତି ଇଏସବୁ ସ୍ୱାଭାବିକ୍ ଲକ୍ଷଣ, ମାସେ ଖଣ୍ଡେ ଭିତରେ ସବୁ ଠିକ୍ ହୋଇଯିବ । ଯେତେହେଲେ ପାଞ୍ଚଟି ସନ୍ତାନର ଜନନୀ ତ । ଆମେ ସିନା ଜାଣି ପାରିଲେନି । ସିଏ ଠିକ୍ ବୁଝିଛନ୍ତି ।''

କଥାଟି ହୃଦୟଙ୍ଗମ କରିବା ପାଇଁ ମତେ ମୁହୂର୍ତ୍ତଟିଏ ସମୟ ଲାଗିଲା । ଯେତେବେଳେ ବୁଝିପାରିଲି, ମନକୁମନ ଦୁଇଓଠ ଈଷତ୍ ଫାଙ୍କ ହୋଇ ଝରିପଡ଼ିଲା କେଉଁଏ ମିଠାଳିଆ ହସ ।

ଲୁହପୋଛି ଖଟରେ ଉଠି ବସିଲି । ବିନୟ ବସିଲେ ପାଖରେ, ତକିଆରେ ଆଉଜି । ଦୁଇଜଣ ଯାକ, ଦେଶ, ବନ୍ଧୁ, ଜ୍ଞାତି ଓ କୁଟୁମ୍ବଙ୍କଠାରୁ ଦୂରରେ, ସୁଦୂର ଆସାମର ଏକ ଅଜଣା ସହରର ଉପକଣ୍ଠରେ ପାଖାପାଖି ବସି ଶୁଣିବାକୁ ପାଇଲୁ ଦୂରରୁ ଭାସି ଆସୁଥିବା ଦୁଇଟି ନୂପୁର ପିନ୍ଧା କୁନି କୁନି ପାଦର ପଦଧ୍ୱନି - ବେଶ୍ ସ୍ପଷ୍ଟ ଭାବରେ ।

■ ■ ■

ଏପ୍ରିଲ୍ ୧୯୯୮

Digitized by srujanika@gmail.com

# ହାସ୍ୟ ରସିକ

ଶୁଣିଛି-ଭ୍ରୂକୁଞ୍ଚନ କଲେ ମଣିଷ ମୁହଁର ଯେତିକି ଗୁଡ଼ିଏ ମାଂସପେଶୀ ଉପରେ ଚାପ ପଡେ ତା'ଠାରୁ କମ୍ ମାଂସପେଶୀ ଉପରେ ଚାପ ପଡେ ସ୍ମିତହାସ୍ୟ କଲେ । ତେଣୁ ସ୍ୱାସ୍ଥ୍ୟବିତ୍‌ମାନେ କହନ୍ତି ମୁହଁଟିକୁ ବିରସ ବା ଗମ୍ଭୀର ନକରି ସଦାସର୍ବଦା ହସହସ କରି ରଖିବା ଉଚିତ । ଏହା କୁଆଡ଼େ ସ୍ୱାସ୍ଥ୍ୟ ପକ୍ଷରେ ହିତକାରୀ । ସମ୍ବାଦପତ୍ରରେ ପଢ଼ିଥିଲି, ଭାରତବର୍ଷର କୌଣସି ଏକ ସ୍ଥାନରେ ହସିବାପାଇଁ ଚାହୁଁଥିବା ଲୋକମାନଙ୍କୁ ନେଇ ଏକ କ୍ଲବ ଗଠିତ ହୋଇଛି । ଲୋକେ ସେଠି ଏକତ୍ରିତ ହୋଇ ଉଚ୍ଚସ୍ୱରରେ ହା ହା ଶବ୍ଦ କରି ଅନେକସମୟ ଧରି ହସନ୍ତି - ଶରୀର ଓ ମନ ତାଜା ରଖିବା ପାଇଁ । ହସିବାପାଇଁ ଲୋକମାନେ ଅନେକ କାମ କରନ୍ତି । କିଏ ପୁରୁଣା ଚାର୍ଲି ଚାପ୍‌ଲିନ୍ ବା ଜନିୱାକରଙ୍କ ସିନେମା ଦେଖେ, କିଏ ଗୁଲିଗପ କରି ଆଡ୍‌ଡା ମାରେ, କିଏ ଅବା ଇଂରାଜୀ ଜୋକ୍ ବହି କିଣି ପଢ଼େ । ମୁଁ କିନ୍ତୁ ହସିବାକୁ ଇଚ୍ଛା ହେଲେ ଆମ ଘରକୁ ଯାଏ ।

ମୋ' ଭାଇ କବାଟ ଫିଟାଏ ଓ ମତେ ଦେଖି ତତ୍‌କ୍ଷଣାତ୍ ଏଭଳି କୌଣସି ଗୋଟିଏ କଥା କହେ, ଯେଉଁଥିରେ କି ମତେ ହସମାଡେ । ମୁଁ ହସି ହସି ଘରକୁ ପଶେ । ଭାଇଭଉଣୀ ସାଥିହୋଇ ଲମ୍ବପିଣ୍ଡାରେ କଣିକିଆ ହୋଇ ପଡିଥିବା ପୁରୁଣା ଖଟଟିରେ ବସୁ । ମୁଁ କପ୍ ପରେ କପ୍ ଚା ପିଏ ଓ ଭାଇ କଥା ଶୁଣି ହସେ । ବେଶ୍ ଅସମ୍ଭାଳ ହୋଇ, ଉଶୃଙ୍ଖଳ ଭାବରେ ହସେ । ଘରର ପ୍ରତିଟି କୋଣ ଓ ଅନୁକୋଣ ମୋ ହସରେ ଗମ୍‌ଗମ୍ କରେ । ସାରାଦିନ ହସି, ସଂନ୍ଧ୍ୟାରେ ଭୁବନେଶ୍ୱର ଫେରିଲାବେଳକୁ ମୋ ପେଟ ଦରଜ ହୋଇଯାଇଥାଏ - କିନ୍ତୁ ମନ ହୋଇଯାଇଥାଏ ବେମାଲୁମ୍ ହାଲୁକା ଓ ଫୁର୍ତ୍ତିବାଜ୍ । ସେଇ ହସର ପ୍ରଭାବ ମତେ ଟାଣିନିଏ ପ୍ରାୟ ମାସେ ଯାଏ । ମାସକ ପରେ ପୁଣି ମନଖରାପ ଲାଗେ ଓ ପୁଣି ମୁଁ ଘରକୁ ଯାଏ । ଭାଇ କବାଟ ଫିଟାଏ ଓ ମତେ ଦେଖି ତତ୍‌କ୍ଷଣାତ୍ ଏଭଳି ଗୋଟିଏ କଥା କହେ ଯେଉଁଥିରେ କି ମତେ ହସମାଡେ । ହସିହସି ମୁଁ ଘରକୁ ପଶେ.... । ଏଇ ନିୟମର ପୁନରାବୃତ୍ତି ହୋଇଆସୁଛି ବର୍ଷ ବର୍ଷ ଧରି ।

ଏଭଳି ଜଣେ ହାସ୍ୟରସିକ - ସାମାନ୍ୟ କଥାକୁ ସ୍ୱରର ସାମାନ୍ୟ ହେରଫେର୍ କରି ଏଭଳି ହାସ୍ୟୋଦ୍ଦୀପକ ଭାବରେ କହିବା - ମୁଁ ଖୁବ୍ କମ୍ ଦେଖିଛି ମୋ

Digitized by srujanika@gmail.com

ଜୀବନରେ । ଏହା ଯେ ଏକ ଚମତ୍କାର କଳା, ମୋ ଭାଇକି ନ ଦେଖିଲେ ବୁଝାପଡିବନି । ମଜାଳିଆ କଥା କହିବା, ଅନ୍ୟକୁ ଅନୁକରଣ କରିବା କିମ୍ବା ପ୍ରାକ୍ଟିକାଲ୍ ଜୋକ୍ କରିବାର ପ୍ରତିଭା ତାର ବେଶ୍ ପିଲାଦିନରୁ ।

ମନେପଡେ, ସିଏ ଯେତେବେଳେ ସାନଟିଏ ହୋଇଥିଲା, ଆମଘରକୁ କୃଷ୍ଣ ବୋଲି ଜଣେ ଭଦ୍ରଲୋକ ଆସୁଥିଲେ । ଆମ ଗାଁର ଲୋକ, କଟକରେ କୌଣସି ଏକ ଡାକ୍ତରଖାନାରେ କଂପାଉଣ୍ଡର କାମ କରୁଥିଲେ । ଆମେ ଡାକୁଥିଲୁ କୃଷ୍ଣ କଂପାଉଣ୍ଡର ବୋଲି ।

କିଟ୍ କିଟ୍ କଳା, ବାଉଁଶକଣି ପରି ଧଡିଆ, ଡେଙ୍ଗା ମଣିଷଟିଏ । ଦେହରେ ପଲେ ବି ମାଉଁସ ନଥିଲା । ପହରଣ ଆଡମଇଳା ଧୋତି ଓ କାମିଜ୍ । ସ୍ୱଭାବରେ ଥିଲେ ଅସମ୍ଭବ ଗପୁଡି । ଏକୁଟିଆ ମଣିଷ, ପରିବାର ଥିଲେ ଗାଁରେ । ମଝିରେ ମଝିରେ ଆସି ବୋଉସାଥିରେ ଗପ ନକଲେ ଭାତ ହଜମ ହେଉନଥିଲା ।

ତାଙ୍କ ମୂର୍ତ୍ତି ଥିଲା ଅନନ୍ୟ, ଚିବୁକଟି ଥିଲା ଅପର୍ଯ୍ୟାପ୍ତ ଭାବରେ ଲମ୍ବ ଓ ଚିବୁକର ଶେଷଭାଗଟି ଇଷତ୍ ବଙ୍କାହୋଇ କିୟଦଂଶ ଉପରକୁ ଉଠି ରହିଥିଲା । ତଳ ଓଠ ଓ ଚିବୁକ ମଝିରେ ବେଶ୍ ଛୋଟିଆ ନାଳି ଭଳିଆ ଜାଗାଟିଏ । କୃଷ୍ଣଙ୍କର ଅଭ୍ୟାସ ଥିଲା ସେଇ ଛୋଟିଆ ନାଳି ଭିତରେ ଡାହାଣ ହାତର ବିଶିଆଙ୍ଗୁଠିଟି ରଖି କଥା କହିବା । ଆଙ୍ଗୁଠିଟି ସେ ଖୋପରେ ବି ବେଶ୍ ଖଞ୍ଜି ହୋଇଯାଉଥିଲା । ଖୋପ ଓ ଆଙ୍ଗୁଠିର ମାପ ଥିଲା ବରାବର୍ ।

ଘରେ ପହଞ୍ଚିଲା ମାତ୍ରେ, କୃଷ୍ଣ ଆଗେ ଗିଲାସେ ପାଣି ମାଗୁଥିଲେ ଓ ପାଣି ପିଇସାରି ଆମ ଲମ୍ବପିଣ୍ଡାରେ ପଡିଥିବା ଖଟଟି ଉପରେ ଚକାପକାଇ ବସି ଓ ଆଙ୍ଗୁଠିଟି ଥୋଡି ଉପରେ ରଖି ବୋଉ ସାଥିରେ ଗପ ଯୋଡି ଦେଉଥିଲେ । ଆମେ ସବୁ ଚାରିପଟେ ବସି ଗାଁକଥା, ହସ୍ପିଟାଲ୍ କଥା ଶୁଣୁଥିଲୁ । ମୋ କୁନିଭାଇଟି ଠିକ୍ ତାଙ୍କ ସାମ୍ନାରେ ଖଟରେ ଚକାପକାଇ ବସି ଓ ତାଙ୍କ ପରି ଡାହାଣ ହାତର ବିଶିଆଙ୍ଗୁଠିଟି ତଳଓଠ ଓ ଚିବୁକ ମଝି ଜାଗାଟିରେ ରଖି  ନିରୀହ ଭଙ୍ଗୀରେ ଆଖି ମିଟ୍ ମିଟ୍ କରି ତାଙ୍କ କଥା ଶୁଣୁଥିଲା । ତା'ର ଏଭଳି ଅନୁକରଣର ଭଙ୍ଗୀ ଦେଖି ଆମେ ସବୁ ଖିଲିଖିଲି ହୋଇ ହସୁଥିଲୁ । କୃଷ୍ଣ କିନ୍ତୁ ତାଙ୍କରି ପାଖରେ ତାଙ୍କରି ଠାଣୀରେ ବସିଥିବା ଛୋଟପିଲାଟିକୁ ଦେଖି ସୁଦ୍ଧା ଆମ ହସର କାରଣ ଜାଣିପାରୁନଥିଲେ ଓ ଆମସହିତ ହସରେ ଯୋଗଦେଇ ବାରମ୍ବାର ପଚାରୁଥିଲେ "କାହିଁକି ହସୁଚ କିରେ ପିଲେ ? କଅଣ ହେଲା ?" ତାଙ୍କକଥା ଶୁଣି ଆମେ ଆହୁରି ଜୋର୍‌ରେ ହସୁଥିଲୁ । ମୋ କୁନିଭାଇଟି କିନ୍ତୁ ଜମ୍ମା ହସୁନଥିଲା - କେମିତି ହସ ରୋକୁଥିଲା ଭଗବାନ ଜାଣନ୍ତି ।

Digitized by srujanika@gmail.com

ବେଶ୍ ଗମ୍ଭୀର ଭାବରେ, ନିଃସ୍ପୃହ ମୁଖଭଙ୍ଗୀ କରି ଓ କୁନିଆଙ୍ଗୁଠିଟି ଚିବୁକ ଉପରେ ରଖି ସିଧା ସଳଖ ବସି ରହୁଥିଲା କୃଷ୍ଣ କଂପାଉଣ୍ଡରଙ୍କ ମୁହଁକୁ ଚାହିଁ, ଘଣ୍ଟାଘଣ୍ଟା ଧରି ।

ତା'ର ସାନବେଳର ଆଉଗୋଟିଏ ମଜାଦାର ଘଟଣା ମନେ ପଡେ । ଆମ ପିଲାବେଳେ ଗୋଟିଏ ଆଳୁଚପ୍ ବାଲା କଲୋନୀରେ ବୁଲି ବୁଲି ଆଳୁଚପ୍ ବିକୁଥିଲା । କାନ୍ଧ ଉପରେ ସାନ ଫାଳିକିଆ ବତାର ଭାରଟିଏ । ଭାରର ଦିପଟେ ବଡବଡ ଦଉଡିର ଶିକାରେ ଝୁଲା ସାନବଡ ହୋଇ ଆଲୁମିନିୟମ ଡେକ୍‌ଚି କେତୋଟି, ଆଳୁଚପ, ବରା, ସିଙ୍ଗଡା ଓ ପିଆଜିରେ ଭର୍ତ୍ତି । ଆମେ କେବେ କେମିତି ଚାରିଟାବେଳେ ତା'ଠୁ ଆଳୁଚପ୍ କିଣି ଖାଉଥିଲୁ । ଅଛି କଲେ ବୋଉ କିଣାଇ ଦେଉଥିଲା ।

ଆମ ଘରର ଲମ୍ବପିଣ୍ଡାର ଉତ୍ତରପଟକୁ ଗଳିଟିଏ । ଗଳିକୁ ଲାଗି ଆମ ପିଣ୍ଡାର ବଡ ଝରକା । ଝରକାଟି ଖୋଲା ଥିବା ସମୟରେ ପିଣ୍ଡାରେ କଥାବାର୍ତ୍ତା ହେଲେ ଗଳିକୁ ଶୁଭୁଥିଲା । ଦିନେ ଦିନେ ବଡପାଟିରେ ଆଳୁଚଅ..... ପ୍ ବୋଲି ଡାକି ଡାକି ଆଳୁଚପ୍‌ବାଲାଟି ଗଳିବାଟେ ଗଲେ ମୋ କୁନିଭାଇଟି ଜାଣିଶୁଣି ମଜା କରିବାପାଇଁ ବୋଉକୁ ପାଟିକରି କହୁଥିଲା । "ବୋଉ ! ବୋଉ ମଁ ! କହୁଥିଲୁ ପରା ଆଳୁଚପ୍ କିଣିବୁ ବୋଲି । ହେଇଟି ଯାଉଛି" । ତା'କଥା ଶୁଣି ବିଚରା ଭାରଗ୍ରସ୍ତ ଲୋକଟି ଆଉ ଅଗ୍ରସର ନହୋଇ ଝରକାପାଖ ଗଳିରେ ଅନେକସମୟ ଧରି ଠିଆ ହୋଇ ରହୁଥଲା-କାଳେ ଆମେ ଡାକିବୁ ବୋଲି । ପାଞ୍ଚ ଦଶ ମିନିଟ୍ ଅପେକ୍ଷା କରି ଆଗକୁ ପାଦ ପକାଉଥିଲା ସତ, ହେଲେ ପଛକୁ ଫେରି ଚାହୁଁଥିଲା ବାରମ୍ବାର । ସନ୍ଦେହ - କେଜାଣି ଆମେ ତାକୁ ଖୋଜୁଥିବୁ ଅବା !

ମୋ ସାନଭଉଣୀ ବେବୀକୁ ଯେତେବେଳେ ପ୍ରାୟ ପାଞ୍ଚବର୍ଷ ତା'ର ସ୍କୁଲରେ ନାଆଁ ଲେଖାହେଲା - ପ୍ରଥମଶ୍ରେଣୀରେ । ଛୋଟପିଲା, ଦୂରବାଟକୁ ଯାଇପାରିବନି । ତେଣୁ ଦାଖଲ୍ ହୋଇଥିଲା ଘରପାଖକୁ ଲାଗିଥିବା ସାହି ଭିତରର ସାନ ପ୍ରାଇମେରୀ ସ୍କୁଲଟିରେ । ଷାଣ୍ମାସିକ ପରୀକ୍ଷାବେଳେ ଶ୍ରେଣୀରେ ପ୍ରଶ୍ନପତ୍ର ଓ ଖାତା ବଣ୍ଟା ହେଲା । ବେବୀର ପରୀକ୍ଷା ବିଷୟରେ କୌଣସି ଧାରଣା ନଥିଲା । ଥିଲା ନିହାତି ଅପ୍ରାପ୍ତବୟସର । ବିଦ୍ୟାଳୟରେ କୁନିକୁନି ଗୋଠେଛୁଆ । ସେଥିରେ ଘୋ'ଘା ପାଟିତୁଣ୍ଡ । ଶିକ୍ଷକ ହୁଏତ ଅଳ୍ପସମୟ ପାଇଁ ଶ୍ରେଣୀରେ ଅନୁପସ୍ଥିତ ଥିଲେ । ବେବୀ ପ୍ରଶ୍ନପତ୍ର ଓ ଖାତା ଧରି ଘରକୁ ପଳାଇଆସିଲା । କୁନିଛୁଆଟି ଜାଣିନଥିଲା ଯେ ପ୍ରଶ୍ନର ଉତ୍ତର ଲେଖି ଖାତାଟି ସାର୍‌ଙ୍କ ପାଖରେ ଜମା ଦେବାକୁ ପଡେ । କବାଟ ଧଡ୍‌ଧଡ୍ ଶୁଣି ବୋଉ କବାଟ ଫିଟାଇ ଦେଖେ ମୋ କୁନିଭଉଣୀଟି ଦି'ହାତରେ ପ୍ରଶ୍ନପତ୍ର ଓ ଖାତା ଜାବୁଡି ଧରି ନୀରବରେ ଠିଆହୋଇଛି ।

Digitized by srujanika@gmail.com

ବୋଉ ଏକ୍‌ଦମ୍ ବ୍ୟସ୍ତ ହୋଇପଡ଼ିଲା-ତା'ର ସ୍ଵଭାବସିଦ୍ଧ ଢଙ୍ଗରେ । ଜୋର୍‌ରେ ଡାକ ଛାଡ଼ିଲା "ଆରେ ପୁଅ, ଦୌଡ଼ିଆ, ବେବୀ କଅଣ କରିଛି ଦେଖ୍ ।" ମୋ ଭାଇ ସେତେବେଳେ ମାଟ୍ରିକ୍ ପଢୁଥାଏ । ବୋଉର ଚିତ୍କାର ଶୁଣି ଅସ୍ତବ୍ୟସ୍ତ ହୋଇ ଉପର ମହଲାରୁ ତଳକୁ ଦୌଡ଼ିକି ଆସିଲା । ବୋଉ ରୀତିମତ ଭୟଭୀତ ହେଇ କହିଲା "ଶୀଘ୍ର ଯା', ତାକୁ ସାର୍‌ଙ୍କ ଜିମ୍ମା କରିକି ଆ । ନହେଲେ ସିଏ ଫେଲ୍ ହେଇଯିବ ।" ମୋ ଭାଇଠାରେ କିନ୍ତୁ ତରବର ହେବାର କୌଣସି ଲକ୍ଷଣ ଦେଖାଗଲାନି । କହିଲା "ଦେଖି ବେବୀବୁଢ଼ୀ, କଅଣ ସବୁ ପ୍ରଶ୍ନ ପଡ଼ିଛି" । ଏବଂ ତା'ପରେ ପ୍ରଶ୍ନପତ୍ରଟି ପଢି ଉତ୍ତରସବୁ ଡାକିବାକୁ ଲାଗିଲା-"ଦେ, ବେଇଗି ବେଇଗି ଯାହା ସବୁ କହୁଛି ଲେଖିପକା" । ସାନଛୁଆଟି ତରତର କରି ଲେଖି ବି ପାରୁନଥାଏ । ଇଆଡେ ଡେରି ହୋଇଯାଉଛି । ଶେଷକୁ ମୋ ଭାଇ ଆଉ ସମ୍ଭାଳି ନପାରି ଖାତା ଓ ପେନ୍‌ସିଲ୍ ବେବୀହାତରୁ ଟାଣିଆଣି ବାଁ ହାତରେ ଅଙ୍କାବଙ୍କା ଅକ୍ଷରରେ ଉତ୍ତରତକ ଲେଖିଦେଲା । ଡାହାଣ ହାତରେ ଲେଖିଲେ ହସ୍ତାକ୍ଷର ସୁନ୍ଦର ହେବ, ଧରାପଡିଯିବାର ଭୟ ବେଶୀ ।

ଆମେ ସବୁ ଭାଇଭଉଣୀ ସେତେବେଳକୁ ତା'ର ଏ କାରସାଦି ଦେଖି ହସି ହସି ନୟାନ୍ତ । ପ୍ରଶ୍ନୋତ୍ତର ପର୍ବର ସମାପ୍ତି ପରେ ଭାଇ ମୋର ସ୍କୁଲ ବାହାରିଲା କୁନି ଭଉଣୀଟିର ହାତଧରି । ସାନଛୁଆଟି ପ୍ରଶ୍ନପତ୍ର ପୁଣି ଥରେ ଜାବୁଡ଼ି ଓ ଝାଳନାଳ ହୋଇ ବଡ ବଡ ପାହୁଣ୍ଡପକାଇ ଭାଇ ସାଥିରେ ଦୌଡ଼ିବାକୁ ଲାଗିଲା । ଆମେ ସବୁ ଦୁକ୍ ଦୁକ୍ ଛାତିରେ ଅପେକ୍ଷା କରି ରହିଲୁ ତା' ଫେରିବା ସମୟକୁ । ବୋଉ ଇଆଡେ ମହା ବ୍ୟସ୍ତ - କାଳେ କଅଣ ଗଣ୍ଡଗୋଳ ହେବ ବୋଲି ସ୍କୁଲରେ ।

ଅଳ୍ପସମୟ ପରେ ଭାଇ ସହାସ୍ୟ ବଦନରେ ସ୍କୁଲରୁ ଫେରିଲା । ବୋଉର ସାଙ୍ଗେ ସାଙ୍ଗେ କାତର ପ୍ରଶ୍ନ - "ହଇରେ ପୁଅ, କଅଣ ଝାମେଲା ହେଲା କିରେ ?"

ଉତ୍ତରରେ ଯାହା ଭାଇଠାରୁ ଶୁଣିଲୁ, ତାହା ଥିଲା ଅତ୍ୟନ୍ତ କୌତୁକମୟ । ସ୍କୁଲଯାଇ ଭାଇ କୁଆଡେ ଶ୍ରେଣୀଶିକ୍ଷକଙ୍କ ଉପରେ ଉଷ୍ମା ପ୍ରଦର୍ଶନ କରିଥିଲା । "କି ଭଳି ଶିକ୍ଷକ ଆପଣ ! ପିଲାଙ୍କୁ ଜଗି ବି ପାରୁନାହାନ୍ତି । ଉତ୍ତର ଲେଖିସାରି ଖାତାଟି ଆପଣଙ୍କୁ ଦବାକୁହେବ ବୋଲି ପିଲାଙ୍କୁ କହିଥିଲେ କି ? ମୋ ଭଉଣୀ ହେଇଟି ଲେଖାଲେଖି ସାରି ଖାତାଟି ଘରକୁ ନେଇକି ପଳେଇଛି" ।

ଶିକ୍ଷକ ମହାଶୟ କ୍ଷମାପ୍ରାର୍ଥନା କରିଥିଲେ - "ଆଜ୍ଞା ସାନପିଲାଙ୍କୁ ସମ୍ଭାଳିବା କେତେ କଷ୍ଟକର କଥା ତ ଜାଣନ୍ତି । କେତେବେଳେ ଘୋ'ଘା ଭିତରେ ବାହାରକୁ ପଳାଇଛି । ହଉ ଛାଡନ୍ତୁ, ଯାହା ହବାର ତ ହେଲାଣି । ଛୁଆଟିତ ଉତ୍ତର ଲେଖିସାରିଛି, ଖାତାଟି ମତେ ଦେଇ ଯାଆନ୍ତୁ" ।

Digitized by srujanika@gmail.com

ଆମେ ସବୁ ଏ କାହାଣୀ ଶୁଣି ସେତେବେଳକୁ ହସିହସି ବେଦମ୍ । ପ୍ରସଙ୍ଗତଃ କହିରଖେ ଯେ ମୋର ସେଇ କୁନି ଭଉଣୀଟି ବର୍ତ୍ତମାନ ବେଶ୍ ମଧ୍ୟବୟସ୍କା ଓ ଏକ ସରକାରୀ କଲେଜରେ ଅଧ୍ୟାପିକା ।

ମୁଁ କଲେଜରେ ପଢୁଥିବା ସମୟରେ ଆମଘରେ ଥରେ ମୂଷାମାନଙ୍କର ପ୍ରାଦୁର୍ଭାବ ବହୁତ ବଢିଲା । ଗଦି, ଚପଲ, ବହିପତ୍ର ଓ ଆଲୁବାଇଗଣ ପର୍ଯ୍ୟନ୍ତ କେହି ଆଉ ମୂଷାଙ୍କ ଦାଉରୁ ରକ୍ଷା ପାଇଲେନି । ବାଧ୍ୟ ହୋଇ ଆମେ ଗୋଟିଏ ଯନ୍ତା କିଣି ଆଣିଲୁ ଓ ବେଶ୍ ବଡ ମୂଷାଟିଏ ଥରେ ଯନ୍ତାରେ ଧରିଲୁ ମଧ୍ୟ । ମୂଷାଟି ମରିବା ପରେ ମୃତମୂଷିକଟିକୁ ନେଇ ନାଳକୂଳେ ଅରମା ଭିତରେ ଫିଙ୍ଗିଦେବାପାଇଁ ବୋଉ କହିଲା । ମୋ' ଭାଇ କିନ୍ତୁ ଆମ ସମସ୍ତଙ୍କୁ ଅଟକାଇଲା - ''ରହ ରହ, ତାକୁ ଫିଙ୍ଗନା । ଏଇଲେ କେମିତି ମଜା ହବ ଦେଖୁଥା'' ।

ଘରେ ଠିକ୍ ସେତିକିବେଳେ ମୋର ଆଉ ଗୋଟିଏ ଭାଇର ବ୍ରତଘର ସରିଥାଏ । ଉପହାର ବନ୍ଧାହୋଇଥିବା ସାନ କାର୍ଡବୋର୍ଡ ବାକ୍ସ ଓ ଛିଟ କାଗଜ ଏଣେତେଣେ ଦି ଚାରିଟା ପଡିଥାଏ । ମୋ ଭାଇ ମଲାମୂଷାଟିକୁ କାର୍ଡବୋର୍ଡ ବାକ୍ସରେ ଭର୍ତ୍ତିକରି ଓ ତା' ଉପରେ ଜରିକାଗଜ ଓ ରିବନ୍ ବାନ୍ଧି ସୁନ୍ଦର ପ୍ୟାକେଟଟିଏ ତିଆରି କରି, ତାକୁନେଇ ଆମଘର ସାମ୍ନା ରାସ୍ତାକଡରେ ଥୋଇ ଦେଇଆସିଲା । ସେତେବେଳକୁ ସେ ରାସ୍ତାଟି ପିଚୁ ହୋଇନଥାଏ । କଚା ଅଣଓସାରିଆ ରାସ୍ତାଟିଏ । ରାତି ପ୍ରାୟ ନଅଟା ହେବ । ଚାରିଆଡେ ନିରୋଳା ପଡି ଆସିଲାଣି । ବାକ୍ସଟି ରାସ୍ତାରେ ରଖି ଆମେ ସବୁ ଝରକାବାଟେ ଉଣ୍ଡିଥାଉ । ''ଲାଇଟ୍ ଅଫ୍ କର, ଲାଇଟ୍ ଅଫ କର, ଆମ ମୁହଁ ସବୁ ବାହାରକୁ ଦିଶୁଛି ।'' ଭାଇ ପାଟି କଲା ଓ ଆମେ ସବୁ ଅନ୍ଧାରରେ ଜକାଜକି ହେଇ ଝରକାବାଟେ ବାହାରକୁ ଚାହିଁ ରହିଲୁ ।

ବେଶୀ ସମୟ ଅବଶ୍ୟ ଅପେକ୍ଷା କରିବାକୁ ପଡିଲାନି । ପ୍ରାୟ ପାଞ୍ଚମିନିଟ୍ ପରେ ଗୋଟିଏ ଲୋକ ସାଇକେଲ୍‌ରେ ଯାଉଯାଉ ବାକ୍ସଟି ଉପରେ ହଠାତ୍ ତାର ନଜର ପଡିଗଲା । ଲୋକଟି ଝଟ୍‌କି ବ୍ରେକ୍ ମାରି ଇଆଡ଼େ ସିଆଡ଼େ ଅନାଇଁ ଓ କେହି ତାକୁ ଦେଖୁନଥିବା ସଂପର୍କରେ ନିଶ୍ଚିତ ହୋଇ ଥିଇର୍ କି ବାକ୍ସଟି ଉଠାଇ ଖୋଲିବାକୁ ଲାଗିଲା । ଭା[illegible]ଲା ବୋଧହୁଏ ଭୁଲ୍‌ରେ କୌଣସି ଲୋକର ହାତରୁ ବା ସାଇକେଲ୍‌ରୁ ଦାମୀ ଜିନିଷଟି[illegible] ପଡିଯାଇଛି । ରାସ୍ତାରେ ବିଜୁଳିବତୀର ଆଲୋକ । ଲୋକଟିର କ୍ରିୟାକଳାପ ଝରକା ଭିତର ଦେଇ ଆମକୁ ସ୍ପଷ୍ଟ ଦିଶୁଥାଏ । ବାକ୍ସଟି ଖୋଲି ଅମୂଲ୍ୟ ଦ୍ରବ୍ୟ ପରିବର୍ତ୍ତେ ତନ୍ମଧ୍ୟରେ ମୃତମୂଷିକଟି ଦେଖି ସିଏ ଯେଉଁଭଳି ଭାବରେ ଆଚମ୍ବିତ ଓ ହତବାକ୍ ହୋଇଥିଲା, ତାହା ଥିଲା ରୀତିମତ ଦର୍ଶନୀୟ । ଆମେ ସବୁ ଝରକା ଏପଟୁ ଖିଲ୍‌ଖିଲ୍ ହୋଇ ହସିବାକୁ ଲାଗିଲୁ । ଲୋକଟି ଆମ ଅଟ୍ଟହାସ୍ୟରେ ଅପ୍ରସ୍ତୁତ

Digitized by srujanika@gmail.com

ହୋଇ ଅସମ୍ଭବ ତୀବ୍ରଗତିରେ ସାଇକେଲ୍ ଚଳାଇ ଛୁଟିବାକୁ ଆରମ୍ଭ କଲା । ଶ୍ରୀକମଲ୍ ହାସନ୍‌ଙ୍କ ଅଭିନୀତ ଚମତ୍କାର ନିର୍ବାକ୍ ଚଳଚ୍ଚିତ୍ର ''ପୁଷ୍ପକ''ରେ ଏତାଦୃଶ ଗୋଟିଏ କାର୍ଡବୋର୍ଡ ବାକ୍ସର ଦୃଶ୍ୟ ଅଛି । ସିନେମାଟି ଦେଖିଲାବେଳେ ମୋର ପିଲାଦିନର ମୂଷାସଂପର୍କୀୟ ଦୃଶ୍ୟଟି ମନେପଡିଯାଇଥିଲା ।

ଆମେ ସାନ ଥିଲାବେଳେ ଗାଁରେ ଜେଜେମା'ଙ୍କ ମୃତ୍ୟୁ ହେଲା । ସମସ୍ତେ ଶ୍ରାଦ୍ଧକୁ ଯିବୁ । ଘରଜଗି ରହିବ ବୋଲି ଗାଁରୁ ଦିବାକର ବୋଲି ଚାକିରିଆଟିଏ ଆସି ପହଞ୍ଚିଲା । ମଫସଲିଆ ଭୀରୁ ମଣିଷଟିଏ । ସିଏ ପହଞ୍ଚିଲାବେଳକୁ ଭାଇ ତାର ବକ୍ସ କାମେରାଟି ଧରି ସଜଡାସଜଡି କରୁଥାଏ । ଦିବାକର ଜିନିଷଟିକୁ ତାରିପଟୁ ଭଲଭାବରେ ନିରୀକ୍ଷଣ କରି ସାରିବା ପରେ ଧୀର ସ୍ୱରରେ ପଚାରିଲା। ''ଆଜ୍ଞା ଏଇଟା କଅଣ ?''

ଭାଇ ଉତ୍ତର ଦେଲା ''ଏଇଟା କାମୁଡା, ଏଥିରେ ଫଟ ଉଠାଯାଏ'' । ''ଆଜ୍ଞା, ମୋର ଗୋଟେ ଫଅଟ ଉଠେଇ ଦିଅନ୍ତ ନି ?'' ଦିବାକର ଡରିଡରି କହିଲା । ''ଉଠେଇଦେବି ଯେ ! ହେଲେ ଏଇଟାତ କାମୁଡା ନା ! ତେଣୁ ମୁଁ ଏକ, ଦୁଇ, ତିନି କହିଲାବେଳକୁ ତୁ ସେ ଜାଗା ଛାଡି ପଛୁଆ ପଛୁଆ ଦୌଡିକି ପଳେଇବୁ । ନହେଲେ ଇଏ ଲମ୍ୱା ପାଟି ବଢ଼େଇ ତତେ କାମୁଡି ଦବ । ବୁଝିଲୁ ?''

ଦିବାକର ମୁଣ୍ଡ ହଲାଇ ଲାଗିଲା ବାରମ୍ବାର । କଥାଟିକୁ ପରିଷ୍କାର ଭାବରେ ବୁଝିଛି ବୋଲି । ଦିବାକରକୁ ଅଗଣାରେ ଠିଆ କରାଇ ରିଲ୍ ନଥିବା କାମେରାରେ ଫୋକସ କରି ଭାଇ ଡାକିଲା ବଡପାଟିରେ - ଏକ, ଦୁଇ, ତିନି ଆଉ ଦିବାକର କିଲକାଛିଆ ଦୌଡ ମାରି ଠିକ୍ ତା ପଛପଟରେ ଥିବା ସୁବୃହଦ୍ ନିମଗଛ ଗଣ୍ଡିରେ ପିଟି ହୋଇଗଲା ଢୋ' କରି ।

ମୁଁ ରହୁଥିବା ମୋ ଭୁବନେଶ୍ୱର ଘରଟି ମୋ ଭାଇ ଦ୍ୱାରା ନିର୍ମିତ । ଆମେ ରହୁଥିଲୁ ଦିଲ୍ଲୀରେ । ଘରତିଆରି ଦାୟିତ୍ୱ ପଡିଥିଲା ଭାଇମୁଣ୍ଡରେ । କଟକରୁ ଭୁବନେଶ୍ୱର ଆସି, ମିସ୍ତ୍ରୀମୂଲିଆଙ୍କ କାମଦେଖି, ସିଏ ଫେରିଯାଏ ପ୍ରାୟ ରାତି ଦଶଟାରେ, ଶେଷ ବସ୍ ଧରି । ବାଇଶବର୍ଷ ଆଗର କଥା । ଭୁବନେଶ୍ୱର ଥିଲା ଅପେକ୍ଷାକୃତ ଅନୁନ୍ନତ । ବସ୍ ଧରିବାକୁ ପଡୁଥିଲା ପୁରୁଣା ବସ୍‌ଷ୍ଟାଣ୍ଡରୁ । ଥରେ ମୋ ଭାଇ ବସିଛି ବସ୍ ଭିତରେ । ଶୀତରାତି, ଜଣେ ଦିଜଣ ଅନ୍ୟ ଯାତ୍ରୀ ବି ବସିଛନ୍ତି । କଣ୍ଡକ୍ଟର, ଡ୍ରାଇଭର ଅନ୍ୟ କୁଆଡେ ବୁଲୁଛନ୍ତି- ହୁଏତ ଗପ କରୁଛନ୍ତି ପାନବିଡି ଦୋକାନରେ । ଗାଡି ଭର୍ତ୍ତିହେଲେ ଆସିବେ ଓ ଗାଡିଛାଡିବେ । ହଠାତ୍ ଜଣେ ଭଦ୍ରଲୋକ ବସ୍‌ର କାଚଝରକା ଫାଙ୍କ ରେ ବାହାରୁ ଡାକିଲେ ଭାଇକି ''ଆପଣ କଅଣ କଟକ ଯାଉଛନ୍ତି ?''

Digitized by srujanika@gmail.com

ଭାଇ କହିଲା ‘‘ହଁ’’ ।

ଭଦ୍ରଲୋକଙ୍କର ପୁନର୍ବାର ପ୍ରଶ୍ନ ‘‘ଗାଡି କେତେବେଳେ ଛାଡିବ ?

ତା’ତ ମୁଁ ଜାଣିନି ‘‘ଭାଇ ଉତ୍ତର ଦେଲା ।

‘‘ଆଶ୍ଚର୍ଯ୍ୟ ଲୋକ ! ବସ୍‌ରେ ବସିଛନ୍ତି, ଅଥଚ ବସ୍‌ କେତେବେଳେ ଛାଡିବ ଜାଣନ୍ତିନି ?’’ ଭଦ୍ରଲୋକ କିଛିଟା ବ୍ୟଙ୍ଗାତ୍ମକ ସ୍ୱରରେ କହିଲେ ଓ ଭାଇକୁ ସାମାନ୍ୟ ଥତମତ କରାଇ ଦେଇ ଇଆଡେ ସିଆଡେ ବୁଲି କଟକକୁ ଅନ୍ୟ ବସ୍ ଅଛି ନା ନାହିଁ ପଚାରି ବୁଝିବାକୁ ଲାଗିଲେ । ଅନ୍ୟ ବସ୍ ନଥିଲା । ଅଗତ୍ୟା କିଛିସମୟ ଖବରାଖବର କରିସାରିବା ପରେ ସେଇ ଶେଷବସ୍‌ଟିରେ ଇ ଚଢିଲେ ଓ ଭାଇପାଖରେ ଖାଲି ଥିବା ସିଟ୍‌ଟିରେ ଆସି ବେଶ୍ ଆରାମ୍ କରି ବସିଲେ ।

ଭାଇ ସାମାନ୍ୟ ହସି ପଚାରିଲା, ‘‘ଆପଣ କଅଣ କଟକ ଯାଉଛନ୍ତି’’ ? ଭଦ୍ରଲୋକ ଉତ୍ତର ଦେଲେ ‘‘ହଁ’’ । ଭାଇ ପୁଣି ପଚାରିଲା ‘‘ଗାଡି କେତେବେଳେ ଛାଡିବ ?’’ ‘‘ତା’ତ ମୁଁ ଜାଣିନି ।’’ ଭଦ୍ରଲୋକ ଜବାବ୍ ଦେଲେ । ଏଥରକ ଭାଇର ଅପମାନ ସୁଝାଇବାର ପାଳି । କହିଲା ‘‘ଆଶ୍ଚର୍ଯ୍ୟ ଲୋକ ! ବସ୍‌ରେ ବସିଛନ୍ତି, ଅଥଚ ବସ୍ କେତେବେଳେ ଛାଡିବ ଜାଣନ୍ତିନି’’ । ଭଦ୍ରଲୋକ ଏଭଳି ଅପ୍ରସ୍ତୁତ ହୋଇଥିଲେ ଯେ କଟକ ପର୍ଯ୍ୟନ୍ତ ମୌନବ୍ରତ ଧାରଣ କରି ଚୁପ୍‌ଚାପ୍ ବସି ରହିଥିଲେ ଓ ଭାଇସହିତ ଅନ୍ୟକୌଣସି ବାକ୍ୟ ବିନିମୟ କରିନଥିଲେ ।

ମୋ ଭାଇ ତା’ ଜୀବନରେ କରିଥିବା ସବୁଠାରୁ ବଡ ‘‘ପ୍ରାକ୍‌ଟିକାଲ୍ ଜୋକ୍’’ଟି ନିଶ୍ଚିତ ଭାବରେ ପାଠକମାନଙ୍କୁ ଅବିଶ୍ୱସନୀୟ ମନେହେବ । ତେବେ ବି ମୁଁ ତାହା ଲେଖିବାର ଲୋଭ ସମ୍ଭାଳିପାରୁନି । ଘଟଣାଟି ମୋ ଭାଇର ବି.ଏସ୍.ସି. ପଢିବା ବେଳର । ଦିନେ ଭଲକରି ସକାଳ ନ ହେଉଣୁ ଘରର କଲିଂବେଲ୍‌ଟି ତାରସ୍ୱରରେ ଚିତ୍କାର କରିବାକୁ ଲାଗିଲା ! କେହି ବିଛଣା ଛାଡି ଯିବାକୁ ରାଜି ନୁହନ୍ତି । ଅଗତ୍ୟା ବୋଉ ଯାଇ କବାଟ ଖୋଲିଲା ।

ସାମ୍‌ନାରେ ଯୁବକଟିଏ - ହାତରେ ସିମେଣ୍ଟ ବସ୍ତା ପ୍ରମାଣର କନା ଥଳିଟିଏ ଧରି ।

‘‘ତମେ କିଏ ? କାହିଁକି ଆସିଚ ?’’ ବୋଉ ବିସ୍ମୟରେ ଆଖି ମଳିମଳି ପଚାରିଲା ।

‘‘ଆଜ୍ଞା ମୁଁ ବିପିନ୍‌ର ସାଙ୍ଗ । ଓଡିଆ ଅନର୍ସ ପଢେ । ବିପିନ୍ ମତେ କହିଥିଲା, ଆପଣଙ୍କ ଘରେ ବହୁତ ବହି - ନିଜେ ଆସି ବାଛିକି ଯେତେଇଚ୍ଛା ନେଇଯିବା ପାଇଁ ।

Digitized by srujanika@gmail.com

ପିଲାଟି ଠିକ୍ ସମୟରେ ଆସିଯାଇଥିଲା । ବୋଉ ନିଦ ମଳମଳ ଆଖିରେ କବାଟ ଖୋଲିଛି । ସେଥିରେ ପୁଣି ପିଲାଟି ହାତରେ ବିରାଟ ଏକ ବ୍ୟାଗ୍ । ଏବଂ ସେ ପୁଣି ଘରେ ପଶି ବହି ବାଛିକି ନେବ ବୋଲି କହୁଛି । ବୋଉର ମୁଣ୍ଡ ଗରମ ହେବା ସ୍ୱାଭାବିକ୍ । ବୋଉର ରାଗ ଦେଖି ପିଲାଟି ଛୁ । ପାଟିତୁଣ୍ଡରେ ଆମେ ବି ସବୁ ଉଠିପଡିଲୁ ।

ଭାଇ ନିଦରୁ ଉଠିଲାପରେ ଘଟଣାଟି ବିସ୍ତୃତଭାବରେ ଓ ବେଶ୍ ରଂଗମତାଇ ଆମେ ତା' ଆଗରେ ଉପସ୍ଥାପିତ କଲୁ । ସିଏ ଅବଶ୍ୟ ମାନିଲା ଯେ ସେ ପିଲାଟିକୁ ବହିଦେବ ବୋଲି କହିଥିଲା, ଯଦିଓ ବସ୍ତାଭର୍ତ୍ତି ନୁହେଁ । ବାପା ଥିଲେ ଶିକ୍ଷାବିଭାଗରେ । ତେଣୁ ଯେ କୌଣସି ପ୍ରକାଶକ ବା ଲେଖକ ବହିଟିଏ ଛପାଇଲେ ଶୁଭେଚ୍ଛା ସହ ଖଣ୍ଡିଏ ପଠାଉଥିଲେ ତାଙ୍କ ପାଖକୁ ଓ କାଳକ୍ରମେ ଓଡିଆବହିର ଭଲ ଲାଇବ୍ରେରୀଟିଏ ଆମ ଘରେ ହୋଇଯାଇଥିଲା ।

ଯାହାହେଉ, ଆମେସମସ୍ତେ କିନ୍ତୁ ଭାଇପାଇଁ ବହୁତ ବ୍ୟସ୍ତ ହୋଇପଡିଲୁ । ''ବୋଉ ଏତେ ରାଗିଲା ସେ ପିଲାଉପରେ ! ସିଏ ନିଶ୍ଚୟ କଲେଜ୍‌ରେ ତତେ ଏଣୁତେଣୁ କହିବ'' । ସମସ୍ତେ ଏକାସ୍ୱରରେ ନିଜ ମତ ବ୍ୟକ୍ତ କଲୁ ।

''ଦେଖିବା'' ! ଅବିଚଳିତ ସ୍ୱରରେ ଭାଇ କେବଳ ପଦିଏ କଥା କହିଲା ଓ ଠିକ୍ ସମୟରେ ଖାଇପିଇ କଲେଜ ବାହାରିଗଲା ।

ସିଏ ଫେରିଲାବେଳକୁ ଆମେସବୁ ଦାଣ୍ଡପିଣ୍ଡାରେ ଧାଡିହୋଇ ଠିଆ ହୋଇଥିଲୁ ତାକୁ ଅପେକ୍ଷା କରି । କଲେଜରେ କି ଧରଣର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା ତାହା ଜାଣିବାପାଇଁ ମନରେ ଭରପୂର୍ ଆଗ୍ରହ ନେଇ । ଏବଂ ସିଏ ଘରେ ଗୋଡ ନଦେଉଣୁ ତାକୁ ପଚାରିବସିଲୁ ''କଅଣ ହେଲା ? ସେ ପିଲା ତତେ ଗାଳିଗୁଲଜ୍ କରିଥିବ, ନା ?''

''ଆରେ ନାଇଁମ ! ସିଏ କଅଣ ମତେ କହିବ ? ବରଂ ଓଲଟି ମୋ ପାଇଁ ବ୍ୟସ୍ତ ହେଲା ସିଏ'' ଭାଇ ଉତ୍ତର ଦେଲା ।

''ବ୍ୟସ୍ତ ହେଲା ? ତୋ'ପାଇଁ ? କାହିଁକି ?'' ଆମେ ପାଲଟା ପ୍ରଶ୍ନ ପଚାରିଲୁ ।

''ହବନି ? ଯା'ମା' ପାଗଳ, ତା ପାଇଁ ତ ସମସ୍ତେ ବ୍ୟସ୍ତ ହେବେ''

''ପାଗଳ ? ଆରେ ମୁଁ ପାଗଳ କେତେବେଳେ ହେଲି'' ? ଏତେବେଳକୁ ବୋଉ ପଚାରିଲା ବେଶ୍ ଅବାକ୍ ହୋଇ । ''ଓହୋ ! କଲେଜରେ ମତେ ଦେଖି ସିଏ ଏକ୍‌ଦମ୍ ରାଗିକରି ଖପା । ରକ୍ଷା ପାଇବା ପାଇଁ କିଛିତ ଗୋଟେ କହିବାକୁ ପଡିବ'' ! ଭାଇ କହିଲା ହସି  ହସି ।

Digitized by srujanika@gmail.com

"ଯା ବୋଲି ତୁ ମତେ ପାଗଳ କରିଦେଲୁ" ?

"ଆଉ କିଛି ଉପାୟ ନଥିଲା ଯେ ! ବିଚରା ଗାରି ଡରିଯାଇଛି । ବୁଝିଲୁ ବୋଉ" ?

"ଡରିଛି କାହିଁକି ?" ଆମେ ସବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲୁ । "ମୁଁ ତାକୁ କହିଦେଇଛି, ତୋ ଭାଗ୍ୟ ଭଲ ତୁ ଖାଲି ଦି'ପଦ ଗାଳି ଶୁଣିକି ଆସିଲୁ । ଏମିତିରେ ନୂଆଲୋକ ଦେଖିଲେ ମୋ ବୋଉ ଛୁରୀ ଧରି ଆକ୍ରମଣ କରେ । କେତେ ଜଣକୁ ଖଣ୍ଡିଆଖାବରା କରିଛି ମଧ୍ୟ । ବଦ୍ଧ ପାଗଳ କିନା !"

ଏତେବେଳକୁ କାହାଣୀଟି ବୋଉ ବେଶ୍ ଉପଭୋଗ କଲା ଓ ଖିଲ୍ଖିଲ୍ ହୋଇ ସ୍କୁଲପଢୁଆ କିଶୋରୀ ଝିଅଟି ଭଳିଆ ହସିବାକୁ ଲାଗିଲା । ଆମେ ସବୁ ବି ହସିଲୁ ଖୁବ୍ ଜୋର୍‌ରେ ଓ ପ୍ରାୟ ପାଞ୍ଚମିନିଟ୍ ଯାଏ ଆମ ଘରର ଉଚ୍ଚ ଛାତଟି ଆମ ହସର ଶବ୍ଦରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ।

ଯା'ର କିଛିଦିନ ପରେ ବୋଉ ଓ ମୁଁ ଦାଣ୍ଡଫାଟକ ପାଖରେ ଠିଆହୋଇଚୁ । ସମୟ ଅପରାହ୍ନ । ଆମଘର ଆଡକୁ ଗୋଟିଏ ପିଲା ଚାଲି ଚାଲି ଆସୁଥିବାର ଦେଖିଲି । ହୁଏତ ଏପଟେ କିଛି କାମ ଥିଲା । କିନ୍ତୁ ଆମ ପାଖାପାଖି ଆସି ଯେମିତି ବୋଉକୁ ଦେଖିଛି, ବୁଲିପଡି ବଡବଡ ପାହୁଣ୍ଡ ପକାଇ ଯେଉଁଆଡୁ ଆସିଥିଲା ସେଇଆଡକୁ ଏକରକମ ଦୌଡିବାପାଇଁ ଆରମ୍ଭ କଲା । ତା' ମୁହଁଟିର ଅଭିବ୍ୟକ୍ତି ଥିଲା ଭୂତଗସ୍ତ ହେଲା ଭଳିଆ ଏବଂ ତାହା ଦେଖି ବୋଉ ଖୁବ୍ ଜୋରରେ ହସିବାକୁ ଲାଗିଲା । ଆଶ୍ଚର୍ଯ୍ୟ ହୋଇ ବୋଉକୁ ପଚାରିଲି - "କଅଣ ହେଲା ? ହସୁଚ କାହିଁକି ? ସେ ପିଲାଟି କିଏ ? ଏମିତି ତମକୁ ଦେଖି ଡରିଗଲା ଯେ !"

କୌଣସି ମତେ ହସ ରୋକି ବୋଉ ଜବାବ୍ ଦେଲା "ଏଇ ପିଲାଟି ସେ ଦିନ ବହିନେବାକୁ ଆସିଥିଲା ।"

■ ■ ■

ଅକ୍ଟୋବର ୧୯୯୮

Digitized by srujanika@gmail.com

# ବୋଧହୁଏ

ନରିନ୍ଦର ସହିତ ମୋର ଦେଖା ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ । ମୁଁ ଏମ୍ ଲିଟ୍ କରୁଥିଲି ତୁଳନାତ୍ମକ ସାହିତ୍ୟରେ । ନରିନ୍ଦର କରୁଥିଲା ପଞ୍ଜାବୀ ଭାଷାରେ ଏମ୍.ଏ. । ମଝିରେ ମଝିରେ ଆର୍ଟସ୍ ବ୍ଲକରେ ଦେଖାହୁଏ । ମୋ ସହିତ ପଢୁଥିବା ଜଣେ ଅଧ୍ୟାପକଙ୍କର ପରିଚୟ ଥିଲା ନରିନ୍ଦର ସାଥିରେ । ସେଇ ଚିହ୍ନା କରାଇ ଦେଇଥିଲେ ଆମ ଦୁଇଜଣଙ୍କୁ ପରସ୍ପର ସହିତ ।

ମୁଁ ଘରସଂସାର କରି ପାଠ ପଢୁଥିଲି । ନରିନ୍ଦର ବୟସରେ ଥିଲା ମୋ'ଠାରୁ ଯଥେଷ୍ଟ ସାନ । ଦେଖାହେଲେ ମୁରୁକି ହସି ପଚାରୁଥିଲା, "କୈସେ ହେଁ ଆପ ?" ପାଲଟା ମୁଁ ପଚାରୁଥିଲି "ତୁମ୍ କୈସେ ହୋ ?" ସଂପର୍କ ଥିଲା ଏତିକି ଭିତରେ ସୀମାବଦ୍ଧ ।

ଦିଲ୍ଲୀ ନଗରୀରେ ଶିଖ୍ ସଂପ୍ରଦାୟର ଲୋକମାନଙ୍କର ଯଥେଷ୍ଟ ପ୍ରାଚୁର୍ଯ୍ୟ । ଶ୍ମଶ୍ରୁଗୁଂଫରେ ସଜ୍ଜିତ ଓ ବିରାଟକାୟ ପଗଡ଼ି ପରିହିତ ପଞ୍ଜାବୀ ଭଦ୍ରଲୋକମାନଙ୍କୁ ମୁଁ ସହଜରେ ବାରିପାରେନି । ସମସ୍ତେ ମୋତେ ଦିଶନ୍ତି ଏକାଭଳିଆ । କିନ୍ତୁ ନରିନ୍ଦରକୁ ମୁଁ ଶହେ ସର୍ଦ୍ଦାରଜୀଙ୍କ ଭିତରେ ବି ଚିହ୍ନି ପାରୁଥିଲି ଅକ୍ଲେଶରେ, ତା' ମୁହଁର ଭାବଭଙ୍ଗୀରୁ । ଏ ଭଳି ନିରୀହ, ଶାନ୍ତ ମୁହଁଟିଏ ସଚରାଚର ଦେଖାଯାଏନି ।

ନରିନ୍ଦର୍‌ର ରଂଗ ଥିଲା ଶ୍ୟାମଳ । ମୁହଁଟି ଦିଶୁଥିଲା ନିଥର ନୀଳ ହ୍ରଦପରି । ନିଶଦାଢ଼ି ପତଳା କଳାଜାଲି ଦେଇ ବାନ୍ଧି ରଖୁଥିଲା । ମୁହଁର ବାକି ଅଂଶର ତ୍ୱକ୍ ଥିଲା ସ୍ନେହମୟ । ଚକ୍ ଚକ୍ କରୁଥିଲା ଖରା ପଡ଼ିଲେ । ନାଲି ରଙ୍ଗର ପଗଡ଼ିବାନ୍ଧି ଘୁରି ବୁଲୁଥିଲା ଡିପାର୍ଟମେଣ୍ଟରେ । ମଝିରେ ମଝିରେ ଲମ୍ବ ବେଣୀ ପକାଇଥିବା ସୁଶ୍ରୀ ଝିଅଟିଏ ତା' ସହିତ ଦେଖୁଥିଲି । ଶୀତଦିନିଆ ନରମ ଖରାରେ ଲନ୍‌ରେ ବସି ଏକା ପ୍ୟାକେଟରୁ ପପ୍‌କର୍ଣ୍ଣ ଖାଉଥିଲେ ଦୁହେଁ । ଝିଅଟି କିଏ କେବେ ପଚାରିନି ନରିନ୍ଦରକୁ । ଅହେତୁକ କୌତୂହଳ ବି ନ ଥିଲା । କାରଣ ବିଶ୍ୱବିଦ୍ୟାଳୟରେ ପୁଅଝିଅଙ୍କ ଭିତରେ ବିଶେଷ କଟକଣା ନ ଥିଲା ଓ ପରସ୍ପର ମଧ୍ୟରେ ସଖ୍ୟ ରଖି ସମଭାବରେ ଉଭୟ ପୁଅ ଓ ଝିଅ ମିଳାମିଶା କରୁଥିଲେ ।

ମଝିରେ ଥରେ ଆର୍ଟସ୍ ବ୍ଲକର ଲମ୍ବପିଣ୍ଡା ଦେଇ ଚାଲିଚାଲି ଗଲାବେଳେ ଦେଖାହେଲା ନରିନ୍ଦର ସହିତ । ଠିଆ ହୋଇ ଗପସପ କଲା । ପାଠପଢ଼ା କଥା, ଏଣୁ

Digitized by srujanika@gmail.com

ତେଣୁ କିଛି କଥା ମଧ୍ୟ । କିଛି ସମୟ ପରେ ବିଦାୟ ନେଇ ଚାଲିଗଲା । ଆଉ ମତେ ଲାଗିଲା ଯେମିତି କଅଣ ଗୋଟିଏ କଥା କହିବ କହିବ ହୋଇ ଶେଷ ପର୍ଯ୍ୟନ୍ତ କହିପାରିଲାନି ନରିନ୍ଦର ।

ସପ୍ତାହକ ଭିତରେ ଦୁଇ ତିନିଥର ମୋ ବାଟ ଜଗି, ମୋ ସହିତ ଗପସପ କରିବାର ବାହାନା କରିସାରିବା ପରେ ଶେଷରେ ଦିନେ ନରିନ୍ଦର ମନକଥାଟି କହି ପକାଇଲା - ''ଆପଣଙ୍କ ସ୍ୱାମୀ ପୋଲିସ୍ ବିଭାଗରେ କାମ କରନ୍ତି ନା ?'' ଉତ୍ତର ଦେଲି 'ହଁ' । ମତେ ବିଶ୍ୱବିଦ୍ୟାଳୟକୁ ନେଇଯାଉଥିବା ଆମ ଡ୍ରାଇଭରଟି ଦିଲ୍ଲୀ ପୋଲିସ୍‌ର ଉର୍ଦ୍ଦି ପିନ୍ଧୁଥିଲା । ତେଣୁ ପୋଲିସବିଭାଗ ସହିତ ମୋର ସଂପର୍କ ବାରି ହୋଇଯାଉଥିଲା ସହଜରେ ।

''କ୍ୟୋଁ ? କ୍ୟା ବାତ୍ ହୈ ? ନରିନ୍ଦରକୁ ପଚାରିଲି ।

ଉତ୍ତର ଦେଲା, ମୁଁ ଯଦି ଦୟାକରି ମୋ ସ୍ୱାମୀଙ୍କ ସହିତ ତା'ର ଥରେ ଦେଖା କରାଇଦିଅନ୍ତି, ସିଏ ବଡ଼ ଉପକୃତ ହୁଅନ୍ତା । ତା'ର ନିଜସ୍ୱ କିଛି କାମ ଅଛି । ''କେଉଁଠି ସ୍କୁଟର ଆକ୍ସିଡେଣ୍ଟ କରିଚୁ କି ?'' ମୁଁ ପଚାରିଲି ।

''ନହିଁ-ନହିଁ....'' ଲାଜକୁଳା ହସ ହସି ନରିନ୍ଦର ଜବାବ୍ ଦେଲା ।

ନରିନ୍ଦର ଥିଲା ଏକୋଇଶ ବାଇଶ ବର୍ଷର ନିହାତି ସାନପିଲା । ମୋ ସ୍ୱାମୀ ତା' ସହିତ ଦେଖା କରିବେ କି ନାହିଁ ସେ ସଂପର୍କରେ ଥିଲା ସନ୍ଦିହାନ । ମୁଁ ତାକୁ ଆଶ୍ୱାସନା ଦେଇ ସାଥିରେ ଘରକୁ ନେଇ ଆସିଲି ।

ଆମେ ସେତେବେଳେ ରହୁଥିଲୁ ଦିଲ୍ଲୀର କିଙ୍ଗସ୍‌ୱେ-କ୍ୟାମ୍ପସ୍ଥିତ ନିଉପୋଲିସ ଲାଇନରେ । ପୋଲିସର ବିଭିନ୍ନ ବିଭାଗର ଅଫିସ୍, ଅଫିସର୍ ମାନଙ୍କ ବଙ୍ଗଳା, କନେଷ୍ଟବଲମାନଙ୍କ ବ୍ୟାରାକ୍, ଅଫିସର୍ସ ମେସ୍ ତଥା ଦୁଇଟି ବିସ୍ତୃତ ପ୍ୟାରେଡ଼ ଫିଲଡ୍ ସମେତ ସୁବୃହତ୍ ହତା । ଜାମୁ ଓ ନିମଗଛର ଛାୟାରେ ସୁଶୀତଳ । ଆମ ଘରର ବେଶ୍ ପାଖରେ ଥିଲା ମୋ ସ୍ୱାମୀଙ୍କ ଅଫିସ୍‌ଟି । ଫୋନ୍ କଲାରୁ ଅବିଳମ୍ବେ ଘରକୁ ଚାଲି ଆସିଲେ ।

ନରିନ୍ଦର ସହିତ ପରିଚୟ କରାଇଦେଲି । କଅଣ କାମ ଅଛି ବୋଲି ମୋ ସ୍ୱାମୀ ବିନୟ ପଚାରିବାରୁ ଅତ୍ୟନ୍ତ ବିନୀତ ଭଙ୍ଗୀରେ, ଯଥେଷ୍ଟ ଲାଜ ଓ ସଂକୋଚର ସହିତ ନରିନ୍ଦର ଯେଉଁ କାହାଣୀଟି ବର୍ଣ୍ଣନା କଲା, ସେଥିରେ ଆମେ ଉଭୟେ ସ୍ୱାମୀ ସ୍ତ୍ରୀ କିଛି ପରିମାଣରେ ଚକିତ ହୋଇଥିଲୁ । ନରିନ୍ଦରର ବକ୍ତବ୍ୟ ସଂକ୍ଷେପରେ ଥିଲା ଏଇଆ-ନରିନ୍ଦର ପ୍ରେମ କରୁଥିବା ଏବଂ ବାହା ହେବାପାଇଁ ଠିକ୍ କରିଥିବା ଝିଅଟିକୁ ତା'ର ପିତାମାତା ପ୍ରହାର କରି ଘରେ ଜବରଦସ୍ତି ବନ୍ଦକରି ରଖିଛନ୍ତି । ନରିନ୍ଦର

Digitized by srujanika@gmail.com

ସହିତ ତା'ପ୍ରେମ କାହାଣୀ ଜାଣିସାରିବା ପରେ । ଏବଂ ଯେହେତୁ ଝିଅଟି ଏବଂ ନରିନ୍ଦର ଉଭୟେ ପ୍ରାପ୍ତବୟସ୍କ, ନରିନ୍ଦର ଏ ସଂପର୍କରେ ପୋଲିସ୍‌ରେ ଏତାଲା ଦେବାକୁ ଚାହେଁ ।

ପ୍ରେମ ସଂପର୍କୀୟ କୌଣସି କେସ୍ ଆସିଲେ, ବିନୟ ତାହା ସାଧାରଣତଃ ସମର୍ପଣ କରୁଥିଲେ ତାଙ୍କର ତିନୋଟି ବୟୋବୃଦ୍ଧ ଡି.ଏସ୍.ପି. - ଶ୍ରୀ କେ.କେ. ଛାବ୍ରା, ଶ୍ରୀ ଜଗଦୀନ୍ଦ୍ର ପ୍ରକାଶ ଓ ଶ୍ରୀ ସି.ଏନ୍. ମୁଖୀଙ୍କ ହାତରେ । ଛ'ଫୁଟ ଲେଖାଏଁ ଲମ୍ବା, ପକ୍ୱକେଶ, ପ୍ରିୟଦର୍ଶନ ଓ ଜେଜେବାପା ହୋଇସାରିଥିବା ଉପରୋକ୍ତ ତିନିଜଣଯାକ ଅଫିସର ଏ ସଂପର୍କରେ ଥିଲେ ସଦା ଉତ୍ସାହୀ ଓ ଉଦ୍ୟମଶୀଳ । ବିଭାଗୀୟ କର୍ତ୍ତବ୍ୟ ପାଳନର ନିଷ୍ଠା ଅପେକ୍ଷା ମାନବୀୟ ନିଷ୍ଠା ସେମାନଙ୍କର ଥିଲା ବେଶୀ । ସଭିଙ୍କର ପ୍ରେମକାହାଣୀ ଶୁଣୁଥିଲେ ନିଠେଇ ନିଠେଇ । ସମସ୍ୟାଟିର ସମାଧାନ ପାଇଁ ପ୍ରାଣପଣେ ଚେଷ୍ଟା ମଧ୍ୟ କରୁଥିଲେ । ମୁଁ ମଜାକରି ସେମାନଙ୍କ ନାଁ ଦେଇଥିଲି ତ୍ରିମୂର୍ତ୍ତି ।

ବିନୟଙ୍କ ଠାରୁ ଶୁଣିଥିଲି କିଛିଦିନ ଆଗରୁ ନୈନିତାଲ୍ ନିବାସୀ ଓ ଦିଲ୍ଲୀ ପୋଲିସ୍‌ରେ କନଷ୍ଟେବଲ୍ ଚାକିରି କରୁଥିବା ଗୋଟିଏ ଯୁବକ ନାଁରେ ଗୋଟିଏ କେସ୍ ଆସିଥିଲା ତାଙ୍କ ଅଫିସକୁ । ଝିଅଟି ବି ଥିଲା ନୈନିତାଲ୍‌ର । ପଢୁଥିଲା ସେଠାର କନଭେଣ୍ଟ ସ୍କୁଲରେ । ତା'ର ମା'ଥିଲେ ସେଠାରେ କୌଣସି ଏକ ବିଦ୍ୟାଳୟରେ ଶିକ୍ଷୟତ୍ରୀ । ଝିଅଟି ଗର୍ଭବତୀ ଥିଲା ଓ ମା' ଝିଅ ଦିହେଁ ଆସିଥିଲେ କନେଷ୍ଟବଲର ହାକିମଙ୍କ ପାଖକୁ ଦରଖାସ୍ତ ନେଇ । କନେଷ୍ଟବଲଟି ଝିଅଟିକୁ ପ୍ରେମ କରି ଓ ତାକୁ ବିବାହ ହେବାପାଇଁ ଅଙ୍ଗୀକାରବଦ୍ଧ ହୋଇ ସୁଦ୍ଧା ବର୍ତ୍ତମାନ ଧରାଛୁଆଁ ଦେଉନଥିଲା ।

ବିନୟ ଏହା ସଂପର୍କରେ ସତ୍ୟାସତ୍ୟ ଜାଣିବାର ଭାର ଅର୍ପଣ କରିଥିଲେ ତ୍ରିମୂର୍ତ୍ତିଙ୍କ ହାତରେ । ସେମାନେ ବିନୟଙ୍କର ପ୍ରକୋଷ୍ଠକୁ ଉଭୟ ଯୁବକଟିକୁ ଓ ତା'ର ତଥାକଥିତ ବାଗ୍‌ଦତ୍ତା ପତ୍ନୀକୁ ଡାକି ଦୁହିଙ୍କ ସହିତ କଥୋପକଥନ କରିଥିଲେ । ଯୁବକଟି ଥିଲା ଅତ୍ୟନ୍ତ କାନ୍ତିବାନ୍ । କପୋଳରେ ଥିଲା ଟମାଟୋର ଆଭା । ଝିଅଟିକୁ ବିଭା ହେବାପାଇଁ ପ୍ରତିଜ୍ଞାବଦ୍ଧ ହୋଇଛି ବୋଲି ମନା କରିଥିଲା । ବରଂ କହିଥିଲା ଯେ ଉକ୍ତ କିଶୋରୀଟି ସହିତ ଆହୁରି ଅନେକ ତରୁଣଙ୍କର ସଂପର୍କ ଥିଲା ଏବଂ ତାହାର ଗର୍ଭସ୍ଥ ସନ୍ତାନଟି ସଂପର୍କରେ ସିଏ ସଂପୂର୍ଣ୍ଣ ଭାବରେ ଅଜ୍ଞ ।

ରାଜମହଲରେ ଦୁଷ୍ମନ୍ତଙ୍କ ସ୍ମୃତିଭ୍ରଂଶ ବେଳେ, ଶକୁନ୍ତଳା ଯେଉଁଭଳି ଆଶ୍ରମ ଜୀବନରେ ଦୁଷ୍ମନ୍ତଙ୍କ ସାନିଧ୍ୟରେ ଘଟିଥିବା ବିଭିନ୍ନ ଦୃଶ୍ୟାବଳୀ ତଥା ଘଟଣାମାନ ବ୍ୟାଖ୍ୟାନ କରି ଦୁଷ୍ମନ୍ତଙ୍କ ସ୍ମୃତିକୁ ଜାଗରୂକ କରିବା ପାଇଁ ଚେଷ୍ଟା କରିଥିଲେ, ଝିଅଟି ସେଇଭଳି ବିଭିନ୍ନ ଦିନର ଏକତ୍ର କଟାଇଥିବା ସ୍ୱପ୍ନମଧୁର ମୁହୂର୍ତ୍ତଗୁଡ଼ିକ ସବିସ୍ତାର ବର୍ଣ୍ଣନା କରି କନେଷ୍ଟବଲଟିର ମୃତ ସ୍ମୃତିକୁ ଜୀବନ୍ତ କରିବାକୁ ଚେଷ୍ଟା କରିଥିଲା-

Digitized by srujanika@gmail.com

''ତମର ମନେ ନାହିଁ ? ସେ ଦିନ ଥିଲା ହୋଲି, ତମେ ରଙ୍ଗ ଖେଳିବାକୁ ଆସିଥିଲ । ମୋ ନାଲି ରଙ୍ଗର ଓଢ଼ଣୀ ତୁମର ସବୁଜ ରଙ୍ଗର ପିଚକାରୀରେ ଜୁଡୁବୁଡୁ ହୋଇଯାଇଥିଲା । ମା' ନଥିଲେ ଘରେ । ତମେ କହିଲ ଏ ଭଳି କାମ ପୃଥିବୀରେ ନାହିଁ, ଯାହାକି ତମେ ମୋ ପାଇଁ ନ କରିବ.....''

''ସିଏ କହିଲା, ଆଉ ତୁ ତା' କଥାକୁ ବିଶ୍ୱାସ କରିଗଲୁ । ତତେ କଅଣ ଜଣାନାହିଁ ପ୍ରେମରେ ପଡ଼ିଲେ ଆକାଶରୁ ଚନ୍ଦ୍ରତାରା ତୋଳି ଆଣିଦେବେ ବୋଲି ପ୍ରେମିକମାନେ କହନ୍ତି ?'' ତିନି ବୃଦ୍ଧ ସମସ୍ୱରେ ମନ୍ତବ୍ୟ କରିଥିଲେ କାହାଣୀଟି ଉପଭୋଗ କରିସାରି ।

ଦୁଷ୍ମନ୍ତଙ୍କର ସ୍ମୃତିଭ୍ରଂଶ ହୋଇଥିଲା ଦୁର୍ବାସାଙ୍କର ଅଭିଶାପରେ । କନେଷ୍ଟବଲଟି କିନ୍ତୁ ସବୁ ଜାଣିଶୁଣି ଅବୋଧ ସାଜିଥିଲା । କିଶୋରୀଟି ଯେତେ ତା'ର ଲାଲ୍ ଚୁନେରିୟା କଥା କହିଲେ ବି କୌଣସି ଘଟଣା ସିଏ ମନେପକାଇ ପାରିନଥିଲା ।

ଯାହାହେଉ, ପ୍ରେମ କାହାଣୀ ଶୁଣିବାରେ ଏତାଦୃଶ ଅଭିଜ୍ଞତା ଥିବା ତ୍ରିମୂର୍ତ୍ତିଙ୍କୁ ବିନୟ ଅଫିସ୍‌ରୁ ଡ଼କାଇ ପଠାଇଥିଲେ ଓ ଅବିଳମ୍ୱେ ଆମଘରେ ତିନିଜଣ ଯାକ ହାଜର୍ ହୋଇଥିଲେ । ବିନୟଙ୍କ ଠାରୁ ସଂକ୍ଷେପରେ ନରିନ୍ଦର୍‌ର କାହାଣୀଟି ଶୁଣିସାରି, ନରିନ୍ଦରକୁ ଜେରା କରିବାର ଦାୟିତ୍ୱ ସ୍ୱୟଂ ନିଜ ଉପରକୁ ନେଇଗଲେ ମଧ୍ୟ । ନରିନ୍ଦର ତା' ମନର ଦୁଃଖଭରା କାହାଣୀଟକ ଜଣଙ୍କ ଆଗରେ ପ୍ରକାଶ କରିବାକୁ ଥିଲା ବ୍ୟାକୁଳ । ତିନି ତିନିଜଣ ଆଗ୍ରହୀ ଓ ଉତ୍ସୁକ ଶ୍ରୋତା ପାଇ, ସାମାନ୍ୟ କୋହମିଶା ସ୍ୱରରେ ଓ କିଛିଟା ସୂତ୍ରହୀନ ଭାବରେ, ତେଣୁ ସିଏ ଅନର୍ଗଳ କଥାକହିବାକୁ ଲାଗିଲା । ଏବଂ ତା'ର କହିବା କାହାଣୀଟି ମୂଳତଃ ଥିଲା ଏଇ ପ୍ରକାରର ।

ନରିନ୍ଦର ଓ ସୋହନୀ ଭଲ ପାଉଥିଲେ ପରସ୍ପରକୁ । ସୋହନୀ ଥିଲା ଧନୀକ ପିତାର ଦୁଲାଳୀ । ନରିନ୍ଦର ଅପରପକ୍ଷରେ ଥିଲା ସାଧାରଣ ମଧ୍ୟବିତ୍ତ ଘରର ସନ୍ତାନ । ପ୍ରେମର ଦେବତା ଯେହେତୁ ଆଖିରେ ପଟଳ ଭିଡ଼ିଥାଆନ୍ତି, ତାଙ୍କ ଦ୍ୱାରା ନିକ୍ଷିପ୍ତ ଫୁଲଶର କେତେବେଳେ କାହାକୁ ଯେ ବିଦ୍ଧ କରିବ ତାହାର ହିସାବ ଗଣନା କରି ଠିକ୍ କରିବା ଅସମ୍ଭବ । ପ୍ରେମ ଚାଲିଥିଲା ଠିକ୍‌ଠାକ୍ । ଦୁହିଁଙ୍କ ଭିତରେ କଥା ବି ଛିଡ଼ିଥିଲା ବାହାଘରର ।

''ତୁମ ବାପା ମା' ବିଭାଘରରେ ରାଜିଥିଲେ ?'' ତ୍ରିମୂର୍ତ୍ତିଙ୍କ ମଧ୍ୟରୁ ଜଣେ ପଚାରି ବସିଲେ, ନରିନ୍ଦରକୁ କଥା ମଝିରେ ଅଟକାଇ ।

''ମୋ ଘରେ କେବଳ ବିଧବା ମା' । ଆଉ କେହି ନାହାନ୍ତି । ମା' ରାଜି ହୋଇଥିଲେ,'' ନରିନ୍ଦର ଉତ୍ତର ଦେଲା ।

Digitized by srujanika@gmail.com

ମା'ଙ୍କୁ ଦେଖାଇବା ପାଇଁ ଥରଟେ ସୋହନୀକୁ ସେ ନେଇ ଯାଇଥିଲା ଘରକୁ । ବୃଦ୍ଧା ମାତାଙ୍କର ଏକାକୀ ଜୀବନର ସମସ୍ତ ଆଶା ଓ ଅଭିଳାଷର କେନ୍ଦ୍ରବିନ୍ଦୁ ଥିଲା ନରିନ୍ଦର । ବିଧବା ପକ୍ୱକେଶୀ ମା' ଖୁସିରେ, ସ୍ୱପରିହିତ ଆଡ଼ମଇଳା ସଫେଦ୍ ଚୁନିର କଣରେ ଆଖିରୁ ଅବିରଳ ବହି ଚାଲିଥିବା ଆନନ୍ଦାଶ୍ରୁକୁ ପୋଛିବାରେ ଲାଗିଥିଲେ ଓ ସୋହନୀକୁ ଛାତିରେ ଲଗାଇ ତା' କପାଳ ଓ ମୁହଁରେ କମ୍ପିତ ଆଙ୍ଗୁଳି ବୁଲାଇ ଝିଅଟିକୁ ଆଦର କରିଥିଲେ । ଗୁରୁ ନାନକଙ୍କୁ ସ୍ମରଣ କରି ହାତ ଯୋଡ଼ିଥିଲେ ଏଭଳି ଏକ ସୌଭାଗ୍ୟ ପାଇଁ । ନରିନ୍ଦରର ଭାବୀ ପତ୍ନୀ, ତାଙ୍କର ସାରା ଜୀନର ସ୍ୱପ୍ନର ପ୍ରତିମା, ନିଜେ ନିଜେ ଯେ ବାଟ ଖୋଜି ଆସି ପହଞ୍ଚିଛି ତାଙ୍କ ଦୁଆର ମୁହଁରେ !

ଗଣ୍ଡଗୋଳ ହୋଇଥିଲା ସୋହନୀ ଘରେ, -କଥାଟି ସଭିଙ୍କ ଶ୍ରୁତିଗୋଚର ହେଲା ପରେ । ସୋହନୀ ଥିଲା ବିତ୍ତବାନ୍ ପିତାର କନ୍ୟା । ଏକମାତ୍ର ଅଲିଅଳ କନ୍ୟାସନ୍ତାନ । ବାପର ଥିଲା ଦିଲ୍ଲୀରେ ମସ୍ତବଡ଼ କାଠ ଫର୍ଣ୍ଣିଚରର ଦୋକାନ । ସାଧାରଣ ମଧ୍ୟବିତ୍ତ ଘରର ସନ୍ତାନ ନରିନ୍ଦର ହାତରେ ଝିଅକୁ ସମର୍ପି ଦେବାର କୌଣସି କାରଣ ଇ ନ ଥିଲା । କେଇଦିନ ଆଗରୁ, କଲେଜରୁ ଫେରିବା ରାସ୍ତାରେ ନରିନ୍ଦରକୁ ଅଟକାଇ ସୋହନୀର ବଡ଼ଭାଇ- କହିବା ବାହୁଲ୍ୟ ଛ' ଫୁଟିଆ କଡ଼ା ଓ କୃପାଣ ପିନ୍ଧା ଜବରଦସ୍ତ ସର୍ଦ୍ଦାର-ତା' ଭଉଣୀର ପିଛା ନ ଛାଡ଼ିଲେ ଖଣ୍ଡାରେ ନରିନ୍ଦରର ମୁଣ୍ଡ ଓ ଗଣ୍ଡି ଟୁକୁଡ଼ା କରି ଶରୀରର ଭଗ୍ନାଂଶ ଦିଲ୍ଲୀର ଜନବହୁଳ କରୋଲ୍‌ବାଗ୍ ରାସ୍ତାର ବିଚ୍ ବଜାର ମଝିରେ ଗଡ଼ାଇଦବ ବୋଲି ଧମକ୍ ଦେଇଥିଲା । ଶାନ୍ତ, ନିରୀହ ନରିନ୍ଦର ବାତ୍ୟାରେ ନବପଲ୍ଲବ ସଦୃଶ କମ୍ପିଥିଲା ଥରଥର ହୋଇ କଥାଟି ଶୁଣି ।

ଯା'ପରେ ସୋହନୀକୁ ଅଟକ କରି ଘରେ ବନ୍ଦ କରି ରଖା ଯାଇଥିଲା ମଧ । ଆଉ କଲେଜ ଆସିବାକୁ ଦିଆ ହୋଇନଥିଲା । ପାଞ୍ଚ ଛଅଦିନ ପର୍ଯ୍ୟନ୍ତ ଲଗାତାର୍ ଅନେକ ଅଶ୍ରୁତର୍ପଣ କରିସାରିବା ପରେ ନରିନ୍ଦରକୁ ହଠାତ୍ ମିଳିଥିଲା ସୋହନୀର ଚିଠିଟିଏ । ବାହାରକୁ ଆସିବା ବନ୍ଦ ଥିଲା । ଚିଠି ପଠାଇଥିଲା ଗୁପ୍ତରେ, ତାକୁ ଦେଖା କରିବାକୁ ଯାଇଥିବା ଗୋଟିଏ ସଙ୍ଗିନୀ ହାତରେ । ଚିଠିରେ ଲେଖାଥିଲା, କୌଣସିମତେ ମୁହୂର୍ତ୍ତକ ପାଇଁ ଯଦି ସେ ବାହାରକୁ ଆସିପାରନ୍ତା, ତେବେ ସଙ୍ଗେ ସଙ୍ଗେ ନରିନ୍ଦର ସାଥିରେ ପଳାଇ ଯାଆନ୍ତା-ବିଭାହେବା ପାଇଁ ।

ତରୁଣ, ଭୀରୁ ନରିନ୍ଦର କିଭଳି ଏହା ସମ୍ଭବ ହେବ ଭାବି କିଛି କୂଳକିନାରା ପାଇପାରି ନଥିଲା । ରାତି ଅନ୍ଧାରରେ ଛପି ଛପି ଏବଂ ପ୍ରିୟତମା ଘର ସାମ୍ନାର ନିରୋଳା ଜାଗାଟିରେ ଛିଡ଼ା ହୋଇ ଘରଟି ଆଡ଼କୁ ଅନାଇଁ ଘନଘନ ଦୀର୍ଘନିଃଶ୍ୱାସ ପକାଇବା ବ୍ୟତୀତ ତାକୁ ଆଉ କିଛି ବୁଦ୍ଧିବାଟ ଦିଶିନଥିଲା । ହଠାତ୍ କେଉଁ ଏକ ବିକଳ ମୁହୂର୍ତ୍ତରେ ମନେ ପଡ଼ି ଯାଇଥିଲା ମୋ' କଥା । ଦିଲ୍ଲୀ ପୋଲିସର କୌଣସି

Digitized by srujanika@gmail.com

ଅଫିସର ଯେ ତାକୁ ପତ୍ତା ଦେବେନି, ଏହା ଜାଣିଥିଲା ଭଲକରି । ତେଣୁ ମୋ ସହିତ ଜଣାଶୁଣା ଥିବାର ସୂତ୍ରଧରି ଆସିଥିଲା ମୋ' ସ୍ୱାମୀଙ୍କ ଆଗରେ କଥାଟି କହିବା ପାଇଁ ।

ତ୍ରିମୂର୍ତ୍ତି ଆରାମରେ ସୋଫାରେ ବସି ମନଧ୍ୟାନ ଦେଇ କହାଣୀଟି ଶୁଣିଲେ । ଏବଂ ଥରଥର କମ୍ପିତ ଗଳାରେ ବେଶ୍ ଆବେଗର ସହିତ ନରିନ୍ଦର ତା' ବକ୍ତବ୍ୟ ଶେଷ କଲାପରେ ତାକୁ ପଚାରିଲେ ''ସାଙ୍ଗ ହାତରେ ଯେଉଁ ଚିଠି ସୋହନୀ ତୁମକୁ ଲେଖିଥିଲା, ଏବେ ଅଛି ତୁମ ପାଖରେ ?''

''ଜୀ ହାଁ'' ।

''ପଢ଼ୋ''-ତିନିଜଣ ଯାକ ସମସ୍ୱରେ ଅର୍ଡ଼ର ଦେଲେ ।

ନରିନ୍ଦର ଅମୂଲ୍ୟ ରତନ ପରି ଛାତି ପକେଟରେ ଧରି ବୁଲୁଥିବା ଲୋଚାକୋଚା ଚିଠିଟି କାଢ଼ି ବେଶ୍ ଆଗ୍ରହର ସହିତ ପଢ଼ିବାକୁ ଲାଗିଲା । ସେତେବେଳେ ତା'ର ଅବସ୍ଥା ବାତୁଳପ୍ରାୟ । ସୋହନୀ ଯେ ତାକୁ କେତେ ଭଲପାଏ, ତାହା ପ୍ରମାଣ କରିବାକୁ ଥିଲା ବ୍ୟାକୁଳ । ତରୁଣ ବୟସରେ ଲେଖା ପୃଥିବୀର ହଜାର ହଜାର ଚିଠି ଠାରୁ ଏ ଚିଠିଟି କିଛି ଅଲଗା ନ ଥିଲା । ଚିଠିଟିରେ ବର୍ଣ୍ଣିତ ହୋଇଥିବା ଅତୀତର ପ୍ରେମ ଦୃଶ୍ୟାବଳୀ ତଥା ପ୍ରିୟତମ ବିନା ଭବିଷ୍ୟତରେ ହେବାକୁ ଯାଉଥିବା ବିରହୋତ୍କଣ୍ଠାକୁ ବର୍ଣ୍ଣନା କରି ଅତି କମ୍‌ରେ ଅନ୍ତତଃ ପଚାଶଟି ପ୍ରେମ କବିତା ଲେଖାଯାଇ ପାରିଥାଆନ୍ତା ।

ନରିନ୍ଦର ପ୍ରେମବିହ୍ୱଳ ହୋଇ ଦୀର୍ଘ ଚାରିପୃଷ୍ଠାର ଚିଠିଟି ପଢ଼ିବାକୁ ଲାଗିଲା । ଲଜ୍ୟାର ସହିତ ସ୍ୱୀକାର କରିବାକୁ ବାଧ୍ୟ ହେଉଛି ଯେ, ଏ ଭଳି ଆବେଗମୟ ଏକ ମୁହୂର୍ତ୍ତରେ ଶାଢ଼ୀ ପଣତରେ ମୁହଁ ଲୁଚାଇ ସ୍ଥଳବିଶେଷରେ ମୁଁ ମୁରୁକିହସା ମାରିଥିଲି । ବିନୟ ଚୁପ୍‌ଚାପ୍ ବସି ରହିଥିଲେ ଓ ତ୍ରିମୂର୍ତ୍ତି ବିଶେଷ ବିଶେଷ ସ୍ଥାନରେ ଧାଡ଼ି ଗୁଡ଼ିକର ପୁନରାବୃତ୍ତି ପାଇଁ ନରିନ୍ଦରକୁ ଆଦେଶ ଦେଇ ମନଯୋଗ ସହକାରେ ଚିଠିର ମର୍ମାର୍ଥ ଉପଭୋଗ କରିବାକୁ ଲାଗିଲେ । ଚିଠିଟି ସରିଲା ପରେ କିନ୍ତୁ ସତରେ ନରିନ୍ଦର ଓ ସୋହନୀ ପାଇଁ ମତେ ବିବ୍ରତ ଲାଗିଲା । ତ୍ରିମୂର୍ତ୍ତିଙ୍କୁ କହିଲି, ''କୁଛ୍ କିଜିୟେ ନା ! ୟେ ତୋ ବେଚାରା ରୋ ରୋକେ ମର୍‌ଯାଏଗା ।''

ଚିଠିଟିର ଶେଷ ଧାଡ଼ିରେ ସୋହନୀର କାକୁତି ଥିଲା, କୌଣସିମତେ ଥରେ ନରିନ୍ଦର ସହିତ ସାକ୍ଷାତ କରିବା ପାଇଁ । ଆଇନ୍‌ଅଭିଜ୍ଞ ତ୍ରିମୂର୍ତ୍ତି କହିଲେ, ''ଠିକ୍ ଅଛି । ଝିଅ ମେଜର - ବାଇଶ ତେଇଶ ବର୍ଷର । ସିଏ ଯଦି ନିଜେ କହେ ନରିନ୍ଦରକୁ ତା' ମର୍ଜିରେ ବାହା ହେବ ବୋଲି, ପିତାମାତା ମାରଧର କରି ତାହା ଅଟକାଇ ପାରିବେନି ।

Digitized by srujanika@gmail.com

ସୋହନୀର ଘରର ଅବସ୍ଥିତି ଥିଲା ଦିଲ୍ଲୀର 'କାଲ୍‌କାଜୀ' ଅଞ୍ଚଳରେ । କାଲ୍‌କାଜୀ ଥାନାର ଭାରପ୍ରାପ୍ତ ଅଧିକାରୀ ଥିଲେ ଶ୍ରୀସନ୍ତୋଷ କୁମାର ନାମରେ ଜଣେ ପୋଲିସ ଅଫିସର । ତ୍ରିମୂର୍ତ୍ତି ଅନେକାଂଶରେ ସମାଜସେବାର ମନୋଭାବ ନେଇ, ନରିନ୍ଦରକୁ ସାଥିରେ ଧରି ଶ୍ରୀ ସନ୍ତୋଷ କୁମାରଙ୍କ ସହିତ କଥାବାର୍ତ୍ତା କରିଥିଲେ ଓ ଝିଅଟିକୁ ପିତାମାତା ଜବରଦସ୍ତ ଶାରୀରିକ କଷ୍ଟଦେଇ ବନ୍ଦ କରି ରଖିଥିବା କଥା ମଧ୍ୟ ଜଣାଇଥିଲେ । ସନ୍ତୋଷ କୁମାର ସୋହନୀର ପିତାଙ୍କୁ ସ୍ୱକନ୍ୟା ସହିତ ପୋଲିସ ଷ୍ଟେସନ ଆସିବାକୁ ଖବର ପଠାଇଥିଲେ ମଧ୍ୟ ।

ଧାର୍ଯ୍ୟ ଦିନରେ ସେପଟୁ ବାପଝିଅ ଓ ଏପଟୁ ନରିନ୍ଦର ଓ ତ୍ରିମୂର୍ତ୍ତି କାଲ୍‌କାଜୀ ଥାନାରେ ଉପସ୍ଥିତ ହୋଇଥିଲେ । ବେଶ୍ ଖୁସିମନରେ, ଅନେକ ସ୍ୱପ୍ନର ତାଜମହଲ ଗଢ଼ି, ତିନି ଡି.ଏସ୍.ପି.ଙ୍କ ସହିତ ନରିନ୍ଦର ପୋଲିସ ଷ୍ଟେସନ ଯାଇଥିଲା । ମନରେ ଦମ୍ଭ-ସୋହନୀ ପାଇଁ କିଛି ହେଲେ ସିଏ କରିପାରିଛି ଅନ୍ତତଃ । ଦୁହିଙ୍କ ଭିତରେ ଦଣ୍ଡାୟମାନ ଅଭେଦ୍ୟ ପଥର ପାଚେରୀ ଖୁବ୍ ଶୀଘ୍ର ଧୂଳିସାତ୍ ହୋଇଯିବାର ଦୃଶ୍ୟ କଳ୍ପନାର ଚକ୍ଷୁରେ ଦେଖୁଥିଲା ମଧ ।

କିନ୍ତୁ ଏପର୍ଯ୍ୟନ୍ତ ନାଟକର ଗତି ଯେଉଁଭଳି ଭାବରେ ଚାଲୁଥିଲା, ହଠାତ୍ ଚରମ ପରିଣତିରେ ପହଞ୍ଚିଲା ପରେ, ଓଲଟା ଦିଗରେ ଚାଲିବାକୁ ଆରମ୍ଭ କଲା- ବିଲ୍‌କୁଲ୍ ଭିନ୍ନମୁଖରେ । ପକ୍ୱ ଦାଢ଼ିରେ ଶୋଭିତ ତଥା ସୁଟ୍ ଓ ବୁଟ୍ ପରିହିତ ଧନାଢ଼୍ୟ ପିତାଙ୍କ ପାଖରେ ଅତ୍ୟଧିକ ଉଦ୍‌ବିଗ୍ନ ମୁହଁ ନେଇ ଭୀରୁ ଓ ସୁଶ୍ରୀ ଝିଅଟି ବସିଥିଲା ଅଧୋବଦନରେ । ସନ୍ତୋଷ କୁମାର ନରିନ୍ଦର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିଲେ, "ତୁମେ ଏ ପିଲାକୁ ବାହା ହେବାକୁ ଚାହଁ ?"

"ଜୀ ନହିଁ ।" ଧୀର ଅଥଚ ଦମ୍ଭିଲା ସ୍ୱରରେ ଉତ୍ତର ଦେଇଥିଲା ସୋହନୀ, ନରିନ୍ଦରକୁ ବିଭ୍ରାନ୍ତ ଓ ହତଚକିତ କରି । ସ୍ପଷ୍ଟ ଭାବରେ ଏବଂ ସିଧାସଳଖ ଏ କଥା ମଧ୍ୟ ଜଣାଇଥିଲା ଯେ ତା'ର ମାତାପିତାଙ୍କର ସିଏ ଏକମାତ୍ର ଗେହ୍ଲାଝିଅ । ତେଣୁ ତାକୁ ମାଡ଼ ଦେଇ ବାପା ମା' ଘରେ ବନ୍ଦୀ କରି ରଖିଛନ୍ତି- ଏ ଖବରଟି ଅର୍ବାଚୀନ ଓ ଅସତ୍ୟ । ତା' ପିତାମାତାଙ୍କ ପରି ସ୍ନେହଶୀଳ ଉଦାରଚେତା ମଣିଷଙ୍କ ପାଇଁ ଏଭଳି କାର୍ଯ୍ୟ ଅସମ୍ଭବ ।

ଘଟଣାଟିର ଗତି ସ୍ରୋତ ଏଭଳି ହୋଇଯିବାପରେ କେଇମିନିଟ୍ ପାଇଁ ନରିନ୍ଦର କିଂକର୍ତ୍ତବ୍ୟ ବିମୂଢ଼ ହୋଇ ବସି ରହିଲା । ତା'ପରେ ଅତ୍ୟନ୍ତ ବିକଳ ହୋଇ ଫିସ୍‌ଫିସ୍‌କରି ତ୍ରିମୂର୍ତ୍ତିଙ୍କୁ ଜଣାଇଲା । "ଏଠି ସୋହନୀ ତା' ବାପାଙ୍କୁ ଆଗରେ ଦେଖି ଡରିଯାଉଛି, ତାକୁ ତା' ପିତା ଯାହା କହିବା ପାଇଁ ଶିଖେଇଛନ୍ତି, ସିଏ ତାହାହିଁ କହୁଛି । ଆପଣମାନେ

Digitized by srujanika@gmail.com

ଦୟାକରି ତା' ବାପାଠାରୁ ତାକୁ ଅଲଗା କରି ମାତ୍ର ଗୋଟିଏ ମିନିଟ୍ ମତେ ତା' ସହିତ କଥା କହିବାକୁ ଦିଅନ୍ତୁ । ସିଏ ଠିକ୍ ସତକଥା କହିବ ।''

ସନ୍ତୋଷ କୁମାର ଅନ୍ୟ ପ୍ରକୋଷ୍ଠକୁ ଦୁହିଁକୁ ଡାକି ନେଇଥିଲେ ସାଥିରେ । ନରିନ୍ଦର କାନ୍ଦ କାନ୍ଦ ହୋଇ କହିଲା, ''ସୋହନୀ, ସଚ୍ ବୋଲୋ'' ଏବଂ ଏଇ କଥାଟିକୁ ଦୋହରାଇବାକୁ ଲାଗିଲା ବାରମ୍ବାର । ସୋହନୀ କିନ୍ତୁ ତା'ର ବକ୍ତବ୍ୟ ବଦଳାଇ ନଥିଲା । ତା'ର ଥିଲା ସେଇ ଏକା ଜବାବ୍- 'ବାପା ମା' ଯେଉଁଠି ଠିକ୍ କରିବେ ସିଏ ସେଇଠି ହିଁ ବାହା ହେବ । ଅନ୍ୟତ୍ର ମନକୁ ମନ ବାହା ହେବାର ପ୍ରଶ୍ନ ଇ ଉଠୁନି ।''

ଝିଅଟିର ଏତାଦୃଶ ଜମାନ୍‌ବନ୍ଦୀ ପରେ ଆଉ କାହାରି ବିଶେଷ କିଛି କରିବାର ନ ଥିଲା । ପିତାମାତାଙ୍କର 'ଅହଂ' କୁ ରକ୍ଷା କରିବାକୁ ଯାଇ ପ୍ରେମର ଏଭଳି ବଳିଦାନର ନଜିର୍ ପୃଥିବୀର ଇତିହାସରେ ଅଜସ୍ର । ସୋହନୀକୁ ନେଇ ତା' ପିତା ଫେରି ଯାଇଥିଲେ ସ୍ୱଗୃହକୁ । ଏବଂ ଏକ ପ୍ରକାର ବିଭ୍ରାନ୍ତ ଅବସ୍ଥାରେ, ଛାତିସାରା ଅବିନ୍ୟସ୍ତ ହୋଇ ପଡ଼ିଥିବା ଭଗ୍ନସ୍ୱପ୍ନର ଟୁକୁଡ଼ା ସବୁ ପରମ ଯତ୍ନରେ ଗୋଟାଇ ଓ କଳା ମୁହଁଟିକୁ ଲାଜ ଓ ଅପମାନରେ ବାଇଗଣୀ ବର୍ଣ୍ଣ କରି ନରିନ୍ଦର ଫେରି ଆସିଥିଲା ତ୍ରିମୂର୍ତ୍ତିଙ୍କ ସହିତ । ତିନିଜଣ ଯାକ ବୃଦ୍ଧ ସବିସ୍ତାର ବିନୟଙ୍କ ଆଗରେ କାହାଣୀଟି ବଖାଣିଥିଲେ ।

ଯା'ପରେ ମଝିରେ ମଝିରେ ବିଶ୍ୱବିଦ୍ୟାଳୟରେ ପୁଣି ନରିନ୍ଦର ସହିତ ଦେଖା ହେବାକୁ ଲାଗିଲା । ମତେ ଦେଖିଲେ କିଛିଟା ଅସ୍ୱସ୍ତି ଅନୁଭବ କରୁଥିଲା ଓ ବିଷର୍ଣ୍ଣ ମୁହଁରେ ବାଟ ଭାଙ୍ଗିଚାଲି ଯାଉଥିଲା । ଦିନେ ତାକୁ ଅଟକାଇ କଥା କହିଲି । ଶୁଣିଲି ଯା ଭିତରେ ସୋହନୀର ବାହାଘର ହୋଇଯାଇଛି । ବାପା ମା' ସ୍ୱଭାବସିଦ୍ଧ ଭାବରେ ଝିଅକୁ ଆଉ ସମୟ ନଦେଇ ଯେତେ ଶୀଘ୍ର ପାରନ୍ତି ପାତ୍ରସ୍ଥ କରି ଦେଇଛନ୍ତି । କଥାଟି କହିସାରି ନରିନ୍ଦର ଚୁପ୍‌ଚାପ୍ ଠିଆ ହୋଇଥିଲା । ତାକୁ କହିଲି, ''ନରିନ୍ଦର ! ଜୀବନଟା ବେଶ୍ ଲମ୍ବା । ଏତେ ସାମାନ୍ୟ କଥାରେ ଏତେ ଅଧୀର ହୁଅନ୍ତିନି । ମନଦେଇ ପଢ଼ାପଢ଼ି କର । ଜୀବନରେ କାହାପାଇଁ କିଛି ଅଟକି ଯାଏନି । କାରଣ ପ୍ରକୃତି ତା'ର ନିୟମାନୁଯାୟୀ ଶୂନ୍ୟସ୍ଥାନକୁ ପ୍ରଶ୍ରୟ ଦିଏନି, ଶୂନ୍ୟସ୍ଥାନ ଭର୍ତ୍ତି ହୋଇଯାଏ ଆପେ ଆପେ । ଦେଖିବୁ, ତୋ ଜୀବନରେ ବି ସବୁ ଠିକ୍‌ଠାକ୍ ହେଇଯିବ ।''

ପଞ୍ଚନଦ ଦେଶର ବ୍ୟର୍ଥପ୍ରେମିକଟି ମୁହଁଉଠାଇ ଅନେକ ଦିନପରେ ସିଧାସଳଖ ଚାହିଁଲା ମତେ । ସିଧାସଳଖ ମୋ ଆଖିରେ ଆଖି ମିଶାଇ କହିଲା ''ଶାୟଦ୍....''

Digitized by srujanika@gmail.com

ମୁଁ ଦିଲ୍ଲୀ ଛାଡ଼ି ଆସିବାର ଅନେକ ଦିନ ହୋଇଗଲାଣି । ନରିନ୍ଦରର ଜୀବନ କାହାଣୀର ଅନ୍ତ କିଭଳି ଭାବରେ ହେଲା ଜାଣେନି । ସମ୍ଭାବ୍ୟ ପରିଣତି ତ ଅନେକ ପ୍ରକାରର ହୋଇପାରେ ।

ନରିନ୍ଦର ବାହା ହୋଇ ଯାଇଥାଇପାରେ, ସୋହନୀର ସ୍ମୃତିରେ ଅବିବାହିତ ବି ରହିଥାଇପାରେ । ସୋହନୀ କଅଣ ତା' ସ୍ୱାମୀ ସହିତ ସୁଖୀ ? ସୁଖୀ ସ୍ତ୍ରୀଟିଏ ହୋଇଥିଲେ ସୁଦ୍ଧା କରବାଚୌଥ୍ ଦିନ ସ୍ୱାମୀପାଇଁ ଚନ୍ଦ୍ରପୂଜା କଲାବେଳେ ଛାଇ ଛାଇଆ ଅସ୍ପଷ୍ଟ ଶ୍ୟାମଳ ମୁହଁଟିଏ କଅଣ ତା'ର ମନେପଡ଼େ ? ସୋହନୀ ଓ ନରିନ୍ଦରର କଅଣ ଥରେ ଅଚାନକ ଦେଖା ହୋଇଗଲା ବେଙ୍ଗଲୀ ମାର୍କେଟରେ, ଗୋଲ୍‌ଗପ୍ପା ଦୋକାନ ସାମ୍‌ନାରେ ? ସୋହନୀ ଥିଲା ତା' ପୁତ୍ର ସହିତ ଆଉ ନରିନ୍ଦର ତା'ର ଶିଶୁ କନ୍ୟାଟି ସହିତ ? ନରିନ୍ଦର କଅଣ ତା ଶିଶୁକନ୍ୟାଟିର ନାଁ 'ସୋହନୀ' ରଖିଛି ?

ମୁଁ ଏ ସବୁ କିଛି ଜାଣେନି । ଜାଣିଥିଲେ ବି ଏ କାହାଣୀରେ ବିଶେଷ କିଛି ଫରକ୍ ପଡ଼ିବନି ସେଥିରେ । ଇଏ ତ ରୂପକଥା ନୁହେଁ ଯେ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ପହଞ୍ଚି ଗପଟି ସରିଯିବ । ଇଏ ତ ଜୀବନର କାହାଣୀ । ଜୀବନ ମଝିରେ ଆଉ ପୂର୍ଣ୍ଣଚ୍ଛେଦ କାହିଁ ? ଜୀବନ ଚାଲୁଥାଏ - ଚାଲି ରହିଥାଏ ଶେଷ ପର୍ଯ୍ୟନ୍ତ । ନରିନ୍ଦରର ଜୀବନ ଏହାର ବ୍ୟତିକ୍ରମ ନୁହେଁ ।

ନରିନ୍ଦରର ଦୀର୍ଘ ଜୀବନର ଏକ ବିଶିଷ୍ଟ ମୁହୂର୍ତ୍ତକୁ 'ଫ୍ରିଜ୍' କରିଦେଇ ତେଣୁ ମୁଁ ଏ କାହାଣୀର ପରିସମାପ୍ତି କରୁଛି । ଏବେ - ଠିକ୍ ଏଇଲାଗେ, ନରିନ୍ଦର ଓ ମୁଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆର୍ଟସ୍ ବ୍ଲକ୍‌ର ଲମ୍ବ ବାରଣ୍ଡାରେ ମୁହାଁମୁହିଁ ଠିଆ ହୋଇଚୁ ଏବଂ ମୋ' କଥା- ଯେ ମଣିଷକୁ ଅନେକ ସମୟରେ ପରିସ୍ଥିତି ସହିତ ସାଲିସ୍ କରିନେବାକୁ ପଡ଼େ ଓ ମହାକାଳ ଧୀରେ ଧୀରେ ଅତ୍ୟନ୍ତ ବେଦନାଦାୟକ ଗହୀର କ୍ଷତ ବି ଭରିଦିଏ-ର ଜବାବରେ ନରିନ୍ଦର କହୁଛି-ଶାୟଦ୍.... ବୋଧହୁଏ ।'' ନରିନ୍ଦରର ଏଇ କଥା ପଦକରେ ଯେମିତି ମୁଁ ଶୁଣିବାକୁ ପାଉଛି ଜୀବନକୁ ମୁକାବିଲା କରିବା ପାଇଁ ସାମାନ୍ୟ ଆଶାବାଦର ସ୍ୱର । ଶାୟଦ୍, ବୋଧହୁଏ ।

■ ■ ■

ଜୁନ୍ ୧୯୯୮

Digitized by srujanika@gmail.com

# ବର୍ଷାର ଶବ୍ଦ

ଗିଡ଼ିମୋଡ଼ି ହେଉଥିବା ଅଳସକନ୍ୟାର ତରଙ୍ଗାୟିତ ଦେହଲତାର ଭଙ୍ଗିମା ନେଇ ଶୋଇ ରହିଥିବା ଅଙ୍କା ବଙ୍କା ପାହାଡ଼ୀ ରାସ୍ତା । ସାନ ସାନ ପିଲାମାନେ ତେବେ ବି ବେଶ୍ ଆରାମରେ ହକି ଖେଳୁଥିଲେ ଏଠି ସେଠି । ରାସ୍ତା ମଝିରେ ମଝିରେ ପାହାଡ଼ ଉପରକୁ ଓ ତଳକୁ ଯାତାୟତ କରିବା ପାଇଁ ଅଣଓସାରିଆ ଖିଉଳିଲଗା ପଥର ପାହାଚ । ଗୁଣ୍ଠୁଟିମୂଷାର ତ୍ୱରାନ୍ୱିତ ଗତିରେ ଲୋକମାନେ ଅନବରତ ଚଢୁଥିଲେ ଓ ଓହ୍ଲାଉଥିଲେ-ବେଶ୍ ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ । ରାସ୍ତାର ଗୋଟିଏ ପଟେ, କଟା ହୋଇଥିବା ପାହାଡ଼ର ଅସମତଳ ପଥର ପାଚେରୀ-ତୃଣ ଓ ସାନ ସାନ ଉଦ୍ଭିଦରେ ଭର୍ତ୍ତି । ଆରପଟେ ରାସ୍ତାକୁ ଲାଗି ମଞ୍ଚା ଉପରେ ତିଆରି କାଠ ବା ବାଉଁଶର ହାଲ୍କା, ଛବି ପରି ଘରସବୁ । ଶାନ୍ତ ଗୋଧୂଳିର ଗୋଲାପି କିରଣ, ଚୁମ୍ବନ ଦେଉଥିଲା କିଶୋରୀ ଗଛମାନଙ୍କର ଶୀର୍ଘଦେଶକୁ, ପାହାଡ଼ର ଶିଖରକୁ ଓ ନାଲିରଙ୍ଗ ଲିପା ଆଜବେଷ୍ଟସ୍ ଛାତମାନଙ୍କୁ ।

ମୁଁ ଚାଲୁଥିଲି ଏକା ଏକା । କ୍ରମାଗତ ଗଡ଼ାଣି ଉଠାଣି । ନିଃଶ୍ୱାସ ନେବାରେ ସାମାନ୍ୟ କଷ୍ଟ ହେଉଥିଲା । କାଠଘର ପିଣ୍ଡାରେ ଠିଆ ହୋଇଥିବା ସପ୍ରତିଭ, ସ୍ୱାସ୍ଥ୍ୟବତୀ ଝିଅଟି ମୁରୁକି ହସି କହିଲା, 'କପି, ଚିବାଇ ।' ପରେ ଜାଣିଥିଲି, ମିଜୋରାମ୍‌ରେ ପ୍ରତ୍ୟେକ ପୁରୁଷକୁ 'କପୁ' ଓ ପ୍ରତ୍ୟେକ ମହିଳାକୁ 'କପି' ବୋଲି ସମ୍ବୋଧନ କରାଯାଏ । ଅନେକଟା ଆମ୍ଭମାନଙ୍କର 'ମହାଶୟ' ଓ 'ମହାଶୟା' ପରି । ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀଙ୍କଠାରୁ ଆରମ୍ଭ କରି ହାଟରେ ଧାନୀଲଙ୍କା ବିକୁଥିବା ଶୀର୍ଣ୍ଣକାୟା ଦରିଦ୍ର ବୃଦ୍ଧାଟି ପର୍ଯ୍ୟନ୍ତ-ସଭିଏଁ 'କପି' । ଚମତ୍କାର ପରମ୍ପରା । 'ଚିବାଇ' ହେଉଛି ଅଭିନନ୍ଦନ ଜଣାଇବାର ବିଧି, ଆମ୍ଭେମାନେ ନମସ୍କାର କଲାଭଳିଆ ।

ମୁଁ ମୁଣ୍ଡ ଟେକି ଈଷତ୍ ହସି କହିଲି ''ସରି । ଆଇ ଡ଼ୋଣ୍ଟ ନୋ ଇଓର ଲାଙ୍ଗୁଏଜ୍ ।'' ଲୁଙ୍ଗିପିନ୍ଧା ଝିଅଟି ଏଥରକ ମୋ ଛାପାଶାଢ଼ୀ ଆଡ଼େ ନଜର୍ ପକାଇ ଇଂରାଜୀରେ ପଚାରିଲା, ''ଆପଣ କଅଣ ଏଠି ନୂଆ ?''

''ବିଲ୍‌କୁଲ୍ । କାଲି ସନ୍ଧ୍ୟାରେ ଇ ପହଞ୍ଚିଛୁ'' ଉତ୍ତର ଦେଲି ।

ଝିଅଟି ସ୍ୱତସ୍ଫୂର୍ତ୍ତ ହୋଇ ଡାକିଲା ତା' ଘର ଭିତରକୁ । ଘର ସାମ୍ନା କାନ୍ଥରେ କାଠଫଳକ ଉପରେ ସଫେଦ୍ ତେଲ ରଙ୍ଗରେ ଲେଖା ସେଭେନ୍ ସିଷ୍ଟର୍ସ କଟେଜ-ସାତ ଭାଉଣୀଙ୍କ ନିଳୟ ।

ପାଲିସ୍ କାଠ ଚଟାଣର ସାନ, ଆରାମପ୍ରଦ ଘରଟିଏ । ଚଉଖୁଣ୍ଟିଆ ସମତଳ ଆଜବେଷ୍ଟସ୍ ସିଟ୍ ସବୁ କାଠ ଫ୍ରେମ୍‌ରେ ପେଚ ଦେଇ ଅଣ୍ଟା ହୋଇ ତିଆରି ହୋଇଚି

Digitized by srujanika@gmail.com

କାନ୍ଥ । ଏକମାତ୍ର ଖୋଲା ଝର୍କାର ବାଟଦେଇ ଦିଶୁଥିଲା ପାହାଡ଼ର ଶ୍ୟାମଳ, ଢ଼ାଲୁ ଜମିର ଏକାଂଶ । ପବନ ବହି ଆସୁଥିଲା ସିରି ସିରି ।

ଘର ଭିତରେ ସୋଫାରେ ବସି ପଚାରିଲି - ଏଇଲି ଗୋଟିଏ ନାଆଁ କାହିଁକି ଘରର ?

-ଆମେ ଯେ ସାତ ଭଉଣୀ ।

-ଭାଇ ନାହିଁ ?

-ଅଛି, ଥାଙ୍ଗ୍‌କିମା । ଏବେ ବାହାରକୁ ଯାଇଛି ।

-ଏଇଟା କିନ୍ତୁ ଅନ୍ୟାୟ । ଭାଇଟିକୁ ପୂରାପୂରି ବାଦ୍ ଦେଇଦେଲ ଯେ !

-ଆମେ କିନ୍ତୁ ସଂଖ୍ୟାଗରିଷ୍ଠ । ଝିଅଟି ମଜାଳିଆ ସ୍ୱରରେ ଉତ୍ତର ଦେଲା ।

ବେଶ୍ ମୋଟୀ, ବାଇଁରୀ ଓ ମଧ୍ୟବୟସ୍କା ଝିଅଟିଏ । ମୁଣ୍ଡରେ ଝାମ୍ପିପରି ଫୁର୍‌ଫୁର୍ ଗୋଛାଏ ପୁଅପିଲା ପରି କଟା ହୋଇଥିବା ବାଳ । ଗୋଲ୍‌ମୁହଁ ଓ ଉଜ୍ଜ୍ୱଳ ରଂଗ, ପିନ୍ଧିଥିଲା ନିଜସ୍ୱ ପୋଷାକ -ଲମ୍ବ ବ୍ଲାଉଜ୍ ଓ ଫୁଲପକା ଗୋଲାପି ଲୁଙ୍ଗି (ପୋଆନ୍) । ନାଁ କହିଲା 'ମେରିଆ' । ଘରକଣରେ ଚଟାଣରେ ବସି ଦୁଇ ତିନି ବର୍ଷର ଶିଶୁଟିଏ ଖେଳୁଥିଲା-ମନକୁମନ । ମତେ ଦେଖି, ବିସ୍ମୟରେ ଆଖି ଦୁଇଟି ଯଥାସମ୍ଭବ ଗୋଲ୍ କରି ଓ ଓଠକୁ ଈଷତ୍ ଫାଙ୍କକରି ଉତ୍ସୁକତାର ସହିତ ଚାହିଁରହିଲା ମୋ' ଆଡ଼େ ।

'ପିଲାଟି କିଏ' ? ପଚାରିଲି ।

''ମୋ ତଳ ଭଉଣୀର ପୁଅ, ଆମପାଖେ ଥାଏ । ଆମଭିତରୁ କେବଳ ସେଇ ଭଉଣୀ ଜଣକ ବାହା ହୋଇଛି'' ଝିଅଟି ଜବାବ୍ ଦେଲା ।

ତା'ପରେ ପରେ କହିଲା''ଦେଖନ୍ତୁ ତ ! ତା' ଡୋଳା ଦୁଇଟି କିନ୍ତୁ ଅପେକ୍ଷାକୃତ ବଡ଼ । ଆଖି ଦୁଇଟି ତୀର୍ଯ୍ୟକ୍ ମଧ୍ୟ ନୁହେଁ । ଅନେକଟା ଆପଣମାନଙ୍କ ଆଖି ପରି ।''

''କଅଣ ବା ଯାଏ ଆସେ ଆମମାନଙ୍କ ପରି ନ ହେଇଥିଲେ ବି ? ଏମ୍ତିରେ ଶିଶୁଟି କିନ୍ତୁ ଭାରି ସୁନ୍ଦର ।''

''ଆମମାନଙ୍କ ଆଖି ଆପଣଙ୍କୁ ସୁନ୍ଦର ଦିଶେ ?''

''ନିଶ୍ଚୟ । ତୁମ ମୁହଁରେ ଯେଉଁ ଏକ ଦୁଷ୍ପ୍ରାପ୍ୟ ନିଜସ୍ୱତାର ଛାପ ଅଛି, ତାହା ତ ପୃଥିବୀର ଅନ୍ୟ କୌଣସି ଜାତି ବା ଗୋଷ୍ଠୀ ପାଖରେ ନାହିଁ । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ମଣିଷ, ପଶୁ, ପକ୍ଷୀ ବା ଉଦ୍ଭିଦ ଏକାନ୍ତ ଭାବରେ ଅନନ୍ୟ । ସୃଷ୍ଟିକର୍ତ୍ତା କୌଣସି ଜିନିଷ ଖରାପ କରି ଗଢ଼ିବେ ବା କାହିଁକି ?

ଝିଅଟି ଭାରି ଖୁସିହେଲା ମୋ କଥା ଶୁଣି । ଚା' ବନେଇ ଆଣିଲା ଅଳ୍ପ ସମୟ ଭିତରେ । କହିଲା, ''କପି, ଥିଙ୍କ୍‌ପୁଇ ପେରୋ'' - ଚା' ପିଅନ୍ତୁ ।

Digitized by srujanika@gmail.com

ତା' ପିଉ ପିଉ ପଚାରିଲି "ମେରିଆ" ! ମୁଁ ତୁମକୁ ଭଲପାଏର ମିଜୋ ଅନୁବାଦ କଅଣ ହବ ?"

'କା ମ୍ହାଙ୍ଗାଇସେ', ମେରିଆ ଉତ୍ତର ଦେଲା । ତା' ହାତଧରି କହିଲି, 'ମେରିଆ ! ଆଇଜଲ୍‌ରେ ତୁମେ ମୋର ପ୍ରଥମ ବନ୍ଧୁ । ମନେରଖିବ, ମୁଁ ତୁମକୁ ଭଲପାଏ-କା ମ୍ହାଙ୍ଗାଇସେ" । ଝିଅଟି ସାମାନ୍ୟ ଭାବପ୍ରବଣ ହୋଇ ଉଠିଲା । ମୋ' ହାତରେ ପଡ଼ିଥିବା ତା' ଆଙ୍ଗୁଠିର ମୃଦୁ ଚାପରୁ ବୁଝିପାରିଲି ।

ଝିଅଟି ଯା'ପରେ ଘର ମଝିରେ ଚଟାଣରୁ ବେଶ୍ ବଡ଼ପଟାଟିଏ ଉଠାଇ ତଳକୁ ଚାହିଁ ମିଜୋ ଭାଷାରେ କିଛି କଥା କହିଲା । ପଟାତଳେ ମୋଡ଼ି ହୋଇ ତଳ ମହଲାକୁ ଯାଇଥିବା ଅପ୍ରଶସ୍ତ କାଠ ସିଡ଼ିଟିଏ । ବର୍ଷାଦିନେ ବିଲରୁ ଝଡ଼ିପୋକ ବାହାରିଲା ପରି ପିଲ୍ ପିଲ୍ ହେଇ ସାନବଡ଼ ପାଞ୍ଚଟି ତରୁଣୀ, ନାଲି, ନେଳି ଓ ବାଇଗଣୀ ପୋଆନ୍ ସବୁ ଅଣ୍ଟାରେ କଷ୍ଟକଷ୍ଟ ସିଡ଼ି ଚଢ଼ି ଉପରକୁ ବାହାରି ଆସିଲେ ଅସ୍ତବ୍ୟସ୍ତ ହୋଇ-ଜଣକ ପରେ ଜଣେ । ମେରିଆ ପରିଚୟ କରାଇଦେଲା ସଭିଙ୍କ ସାଥିରେ ।

"କ୍ଷମା କରିବେ । ଆମର ପ୍ରଚଳିତ ରୀତିରେ ଆପଣଙ୍କ ସହିତ କରମର୍ଦ୍ଦନ କରିପାରୁନୁ । ଆମର ହାତ ସବୁ ମଇଳା ।" ଝିଅମାନେ ହସି ହସି ସମସ୍ୱରରେ କହିଲେ, ସଭିଙ୍କର ହାତ, କଟଟି ପର୍ଯ୍ୟନ୍ତ ଥିଲା ବିଭିନ୍ନ ରଂଗରେ ଲୁତୁବୁତୁ ।

"ତମେମାନେ କଅଣ ସବୁ ରଂଗ କାମ କରୁଥିଲ ?" ପଚାରିଲି ।

"ଆମେ ବଜାରରୁ ପାଇକାରୀ ଦରରେ ଧଳାସୂତାର ଗୁଚ୍ଛ କିଣିଆଣି ତାକୁ ପୁଟ ଦେଉ । ଭିନ୍ନ ଭିନ୍ନ ରଙ୍ଗ ଦେଇ ତାକୁ ବିକ୍ରି କରୁ । ଆପଣ ବୋଧେ ଜାଣନ୍ତିନି, ଆମ ଦେଶରେ ନିଜେ ପିନ୍ଧୁଥିବା ପୋଷାକ-ପୋଆନ୍-ସମସ୍ତେ ନିଜେ ନିଜେଇ ବୁଣନ୍ତି । ରଂଗିନ ସୂତାର ଚାହିଦା ସେଇଥିପାଇଁ ବଜାରରେ ବହୁତ ବେଶୀ ।" ମେରିଆ ଉତ୍ତର ଦେଲା । "ମତେ ରଂଗ କରିବା ଶିଖେଇଦବ ? ମୁଁ ତା'ହେଲେ ମୋର କେତୋଟି ପୁରୁଣା ଧଳା ଶାଢ଼ୀରେ ନିଜେ ନିଜେ ରଂଗ ମଡ଼େଇନେବି ।" ସବା ସାନ, ରେଶମ୍‌ପରି ଲମ୍ବବାଳଥିବା ବର୍ମିଜ୍ କଣ୍ଢେଇ ପରି ଝିଅଟିକୁ ପଚାରିଲି । ଝିଅମାନେ ଖିଲ୍ ଖିଲ୍ ହେଇ ହସି ଉଠିଲେ । ଉତ୍ତର ଦେଲେ "ଆପଣ ଶାଢ଼ୀ ଦିଅନ୍ତୁ ନା ! ଆମେ ରଂଗ କରିଦେବୁ-ଖୁସିରେ" ।

ମୋର ମିଜୋରାମ୍ ରହଣି କାଳରେ ସତକୁସତ ସାତଭଉଣୀ ମୋଠାରୁ ଗୋଟିଏ ସଫେଦ୍ ଲଖ୍‌ନଉ ଚିକନ୍ ଶାଢ଼ୀ ନେଇ ରଂଗ କରି ଦେଇଥିଲେ - ଖୁସିରେ ! ଜୋର୍ କରି ଯତ୍‌ସାମାନ୍ୟ ପାରିଶ୍ରମିକ ଦେଇଥିଲି ସେମାନଙ୍କୁ । ମେରିଆ କହିଲା "ଆମେ ଚିଫ୍ ସେକ୍ରେଟେରୀଙ୍କ ପତ୍ନୀଙ୍କ ପାଇଁ ଅନେକ ଗୁଡ଼ିଏ ଶାଢ଼ୀ ରଂଗ କରି ଦେଇଥିଲୁ । ସିଏ କିନ୍ତୁ ଆମକୁ ପଇସା ଦେଇନଥିଲେ । ଆପଣ କାହିଁକି ଏତେ ଟଙ୍କା ଦେଉଛନ୍ତି ?"

Digitized by srujanika@gmail.com

ଉତ୍ତର ଦେଇଥିଲି, ''ମୁଁ ପଇସା ଦେଉଛି କାହିଁକି ନା ମୁଁ ଚିଫ୍ ସେକ୍ରେଟେରୀଙ୍କ ପତ୍ନୀ ନୁହେଁ । ଦ୍ୱିତୀୟରେ ଇଏ ଲମ୍ବା ଏତେ ଟଙ୍କା ନୁହେଁ । ସାମାନ୍ୟ ସ୍ନେହର ଉପହାର ମାତ୍ର । ଏଥିରେ ତୁମ ଭଉଣୀର ଶିଶୁପୁତ୍ରଟି ପାଇଁ କିଛି ଚକୋଲେଟ୍ କିଣେଇ ଦବ ।''

ତିନିବର୍ଷ ପରେ ମିଜୋରାମ୍ ଛାଡ଼ିଲାବେଳକୁ ସାତ ଭଉଣୀ ଏକାଠି ହୋଇ ଆସିଥିଲେ ଆମ ଘରକୁ - ଅପର୍ଯ୍ୟାପ୍ତ ସିଗ୍ରେଟ୍ ପିଉଥିବା ଓ ବେଣୀଟିଏ ପକାଇ ପାରିଲା ଭଳି ଲମ୍ବ ବାଳ ରଖିଥିବା ଗେହ୍ଲା ଯୁବକଭାଇ ଥାଙ୍ଗକିମ୍‌ାକୁ ସାଥିରେ ଧରି । ଉପହାର ଆଣିଥିଲେ ଗୋଲାପ ଫୁଲ ଫୁଟା ଚମତ୍କାର ଲାଲ୍ ରଂଗର ଶାଲ୍‌ଟିଏ, ନିଜ ହାତରେ ବୁଣା । ଶାଲ୍‌ଟି ଚିରିଗଲାଣି । କିନ୍ତୁ ତାର ସିନ୍ଦୂରୀ ସ୍ପର୍ଶ କେଉଁଠି ଯେମିତି ଟିକିଏ ଦାଗ ଛାଡ଼ିଯାଇଛି ମନର ଅଳିନ୍ଦରେ । ସମୟର ଝାମା ପଥରରେ ଘଷିମାଜି ହୋଇ ସୁଦ୍ଧା ସେ ଦାଗ ଏପର୍ଯ୍ୟନ୍ତ ଲିଭିନି ।

ଆଉ ଲିଭିନି ମିଜୋରାମ୍‌ର ବର୍ଷା ଓ ମେଘ ସମ୍ଭାରର ଦାଗ ମଧ୍ୟ । ମେଘକୁ ଯେ ଦିନେ ଟିପ ବଢ଼ାଇ ଛୁଇଁ ପାରିବି, ମେଘ ଯେ ଦିନେ ତାର ସହସ୍ର ବାହୁ ପ୍ରସାରି ତା'ର ଓଦାଳିଆ ସୁବାସିତ ଛାତି ଉପରକୁ ମୋତେ କୋଳେଇନେବ, ଏକଥା ସ୍ୱପ୍ନରେ ବି ଭାବି ପାରିନଥିଲି । କିନ୍ତୁ ସେଇ ରୋମାଞ୍ଚକର ଅନୁଭୂତି ପ୍ରଥମଥର ପାଇଁ ହୋଇଥିଲା ମିଜୋରାମ୍‌ରେ । ପହଞ୍ଚିବାର ଦୁଇ ତିନିଦିନ ପରେ ଦିନେ ଘର ସାମ୍ନାରେ ଠିଆ ହୋଇଛି । ଭିଣା ତୁଳାପିଞ୍ଜା ପରି ବିରାଟ ଏକ ମେଘ ଖଣ୍ଡ ଆକାଶ ପଥରେ ଟହଲ୍ ମାରି ମାରି ଆମ ଘରଆଡ଼କୁ ପଳାଣି ଆସୁଥିବାର ଦେଖିଲି- ବେଶ୍ ଦ୍ରୁତ ପଦକ୍ଷେପରେ । ଦୃଶ୍ୟଟି ଅଭିନବ । ଚାହୁଁ ଚାହୁଁ ମେଘଖଣ୍ଡଟି ଆସି ଆବୋରି ନେଲା ମୋତେ ଚାରିଆଡୁ । ଚତୁର ତକାୟତ୍ ପରି ବେଶ୍ ସ୍ୱଚ୍ଛନ୍ଦରେ ପଶିଗଲା ମୋ ଘର ଭିତରେ ଖୋଲା ଝିତ୍‌କୀ ଦେଇ । ପାଖାପାଖି ଜିନିଷ ସବୁ ଦିଶିଲା ଝାପ୍‌ସା, କୁହୁଡ଼ିଆ । କିଛି ସମୟ ପରେ ମତେ ତା'ର ଆଶ୍ଳେଷମୁକ୍ତ କରି ଏକ ନିର୍ମୋହ ପ୍ରେମିକ ପରି ମେଘ ପୁଣି ଉଡ଼ି ଉଡ଼ି ଚାଲିଗଲା ତା' ବାଟରେ । ଗଲାବେଳେ ଅଦୂରରେ ଥିବା ଅପେକ୍ଷମାଣା, ସବୁଜ ଅଙ୍ଗିପିନ୍ଧା, ଶ୍ୟାମଳୀ ପାହାଡ଼କନ୍ୟାଟିକୁ ଲୋଭୀ ହାତରେ ଛୁଇଁଦେବାକୁ ଭୁଲି ନଥିଲା ଅବଶ୍ୟ । ଏ ଦୃଶ୍ୟର ପୁନରାବୃତ୍ତି ଘଟୁଥିଲା ନିୟମିତ । ବିଶେଷତଃ ବର୍ଷାଦିନରେ ।

ଆଉ ମିଜୋରାମ୍‌ର ଯେଉଁ ଜିନିଷଟି ମୋତେ ସବୁଠୁ ଭଲ ଲାଗିଥିଲା ତାହା ହେଲା ସେଠାକାର ବର୍ଷା । ବର୍ଷା ହେଉଥିଲା ପ୍ରାୟ ସାରାବର୍ଷ ଧରି । ବର୍ଷା ଆସୁଥିଲା ଅଚାନକ୍ ଏବଂ ଯାଉ ବି ଥିଲା ଅଚାନକ୍ । ହୁଏତ ସହର ଭିତରକୁ ବଜାର କରିବାକୁ ଯାଇଛି । ଝଲ୍‌ମଲ୍ ସୂର୍ଯ୍ୟକିରଣ ଭିଜା ଉଜ୍ଜ୍ୱଳ ଦିନ । ହଠାତ୍ ପାଗଳ ପ୍ରେମିକ ପରି ଆସି ପହଞ୍ଚିଯିବ ବର୍ଷା, ବିନା ସୂଚନାରେ, ବିନା ବାର୍ତ୍ତାରେ । ନିଜକୁ ଗଳ୍‌ଗଳ୍ କରି ବସୁମତୀ ଦେହରେ ଅଜାଡ଼ି, ମାଟିକୁ ରସସିକ୍ତ କରି, ଦକ୍ଷ ଯାଦୁଗର ପରି ଭେଲ୍‌କି

Digitized by srujanika@gmail.com

ଦେଖାଇ ଉଭେଇ ବି ଯିବ ହଠାତ୍ । ଅଧଘଣ୍ଟା ଭିତରେ ବର୍ଷା ଗାୟବ୍ । ସଦ୍ୟଧୌତ, ମସୀହୀନ ବାୟୁମଣ୍ଡଳ ଦେଇ ବିଛାଡ଼ି ହୋଇ ପଡ଼ିବ ଚକ୍‌ଚକ୍ ରୂପାରଂଗୀ ଖରା । ସହରଟି ବି ହୋଇ ଉଠିବ ଜବ୍ ଜବ୍ ଅଁଳା ତେଲ ଲଗାଇ, ଏବେ ସ୍ନାନସାରି ଉଠିଥିବା ଆଦିବାସୀ ଯୁବତୀଟିର ଦେହ ପରି ସ୍ନିଗ୍ଧ, ପରିଷ୍କାର ।

ବର୍ଷା ପରେ ସହରଟି କିନ୍ତୁ ମୋଟେ କର୍ଦ୍ଦମାକ୍ତ ହେଉନଥିଲା । ସାରା ପାଣି ପାହାଡ଼ ଦେହରୁ ନିଗିଡ଼ି ଯାଉଥିଲା ତଳକୁ । ଆଉ ବର୍ଷାର ସେ କି ମନମତାଣିଆ ଶବ୍ଦ ! ଘର ଗୁଡ଼ିକର ଛାତ ଥିଲା ଆଜ୍‌ବେଷ୍ଟସ୍ କିମ୍ବା ଆଲୁମିନିୟମ୍ ସିଟ୍‌ରେ ତିଆରି । ପ୍ରାୟ ସାରା ବର୍ଷ ବୃଷ୍ଟି ହେଉଥିଲା ଏବଂ ବର୍ଷାଦିନେ ପ୍ରତିଦିନ-ଘଣ୍ଟାଘଣ୍ଟା ଧରି । ସାରାରାତି, ବର୍ଷା ଛାତ ଉପରେ ବଜାଉଥିଲା ଜଳତରଂଗ । ବର୍ଷାର ସେ ଛନ୍ଦୋବଦ୍ଧ ନାନାବାଦ୍ୟ ଗୀତ ଶୁଣୁ ଶୁଣୁ ରେଜେଇର ଉଷୁମ୍ ଟାଣି ନିଦ ଯିବାର ସେ ଯେଉଁ ଆରାମ୍, ଜୀବନରେ ଆଉ କେଉଁଠି ପାଇନି ।

ଏତେ କିସମର ବର୍ଷାର ଧ୍ୱନି ବି ଶୁଣିନି ଆଉ କେଉଁଠି । କେତେବେଳେ ବାସର ରାତିରେ ବରବଧୂର ମୃଦୁ ଭାଷଣ ପରି ଟୁପ୍ ଟୁପ୍ । କେତେବେଳେ ବୟୋବୃଦ୍ଧ ଗଛର ଶାଖାରେ କାଠହଣାର ତୀକ୍ଷ୍ଣଚଂଚୁର ଶବ୍ଦପରି ଠପ୍‌ଠପ୍ । ଆଉ କେତେବେଳେ ଅବା ରୁଣ୍‌ଝୁଣ୍, ରୁଣଝୁଣ୍ । ସତେ ଯେମିତି କେଉଁ ଏକ ଷୋଡ଼ଶୀ ଅପ୍‌ସରାର ନୂପୂର ନିକ୍ୱଣ । କେତେବେଳେ ତାନ୍‌ପୁରାର ଆଳାପ ପରି ରିମ୍‌ଝିମ୍ । ଆଉ କେତେବେଳେ ଚଗଲୀ ଝରଣାଟିର ପାହାଡ଼ ତାଖରୁ ତଳକୁ ଲମ୍ଫ ମାରିବାର କଳକଳ ନିନାଦ ଛପି ରହୁଥିଲା ତା' ଭିତରେ । କେତେବେଳେ ବାଦଲ୍ ବରଷୁଥିଲା ଝର୍‌ଝର୍ ହୋଇ - ପ୍ରୋଷିତଭର୍ତ୍ତୃକାର ଅବିଶ୍ରାନ୍ତ ଲୁହଧାର ପରି । ଆଉ କେତେବେଳେ ତା'ର ଶବ୍ଦ ଶୁଭୁଥିଲା ଛୁମ୍, ଛୁମ୍ ଛୁମ୍- ରାତି ଅନ୍ଧାରରେ ଛପି ଛପି ଆସୁଥିବା କିଶୋରୀ ପ୍ରେମିକାଟିର ପାଦଲଗା ପାଉଁଜିର ଧାତବ ଆୱାଜ୍ ଭଳିଆ ।

ବେଳେବେଳେ ମନେ ହେଉଥିଲା ବର୍ଷାର ଧ୍ୱନି ନୁହେଁ ତ ! ସତେ ଯେମିତି ଧ୍ରୁପଦୀ ସଙ୍ଗୀତର ଏକ ଆମେଜ୍‌ଭରା ବନ୍ଦିଶ୍ । ଆରମ୍ଭ ମନ୍ଥର ଲୟରେ, ଆଳାପରେ, ଆଉ ଶେଷ କ୍ଷିପ୍ରଗତିରେ, ଝାଲାରେ ।

ଏଭଳି ଚମତ୍କାର ଧ୍ରୁପଦୀ ସଂଗୀତ ଏପର୍ଯ୍ୟନ୍ତ ଆଉ କେଉଁଠି ଶୁଣିନି ।

■ ■ ■

ନଭେମ୍ବର ୧୯୯୮

Digitized by srujanika@gmail.com

# ଷାଠିଏ ବର୍ଷ ଆଗେ

ବଡ଼ି ଭୋର୍‌ରୁ ଉଠିବା ଅଭ୍ୟାସ ଜମିଦାରଙ୍କର ।

ଶ୍ୟାମଳ ରଙ୍ଗ, ଆଜାନୁଲମ୍ବିତ ବାହୁ । ପ୍ରଶସ୍ତ କପାଳ ଓ ଉନ୍ନତ ନାସିକା । ମୁଣ୍ଡବାଳତକ ଚାରିପଟେ ଚିକ୍କଣ ହୋଇ ଚଂଛା । ମଝିରେ ବୃତ୍ତାକାର ମୁଠିଏ କେଶଦାମ । ଶିଖାଗୁଚ୍ଛରେ ଫାଶଟିଏ ।

ପଶ୍ଚୁହତା ମର୍ଦ୍ଦ - ଆଖିରେ ପଡ଼ିଲା ଭଳି ଚେହେରାଟିଏ । ଆଜି କିନ୍ତୁ ଦୀର୍ଘକାୟ ଚେହେରା ଈଷତ୍ ମଳିନ । କେବଳ ଆଜି ନୁହେଁ । ବିଗତ କେତେଦିନ ହେଲାଣି ରାତ୍ରି ନିଦ୍ରାହୀନ । ଜୀବନର ଅସମ୍ଭବ ନିୟମାନୁବର୍ତ୍ତିତା ଭିତରେ ଏଭଳି ଚିନ୍ତାକୁଳ ସେ କେବେ ବି ହୋଇନଥିଲେ । ମନ ଭୁଲାଇବା ପାଇଁ ତାଳପତ୍ର ଓ ଲେଖନୀ କାଢ଼ି ସଂସ୍କୃତ ଶ୍ଳୋକସବୁ ଟିପି ରଖିବାର ପ୍ରୟାସ କଲେ । ଯେଉଁ ସଉକରୁ ଅନ୍ୟ ବେଳେ ଅନିର୍ବଚନୀୟ ଆନନ୍ଦ ପାଆନ୍ତି, ତାହା ବି ଆଜି ସୁଖକର ମନେ ହେଲାନି ।

ଘର କୋଣରେ ଲୌହଶଳାକାରେ ଟଙ୍ଗା ହୋଇଥିବା ମୃଦଙ୍ଗଟି ଉପରେ ଆଖି ପଡ଼ିଲା । କେଉଁ ଏକଯୁଗରେ ଗ୍ରାମଦେବତା ଶ୍ରୀଗୋପୀନାଥଜୀଉଙ୍କର ରାସୋତ୍ସବବେଳେ ତାଙ୍କରି ହାତର ମୃଦଙ୍ଗର ଠେକା ଭକ୍ତଜନମାନଙ୍କର ସଭାକୁ ରସମୟ କରୁଥିଲା । ମୃଦଙ୍ଗରୁ ଧୂଳି ଝାଡ଼ି ଦିଚାରିଥର ଟିପ ମାରିଲେ ଜମିଦାର । ଅନଭ୍ୟସ୍ତ ହାତର ଆଙ୍ଗୁଳି ବୋଲ ମାନିଲାନି । ମୃଦଙ୍ଗଟି ଆଡ଼େଇରଖି ପ୍ରକୋଷ୍ଠର ଏମୁଣ୍ଡରୁ ସେମୁଣ୍ଡ ପଦ ଚାରଣା କରିବାକୁ ଲାଗିଲେ ସେ ।

ଧନଧାନ୍ୟ ଗୋପଲକ୍ଷ୍ମୀଭରା ସଂସାର । ବାଟିବାଟି ସଂପତ୍ତି । ଧାନଘର ଉପୁଚି ପଡୁଛି ବାସ୍ନାଭରା ଧାନରେ । ଗୋଶାଳାଭର୍ତ୍ତି ଦୁଗ୍ଧବତୀ ଗାଭୀ, ପତ୍ନୀ ପତିପ୍ରାଣା ଓ କୋମଳା । ଦୁଇପୁତ୍ର ଓ ଦୁଇକନ୍ୟାଙ୍କର ବିବାହ ସଂପାଦିତ । ଚିନ୍ତାର କାରଣ ବିବାହପ୍ରତି ଉଦାସୀନ ମଧ୍ୟମପୁତ୍ର - ବାବୁ ।

ତିନିପୁତ୍ରଙ୍କ ଭିତରେ ଯେଉଁ ପୁତ୍ରର ଜ୍ଞାନଲିପ୍ସା ଜମିଦାରଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରିଛି, ଆଜି ସହସା କେଜାଣି କାହିଁକି ମନେ ହେଲା - ଶିକ୍ଷା ଲାଭ ପାଇଁ ପୁତ୍ର ପ୍ରବାସ ନଯାଇ ହୁଏତ ଘରେ ରହିଥିଲେ ଠିକ୍ ଥିଲା । ଘରକୁ ବଧୂଟିଏ ଆସି ସାରନ୍ତାଣି । ନାତି, ନାତୁଣୀଙ୍କର ଦରୋଟି ବଚନରେ ଗୃହାଙ୍ଗନ ମୁଖରିତ ହୁଅନ୍ତାଣି ଏତେବେଳକୁ ।

Digitized by srujanika@gmail.com

ମନେ ପଡ଼ିଲା - ଗତଥରକ ସୁଯୋଗ୍ୟପୁତ୍ର ଛୁଟିରେ ଆସିଲାବେଳେ ଆଣିଥିଲା ସ୍ୱର୍ଣ୍ଣପଦକଟିଏ, ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ପାଇଥିବା ପୁରସ୍କାର । ସବୁଜ ସାର୍ଟିନ୍ ଫିତାରେ ବନ୍ଧା । ପିତାଙ୍କ ହାତକୁ ପଦକଟି ବଢ଼ାଇଦେଇ ନୀରବରେ ଅଧୋବଦନ ହୋଇ ଛିଡ଼ା ହେଉଥିଲା ବାବୁ । ଜମିଦାର ତାଙ୍କର ପ୍ରଶସ୍ତ ପାପୁଲି ଉପରେ ପଦକଟି ରଖି ଚାହିଁରହିଲେ । ଆଖି ସାମାନ୍ୟ ସଜଳ ହେଲା, ଖୁସିରେ, ଗର୍ବରେ ।

ଆଖି ଉଠାଇ ଚାହିଁଲେ ପୁତ୍ରକୁ । କ୍ଷଣକ ପାଇଁ ମନେ ପଡ଼ିଗଲା ଟଳମଳ ପାଦରେ ଚାଲୁଥିବା ସୁଗୌର, ସୁଡୌଲ କୁନିପୁଅଟି କଥା । ବେକରେ ସୋରିଷିଆ ମାଳ, ଅଣ୍ଟାରେ ଅଣ୍ଟାସୂତା, ଗୋଡ଼ ଓ ହାତରେ ସରୁ ସରୁ ମଗରମୁହାଁ ରୂପାଖଡୁ, କାନର ଲତିରେ ସୁନା ଲବଙ୍ଗ ଓ ପାଶିଆ । ଚାରିକୋଣିଆ କପାଳ ଉପରେ କେରାଏ ଅବିନ୍ୟସ୍ତ ଅଲରାବାଳ, ଯେମିତି ପଡ଼ିଛି ଏବେ । କଣ୍ଠ ବାଷ୍ପ ରୁଦ୍ଧ ହେଲା । କିଛି କହି ପାରିଲେନି ଜମିଦାର । ପୁତ୍ର କିନ୍ତୁ ଠିକ୍ ବୁଝିଥିଲା ପିତାଙ୍କର ସଜଳ ପେଚୁଆ ଆଖିର କାହାଣୀ ।

ଜମିଦାରଙ୍କର ଏଇ ପୁତ୍ରଟି ବାକି ଦୁଇ ପୁତ୍ରଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ପ୍ରକୃତିର । ଧୀର, ବାଧ ଓ ଅଚଞ୍ଚଳ । ନୀତିନିଷ୍ଠ, ନିରହଙ୍କାର, ସ୍ୱଳ୍ପବାକ୍ ଓ ବିଦ୍ୱାନ୍ । କିନ୍ତୁ ସଂସାର ପ୍ରତି ଉଦାସୀନ । ସୁଖ ସଂଭୋଗ ପ୍ରତି ଅନାସକ୍ତ । ଆହାରରେ ନିରାମିଷାଶୀ ଓ ଚିନ୍ତାଧାରାରେ ଋଷିପ୍ରତିମ । ପୁତ୍ରଟି ସାଧାରଣ ଭାବରେ ଅନ୍ତତଃ ସଂସାରଧର୍ମୀ ହେଇଥାଆନ୍ତା କି ! ଏପର୍ଯ୍ୟନ୍ତ ବିଭାହେବାପାଇଁ ମନାକରି ଆସିଲା ।

ନାଃ, ବିବାହ ଅନେକ ବିଳମ୍ବ ହେଇଯାଇଛି । ବାବୁର କନିଷ୍ଠ ଭ୍ରାତା ବିଭାହୋଇ ଗୋଟିଏ କନ୍ୟା ସନ୍ତାନର ଜନକ ହେଇ ସାରିଲାଣି । ଉଦାସୀନ ପୁତ୍ରର କଥାମାନି ଆଉ ଅପେକ୍ଷା କରିବା ଉଚିତ ହେବନି । ନିମାପଡ଼ାରୁ ଜଣେ ଓକିଲ ଭଦ୍ରଲୋକ ତାଙ୍କ କନ୍ୟାପାଇଁ ପ୍ରସ୍ତାବ ପଠାଇଛନ୍ତି । କନ୍ୟାଟି କଲେଜରେ ପ୍ରଥମ ବାର୍ଷିକ ଶ୍ରେଣୀର ଛାତ୍ରୀ । କିନ୍ତୁ ପତ୍ନୀ ସୀତାଦେବୀ ଏ ସଂପର୍କରେ ସ୍ୱମତାମତ ଅତ୍ୟନ୍ତ ଧୀର ଏବଂ ଅଟଳ ସ୍ୱରରେ ଜାହିର କରି ଦେଇଛନ୍ତି । "ଆମେ ମଫସଲର ଲୋକ । ସେ ବୋହୂ ଆସିଲେ କି ସେବା କରିବ ଆମର ? ଏଇଠୁ ପାଖ ଆଖରୁ ଝିଅଟିଏ ଦେଖି ଆଣିବା ଯେ ବାଧିକା ପଡ଼ିଲେ ପାଣି ଟୋପିଏ ମୁହଁରେ ଦବ ।" ଜମିଦାର ବୁଝିଛନ୍ତି, ପତ୍ନୀଙ୍କ କଥାରେ ଓଜନ ଅଛି ।

ପାଖ ଆଖରୁ ଆସିଥିବା ଅନେକ ପ୍ରସ୍ତାବ ଭିତରୁ ଗୋଟିଏ ପ୍ରସ୍ତାବ ଅବଶ୍ୟ ଜମିଦାରଙ୍କ ମନକୁ ପାଇଛି । ଜନ୍ମକୁଣ୍ଡଳୀ ସୁଝିଛି ମଧ । କନ୍ୟା ପିତାଙ୍କର ଅବସ୍ଥା ସ୍ୱଚ୍ଛଳ । କ୍ଷେତଖମାର, ଗୋରୁ ମଇଁଷି ଓ ଆମ୍ବ ପଣସ ତୋଟା । ଭଦ୍ରଲୋକ

Digitized by srujanika@gmail.com

ନିରଳସ, ସଚ୍ଚୋଟ ଓ ମହିମାଧର୍ମାବଲମ୍ବୀ ଉଦାରଚେତା ମଣିଷ । ସମ୍ବନ୍ଧୀ ହେବାର ଉପଯୁକ୍ତ । ତାଙ୍କରି ମଧ୍ୟମା କନ୍ୟା । ନାଁ ରେଖା । ମଧ୍ୟସ୍ଥି ଠାରୁ ଶୁଣିଛନ୍ତି ଝିଅଟି ତା' ବଡ଼ଭାଇ ସାଥିରେ ଚାଟଶାଳୀ ଯାଏ । ପଢ଼ାଶୁଣାରେ ଭଲ । ବୀଣାଜିଣା କଣ୍ଠରେ ଗ୍ରାମ ମହିଳାମାନଙ୍କ ଆଗରେ ସୁର କରି ଛାନ୍ଦ, ଚୌପଦୀ ବି ଗାଏ । ଗୌରବର୍ଣ୍ଣର ସୁଢ଼ଳ ଚେହେରା ।

ଜମିଦାରଙ୍କ ମନ କିଛିଟା ଶାନ୍ତ ପଡ଼ିଲା । ଆଉ ବିଳମ୍ବ ନୁହେଁ । ଆଜି ହିଁ କନ୍ୟା ଦେଖିଯିବାକୁ ପଡ଼ିବ । ପୁଅ କଥାରେ କାନଦେଇ ଅନେକ ସମୟ ଗଡ଼ିଯାଇଛି ।

ପାତେଳୀ, ଗୋରୀ ଝିଅଟିଏ । ମୁହଁର ଚମେଡ଼ା ବେଦାଗ୍ ଓ ଚିକ୍କଣ । ବାଁ ପଟେ ସୁନ୍ଦରକରା ପାତାପକା କଳା ମୁଚ୍‌ମୁଚ୍ ବାଳ । ତେଲିଆ ଖୋଷାରେ ରୂପାଝରି ଲଗା ଡିମ୍ବକଣ୍ଟା । ନାକନକ୍‌ସା ମନ୍ଦ ନୁହେଁ । ହାତ, ପାଦ ଓ ଶରୀର ନିଖୁଣ । ସାମ୍ନାରେ ଠିଆ ହୋଇଥିବା ଲାଜକୁଳୀ କିଶୋରୀ ଝିଅଟିକୁ ଜମିଦାର ଚାହିଁ ରହିଥିଲେ । ଝିଅଟି ସଂତ୍ରସ୍ତହୋଇ ପଣତକାନି ସଜାଡ଼ିଲା । ହାତଭର୍ତ୍ତି କାଚଚୂଡ଼ୀ ବାଜିଉଠିଲା ରୁଣୁଝୁଣୁ ହୋଇ । ଜମିଦାରଙ୍କର ସ୍ୱପ୍ନ ଭଙ୍ଗ ହେଲା । ସମ୍ମତି ସୂଚକ ମୁଣ୍ଡ ହଲାଇଲେ । କନ୍ୟାପିତା କହିଲେ- ଯା' ମା' ଭିତରକୁ ଯା' ।

ଝିଅ ଜମିଦାରଙ୍କ ମନକୁ ପାଇଲା । ବାହାଘର ପକ୍କା । କିନ୍ତୁ ଗୋଟିଏ ସର୍ତ୍ତରେ ।

ସର୍ତ୍ତ ? କି ସର୍ତ୍ତ ? କନ୍ୟାପିତା ସାମାନ୍ୟ ବିବ୍ରତ ବୋଧ କଲେ । ଯୌତୁକ ସମ୍ବନ୍ଧୀୟ କିଛି କଥା ନୁହେଁ ତ ?

ଜମିଦାର ସ୍ମିତହାସ କଲେ । ତାଙ୍କର ସାରା ଜୀବନ ରେ ଆଙ୍ଗୁଠି ପଗରେ ଗଣି ହେଉଥିବା ସ୍ମିତହାସ ଭିତରୁ ଇଏ ଗୋଟିଏ ।

ନାଁ, ଆଉ କିଛି ନୁହେଁ । ପୁଅ ମୋର ଉଚ୍ଚ ଶିକ୍ଷିତ । କଲେଜ ପଢୁଆ ଝିଅ ପାଇଁ ବି ପ୍ରସ୍ତାବ ଆସିଥିଲା । ତା' ମା' ରାଜି ହେଲେନି । କନ୍ୟା ତ ଆପଣଙ୍କର ଓଡ଼ିଆ ଲେଖାପଢ଼ା ଜାଣିଛି । ଯଦି ସାମାନ୍ୟ ଇଂରାଜୀ ଶିକ୍ଷାର ବ୍ୟବସ୍ଥା କରି ପାରନ୍ତେ ଭଲ ହୁଅନ୍ତା ।

ଏଇ କଥା ! କନ୍ୟାପିତାଙ୍କ ମୁଣ୍ଡରୁ ବୋଝ ଓହ୍ଲାରିଗଲା । ତାଙ୍କ ଗ୍ରାମରେ ଇଂରାଜୀ ଜାଣିଥିବା ଜଣେ ଶିକ୍ଷକ ଅଛନ୍ତି । ଇଂରାଜୀ ବର୍ଣ୍ଣମାଳା ଶିକ୍ଷା କାଲି ଠାରୁ ଝିଅ ଆରମ୍ଭ କରିବ । ବିଭାଘର ଓ ପୁଆଣି ଘର ତ ଡେରି ଅଛି । ଝିଅ ତାଙ୍କର ବୁଦ୍ଧିମତୀ । ଯା ଭିତରେ କିଛିଟା ଜ୍ଞାନ ଆହରଣ କରିନେବ ନିଶ୍ଚୟ । ପ୍ରସ୍ତାବ

Digitized by srujanika@gmail.com

ପଢ଼ିଲା ପରେ କୌଣସି ଏକ କାମରେ ସହର ଗଲାବେଳେ କନ୍ୟାପିତା ଭାବୀ ଜାମାତାଙ୍କୁ ଦେଖି ଆସିଛନ୍ତି । ଏଭଳି ଜାମାତା ଭାଗ୍ୟରେ ଥିଲେ ମିଳେ । ସୁଯୋଗ୍ୟ ଜାମାତାଙ୍କ ପାଇଁ ଇଏତ ନିହାତି ଏକ ମାମୁଲି ଅନୁରୋଧ ।

କଥାବାର୍ତ୍ତା ସରିଲାପରେ ଭୂରିଭୋଜନର ପାଳି । ପ୍ରଥମଥର ପାଇଁ ଜମିଦାର ଆସିଛନ୍ତି ଭାବୀସମ୍ବନ୍ଧୀଙ୍କ ଘରକୁ । କନ୍ୟାମାତା ଚଉଦ ଠା' କରି ଅନ୍ନ ପରଷିଛନ୍ତି । ଜମିଦାରଙ୍କ ସାଥିରେ ଆସିଥିବା ଦିହଲଗା ହଳିଆ ଠାରୁ ବୁଝିଛନ୍ତି ତାଙ୍କ ପ୍ରିୟ ଖାଦ୍ୟର ତାଲିକା - ପଞ୍ଚଫୁଟଣ ବଘରା ବହଳିଆ ସୁନାମୁଗ ଡାଲି, ସରଲଗା ବସାଦହିର ଆମିଳ ଓ ଘିଅଭଜା ଚେକି ଚେକି କଅଁଳ ବାଇଗଣ । ସାଥିରେ ପରଷା ହୋଇଛି ଅନ୍ୟାନ୍ୟ ବ୍ୟଞ୍ଜନ, ପିଠା ଓ ପାୟସ୍ ।

ଜମିଦାର ସ୍ୱଳ୍ପଭୁକ୍, କିନ୍ତୁ ଖାଦ୍ୟରସିକ । ପିଣ୍ଡାରେ, ଆଲୋକିତ ଜାଗାରେ ଠା' ହୋଇଛି । ବଡ଼ କାରୁକାର୍ଯ୍ୟମୟ ପିଢ଼ାରେ ବସି ଚକ୍ରୁ କରି ଜମିଦାର ପ୍ରଥମ ଗୁଣ୍ଡା ପାଟିକୁ ନେଇଛନ୍ତି, ପିଣ୍ଡା ସାମ୍ନା ଅଗଣାରେ ଚଟଚଟ ହୋଇ କିଶୋରୀ ଝିଅଟିଏ ଚାଲିଗଲା । ଏବେ ଦେଖିଥିବା କନ୍ୟାଟି ବୋଧହୁଏ । ଜମିଦାରଙ୍କର ନଜର ପଡ଼ିଗଲା । ଝିଅଟିର ରଙ୍ଗ ଦିଶିଲା ଶ୍ୟାମଳ । ମୁହଁରେ ଅସ୍ପଷ୍ଟ ଦାଗ । ପିଲାବେଳେ ମା' ଠାକୁରାଣୀ ବିଜେ ହୋଇଥିଲେ ବୋଧେ ।

ସରଲଗା ବସାଦହି ତଣ୍ଟି ପାଖରେ ଅଟକିଗଲା ଜମିଦାରଙ୍କର । ଥାଳିରେ ପଡ଼ିରହିଲା ମୁଗଡାଲି ମିଶା ହଳଦୀ ଗରଗର ସରୁ ଅନ୍ନ । ଜମିଦାର ଅଳ୍ପ ଆହାର କରି ଉଠିପଡ଼ିଲେ । ମନ ଚଞ୍ଚଳ । ଇଏ କଅଣ କଲେ ସିଏ ? ଏଇ ଝିଅକୁ ପସନ୍ଦ କଲେ ପ୍ରିୟଦର୍ଶନ ପୁତ୍ର ବାବୁ ପାଇଁ ? ଜରାଗ୍ରସ୍ତ ଆଖିରେ ପରଳ ପଡ଼ିଗଲାଣି । ଆଉ ଟିକିଏ ଭଲକରି ଦେଖିବା ଉଚିତଥିଲା । ମନସ୍ତାପରେ ମୁହଁ ବିବର୍ଣ୍ଣ ହେଲା ଜମିଦାରଙ୍କର । କନ୍ୟାପିତା ଦରଖିଆ ଭାତ ଥାଳିକୁ ଚାହିଁ ବ୍ୟଥିତ ହେଲେ । ଖାଦ୍ୟ ବୋଧହୁଏ ସ୍ୱାଦିଷ୍ଟ ହେଲାନି ।

ଶଗଡ଼ିଆ ଶଗଡ଼ରେ ବଳଦ ଯୁଚି ସାରିଲାଣି । ଭଣ୍ଡାରୀ, ହଳିଆ ଭୋଜନାନ୍ତେ ଗାଁ'କୁ ଫେରିବା ପାଇଁ ପ୍ରସ୍ତୁତ । ଜମିଦାର କିନ୍ତୁ ନିଶ୍ଚଳ ହୋଇ ବସିଛନ୍ତି । ଉଠିବାର କୌଣସି ଲକ୍ଷଣ ଦେଖାଯାଉନି ତାଙ୍କଠି । ମୁଖଲଜ୍ଜ୍ୟାରେ ମନକଥା, ଯେ ସେ ଝିଅଟିକୁ ଆଉଥରେ ଦେଖିବାକୁ ଚାହାନ୍ତି, କହି ବି ପାରୁନାହାନ୍ତି । ବେଳ ଗଡ଼ିଯାଉଛି । କନ୍ୟାପିତା ସାମ୍ନାରେ ନୀରବରେ ଦଣ୍ଡାୟମାନ ।

ଶେଷ ପର୍ଯ୍ୟନ୍ତ ଜମିଦାର କଥାଟି ନକହି ରହିପାରିଲେନି । ଯଦି କନ୍ୟା ପିତାଙ୍କର କିଛି ଆପତ୍ତି ନଥାଏ, ଯିବା ପୂର୍ବରୁ ସେ ଆଉଥରେ କନ୍ୟାଟିକୁ ଦେଖିବାକୁ

Digitized by srujanika@gmail.com

ଚାହାନ୍ତି । କନ୍ୟା ପିତାଙ୍କର ଅବଶ୍ୟ କୌଣସି ଆପତ୍ତି ନଥିଲା । ବୋହୂ କରିବାକୁ କଥା ଦେଇଛନ୍ତି ଜମିଦାର । ଭାବୀ ପୁତ୍ରବଧୂକୁ ଥାଉଥରେ ଦେଖିବାକୁ ଚାହିଁଲେ ଦେଖନ୍ତୁ । ପୁଣିଥରେ ଲାବଣ୍ୟମୟୀ କିଶୋରୀ ଝିଅଟି ଆସି ଠିଆହେଲା । ଜମିଦାରଙ୍କ ବିଲ୍‌କୁଲ୍ ସାମ୍‌ନାରେ ଏଥରକ । ଏବଂ ଝିଅଟିକୁ ପାଖକୁ ଡାକି ଅନେକ ସମୟ ଧରି ଚାହିଁ ରହିଲେ ଜମିଦାର ।

ନା । ଭୁଲ୍ ସେ କରିନାହାନ୍ତି । ସେଇ ଗୋରା ଟକ୍‌ଟକ୍ ରୂପ । ମୁହଁର ହଳଦୀରଙ୍ଗା ଚମଡ଼ା ବେଦାଗ୍, ଶ୍ରୀମୟ । ପଣତ କାନି ତଳୁ ଦିଶି ଯାଉଥିବା ହାତର ଆଙ୍ଗୁଳିତକ ଚଂପକ କଳି ସଦୃଶ, ରଙ୍ଗରେ ଓ ଗଢ଼ଣରେ । ଜମିଦାର ସନ୍ତୁଷ୍ଟ ହେଲେ । ଅଚାନକ ପିତୃସୁଲଭ ସ୍ନେହରେ ମନଟି ଆର୍ଦ୍ର ହୋଇଆସିଲା କୁନି ଝିଅଟି ପାଇଁ । ଏଇ ଝିଅଟିର ଅଳତାବୋଳା ଲକ୍ଷ୍ମୀପାଦ ଦିନେ ପଡ଼ିବ ତାଙ୍କଘରେ । ଭବିଷ୍ୟତ ବଂଶଧରମାନେ ଦିନେ ବଢ଼ିବେ ଯା'ରି କୋଳରେ । 'ମୁଁ ଭାତ ଖାଇ ବସିଲାବେଳେ ଏଇ ବାଟେ ଯେଉଁ ଝିଅଟି ଗଲା ସିଏ ତା'ହେଲେ କିଏ ?' ପଚାରିଲେ ସେ କନ୍ୟା ପିତାଙ୍କୁ ।

କନ୍ୟାପିତା ଏବେ ବୁଝିପାରିଲେ ଜମିଦାରଙ୍କ ଅସମାପ୍ତ ଭୋଜନର ରହସ୍ୟ । ସାମାନ୍ୟ ହସି କହିଲେ, ଝିଅଟି ନାଁ ଗେଣ୍ଡୁଫୁଲ । ମୋ ସଂପର୍କୀୟା ଭଉଣୀର ଝିଅ । ଏଇ ଆଗଦୁଆରୀ ଘର ।

ଜମିଦାର ଏବେ ମୁହାଁଇଲେ ଶଗଡ଼ଗାଡ଼ି ଆଡ଼କୁ । ଜ୍ୟୋତିଷକୁ କହି ଗଣାପୋଛା କରି ଶୁଭଲଗ୍ନର ଖବର ଶୀଘ୍ର ଜଣାଇଦେବେ ଭାବୀ ସମ୍ବନ୍ଧୀଙ୍କୁ ।

ବିବାହ ସଂପନ୍ନ ହୋଇଯାଇଛି । ବାବୁ ଦେହରେ ଧୋବ ଫରଫର ଧୋତି ଓ ପଞ୍ଜାବୀ । ହାତରେ ଅଷାଢୁଆ ସୂତା । ମୁଣ୍ଡର ଘଞ୍ଚ କେଶ ରାଶି ଭିତରେ ଏବେ ବି ହରିଦ୍ରାଭ ଅକ୍ଷତ କେତୋଟି ଲାଗି ରହିଛି । କୂଳବୁଆସୁଣୀମାନେ ହୁଳହୁଳି, ଶଙ୍ଖଧ୍ୱନି ସହିତ ବନ୍ଦାପନା କଲାବେଳେ ଦୂର୍ବା, ଅକ୍ଷତ ଓ ବଦରିକା ପତ୍ର ସିଞ୍ଚନ କରିଥିଲେ । ବରପିତା, ପୁରୋହିତ ଓ ଅନ୍ୟାନ୍ୟ ବରଯାତ୍ରୀଗଣ କ୍ଲାନ୍ତ ଓ ବିଶ୍ରାମରତ। କନ୍ୟାଘରେ ସ୍ୱାଭାବିକ ଭାବରେ ହଟଗୋଳ । ଗ୍ରାମର ମହିଳା ଓ ପୁରୁଷଗଣ ବରର ରୂପଦର୍ଶନରେ ବିଭୋର । ଏଭଳି ବରଟିଏ ଏପର୍ଯ୍ୟନ୍ତ ଗ୍ରାମକୁ ଆସି ନଥିଲା । ସୁଗୌର, ସ୍ୱାସ୍ଥ୍ୟବାନ, ଅନିନ୍ଦ୍ୟକାନ୍ତି ଯୁବକ । ବ୍ୟବହାରରେ ଆଭିଜାତ୍ୟ । କଥା କହିବାର ଧରଣ ଭଦ୍ର ଓ ସଂଯତ । ସେଥିରେ କୁଆଡ଼େ ଏଭଳି ବିଦ୍ୟା ଅର୍ଜନ କରିଛନ୍ତି ଯେ, ଏ ଖଣ୍ଡମଣ୍ଡଳରେ କେହି ସେ ପାଠ ନାଁ ଶୁଣି ନାହାନ୍ତି ।

କନ୍ୟା ମାତା ଲୁହ ପୋଛୁ ପୋଛୁ କଂପିତ କଣ୍ଠରେ କହିଲେ-ମୁଁ ଜାଣିଥିଲି ପରା । ଯେଉଁଦିନ ଏକୁଡ଼ିଶାଳରେ ତା' ମୁଣ୍ଡ ଉପରେ ରଣା ସାପ ଫଣା ଟେକିଥିଲା ସେଇଦିନଠୁ ମୁଁ ଜାଣିଥିଲି - ଝିଅ ମୋର ରାଣୀ ହେବ ।

Digitized by srujanika@gmail.com

ସବୁ ଚାଲିଥିଲା ଠିକ୍‌ଠାକ୍ - ନିୟମ ମାଫିକ୍ । ହଠାତ୍ ଆସିଲା ନିୟମଭଙ୍ଗର ସୂଚନା । ବୋଉଁ ଝିଅକୁ ଦେଖିବାକୁ ଚାହାନ୍ତି ।

କୂଳବଧୂମାନେ ଓଢ଼ଣା ତଳେ ବିସ୍ଫାରିତ ଲୋଚନରେ ଠିଆ ହୋଇ ରହିଲେ । ଗ୍ରାମର ଇତିହାସରେ ଆଜିପର୍ଯ୍ୟନ୍ତ ଏଭଳି ଘଟଣା ଘଟିନଥିଲା । ଗ୍ରାମସାରା ଖବର ଖେଳିଗଲା ବିଜୁଳିପ୍ରାୟ ।

ବାହାଘର ପରେ ପୁଅ ଫେରିଯାଏ ତା' ଘରକୁ । ବଡ଼ କନିଆ ହେଲାପରେ ପୁଆଣିଘର ହୋଇ ଝିଅ ଯାଏ ଶାଶୁଘରକୁ - ଅନେକ ପରେ । ସେଇଠି ସ୍ୱାମୀ ସ୍ତ୍ରୀଙ୍କର ପହିଲି ଭେଟ । ବୋଉଁଙ୍କର ଆଜି ଇଏ କି ପ୍ରକାର ଅନୁରୋଧ ?

ବାବୁ କିନ୍ତୁ ଜିଦ୍‌ରେ ଅଟଳ । ଉଣେଇଶହ ସଇଁତିରିଶ ମସିହା - ଆଜିଠୁ ଏକଷଠିବର୍ଷ ଆଗର କଥା । ସମୟ ଥିଲା ଗୌରୀଦାନର । ବାହାଘର ହେଉଥିଲା ପିତାମାତାଙ୍କର ପସନ୍ଦ ଅନୁଯାୟୀ । ଝିଅ ଶାଶୁଘରକୁ ଯିବାଆଗରୁ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଦେଖିବାର ରୀତି ଥିଲା ଅପ୍ରଚଳିତ ।

ବାବୁ ଥିଲେ ଉଚ୍ଚ ଶିକ୍ଷିତ । ବିଦ୍ୟାରତ ଥିବାରୁ ତତ୍କାଳୀନ ସମାଜର ରୀତି ଅନୁସାରେ ବାହାଘର ହୋଇଥିଲା ବିଳମ୍ବରେ । ବାହାଘର ଠିକ୍ ହେଲାବେଳେ ଆଜ୍ଞାଧୀନ ପୁତ୍ର କନ୍ୟାଟିକୁ ଦେଖିବା ପାଇଁ ପିତାଙ୍କୁ ସଂକୋଚରେ କହିପାରି ନଥିଲେ । କିନ୍ତୁ ଯେହେତୁ ଥିଲେ ଉଚ୍ଚଶିକ୍ଷିତ, ସାମାଜିକ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସମୀଚୀନ ମଣିଥିଲେ ।

ଶୁଣିଥିଲେ ବାହାଘର ପରେ ବର୍ଷେ ପର୍ଯ୍ୟନ୍ତ କାଳ ଅଶୁଦ୍ଧ । ତା'ପରେ ଜ୍ୟୋତିଷ ଗଣନା କରି ଶୁଭମୁହୂର୍ତ୍ତ ବତେଇଲେ ପୁଆଣିଘର । ପତ୍ନୀ ସ୍ୱଗୃହକୁ ଆସୁ ଆସୁ ହୁଏତ ଆହୁରି ଦେଢ଼ବର୍ଷ କି ଦୁଇବର୍ଷ । କିଭଳି ଝିଅଟିଏ ତାଙ୍କର ଜୀବନସାଥୀ ରୂପେ ବାପା ବାଛିଲେ ତାହା ଜାଣିବାକୁ ତାଙ୍କର ଆଗ୍ରହ ହେବାଟା ଥିଲା ଏକ ସ୍ୱାଭାବିକ ଘଟଣା । କିନ୍ତୁ ପିତାଙ୍କର ବଶମ୍ବଦ ପୁତ୍ର ସମାଜର ରୀତିକୁ ଉଲ୍ଲଂଘନ କରି ବାପାଙ୍କୁ ଏକଥା କହିବାକୁ ସାହସ କରିପାରିନଥିଲେ । କହିଥିଲେ ସାଥିରେ ଆସିଥିବା ପୁରୋହିତ ଗଣି ପଣ୍ଡିତଙ୍କୁ । ପଣ୍ଡିତଙ୍କଠାରୁ କଥାଟି ଶୁଣି ସ୍ୱଳ୍ପବାକ୍ ଜମିଦାର ତାଙ୍କର ସ୍ୱଭାବସିଦ୍ଧ ରୀତିରେ ମୌନହୋଇ ବସି ରହିଥିଲେ । ପୁରୋହିତ ବୁଝିଲେ, ମୌନଂ ସମ୍ମତି ଲକ୍ଷଣମ୍ ।

ଜମିଦାର ଅବଶ୍ୟ ପୁତ୍ର ପ୍ରତି କିଛିଟା ଅହେତୁକ ଭାବରେ ସ୍ନେହପ୍ରବଣ ଥିଲେ । ବିଦ୍ୱାନ ପୁତ୍ର ବାପାମା'ଙ୍କ ପସନ୍ଦରେ ମଫସଲ୍‌ରେ ଆସି ବାହା ହେଉଥିଲେ ବୋଲି । ଦ୍ୱିତୀୟରେ ଜମିଦାର ବୁଝିଥିଲେ ଧର୍ମତଃ ବାବୁ ଓ ରେଖା ଏବେ ପତିପତ୍ନୀ ।

Digitized by srujanika@gmail.com

ପତିର ନିଶ୍ଚିତ ରୂପେ ଅଧିକାର ଅଛି ଅନ୍ତତଃ ପତ୍ନୀକୁ ଦୂରରୁ ଥରଟିଏ ଦେଖିବା ପାଇଁ । ବାରଣ କରିବାର ଶକ୍ତି ପିତାଙ୍କର ଆଉ ନାହିଁ ।

ଘରେ ସାଜସାଜ ରବ ପଡ଼ିଲା । ଧୂଳିଝଡ଼ା ହୋଇ ଚୌକିଟିଏ ପଡ଼ିଲା ଅଗଣାରେ ପ୍ରିୟଦର୍ଶନ ଜାମାତାଙ୍କ ପାଇଁ । ବଧୂବେଶରେ ସାଜିଥିବା ଓ ଅର୍ଦ୍ଧ ନୂଆ ପାଟ, ଚନ୍ଦନ ଲେଖା ତଥା ଅଳଙ୍କାରମଣ୍ଡିତ ହୋଇଥିବା ସଦ୍ୟ ବିବାହିତା କିଶୋରୀ ପତ୍ନୀକୁ ଅଗତ୍ୟା ଆଣି ବସାଇ ଦିଆହେଲା ସାମ୍ନାରେ । ଘରେ ଆଟପଟୁଆଳ ଲୋକ । ସାରା ଗ୍ରାମବାସୀ ଠୁଳ । ସତେ ଅବା ମେଳା କି ମଉଛବ ହେଉଛି ।

ବିଦ୍ୱାନ ସ୍ୱାମୀ ଅନୁରୋଧ କଲେ କାଗଜ କଲମ ଆଣିବାପାଇଁ । କନ୍ୟା ପିତା ହତଚକିତ । ଲୋଈଁ ଚାହିଁଥିଲେ ପତ୍ନୀକୁ ଦେଖିବାପାଇଁ । କାଗଜ କଲମର କଅଣ ଦରକାର ? କାଗଜ, କାଳି ବୋତଲ, କଲମ ଘରେ ଥିଲା । ଆସିଲା ବି ତତ୍‌କ୍ଷଣାତ୍ ।

ଇଂରାଜୀ ଓ ଓଡ଼ିଆରେ ନିଜ ନାମ ଓ ଠିକଣା ଲେଖିପାରିବ ? ଅତ୍ୟନ୍ତ କୋମଳ ଓ ଧୀର ସ୍ୱରରେ ସ୍ୱାମୀଙ୍କର ପ୍ରଶ୍ନ । ଗୁଣ୍ଠନବତୀ ରେଖା କିଛି ସମୟ ନିର୍ବାକ୍ ହୋଇ ବସି ରହିଲା ଲାଜ ଓ ଭୟରେ ସଂକୁଚିତ ହୋଇ ।

ଲେଖ୍ ମା' ଲେଖ୍ - କନ୍ୟାପିତା ମୁଣ୍ଡରେ ହାତରଖି ଆଶ୍ୱାସନା ଦେଲେ । ସମୁଦି ଝିଅ ଦେଖି କହି ଯାଇଥିଲେ ବିଦ୍ୱାନ୍ ପୁତ୍ରର ଭାବିପତ୍ନୀକୁ ଇଂରାଜୀ ଶିକ୍ଷା ଦେବାପାଇଁ । ଶିକ୍ଷକ ରଖି ସାଧାରଣ ଭାବରେ ଇଂରାଜୀ ଶିକ୍ଷା ସେ ଦେଇଛନ୍ତି କନ୍ୟାକୁ ଇତିମଧ୍ୟରେ ।

ରେଖା କଲମ ବୁଡ଼ାଇଲା କାଳି ବୋତଲରେ । ପ୍ରଥମେ ଓଡ଼ିଆ ଓ ତା'ପରେ ଇଂରାଜୀରେ ଲେଖିଲା - ଶ୍ରୀମତୀ ସୁରେଖା ଦେବୀ ପିତା ମହାଦେବ ପଣ୍ଡା, ଗ୍ରାମ-ହରିରାଜପୁର, ଭାୟା-ବାଙ୍କି, ଜି-କଟକ । କନ୍ୟାପିତା କାଗଜଟି ଝିଅଠୁ ନେଇ ଜୋଇଁଙ୍କ ହାତକୁ ବଢ଼ାଇ ଦେଲେ । ବାବୁ ସନ୍ତୁଷ୍ଟ ହେଲେ ହସ୍ତାକ୍ଷର ଓ ନିର୍ଭୁଲ୍ ବନାନ୍ ଦେଖି । ପାଟିରୁ ଅଜାଣତରେ ବାହାରି ପଡ଼ିଲା । ବାଃ ! ବେଶ୍ ପରିଷ୍କାର ଲେଖା ତ ! ରେଖା ଲାଜରେ ଆଉ ଟିକିଏ ତଳକୁ ମୁହଁ ପୋତିଲା ।

ଆଉ କଅଣ କଅଣ ବହି ପଢ଼ିଚ ? ସ୍ୱାମୀ ପଚାରିଲେ ଦ୍ୱିତୀୟ ପ୍ରଶ୍ନ । ସେଇ ଏକାପରି କୋମଳ ଓ ଅନୁଚ୍ଚ ସ୍ୱରରେ । ପୁଣି ପିତାଙ୍କର ପ୍ରରୋଚନା, କହ ମା' କହ !

କପଟପାଶା, ଟୀକା ଗୋବିନ୍ଦଚନ୍ଦ୍ର, ବୈଦେହୀଶ ବିଳାସ...

ଆଚ୍ଛା ବୈଦେହୀଶ ବିଳାସର କୌଣସି ଛାନ୍ଦ ମୁଖସ୍ଥ ଅଛି ? କହିପାରିବ ?

Digitized by srujanika@gmail.com

ରେଖାର କଥାକୁ ମଝିରେ ଭାଙ୍ଗି ପଚାରିବସିଲେ ବାବୁ ।

କହିବ କାହିଁକି ? ଗାଇକି ଶୁଣେଇଦବ ମୋ ଝିଅ । ସୁର୍ କରି ଛାନ୍ଦ ଚଉପଦୀ ସବୁ ଗାଏ ସିଏ । କନ୍ୟା ଅପେକ୍ଷା ପିତାଙ୍କର ଉତ୍ସୁକତା ବେଶୀ । ଜୋଇଁ ଜାଣନ୍ତୁ, ଝିଅ ତାଙ୍କର କିଛି କମ୍ ଗୁଣବତୀ ନୁହେଁ ।

ଅଗତ୍ୟା କିଶୋରୀ ଝିଅଟିକୁ ସୁର୍ କରି ଗୀତଟି ଗାଇବାକୁ ପଡ଼ିଲା । ବିଟପିକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ ହରେ ସୁରବର ତାପ ଚାରୁଧାରା ସେ । କଅଁଳ କଣ୍ଠରେ ଚୋଖ୍ ରାଗଟି ଉତୁରିଥିଲା ବେଶ୍ । ବାବୁ ମନେ ମନେ ଭାବିଲେ ଯାହାହେଉ ଝିଅଟି ସାକ୍ଷର । ପାଠ ପଢ଼ିଛି । ପାଖକୁ ଗଲେ ଅଧିକ ଇଂରାଜୀ ଶିକ୍ଷା ପାଇଁ ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ମହିଳାଙ୍କସହିତ ସେ କଥାବାର୍ତ୍ତା କରି ରଖିଛନ୍ତି । ପତ୍ନୀ ବୁଦ୍ଧିମତୀ । ଚଞ୍ଚଳ ଶିଖିଯିବେ ।

ସଭା ଭଙ୍ଗ ହେଲା ଯା ପରେ । ହରିରାଜପୁର ଗାଁରେ ଏକ ନାହିଁ ନଥିବା କିମ୍ବଦନ୍ତୀ ସୃଷ୍ଟି ହୋଇଗଲା ଚିରଦିନ ପାଇଁ ।

ଯା ପରର ଘଟଣାବଳୀ ଅବଶ୍ୟ ବେଶ୍ ଦୀର୍ଘ । ସଂକ୍ଷେପରେ କହିବାକୁ ଗଲେ ରେଖା ଯଥା ସମୟରେ ପତିଗୃହକୁ ଆସିଥିଲା ଓ ସଂସାରରେ ନିଜ ନିଜର ପାଉଣା ହିସାବରେ ଲେଖାଥିବା ସୁଖଦୁଃଖର ଭାଗୀଦାର ହୋଇ ସନ୍ତାନସନ୍ତତିଙ୍କ ସହିତ ଏକ ସ୍ୱୟଂସଂପୂର୍ଣ୍ଣ ଜୀବନ ବିତାଇଥିଲେ ବାବୁ ଓ ରେଖା ଦିହେଁ । ଚଲାବାଟରେ ଗୋଲାପ ଆସିଥିଲା, କଣ୍ଟା ବି । ନିକଟରେ ସେମାନଙ୍କର ଏକଷଠିତମ ବିବାହ ବାର୍ଷିକୀ ସମ୍ପନ୍ନ ହୋଇଛି । ସେମାନଙ୍କର ଜୀବନକାହାଣୀ ଉପନ୍ୟାସଠୁ ବି ବଳି ରୋମାଞ୍ଚକର ।

କିନ୍ତୁ ମୁଁ ତ ଔପନ୍ୟାସିକ ନୁହେଁ । ମୁଁ କାହାଣୀକାର । ସତ୍ୟ ଘଟଣା ଲେଖିଲେ ବି କାହାଣୀକାରକୁ କେଉଁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ପଡ଼େ । ବର୍ତ୍ତମାନ ପାଇଁ, ତେଣୁ ବାବୁ ଓ ରେଖାଙ୍କର ପ୍ରଥମ ଭେଟରେ ଇ ମୁଁ ମୋର କାହାଣୀର ଉପସଂହାର କଲି ।

ପୁନଶ୍ଚ - କହିବାକୁ ପାଶୋରି ଯାଇଛି ଯେ, ବାବୁ ଓ ରେଖାଙ୍କର ମୁଁ ଜ୍ୟେଷ୍ଠ ସନ୍ତାନ ।

■ ■ ■

ମାର୍ଚ୍ଚ ୧୯୯୮

Digitized by srujanika@gmail.com

# ଡିବିରି ଆଲୁଅ ଓ ବର୍ଷାପାଣି

କିଛିଦିନ ପାଇଁ ଆଦିମ ସଭ୍ୟତାକୁ ଫେରିଯାଇଥିଲୁ । ବିଂଶ ଶତାବ୍ଦୀରେ ବି । ବାଉଁଶ ତାଟିଘେରା ମାଟିଲିପା ଘରେ ରହଣି । ଜାଳିଥିଲୁ ଡିବିରି ଆଲୁଅ ଓ ପିଇଥିଲୁ ବର୍ଷାପାଣି । ସନ ଊଣିଶଶହ ବାସ୍ତରୀ । ସ୍ଥାନ ମିଜୋରାମ୍ ।

ମିଜୋରାମ୍ ରାତାରାତି ଘୋଷିତ ହୋଇଗଲା କେନ୍ଦ୍ରଶାସିତ ଅଞ୍ଚଳରୂପେ । ସେପର୍ଯ୍ୟନ୍ତ ଥିଲା ଆସାମର ଉଗ୍ରବାଦୀ ଅଧ୍ୟୁଷିତ ଏକ ପାହାଡୀ ଜିଲ୍ଲା । ଏକାନ୍ତ ଭାବରେ ଅନୁନ୍ନତ । ସାରା ରାଜ୍ୟରେ ଥିଲା ଉତ୍କଟ ଜଳାଭାବ - ଜଳ ସରବରାହର କୌଣସି ପ୍ରବନ୍ଧ ହିଁ ନଥିଲା । ନଦୀ, ତଡାଗ ବା ନଳକୂପର କୌଣସି ପ୍ରଶ୍ନ ହିଁ ନଥିଲା ପାହାଡ଼ ଉପରେ । ଜଳର ଏକମାତ୍ର ଉତ୍ସ ଥିଲା ବର୍ଷାପାଣି ।

ପ୍ରକୃତି, ସେଠାକାର ଅଧିବାସୀମାନଙ୍କର ଦୁର୍ଦ୍ଦଶା ସହିନପାରି, ଜୀବନଦାୟୀ ପାନୀୟଟିର ବ୍ୟବସ୍ଥା ଅବଶ୍ୟ କରି ଦେଇଥିଲା ଦୟା ପରବଶ ହୋଇ ।  ବର୍ଷା ହେଉଥିଲା ସାରାବର୍ଷ । ଶୀତପ୍ରଧାନ, ବର୍ଷା ବହୁଳ ଦେଶ । ଘରଗୁଡିକର ଛାତ ଥିଲା ଆସ୍‌ବେଷ୍ଟସ୍ ବା ଆଲୁମିନିୟମ୍‌ର ସିଟ୍‌ରେ ତିଆରି । ପ୍ରତ୍ୟେକ ଘରର ଚତୁଃପାର୍ଶ୍ୱରେ, ଆଲୁମିନିୟମ୍ ସିଟ୍ ତଳେତଳେ ଘେର ଦେଇ ବୁଲିଆସୁଥିଲା ଅର୍ଦ୍ଧ ବୃତ୍ତାକାର ଟିଣର ନାଳିଟିଏ - ଟୟତନ୍ । ନାଳିର ଶେଷ ପ୍ରାନ୍ତଟି ଥିଲା ନୁଆଁଣିଆ ଓ ଖୋଲା । ଛାତରୁ ନିଗିଡି ଆସୁଥିବା ସବୁତକ ବର୍ଷାପାଣି ଟୟତନ୍‌ରେ ଏକତ୍ରିତ ହୋଇ ଖୋଲାମୁହଁ ବାଟେ ତଳକୁ ଅଜାଡି ହୋଇ ପଡୁଥିଲା ଗଳ୍‌ଗଳ୍ ହେଇ । ବଡ ବଡ ଡ୍ରମ୍‌ରେ ଲୋକମାନେ ସେ ପାଣି ଏକତ୍ରିତ କରୁଥିଲେ । ଅନେକ ସମୟରେ ଡ୍ରମ ଜାଗାରେ ତିଆରି କରୁଥିଲେ ସିମେଣ୍ଟର ବଡ ବଡ ଚୌବାଚ୍ଚା ମଧ୍ୟ । ସାରାବର୍ଷ - ରନ୍ଧାବଢା, ସ୍ନାନାହାର, ଲୁଗା କଚା ଇତ୍ୟାଦି ସମସ୍ତ ଦୈନନ୍ଦିନ କାମ ହେଉଥିଲା ସେଇ ପାଣିରେ । ପ୍ରଥମେ ପ୍ରଥମେ ବର୍ଷାପାଣି ଜମାଇରଖି ତହିଁରେ ଜୀବନ ନିର୍ବାହ କରିବା ଅଜବ୍ ମନେହୋଇଥିଲା । କିମ୍ଭୂତ୍ ଅସ୍ୱାସ୍ଥ୍ୟକର ମଧ୍ୟ । କିନ୍ତୁ ପରେ ପରେ, ମିଜୋରାମ୍‌ର ଅନ୍ୟ ବାସିନ୍ଦାମାନଙ୍କ ପରି ତାହା ଆମର ବି ଅଭ୍ୟାସରେ ପଡିଯାଇଥିଲା ।

ପାଣି କିନ୍ତୁ ଖର୍ଚ୍ଚ କରୁଥିଲୁ ବିନ୍ଦୁବିନ୍ଦୁ ହିସାବ କରି । ମନରେ ସର୍ବଦା ଭୟ । କେଜାଣି ଆଗାମୀ ଦୁଇଦିନ ଯଦି ବର୍ଷା ନହୁଏ । ବର୍ଷାଋତୁରେ, ପ୍ରାତ୍ୟହିକ ବର୍ଷା ଯୋଗାଇ ଦେଉଥିଲା ଅପର୍ଯ୍ୟାପ୍ତ ପାଣି । କିନ୍ତୁ ଗ୍ରୀଷ୍ମଦିନେ ଦୁଇ ତିନିଦିନ ବର୍ଷା ନହେଲେ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ପାଣି ଥିଲା ସ୍ୱର୍ଣ୍ଣଠାରୁ ମହାର୍ଘ୍ୟ

Digitized by srujanika@gmail.com

ବସ୍ତୁ । ମୋର ଫୁଲଗାମ୍ଲା ପାଇଁ ପରମଯତ୍ନରେ ସାଇତି ରଖୁଥିଲି ଚାଉଳଧୁଆ ଓ ପରିବାଧୁଆ ପାଣି । ପାଣି ନଥିଲାବେଳେ, ସାଧାରଣ ଘରର ମିଜୋ ମହିଳାମାନେ ମାଇଲ୍ ମାଇଲ୍ ପାହାଡୀ ରାସ୍ତା ଓହ୍ଲାଇ, ପାହାଡତଳି ଝରଣାଟିରୁ ପିଠି ପଟେ ଟଙ୍ଗା ହେଇଥିବା ବେତଝୁଡି ଭର୍ତ୍ତି ବାଉଁଶ ଚୁଙ୍ଗାରେ ପାଣି ବୋହି ଆଣୁଥିଲେ ଅପରିସୀମ କଷ୍ଟ ସହି ।

ପିଲାଦିନେ ପାଠ୍ୟପୁସ୍ତକରେ ପଢିଥିଲି 'ଜଳର ଅନ୍ୟନାମ ଜୀବନ' । ତାହା ଯେ ଏଭଳି ଉତ୍କଟଭାବରେ ସତ୍ୟ ତାହା ବୁଝିଥିଲି ମିଜୋରାମରେ । ମିଜୋରାମରେ ତିନିବର୍ଷ ରହିସାରିଲା ପରେ ପାଣିର ଅପଚୟ ସଂପର୍କରେ ସତର୍କତା ଅବଲମ୍ବନ କରିବା ଏକପ୍ରକାର ଅଭ୍ୟାସରେ ପଡିଯାଇଥିଲା । ସେ ଅଭ୍ୟାସ ଏବେ ବି ଘୋଳିହୋଇ ରହିଯାଇଛି ପ୍ରତିଟି ରକ୍ତ କଣିକାରେ, ଅସ୍ଥିରେ ଓ ମଜ୍ଜାରେ । ଏବେ ବି ପାଣିଟୋପେ କେଉଁଠି ନଷ୍ଟହେଲେ ଦେହରୁ ବୁନ୍ଦାଏ ରକ୍ତ ନଷ୍ଟ ହେଲାପରି ଲାଗେ । ଭୁବନେଶ୍ୱରରେ ଆମର ପଡୋଶୀଜଣଙ୍କ, ଅନ୍ୟାନ୍ୟ ବହୁତ ଯତ୍ନହୀନ ନାଗରିକମାନଙ୍କ ପରି ତାଙ୍କ ହାଉଦାରେ ପଡିଥିବା ସରକାରୀ ପାଣିକଳଟିକୁ ସଦାସର୍ବଦା ଖୋଲା ରଖିଥାଆନ୍ତି । କୁଣ୍ଡ ଉଛୁଳି ପାଣି ବହିଯାଏ କଳକଳ ହୋଇ ମୁଖ୍ୟରାସ୍ତା କଡେ କଡେ । ଦୃଶ୍ୟଟି ଦେଖିଲେଇ ବିନୟ ମାନସିକ ସନ୍ତୁଳନ ହରାଇ ବସନ୍ତି ।

ଆମେ ମିଜୋରାମ୍ରେ ପହଞ୍ଚିଲା ବେଳକୁ, ସେଠାରେ ବିଦ୍ୟୁତ୍ ସରବରାହ ମଧ ନଥିଲା କହିଲେ ଚଳେ । ପାହାଡ ଉପରେ ନଦୀ ବହେନି । ତେଣୁ ଜଳବିଦ୍ୟୁତ୍‌ର ଉତ୍ପାଦନ ଥିଲା ଅସମ୍ଭବ । ସାନ ଜେନେରେଟରଟିଏ ଚଳାଇ ରାଜଧାନୀ ଆଇଜଲର କେନ୍ଦ୍ରାଞ୍ଚଳରେ ଥିବା କିୟଦଂଶ ଇଲାକାକୁ ଆଲୋକିତ କରାଯାଉଥିଲା ସନ୍ଧ୍ୟାବେଳେ । ବାକୀ ସମଗ୍ର ସହରଟି ଥିଲା ତମସାମୟ - ଘୋର ଅନ୍ଧକାରରେ ଆଚ୍ଛନ୍ନ । ମଝିରେ ମଝିରେ ଉଗ୍ରପନ୍ଥୀ ମାନଙ୍କର ବୋମାମାଡରେ ପାୱାରହାଉସ୍‌ଟି ବିଧ୍ୱସ୍ତ ହେଉଥିଲା ଓ ତହିଁରେ ଅବସ୍ଥାପିତ ଏକମାତ୍ର ଜେନେରେଟରଟି ତା'ର କାର୍ଯ୍ୟକ୍ଷମତା ହରାଇବସୁଥିଲା ବେଶ୍ କିଛିଦିନଧରି ।

ପୋଲିସ୍ ରିଜର୍ଭ, ଯେଉଁଠାରେ କି ସମଗ୍ର ପୋଲିସ ଫୋର୍ସର ଅବସ୍ଥିତି, ଏବଂ ତାହାର ନିକଟବର୍ତ୍ତୀ ଏକ ସି.ଆର.ପି ବାଟାଲିୟନ୍‌ର ହେଡ୍‌କ୍ୱାର୍ଟର-ଉଭୟ ଥିଲେ ବିଜୁଳିବିହୀନ । ଆମେ ରହୁଥିବା କ୍ୱାର୍ଟରଟି ଥିଲା ରିଜର୍ଭ ହତା ଭିତରେ । ଘରେ ତେଣୁ ବିଜୁଳିବତୀର ପ୍ରବନ୍ଧ ନଥିଲା । ଜୀବନରେ ପ୍ରଥମଥର ପାଇଁ ଡିବିରି ଜାଳିଲି । ପ୍ରଥମଥର ପାଇଁ ଶିଖିଲି ଲଣ୍ଠନରେ କେମିତି ଫିତା ପୂରାଇବାକୁ ହୁଏ । ବର୍ଷ ବର୍ଷ ଧରି ବିଦ୍ୟୁତାଲୋକରେ ଅଭ୍ୟସ୍ତ ହୋଇଯାଇଥିବା ଆଖିକୁ ଦୀପାଲୋକ ମନେହେଲା କିମ୍ଭୂତକିମାକାର ।

Digitized by srujanika@gmail.com

ମନେଅଛି, ରାତିଆଗରୁ ରନ୍ଧାବଢ଼ା ସାରିଦେଇ ଲଣ୍ଠନଟି ଜଳାଇ ସାନପୁଅଟିକୁ ପାଠପଢାଏ - ଇଂରାଜୀ ଫିଗର୍ସ ଅଫ୍ ସ୍ପିଚ୍ ଓ ଦଶମିକ ହରଣ ଗୁଣନ । ବିନୟ ପାଖରେ ବସି ଇଂରାଜୀଗପ ବହି ବଢ଼ନ୍ତି ସେଇ ସ୍ତିମିତ ମ୍ଳାନ ଆଲୋକରେ । ଚାରିପଟ ପାହାଡଶ୍ରେଣୀ ଓ ବଣବୁଦା ଘେରି ଦିଗ୍‌ଦିଗନ୍ତବ୍ୟାପୀ ବହଳିଆ ଆଲ୍‌କାତ୍ରାପରି ନିଃସ୍ପନ୍ଦ, ନିଛିଦ୍ର ଅନ୍ଧକାର । ରାତି ଆଠଟାପରେ ସହରଟିରେ କର୍ଫ୍ୟୁ ଥିଲା । ସହରଟି ହୋଇଯାଇଥିଲା ସଂପୂର୍ଣ୍ଣ ରୂପେ କୋଳାହଳ ତଥା ଯାନବାହନ ଶୂନ୍ୟ । ସଂପୂର୍ଣ୍ଣ ରୂପେ ନୀରବ ଓ ନିଥର, ଖାଲି ଯାହା ମଝିରେ ମଝିରେ ସେ ନୀରବତା ଭଗ୍ନ ହେଉଥିଲା ଏମ୍.ଏନ୍.ଏଫ୍. ଗରିଲାମାନଙ୍କର ଅତର୍କିତ ଆକ୍ରମଣରୁ ରକ୍ଷାକରିବା ପାଇଁ ଘର ସାମ୍‌ନାରେ ଓ ପଛରେ ମୁତୟନ କରାଯାଇଥିବା ବାୟୋନେଟ୍‌ଧାରୀ ସେଣ୍ଟ୍ରି ଦୁଇଜଣଙ୍କ ମଚ୍‌ମଚ୍ ବୁଟ୍‌ଜୋତାର ଆୱାଜରେ । ଏକରକମ ଆଦିମ ଅତିଭୌତିକ ପରିବେଶ । ବେଳେବେଳେ ମନେ ହେଉଥିଲା ମୁଁ ଏବେ କେଉଁଠି ଅଛି ? ଭାରତବର୍ଷରେ ଏକ ସହରରେ ? ବିଂଶ ଶତାବ୍ଦୀରେ ?

ଆଇଜଲ୍‌ରେ ରହିବାର ଆଠଦଶମାସ ଉତାରୁ ଅଚାନକ୍ ସନ୍ଧ୍ୟାବେଳେ ଦୁଇଘଣ୍ଟା ପାଇଁ ଇଲେକ୍‌ଟ୍ରିସିଟି ପାଇ ଯାଇଥିଲୁ - ଶ୍ରୀ ନାରାୟଣ ରାଓଙ୍କର ସୃହଦୟତାରୁ । ଶ୍ରୀ ରାଓ ଥିଲେ ମିଜୋରାମ୍‌ରେ କାର୍ଯ୍ୟରତ ଗୋଟିଏ ସି. ଆର. ପି ବାଟାଲିୟାନ୍‌ର କମାଣ୍ଡାଣ୍ଟ୍ । ବିନୟଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା ଠିକ୍ ଆମେ ଯିବା ପରେ ପରେ । ଆରେଷ୍ଟ ହୋଇଥିବା ଦୁଇଜଣ ଉଗ୍ରପନ୍ଥୀ ସି.ଆର.ପି. କ୍ୟାମ୍ପରେ ଅଟକ ବନ୍ଦୀ ଥିବା ସମୟରେ, ହାତକଡି ପଡିଥିବା ସତ୍ତ୍ୱେ ସି.ଆର.ପି. ଜଗୁଆଳିଙ୍କ ଆଖିରେ ଧୂଳିଦେଇ କୌଣସିମତେ ଖସି ପଳାଇଥିଲେ ଓ ଉକ୍ତ ଘଟଣାଟର ଇନ୍‌କ୍ୱାରୀର ଭାର ପଡିଥିଲା ବିନୟଙ୍କ ଉପରେ । ଇନ୍‌କ୍ୱାରୀ ସତ୍ତ୍ୱେ ବିନୟଙ୍କ ସହିତ ଶ୍ରୀ ରାଓଙ୍କର ହୃଦ୍ୟତା ଓ ବନ୍ଧୁତ୍ୱରେ କିଛି ଫରକ୍ ପଡ଼ିନଥିଲା । ବଂର କାଳକ୍ରମେ ଆମ ପରିବାର ସହିତ ସଖ୍ୟ ଓ ସଂପର୍କ କିଛିଟା ପ୍ରଗାଢ଼ ହୋଇଥିଲା । ଶ୍ରୀ ରାଓ ମୋ ଘରକୁ ଆସୁଥିଲେ ମୋ ହାତତିଆରି ଗୋଟିଏ ନିର୍ଦ୍ଦିଷ୍ଟ ଜଳଖିଆ ଖାଇବାପାଇଁ । ଚୂଡାଭଜା । ଗରମ ତେଲରେ ଚୂଡ଼ାକୁ ଛାଣି ଦେଉଥିଲି । ମୁସ୍‌ମୁସିଆ ଟକ୍‌କା ଚୂଡାଚଣା ଭାରି ପ୍ରିୟ ଥିଲା ଶ୍ରୀରାଓଙ୍କର । ଶ୍ରୀ ରାଓ, ଆମ ଘରଠାରୁ ଅନ୍ୟୂନ ଦୂରରେ ଥିବା ତାଙ୍କ ଅଫିସ ପାଇଁ ଜେନେରେଟେର୍‌ଟିଏ କିଣିବା ପରେ ଆମ ଘରପର୍ଯ୍ୟନ୍ତ ତାର ଟାଣି ରାତିରେ ଦୁଇଘଣ୍ଟାପାଇଁ ଆମକୁ ବିଜୁଳି ସରବରାହ କରିଥିଲେ । ପ୍ରାୟ ବର୍ଷଟିଏ ଅନ୍ଧକାରରେ ନିମଗ୍ନ ହୋଇ ରହି ସାରିବାପରେ, ପ୍ରଥମେ ଯେଉଁଦିନ ମିଞ୍ଜି ମିଞ୍ଜି ହୋଇ ଦୁଇଟି ଇଲେକ୍‌ଟ୍ରିକ୍ ବଲବ୍ ଜଳିଲା, ସେଦିନ ମନେହେଲା ସ୍ୱର୍ଗର ଅବସ୍ଥିତି ସେଇଠି, ଯେଉଁଠି କେବଳ ବଜୁଳିବତୀ ଜଳେ ।

Digitized by srujanika@gmail.com

ଉଣିଶଶହ ବାସ୍ତରୀ ମସିହାରେ, ୟୁନିୟନ ଟେରିଟରୀ ରୂପେ ଘୋଷିତ ହେଇଥିବା ନବଗଠିତ ମିଜୋରାମ୍‌ରେ ଉଚ୍ଚପଦସ୍ଥ ଅଫିସରମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା ବିଶେଷ ଭାବେ - ପ୍ରତ୍ୟେକ ବିଭାଗରେ । ଦିଲ୍ଲୀରୁ ସର୍ବଭାରତୀୟ ସେବାର ଅନେକ ଅଫିସର ଯାଇ କାର୍ଯ୍ୟଭାର ସମ୍ଭାଳିଥିଲେ । ସଭିଙ୍କ ପାଇଁ ବାସଗୃହ କିନ୍ତୁ ପର୍ଯ୍ୟାପ୍ତ ପରିମାଣରେ ନଥିଲା । ନିର୍ମାଣ କରିବାକୁ ବି ସମୟ ଦରକାର । ଯିଏ ଯେଉଁଠି ପାଇଲେ, କୌଣସିମତେ ରହିଯାଇଥିଲେ ।

ପୂର୍ବରୁ ଥିବା କଲେକ୍ଟରଙ୍କ କ୍ୱାର୍ଟରଟି ରୂପାନ୍ତରିତ ହୋଇଥିଲା ରାଜଭବନରେ । ଠିକ୍ ତା' ପାଖରେ, ପାହାଡକାଟି ତିଆରି ହୋଇଥିବା ଏକ ସାନ ଗେଷ୍ଟହାଉସ୍‌ରେ ପ୍ରଥମେ ଯାଇ ଉଠିଥିଲୁ । ସାଧାରଣ ମାପର ଦୁଇଟି ମାତ୍ର ବଖରା । ସ୍ନାନାଗାର ଓ ରୋଷେଇଶାଳର ବାଡ ବାଉଁଶଚାଞ୍ଚରାରେ ତିଆରି । ରୋଷେଇଘରର ଚଟାଣ ଥିଲା ମାଟିର । ରାଜଭବନର ସମୀପବର୍ତ୍ତୀ ହୋଇଥିବାରୁ ବିଜୁଳିଆଲୁଅର ଅବଶ୍ୟ ପ୍ରବନ୍ଧ ଥିଲା । ସେ ଘର କିନ୍ତୁ ଛାଡିବାକୁ ବାଧ ହେଇଥିଲୁ ଅତିଶୀଘ୍ର ।

ଦିନେ ମୁଁ ସ୍ନାନ କରୁଥିବା ସମୟରେ ପାଖକୁ ଲାଗିରହିଥିବା ପାହାଡପାଚେରୀର କିୟଦଂଶ ଧସି ଗାଧୁଆଘର ଉପରେ ଅଜାଡ଼ି ହୋଇ ପଡ଼ିଲା । ବାଉଁଶଚାଟିର ବାଡଟି ଭାଙ୍ଗିଯାଇଥିଲା ଓ ଘରଟି ନିମଗ୍ନ ହୋଇଥିଲା ମୃତ୍ତିକା ଓ ସାନବଡ ଉପଳଖଣ୍ଡ ତଳେ । ମୁଁ ମଧ କିଛିପରିମାଣରେ ମାଟିରେ ପୋତି ହେଇଯାଇଥିଲି ଯଦିଓ ଭାଗ୍ୟବଶତଃ ମୋର ବିଶେଷ କିଛି କ୍ଷତି ହୋଇନଥିଲା । ବିନୟ ଥିଲେ ଅଫିସ୍‌ରେ । ମତେ ମାଟିତଳେ ପୋତି ହୋଇଯିବାର ଦେଖି ମୋ ସାନପୁଅଟି ଭୟଭୀତ ହେଇ ଚିତ୍କାରକରି କାନ୍ଦିବାକୁ ଲାଗିଥିଲା । ପରେ ଏକାଧିକ ପୋଲିସ କନ୍‌ଷ୍ଟେବ୍‌ଲ ଆସି, ବେଲ୍‌ଚାରେ ମାଟି ଉଠାଇ ମତେ ମୁକ୍ତ କରାଇଥିଲେ ।

ଯା'ପରେ ମୁଖ୍ୟସହରଠାରୁ ସାମାନ୍ୟ ଦୂରରେ, ପୋଲିସ ରିଜର୍ଭ ହତାଭିତରେ ଥିବା ଅନ୍ୟ ଏକ ଘରକୁ ଆମେ ଉଠିଯାଇଥିଲୁ । ସେ ସ୍ଥାନରେ ବିଜୁଳି ନଥିଲା । ଘରଟି ବି ଥିଲା ସାନ - ସବ୍‌ଇନ୍‌ସପେକ୍ଟର କ୍ୱାର୍ଟରଟିଏ । ରୋଷେଇଘରର ଓ ଅନ୍ୟଗୋଟିଏ ବଖରାର ଚଟାଣ ଥିଲା ମାଟିର । କିନ୍ତୁ ଘରଟିର ଅବସ୍ଥିତି ଥିଲା ଏକ ଚମତ୍କାର ଜାଗାରେ । ଘର ବାହାରକୁ ଆସି ଦଣ୍ଡେ ଠିଆ ହୋଇପଡିଲେ, ମନ ହୋଇଯାଉଥିଲା କାର୍ପାସ ତୁଳାପରି ଫୁର୍‌ଫୁର୍, ହାଲୁକା ।

ଘରଟି ଥିଲା ଗୋଟିଏ ପାହାଡର ଶୀର୍ଷଦେଶରେ । ଘର ଚାରିପଟେ ପାହାଡ କଟାହୋଇ କିଛିଟା ଖୋଲା ଜମି । ସେ ଜମି ଚାରିପଟେ ଆଣ୍ଠିଏ ଉଞ୍ଚ ବାଉଁଶର ବାଡ-ଗୋଡ ଖସି ତଳକୁ ନ ପଡିବା ପାଇଁ । ଘରପିଣ୍ଡାରେ ଠିଆହୋଇ ଦୂରକୁ ଚାହିଁଲେ

Digitized by srujanika@gmail.com

ଦିଶୁଥିଲା ପାହାଡର ସରସ ସବୁଜାଭ ଢ଼ାଲୁଜମି । ସେ ଢ଼ାଲୁଜମିରେ ଠିକ୍ ଆମ ଘରପାଖକୁ ଲାଗି ବଣୁଆ କଦଳୀର ଘଞ୍ଚ ବୁଦାସବୁ । ଆଉ ଗୋଟିଏ ପଟେ ଜନୈକା ମିଜୋମହିଳାଙ୍କର ସ୍ୱାସ୍ଥ୍ୟବାନ୍ କନ୍ଦମୂଳର କ୍ଷେତ । ପାହାଡକୁ ପାହାଚ ପାହଚ କରି କାଟି ଧାଡି ଧାଡି କରି ରୋପଣ କରିଥିଲେ କନ୍ଦମୂଳ । ସେ କନ୍ଦର ଲତାସବୁ ସାପପରି ଲେପ୍‌ଟି ରହିଥିଲେ ପାହାଡଛାତିରେ । କେବେ କେମିତି ଫଣା ଦୋହଲାଉଥିଲେ ପବନରେ । ଘରର ଠିକ୍ ଡାହାଣପଟକୁ ଲାଗି ଗୋଟିଏ ମିଜୋ କନଷ୍ଟେବ୍‌ଲ୍‌ର ମଞ୍ଚାଉପରେ ତିଆରି ବଖୁରିଏ ବାଉଁଶର ଘର । ମଞ୍ଚାତଳେ ଘୁଷୁରି ଓ କୁକୁଡା ଆଉ ମଞ୍ଚାଉପରେ ପତିପତ୍ନୀ ଓ ତାଙ୍କର ଦେବଶିଶୁତୁଲ୍ୟ ସନ୍ତାନ ଦୁଇଟି । ଶିଶୁକନ୍ୟାଟିକୁ ପିଠିପଟେ ଗାମୁଛାରେ ବାନ୍ଧି ମହିଳାଟି ସାରାଦିନ କାମକରେ । କୁନିଛୁଆଟି ଜମା କାନ୍ଦେନି । ଟାର୍ଯ୍ୟକ୍‌ଚିରା ସରୁ ସରୁ ଆଖିଦୁଇଟିରେ ଜୁଳୁଜୁଳୁ କରି ଅନାଇଁ ସତେ ଅବା ଚାହାଣୀରେ ଚାଖିନିଏ ଚାରିପଟର ସବୁଜ ସୁଷମାର ସ୍ୱାଦ । ତିନିବର୍ଷର ଚପଳପୁତ୍ରଟି ମନକୁମନ ପାହାଡଧାରରେ ବସି ଖେଳୁଥାଏ । ପାହାଡ ଚଢେ ଆଉ ଓହ୍ଲାଏ, ଚଢେ ଆଉ ଓହ୍ଲାଏ - ଅକ୍ଳେଶରେ ଓ ତର୍‌ତର୍ ହୋଇ । ଆଉ ମୁଁ ଆଶ୍ଚର୍ଯ୍ୟ ହୋଇ ଦେଖେ ଯେ ଭୁଲ୍‌ରେ ଥରଟିଏ ବି ସିଏ ତାର ଭାରସାମ୍ୟ ହରାଏନି, ଗୋଡ଼ଖସି ପଡିଯାଏନି ପାହାଡ ତଳକୁ ।

ଆମ ଘରଟି ଯେଉଁ ପାହାଡ଼ଉପରେ ଥିଲା, ସେ ପାହାଡଟି ଥିଲା ବେଶ୍ ଉଞ୍ଚା । ନିମ୍ନକୁ ଗଡିଯାଇଥିଲା ମାଇଲ୍ ମାଇଲ୍ ଧରି । ତଳେ-ଅନେକ ତଳେ, ପାହାଡତଳ ଶୀର୍ଣ୍ଣ ଉପତ୍ୟକାଟିରେ ପଲ୍ଲୀବଧୂ ନିତମ୍ବର ସରୁ ରୂପା ଅଣ୍ଟାସୂତାପରି ଲହରେଇ ଲହରେଇ ବହିଯାଉଥିଲା ରୂପେଲୀ ଝରଣାଟିଏ । କେବେ କେମିତି ଘରେ ପାଣିର ଅଭାବ ହେଲେ ଆବଡାଖାବଡା ଜଙ୍ଗଲୀରାସ୍ତାରେ ଜିପ୍‌ଗାଡି ଚଲାଇ ଆମେ ସେ ଝରଣାକୁ ସ୍ନାନ କରିବାପାଇଁ ଓ ଲୁଗା କାଚିବାପାଇଁ ଯାଉଥିଲୁ । ସ୍ଫଟିକପରି ଥିଲା ତାର ଜଳ ସ୍ରୋତ । କୁନି କୁନି ଚଗଲା ଢ଼େଉଉପରେ ସୂର୍ଯ୍ୟ କିରଣ ପଡି ସୃଷ୍ଟି କରୁଥିଲା ଅଗଣନ ଚିକ୍‌ମିକ୍ ତାରାପୁଞ୍ଜ ।

ବର୍ଷାଋତୁରେ, ପାହାଡରୁ ନିଗିଡିଯାଉଥିବା ଅମୃତପିଇ଼ ଶୀର୍ଣ୍ଣକାୟା କିଶୋରୀ ଝରଣାଟି ଅଚାନକ୍ ହେଇଉଠୁଥିଲା ରସବତୀ ଓ ଯୌବନବତୀ । ଗେରୁଆ ରଂଗର ପାଟଶାଢ଼ୀ ପିନ୍ଧି ହୋଇଯାଉଥିଲା ଆଉ ଟିକିଏ ବେଶୀ ଉଶୃଙ୍ଖଳ, ବେଶୀ ପାଗ୍‌ଳି । ଗୀତ ଗାଉଥିଲା ବେଶ୍ ଜୋର୍‌ରେ । ସେ ଗୀତର କଳକଳ ନିନାଦ ଦମ୍‌କାପବନରେ ଭାସି ଠିକ୍ ପହଞ୍ଚି ଯାଉଥିଲା ଆମଘରେ ।

ପାହାଡତଳୁ ଆମ ଘରଆଡକୁ ଅନବରତ ପବନ ବହୁଥିଲା । ସେ ପବନ ଥିଲା ଭାରି ଦୁଷ୍ଟ । ତା’ ଦୁଷ୍ଟାମି ଭୟରେ ମୁଁ ଅଗଣାକୁ ବାହାରୁନଥିଲି । ବାହାରିଲେ

Digitized by srujanika@gmail.com

ଇ ସିଏ ଅସ୍ତବ୍ୟସ୍ତ କରିଦେଉଥିଲା ପଣତକାନି, ହୁଗୁଳାଇ ଦେଉଥିଲା କବରୀ । ସେ ପବନ ବେଳେବେଳେ ହୋଇଯାଉଥିଲା ବେଶ୍ ଉଗ୍ର ଓ ହିଂସ୍ର ମଧ, ତା' ପରାକ୍ରମ ଆଗରେ ନତଜାନୁ ହୋଇଯାଉଥିଲେ ତା' ଗତିପଥରେ ଠିଆ ହେଉଥିବା ସତେଜ ଓ ସୁକୁମାରୀ ଗଛସବୁ । ସେ ପବନ ପ୍ରଚଣ୍ଡ ବେଗରେ ପଳାଣି ଆସୁଥିଲା ଆମ ଘର ଆଡେ । ଏତେ ତୀବ୍ର ତାର ଗତିଥିଲା ଯେ ମନେ ହେଉଥିଲା ସତେ ଅବା ତାର ଶକ୍ତସମର୍ଥ ବାହୁ ଦୁଇଟିରେ ଅକ୍ଲେଶରେ ଆମ ହାଲୁକା କାଠଘରଟି ମାଟିରୁ ଉଠାଇ ଓ ନିଜ ପାପୁଲିରେ ରଖି ଉଡିଚାଲିଯିବ ସିଏ ଆକାଶପଥରେ ।

ଠିକ୍ ଆମଘର ସାମ୍ନାରେ ସମାନ୍ତରାଳ ଭାବରେ ଲମ୍ବିଯାଇଥିଲା ଆଉ ଗୋଟିଏ ପର୍ବତଶ୍ରେଣୀ । ତା'ର ଶେଷ ଭାଗରେ ଥିଲା ସିମେଟ୍ରି ବା କବରସ୍ଥାନ । କବର ଉପରେ ସାନସାନ ବେଦୀସବୁ । ବେଦୀଉପରେ କ୍ରୁଶଚିହ୍ନ । ପାହାଡର ବାକୀ ଅଂଶରେ କାଠରେ ତିଆରି ଛବିପରି ଘରସବୁ । ଦୂରରୁ ଦିଶୁଥିଲା ମନୋରମ ଏକ ପେଣ୍ଟିଂ ପରି । ଆମେ ମିଜୋରାମ୍‌ରେ ପହଞ୍ଚିବାର କିଛିଦିନ ପରେ, ମୋର ଆମେରିକାବାସୀ ଦିଅର ଭାରତ ଭ୍ରମଣରେ ଆସି ହଠାତ୍ ଦିନେ ହାଜିର୍ ହେଲେ ଆଇଜଲ୍‌ରେ । ପହଞ୍ଚିଲେ ଶ୍ରାବଣସନ୍ଧ୍ୟାର ଝମ୍‌ଝମ୍ ବର୍ଷଣ ଭିତରେ । ଡ୍ରମ୍‌ରେ ଜମା ହୋଇଥିବା ବର୍ଷାପାଣିରେ ମୋତେ ଭାତରାନ୍ଧୁଥିବାର ଦେଖି ଆଚମ୍ବିତ ହେଲେ, ସ୍ୱାସ୍ଥ୍ୟ ସଂପର୍କରେ କିଛିଟା ଉଦ୍‌ବିଗ୍ନ ବି । ଲଣ୍ଡଣ ଆଲୁଅରେ ବେଶ୍ କିଛିଥର ଦୁଆରବନ୍ଧ ଝୁଣ୍ଟିଲେ ଓ ସ୍ଥାନଟିକୁ ଇଂରାଜୀରେ ଅଭିଶମ୍ପାତ ଦେଲେ । କିନ୍ତୁ ସକାଳୁ ଉଠି ସୁସ୍ନାତା ପର୍ବତକନ୍ୟା ଆଇଜଲ୍‌କୁ ଦେଖି ସବୁ କ୍ଲେଶ ଭୁଲି ଚମତ୍କାର ହସ ହସି କହି ଉଠିଲେ ''ବାଃ ! ଠିକ୍ ହଲିଉଡ୍ ପରି ଲାଗୁଛି'' ।

■ ■ ■

ଏପ୍ରିଲ୍ ୧୯୯୯

Digitized by srujanika@gmail.com

# କାହାଣୀ ନୁହେଁ

ଆଲୋକ ଥିଲା ଦିଲ୍ଲୀ ପୋଲିସ୍‌ରେ ଡି.ଏସ୍.ପି. । ସଦ୍ୟ ଯୋଗ ଦେଇଥିଲା ଚାକିରିରେ । ଉଚ୍ଚ କପାଳ, ହାଡୁଆ ମୁହଁ ଓ ବିରଳକେଶ ବିଶିଷ୍ଟ ଶୀର୍ଣ୍ଣ, କୃଷ୍ଣକାୟ ଯୁବକଟିଏ । କଥା କହୁଥିଲା ତଳକୁ ଅନାଇଁ । ମୁହଁଟି ଥିଲା ବିଷନ୍ନ ଓ ଉଦାସିଆ । ସତେ ଅବା ଡକାୟତମାନେ କାଲିରାତିରେ ତା' ଘରେ ପଶି ତାକୁ ସର୍ବସ୍ୱାନ୍ତ କରିଯାଇଛନ୍ତି । ଆଲୋକ ସହିତ ପରିଚୟ ଥିଲା ଯତ୍‌ସାମାନ୍ୟ । ଆମେ ରହୁଥିବା ନିଉ ପୋଲିସ୍ ଲାଇନ୍ ହତା ଭିତରେ ସାନ୍ଧ୍ୟ ଭ୍ରମଣ କଲାବେଳେ ଥରଟେ ଦେଖା ହୋଇଥିଲା । ବିଜୟ ଚିହ୍ନା କରାଇ ଦେଇଥିଲେ ଓଡ଼ିଆ ବୋଲି । ବାସ୍, ସେତିକି ।

କେଇ ମାସ ପରେ । ଶୀତଦିନ । ସକାଳେ ବସି ବ୍ରେକ୍‌ଫାଷ୍ଟ ଖାଉଛୁ । ଅଚାନକ୍ ଆଲୋକ ଆସି ହାଜର । ବସ୍ତୁତଃ ଆମ ଘରେ ସେ ଦିନ ଥିଲା ତା'ର ପ୍ରଥମ ପଦାର୍ପଣ । ଆମ ସହିତ ଜଳଯୋଗ କରିବାର ନିମନ୍ତ୍ରଣକୁ ନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରି ଅନେକ ସମୟ ଚୁପ୍‌ଚାପ୍ ବସିରହିଲା ଆଲୋକ । କଥା କହିଲା ସେତିକିବେଳେ ଯେତେବେଳେ ଜଳଖିଆ ପର୍ବ ସମାପନ କରି ବିନୟ ଅଫିସ୍ ଯିବାକୁ ଉଦ୍ୟତ ହେଲେ ।

'ସାର । ଆପଣଙ୍କ ପାଖରେ ଟିକିଏ କାମ ଥିଲା । ମୋ'ର ନିଜର ତ ଏଠି କେହି ନାହାନ୍ତି ।' ଆଲୋକ ଗୁହାରି କଲା ବେଶ୍ ଅନୁନୟ ଭଙ୍ଗୀରେ-ମୁହଁରେ ଅପର୍ଯ୍ୟାପ୍ତ ପରିମାଣରେ ଉଦ୍‌ବିଗ୍ନତାର ପ୍ରଲେପ ବୋଳି ।

ବିନୟ ଯାହା ଚୌକୀରୁ ଉଠୁଥିଲେ, ବସି ପଡିଲେ । ପ୍ରବୋଧନା ଦେଇ କହିଲେ, ଆହା କ'ଣ ଅସୁବିଧା କହତ ଆଗେ ! ଆଉ ତା'ପରେ ଡ଼ାଇନିଂ ଟେବୁଲ ପାଖରେ ବସି, ନିମ୍ନଦୃଷ୍ଟିରେ ଟଟାଣଆଡକୁ ଚାହିଁ, ଥରଥର କଣ୍ଠରେ ଆଲୋକ ତା'ର ଯେଉଁ ପ୍ରେମ ଉପନ୍ୟାସଟି ବର୍ଣ୍ଣନା କଲା, ତାହା ଥିଲା ଆମପାଇଁ ରୀତିମତ୍ ଚମକପ୍ରଦ । ବ୍ୟକ୍ତିତ୍ୱହୀନ ବୋଲି ଭାବୁଥିବା ଯୁବକଟିର ବିରସବଦନ ପ୍ରଚ୍ଛଦପଟରେ ଯେ ଏଭଳି ଏକ ରୋମାଞ୍ଚକର କାହାଣୀ ଛପି ଥାଇପାରେ, ଉପରକୁ ନୀରସ ଓ ନିଥର ମନେହେଉଥିବା ଗୋଟିଏ ଅନ୍ତରତଳେ ଯେ ପ୍ରୀତିର ଏଭଳି ଉତ୍ତାଳ ତରଙ୍ଗମାଳା ଫଣା ଟେକିପାରେ, ତାହାର ଆବିଷ୍କାର ଆମପାଇଁ ଥିଲା ଉଭୟ ବିସ୍ମୟକର ଓ ଅବିଶ୍ୱସନୀୟ ।

କାହାଣୀଟିର ଆରମ୍ଭ ବେଶ୍ କେଇ ବର୍ଷ ଆଗରୁ-ଆଲୋକ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢିଲା ବେଳକୁ । ଚିହ୍ନାପରିଚୟ ହୋଇଥିଲା ସହପାଠିନୀ

Digitized by srujanika@gmail.com

ଅନୀତା ସହିତ। ଚିହ୍ନାପରିଚୟରୁ ଘନିଷ୍ଠତା ଓ ପ୍ରେମ। କଲେଜ ଲନ୍‌ରେ ଏକାଠି ବସି ଚିନାବାଦାମ୍ ଓ ପପ୍‌କର୍ଣ୍ଣ ଖାଉଖାଉ ଦିହେଁ ଦିହିଁଙ୍କୁ ସନ୍ତର୍ପଣରେ ଛୁଇଁଥିଲେ। ଅଙ୍ଗୀକାରବଦ୍ଧ ହୋଇଥିଲେ ବିବାହ ବନ୍ଧନରେ ବାନ୍ଧି ହେବାପାଇଁ। କଳ୍ପନାର ମୟୂରପଙ୍ଖୀ ବୋଇତରେ ଭାସି ଭାସି ଭବିଷ୍ୟତ ଜୀବନପାଇଁ ଅନେକ ସୁନେଲୀ ସ୍ୱପ୍ନ ବି ଆଙ୍କି ସାରିଥିଲେ ଦିହେଁ।

ଏମ୍.ଏ. ପାଠ ସରିଗଲାପରେ ଦୁଇଜଣଯାକଙ୍କର ଦେଖା ସାକ୍ଷାତ୍ ସମ୍ଭବ ନଥିଲା। ବୁଦ୍ଧି ଥିଲେ ଉପାୟ ବଳେବଳେ ଆସେ। ଦିହେଁ ଗୋଟିଏ ସର୍ବ ସାଧାରଣ ଲାଇବ୍ରେରୀର ସଦସ୍ୟ ହୋଇଗଲେ। ବହି ନେବା ବାହାନାରେ ସପ୍ତାହରେ ଥରେ ଦି'ଥର ଅନୀତା ବାହାରି ଆସୁଥିଲା ଘରୁ। ଭେଟ ହେଉଥିଲା ଆଲୋକ ସହିତ ଲାଇବ୍ରେରୀ ସାମ୍ନାରେ। ପ୍ରଣୟ ରସ ବି ସମୟର କଡ଼େଇରେ ଆଉଟି ହୋଇ କାଳକ୍ରମେ ହୋଇଯାଇଥିଲା ଆଉ ଟିକିଏ ଗାଢ଼ ଓ ଗୋଲାପି।

କିନ୍ତୁ ପ୍ରତିବନ୍ଧକ ଆସିଲା ଅନୀତା ଘରୁ। ଅନୀତା ପିତା-ଶ୍ରୀଯୁକ୍ତ ଶର୍ମା ଥିଲେ ଉତ୍ତରପ୍ରଦେଶର କୁଳୀନ ବ୍ରାହ୍ମଣ। ବ୍ରାହ୍ମଣତ୍ୱକୁ ଏକ ଜାଜ୍ୱଲ୍ୟମାନ ମୁକୁଟ ସଦୃଶ ଧାରଣ କରିଥିଲେ ମସ୍ତକରେ। ଆଲୋକ ପରି ଅବ୍ରାହ୍ମଣର ଛାୟା ପଡ଼ିଲେ ସେ ମୁକୁଟର ଜ୍ୟୋତି ମସୀବର୍ଣ୍ଣ ଧାରଣ କରିବାର ଭୟ ଥିଲା।ସ୍ୱଭାବତଃ ଜ୍ୟେଷ୍ଠାକନ୍ୟା ଦ୍ୱାରା ନିର୍ବାଚିତ ତଥାକଥିତ ନିମ୍ନଜାତିର ପାତ୍ର ପ୍ରତି ଥିଲେ ବିମୁଖ ଏବଂ ଆଲୋକ ମଧ୍ୟପ୍ରଦେଶରେ ଏକ ଟ୍ରେନିଂରେ ବ୍ୟସ୍ତ ଥିବା ସମୟରେ ଜବରଦସ୍ତି ଏକ ବ୍ରାହ୍ମଣ ସେଲ୍‌ସ୍‌ଟାକ୍ସ ଅଫିସର ସହିତ 'ସଗାଇ' ବା ନିର୍ବନ୍ଧ କରିଦେଇଥିଲେ କନ୍ୟାର।

ନିର୍ବନ୍ଧ ପରେପରେ ଅନୀତା ସମସ୍ତ ବିବରଣୀ ଜଣାଇ ଆଲୋକକୁ ପତ୍ର ଲେଖିଥିଲା ଓ ଚିଠି ପାଇ ଛୁଟି ନେଇ ଆଲୋକ ତତ୍‌କ୍ଷଣାତ୍ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା।ପହଞ୍ଚିଥିଲା ସେହିଦିନ ସକାଳେ। ଗୃହବନ୍ଦୀ ହୋଇ ଅସମ୍ଭବ କଟକଣା ଭିତରେ ରହିଥିବା ପ୍ରେମିକା ସହିତ ସାକ୍ଷାତ ବା ଆଳାପ ଥିଲା ଅସଂମ୍ଭବ। କିଂକର୍ତ୍ତବ୍ୟବିମୂଢ଼ ହୋଇ ଶେଷ ପର୍ଯ୍ୟନ୍ତ ଦୌଡ଼ିକି ଆସିଥିଲା ବିନୟଙ୍କ ପାଖକୁ।

କାହାଣୀଟି ଅସମଞ୍ଜସ ଭାବରେ, କିଛିଟା ଅଶ୍ଳୀଳ ଆବେଦନ ନେଇ ସବିସ୍ତାରେ ବର୍ଣ୍ଣନା କଲା ଆଲୋକ। ତା'ର ବିଚିତ୍ର ଭାବଭଙ୍ଗୀ ତଥା ଆମ ସହିତ ଜଳଯୋଗ କରୁଥିବା ମୋ'ର କିଶୋର ପୁତ୍ରଟି ସାମ୍ନାରେ ତା'ର ଭାବାବେଗର ଉଚ୍ଛ୍ୱାସ ମୋତେ କିଞ୍ଚିତ୍ ନାଟକୀୟ ମନେ ହେଲା। କିନ୍ତୁ ଏହା ମଧ୍ୟ ହୃଦୟଙ୍ଗମ କଲି ଯେ ଆଲୋକର ଭଲ ପାଇବା ଥିଲା ନିରୁତା ଓ ଖାଣ୍ଟି।

ବିନୟ ତାଙ୍କର ଚିରାଚରିତ ସ୍ନେହଶୀଳ ଭଙ୍ଗୀରେ ଆଲୋକର ପିଠି ଥାପୁଡାଇ ପ୍ରବୋଧନା ଦେଲେ। ବୟୋଜ୍ୟେଷ୍ଠ ଭାବରେ ଯଥାସାଧ୍ୟ ସାହାଯ୍ୟ କରବାର ପ୍ରତିଶ୍ରୁତି

Digitized by srujanika@gmail.com

ବି । ରେଳ ବିଭାଗରେ ଚାକିରି କରୁଥିବା ଅନୀତାର ପିତାଙ୍କ ସହିତ ଟେଲିଫୋନ୍‌ରେ ଆଳାପ କରିଥିଲେ ଓ ଆମର ପାରିବାରିକ ବନ୍ଧୁ ଲକ୍ଷ୍ମୀନାରାୟଣକୁ ସ୍ୱ ପ୍ରତିନିଧି ସ୍ୱରୂପ ଶ୍ରୀ ଶର୍ମାଙ୍କ ଘରକୁ ପଠାଇଥିଲେ ବିଷଦ ଭାବରେ କଥାବାର୍ତ୍ତା କରିବାପାଇଁ । ଲକ୍ଷ୍ମୀନାରାୟଣ ଥିଲା ମୋର କଲେଜ ପଢୁଆ ବନ୍ଧୁ ଓ ବିନୟଙ୍କର କନିଷ୍ଠ ଭ୍ରାତାବତ୍ ।

ଘଟଣାଟି କିନ୍ତୁ କିଭଳି ଭୟାବହ ରୂପ ଧାରଣ କରିଛି ତାହା ଲକ୍ଷ୍ମୀନାରାୟଣ ଫେରିଆସିବା ପରେ ତା' ବକ୍ତବ୍ୟରୁ ହିଁ ବୁଝିବାକୁ ସକ୍ଷମ ହୋଇଥିଲୁ । ଭୟରେ ଛଡସଡ଼ ହୋଇ ଲକ୍ଷ୍ମୀନାରାୟଣ କହିଲା 'ବୁଝିଲେ ଆଜ୍ଞା । ଜାଣିଶୁଣି ଆପଣ ମତେ ହାଣ ମୁହଁକୁ ପଠେଇଥିଲେ । ବୁଢ଼ା ରାଗିକି ଅଗ୍ନିଶର୍ମା, ବନ୍ଧୁକ କାଢ଼ିକି ରଖିଥିଲା । ଜୀବନରେ ମାରି ଦେଇଥାଆନ୍ତା । ଖାଲି ଆପଣଙ୍କ ପାଖରୁ ଯାଇଛି ବୋଲି ଛାଡିଦେଲା ।' ଘଣ୍ଟାଟିଏ କଥାବର୍ତ୍ତା ଭିତରେ 'କାନ୍ୟକୁବ୍ଜ-ବ୍ରାହ୍ମଣ' ଶବ୍ଦଟି ଅତି କମ୍‌ରେ କୋଡିଏ ପଚାଶ ଥର ଶ୍ରୀ ଶର୍ମା ଉଚ୍ଚାରଣ କରିଥିଲେ ।

ଲକ୍ଷ୍ମୀନାରାୟଣର ଏତାଦୃଶ ବର୍ଣ୍ଣନାରେ ଆମର ନିରାଶ ହେବାର କଥା । କିନ୍ତୁ ଆମେ ନିରାଶ ହୋଇନଥିଲୁ । କାରଣ ଅନୀତାର କ୍ରିୟାକଳାପ ସଂପର୍କରେ ଯାହା ଶୁଣିଲୁ, ତାହା ଆମକୁ ଯଥେଷ୍ଟ ପରିମାଣରେ ଆଶ୍ୱାସନା ଦେଇଥିଲା । ଲକ୍ଷ୍ମୀନାରାୟଣର ଉପସ୍ଥିତିରେ, ଘର ଭିତରୁ ବାହାରିଆସି, ଆଲୋକର ପାଣିଗ୍ରହଣ ନକଲେ ଆତ୍ମଘାତୀ ହେବ ବୋଲି କୁଆଡେ ତରୁଣୀ ଝିଅଟି ନିଃସଙ୍କୋଚରେ ପିତାଙ୍କ ସମ୍ମୁଖରେ ଜାହିର୍ କରିଥିଲା ।

ଦିନକ ପରେ ବଡ଼ି ଭୋରରୁ ଆଲୋକର ପୁନର୍ବାର ଉଦୟ ହେଲା ଆମଘରେ - ଏଥରକ କିନ୍ତୁ ଅନୀତା ସହିତ । ସାଲ୍‌ୱାର କମିଜ୍ ପିନ୍ଧା ଗୋଲଗାଲ ପୁଟ୍‌କିଗାଲୀ ଝିଅଟିଏ । ହସହସ ମୁହଁ, ଭୀତିର ଲେଶମାତ୍ର ଚିହ୍ନ ନଥିଲା ସେ ମୁହଁରେ । ଆଲୋକଠାରୁ ଶୁଣିଲୁ ପୂର୍ବଦିନ ରାତିରେ କୌଣସି ମତେ ଘରୁ ଲୁଚିକି ପଳାଇ ଆସିଛି ଅନୀତା । ଦିହେଁ ରାତିଟି ଅଫିସର୍ସ ମେସ୍‌ରେ କଟାଇ ସକାଳୁ ଆସିଛନ୍ତି ଆମଘରକୁ, ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ।

ଦିହେଁ ଥିଲେ ସାରାରାତି ଅଭୁକ୍ତ । ସେମାନଙ୍କୁ ଆଦର କରି ପେଟ ଭରି ଖୁଆଇଲେ ବିନୟ । ଆଲୋକକୁ ଆଶ୍ୱାସନା ଦେଇ କହିଲେ 'ତୁମେ ଦିହେଁ ଶିକ୍ଷିତ ଓ ସାବାଳକ । ପ୍ରେମ କରିଛ ଏବଂ ଠିକ୍ କରିଛ ବାହା ହେବାପାଇଁ । ଅନୀତା ତୋ' ପାଇଁ ଘରଛାଡି ଚାଲିଆସିଛି ଓ ଫେରିଯିବାକୁ ନାରାଜ । ଏ ପରିସ୍ଥିତିରେ ତାକୁ ବାହା ନହୋଇ ତୋ'ର ଆଉ କୌଣସି ଚାରା ନାହିଁ । ଦିହେଁ ଯାଇ ଜଗନ୍ନାଥ ମନ୍ଦିରରେ ବାହା ହୋଇପଡ଼ । ଆଜି ଏବଂ ଏବେ । ଅନୀତାର ବାପାକୁ ମୁଁ ସମ୍ଭାଳି ନେବି ।'

Digitized by srujanika@gmail.com

ସେଇଦିନ ଇ ଦୁଇଚାରିଜଣ ସାଙ୍ଗସାଥିଙ୍କୁ ନେଇ ଗ୍ରୀନ୍‌ପାର୍କସ୍ଥିତ ଜଗନ୍ନାଥ ମନ୍ଦିରରେ ଆଲୋକ, ଅନୀତା ସହିତ ପରିଣୟସୂତ୍ରରେ ଆବଦ୍ଧ ହୋଇଥିଲା । ସୁରୁଖୁରୁରେ ମାଙ୍ଗଳିକ କାମଟି ସରିଯିବାପରେ ଆଲୋକ ଖବର ଦେଇଥିଲା ଯେ ଅନୀତା ବାପା ପାଗଳଙ୍କ ପରି ସେମାନଙ୍କୁ ଖୋଜି ବୁଲୁଛନ୍ତି ଓ ବର୍ତ୍ତମାନ ପାଇଁ ସେ ଦିହେଁ ଆଲୋକର ଏକ ବନ୍ଧୁ ଘରେ ଲୁଚିକି ରହିବେ ବୋଲି ସିଦ୍ଧାନ୍ତ ନେଇଛନ୍ତି ।

ଦିଲ୍ଲୀ ପରି ସୁବିସ୍ତୃତ ନଗରୀରେ ଅବଶ୍ୟ କୌଣସି ଏକ ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ନିଶ୍ଚିତରୂପରେ ଥିଲା କଷ୍ଟସାଧ୍ୟ । ଆଲୋକ ଓ ଅନୀତାଙ୍କୁ ଖୋଜିବା ପ୍ରୟାସରେ ବିଫଳ ହୋଇ ଅଗତ୍ୟା ଅନୀତାର ପିତାମାତା ଆମଘରେ ଆସି ପହଞ୍ଚିଥିଲେ । ତ୍ରିପଣ୍ଡ କଳା ଶ୍ରୀତୋଦର ଶର୍ମା ସାହେବ କ୍ରୋଧରେ ଦିଶୁଥିଲେ କଇଁଥା ବାଇଗଣ ପରି । ତତୋଽଧିକ ବିପୁଳା ଶ୍ରୀମତୀ ଶର୍ମା ସତରେ ଅନୀତାର ବାହାଘର ସଂପନ୍ନ ହୋଇଯାଇଛି କି ନାହିଁ ବୋଲି ବାରମ୍ବାର ପଚାରି ଲାଗିଲେ ଓ ଛାନିଆ ହୋଇ ବାରମ୍ବାର ଆମ ବାଥ୍‌ରୁମ୍‌କୁ ଦୌଡ଼ିବାକୁ ଲାଗିଲେ ।

ବାହାଘର ଖବରଟି ସତ ବୋଲି ବିନୟ ସେମାନଙ୍କୁ ଜଣାଇଥିଲେ । କିନ୍ତୁ ଏ ବିଭାଘରକୁ ସ୍ୱୀକାର ନକରି, କନ୍ୟାକୁ ସ୍ୱଗୃହକୁ ଫେରାଇ ନେବାପାଇଁ ଶର୍ମା ଦମ୍ପତି ଥିଲେ ବଦ୍ଧପରିକର ।

'ଦେଖନ୍ତୁ । ଦିହେଁ ସାବାଳକ । ବାହା ହୋଇ ଗୋଟିଏ ରାତି ସାଥିରେ ରହି ବି ସାରିଲେଣି । ଆଲୋକକୁ ମୁଁ ଜାଣେ । ଶିକ୍ଷିତ, ସଚ୍ଚରିତ୍ର ଓ ଉପାର୍ଜନକ୍ଷମ । ଦୋଷ ଭିତରେ ଏତିକି-ଅବ୍ରାହ୍ମଣ । ଝିଅର ସୁଖକୁ ଚାହିଁ ଦୁହିଁଙ୍କୁ ଗ୍ରହଣ କରନ୍ତୁ । ଦୁହିଁଙ୍କୁ ଆଶୀର୍ବାଦ ଦିଅନ୍ତୁ ।' ବିନୟ ସ୍ମିତ ହସି ଉପଦେଶ ଦେଲେ । ''ଆମର ଆଉ ଗୋଟିଏ ଝିଅ ଅଛି । ଏଭଳି ବଦ୍‌ନାମ୍ ପରେ ଆମ ଜାତିରେ ତାକୁ ଆଉ କିଏ ବାହା ହେବ ?' ରାଗ ତମ୍‌ତମ୍ ହୋଇ ଜବାବ୍ ଦେଲେ ଶ୍ରୀ ଶର୍ମା । 'ଆପଣ ଭବିଷ୍ୟତ ଦେଖିପାରୁନାହାନ୍ତି । ସାନଝିଅ ଭାଗ୍ୟରେ ଥିଲେ ସିଏ ଠିକ୍ ଉପଯୁକ୍ତ ବରପାତ୍ର ପାଇବ । ଅନୀତାର ବାହାଘର ଭାଙ୍ଗିଦେଲେ କି ଗ୍ୟାରେଣ୍ଟି ଅଛି ଯେ ସାନଝିଅଟି ସୁଖରେ ରହିବ ?' ବିନୟ ପୁନର୍ବାର କୋମଳକଣ୍ଠରେ ବିଶ୍ଲେଷଣ କଲେ ।

ଯାହାହେଉ, ବାକ୍‌ବିତଣ୍ଡା ଚାଲିଥିଲା ଘଣ୍ଟାଘଣ୍ଟା ଧରି, ଅନେକସମୟ ପର୍ଯ୍ୟନ୍ତ । ଶର୍ମା ଦମ୍ପତି ଥିଲେ ସ୍ୱଜିଦ୍‌ରେ ଅଟଳ ଏବଂ ବିନୟଙ୍କର ଧୈର୍ଯ୍ୟ ଥିଲା ଅପରିସୀମ । ଶେଷ ପର୍ଯ୍ୟନ୍ତ ଅବଶ୍ୟ ବିନୟଙ୍କର ହିଁ ଜୟ ହୋଇଥିଲା । ଶର୍ମା ସାହେବ ଝିଅଜୋଇଁଙ୍କୁ ଘରକୁ ବରଣ କରି ନେବାପାଇଁ ରାଜି ହୋଇଥିଲେ । ସ୍ୱ ରୀତିରିବାଜ୍ ଅନୁସାରେ ଆଉଥରେ ପୁରୋହିତ ଡକାଇ ପରଦିନ ବାହାଘର କରିଥିଲେ ମଧ୍ୟ । ବିରାଟ ଭୋଜିଭାତ ହୋଇଥିଲା । ବିନୟ ନିମନ୍ତ୍ରିତ ହୋଇଥିଲେ ସୁଦ୍ଧା କ୍ଷମାପ୍ରାର୍ଥନା

Digitized by srujanika@gmail.com

କରି ଅନୁପସ୍ଥିତ ରହିଥିଲେ । ରିସେପ୍‌ସନ୍‌ରୁ ଫେରି ଲକ୍ଷ୍ମୀନାରାୟଣ କାହାଣୀର ସୁଖମୟ ପରିଣତି ସଂପର୍କରେ ଆମ୍ଭକୁ ଅବଗତ କରାଇଥିଲା । ତା' ପରେ ପରେ ଆଲୋକ ନବବଧୂକୁ ଧରି ଓଡ଼ିଶା ଆସିଥିଲା ଓ ଓଡ଼ିଶାରୁ ଫେରି ସସ୍ତ୍ରୀକ ଆସିଥିଲା ଆମଘରକୁ । ବିନୟଙ୍କ ସାହଚର୍ଯ୍ୟ ଲାଗି ତାକୁ କୃତଜ୍ଞତା ଜଣାଇବାପାଇଁ । କନକ ଓ କୁଙ୍କୁମର ଆଭାରେ ଝଲମଲ୍ କରୁଥିବା ଅନୀତାକୁ ପ୍ରଥମଥର ପାଇଁ ଭଲକରି ଲକ୍ଷ୍ୟ କଲି ସେଦିନ ।

ସିନ୍ଥିରେ ବେଶ୍ ବହଳ କରି ସିନ୍ଦୂର । ବେକରେ ତିନିସରିଆ ମଙ୍ଗଳ ସୂତ୍ର । ହାତରେ ଗୋଟାଏ ଲେଖାଏଁ ସୁନାଚୂଡ଼ି । ତକ୍‌ତକ୍ ଗୋରା, ବାଙ୍ଗରୀ ଖୁସ୍‌ମିଜାଜୀ ଝିଅଟି କଥା କହୁଥିଲା ଅନବରତ । ଟକ୍‌ମକ୍ ଆନନ୍ଦରେ ଫୁଟୁଥିଲା ଅବା ସାରାକ୍ଷଣ ।

ମୋ'ଠୁ ପଚାରି କାଗଜରେ ଲେଖିନେଲା ଓଡ଼ିଆ ରାନ୍ଧଣା ପଦ୍ଧତି । ଦହିଆମ୍ବିଳ, ଆଳୁଭର୍ତ୍ତା ଓ ସନ୍ତୁଳା ତିଆରି କରିବାର ପ୍ରଣାଳୀ । ବୁଝିନେଲା ବଡ଼ି ପକାଇବାର ବିଧି । ବଡ଼ି ଭଜାରେ କୁଆଡ଼େ ଭାରି ଶରଧା ଆଲୋକର । ପୂରା ସମୟତକ ଆଲୋକ ବସିଥିଲା ତଳକୁ ଅନାଇଁ । ବିଶୁଷ ବଦନରେ । ଅନୀତା ପରି ଝିଅ ଯେ କିଭଳି ତା' ପ୍ରେମରେ ପଡିଲା ଆଶ୍ଚର୍ଯ୍ୟ ହୋଇ ଭାବୁଥିଲି । ସ୍ୱଭାବ ଓ ହାବ୍‌ଭାବରେ ଦିହେଁ ଥିଲେ ପୃଥିବୀର ଦୁଇ ମେରୁ ସଦୃଶ । ମନେହେଲା ନିଶ୍ଚିତରୂପେ ପ୍ରେମର ଦେବତା ଅନ୍ଧ । ଆଖିରେ ପଟଳ ଭିଡ଼ି ଫୁଲଶର ମାରନ୍ତି । କେତେବେଳେ ଯେ ସେ ଶର କାହାକୁ ବିଦ୍ଧ କରିବ କହିହେବନି ।

''ଓଡ଼ିଶା କେମିତି ଲାଗିଲା ?'' ପଚାରିଲି ଅନୀତାକୁ । 'ବହୁତ୍ ଆଚ୍ଛା' । ଭୂରୁ ନଚେଇ ଜବାବ୍ ଦେଲା ଅନୀତା । ତା'ଠାରୁ ଶୁଣିଲି ଏମ୍.ଏ. ପାଶ୍, ସ୍ନେହଶୀଳା, ତେଜୀୟାନ୍ ଝିଅଟିକୁ କୁଆଡ଼େ ସଭିଏଁ ଆତ୍ମୀୟତାର ସହିତ ଗ୍ରହଣ କରିଥିଲେ ଆଲୋକ ଘରେ । ଅନୀତା ଓଡ଼ିଶାରେ ଥିବା ସମୟରେ ଓଡ଼ିଆ ବର୍ଣ୍ଣମାଳା ଶିକ୍ଷା କରିଥିଲା ଓ ତାହାଦେଖି କୁଆଡ଼େ ଆଲୋକର ବର୍ଷିୟସୀ ଜେଜେମା ମନ୍ତବ୍ୟ କରିଥିଲେ 'କ'ଣ କହୁଚ ବୋହୂ ବହୁତ ପାଠ ପଢ଼ିଛି, ବୋହୂକୁ ତ ଅ'ଆ' ଜଣାନାଇଁ ।' କଥାଟି କହି ଖିଲିଖିଲି ହୋଇ ହସିଥିଲା ଅନୀତା । ଏକଥା ବି କହିଥିଲା, ଯେ ଆଲୋକ ସଂପର୍କରେ ଶ୍ରୀ ଓ ଶ୍ରୀମତୀ ଶର୍ମାଙ୍କ ମନରେ ଆଉ କୌଣସି ଦ୍ୱିଧା ନଥିଲା । ଉପରନ୍ତୁ, ଜାମାତା ପ୍ରତି ଦିହେଁ ହୋଇପଡ଼ିଥିଲେ ଅଯାଚିତ ଭାବରେ ସ୍ନେହଶୀଳ । ଆଲୋକର ପିତା ଚିକିତ୍ସା ପାଇଁ ଦିଲ୍ଲୀ ଆସି ବର୍ତ୍ତମାନ ଅନୀତା ଘରେ ଇ ଅବସ୍ଥାନ କରୁଥିଲେ । ଦୁଇ ସମ୍ବନ୍ଧୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ହୋଇ ଉଠିଥିଲା ପ୍ରଗାଢ଼ ।

ଶୁଣିଥିଲି ଆଲୋକ ସର୍ବଭାରତୀୟ ପ୍ରଶାସନିକସେବା ପରୀକ୍ଷାରେ ବସୁଛି ବୋଲି । 'ପଢାପଢି କେମିତି ଚାଲିଛି ?' ପଚାରିଲି । ଜବାବ୍ ଦେଲା ଅନୀତା, ମୈଁନେ

Digitized by srujanika@gmail.com

ବୋଲ୍ ଦିୟା । ମେରୀ ଇଜ୍ଜତ୍ ବା ସବାଲ୍ ହେ । ଆପ୍‌କୋ କ୍ଲାରିଫାଇ କରନା ପଡ଼େଗା ।'

ଝିଅଟିର ଆତ୍ମବିଶ୍ୱାସରେ ମୁଗ୍ଧ ହୋଇଥିଲି ସେଦିନ । ପରେ ଖବର ପାଇଥିଲି ଆଲୋକ ଆଲାଏଡ୍ ସର୍ଭିସେସ୍ ପାଇଛି ବୋଲି । କିଛି ଦିନ ପରେ ଦିଲ୍ଲୀ ଛାଡି ଟ୍ରେନିଂରେ ଚାଲିଯାଇଥିଲା ବାହାରକୁ । ତା' ସାଥିରେ କିମ୍ବା ଅନୀତା ସାଥିରେ ଆଉ ଦେଖା ହୋଇନଥିଲା । ମଝିରେ ଥରେ ଜଣେ ବନ୍ଧୁଙ୍କଠାରୁ ଶୁଣିଥିଲି ଯେ ଅନୀତା ଓ ଆଲୋକଙ୍କୁ ସିଏ କାନପୁରଠାରେ ଭେଟିଥିଲେ । ଅନୀତା କୁଆଡ଼େ ଯା' ଭିତରେ ପୁରାପୁରି ଓଡ଼ିଆ ଶିଖିଯାଇଥିଲା ଓ ପତିପତ୍ନୀ ଉଭୟ ଏକ ସୁଖୀ ଏବଂ ସୁମଧୁର ଦାମ୍ପତ୍ୟଜୀବନ ଅତିବାହିତ କରୁଥିଲେ ।

ଖବରଟି ଉଭୟ ବିନୟଙ୍କ ପାଇଁ ଓ ମୋପାଇଁ ଥିଲା ଆନନ୍ଦଦାୟକ । କିନ୍ତୁ କେଇବର୍ଷ ପରେ ଏଭଳି ଏକ ଘଟଣା ଆମ ଜୀବନରେ ଘଟିଲା ଯାହାକି ଅବଶ୍ୟମ୍ଭାବୀ ଭାବରେ କାହାଣୀର ଗତିପଥକୁ ସାମାନ୍ୟ ବଦଳାଇ ଦେଲା । କିଛିଟା ଦୁଃଖ ତଥା ବିସ୍ମୟ ମଧ୍ୟ ଆଣିଦେଲା ଆମ ମନରେ । ସେ ଘଟଣାପ୍ରବାହଟି ଏଇଭଳି ।

ଅନେକ ବର୍ଷଉତାରୁ, ବିନୟଙ୍କର ଅବସର ପରେ, ଥରେ ଆମେ ଆମ ଭୁବନେଶ୍ୱରସ୍ଥିତ ଘରଟିର ଡ୍ରଇଂରୁମ୍‌ରେ ବସି ଗପ କରୁଥିବୁ । ହଠାତ୍ ଜଣେ ଭଦ୍ରବ୍ୟକ୍ତି, ମୋଟା, ଫୁଲ୍‌କାଗାଲିଆ ଓ ଚନ୍ଦା, ଆସି ହାଜର୍ ହେଲେ ଆମଘରେ । ହାତରେ ପାନ ଭିଆଇପି ଆଟାଚିଟିଏ । ତେଲଚକ୍‌ଚକ୍ ତ୍ୱକ୍ ଓ ମୁଖମଣ୍ଡଳ ଶୋଭିତ ଅହଂଭାବମୟ ଗାମ୍ଭୀର୍ଯ୍ୟରେ । ସାଥିରେ ଜଣେ ଚାମ୍‌ଚା । ଚାମ୍‌ଚାଜଣକ ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କର ନାମ ନକହି ପରିଚୟ କରାଇଦେଲେ ତାଙ୍କ ଚାକିରିର ପଦବୀଟି ଜଣାଇ । ତାଙ୍କ ବିଭାଗର ସବୁଠୁ ବଡ଼ 'ସାହେବ' । ବାହାରେ ଥିଲେ । ଏବେ ଆସିଛନ୍ତି ଓଡ଼ିଶା ।

କାଳ ବିଳମ୍ବ ନକରି ବଡ଼ ସାହେବଙ୍କର ଆସିବାର ଅଭିପ୍ରାୟ ସଂପର୍କରେ ଚାମଚାଜଣଙ୍କ ଆମକୁ ଅବଗତ କରାଇଦେଲେ ମଧ୍ୟ । ପ୍ରସଙ୍ଗତଃ କହି ରଖେ, ଆରମ୍ଭରୁ ଶେଷପର୍ଯ୍ୟନ୍ତ ସମସ୍ତ କଥୋପକଥନ ହେଇଥିଲା ଚାମ୍‌ଚା ଜଣକଙ୍କ ମାଧ୍ୟମରେ । ବଡ଼ସାହେବ ବାକ୍‌ହୀନ ଭାବରେ ଏବଂ ଦୃପ୍ତଠାଣୀରେ ସୋଫାରେ ବସି ରହିଥିଲେ କେବଳ ।

'ଆପଣଙ୍କ ବାରିପଟ ଜମିଟା ବିକ୍ରୀ ହେଉଛିବୋଲି ଶୁଣିକରି ଆସିଛନ୍ତି । ସାର୍ ଆସିଛନ୍ତି କିଣିବା ପାଇଁ ।' ଚାମ୍‌ଚା ଜଣକ ବତିଶଟି ପାନପିକ ବୋଳା ଦାନ୍ତଦେଖାଇ ନିକୁଟି ହସି ନିବେଦନ କଲେ ।

Digitized by srujanika@gmail.com

'ଆପଣ ଭୁଲ୍ ଶୁଣିଛନ୍ତି । ଘର ପଛପଟେ ସେତିକି ହିଁ ମୋର ଖାଲି ଜାଗା । ଗଛ ଲଗାଇବି ଠିକ୍ କରିଛି ।' ବିନୟ ଉତ୍ତର ଦେଲେ ।

'ଆଜ୍ଞା, ପଇସା କଥା ଭାବିବେନି । ସାର୍ ଆଡ୍‌ଭାନ୍ସ ଟଙ୍କା ସାଥିରେ ନେଇକି ଆସିଛନ୍ତି ।' ଚାମ୍‌ଚା ଜଣକ ପୁନରାୟ ନିବେଦନ କଲେ । ସାର୍‌ଙ୍କ ଆଟାଚି ଆଡ଼କୁ ବିଶିଆଙ୍ଗୁଠିଟି ବଢାଇ ।

'ମୁଁ କହିଲିନା ଆପଣଙ୍କୁ ଜମି ମୁଁ ବିକ୍ରୀ କରୁନି ବୋଲି ।' ବିନୟ ସାମାନ୍ୟ ଅସହିଷ୍ଣୁ ଗଳାରେ ଆଗରୁ କହିଥିବା କଥାଟି ଦୋହରାଇଲେ ।

'ହଉ ଆଜ୍ଞା । ମୁଁ ପରେ ଖବର କରିବି । ଯଦି ମତ ବଦଳାନ୍ତି ।'

ଚାମ୍‌ଚା ଓ ଭଦ୍ରବ୍ୟକ୍ତି ଦିହେଁ ଉଦ୍ୟତ ହେଲେ ଯିବାପାଇଁ । ପ୍ରଥମରୁ ଆଗନ୍ତୁକ ଭଦ୍ରଲୋକଙ୍କୁ ମତେ କେମିତି ଚିହ୍ନାଚିହ୍ନା ଲାଗୁଥିଲା, କିନ୍ତୁ ଠିକ୍ ମନେ କରିପାରୁନଥିଲି । ଭଦ୍ର ଲୋକ ଦ୍ୱାରମୁହଁ ପାଖରେ ପହଞ୍ଚିଲାବେଳକୁ ହଠାତ୍ ବିନୟ କହିଲେ- କ୍ଷମା କରିବେ, ଆପଣଙ୍କୁ କେଉଁଠି ଯେମିତି ଦେଖିଲା ଭଳିଆ ଲାଗୁଛି ।

ଚାମ୍‌ଚା ଜଣକ ସିଡ଼ିରୁ ଓହ୍ଲାଇ କେଇପାଦ ଆଗକୁ ଚାଲିଯାଇଥିଲେ ।

ଭଦ୍ରଲୋକ କବାଟ ପାଖରେ ସାମାନ୍ୟ ଅଟକି ଓ କିଛି କ୍ଷଣ ଦ୍ୱିଧାଗ୍ରସ୍ତ ଭାବରେ ନୀରବ ରହି ଫିସ୍ ଫିସ୍ କରି ଜବାବ୍ ଦେଲେ 'ମୁଁ ଆଲୋକ' । ଏବଂ ଆମେ ଦୁଇଜଣ ଆଉ କିଛି କହିବାପୂର୍ବରୁ ଆମକୁ ଉଭୟ ବିସ୍ମିତ ଓ ହତବାକ୍ କରି ଠକ୍‌ଠକ୍ ବୁଟ୍ ଜୋତାରେ ଆୱାଜ୍ ତୋଳି ଓହ୍ଲାଇଗଲେ ତଳକୁ ।

ମନେମନେ ଭାବିଲି, ମଣିଷ ! ତୁମକୁ ଚିହ୍ନିବା ଏବେ ବି ବାକି ରହିଗଲା ।

■ ■ ■

ଡିସେମ୍ବର ୧୯୯୯

Digitized by srujanika@gmail.com

# ପଲଙ୍କ

ରମା ମାଇଁଙ୍କ ପଣସକାଠର ପଲଙ୍କଟି ଥିଲା ବେଶ୍ ପ୍ରଶସ୍ତ ଓ କାରୁକାର୍ଯ୍ୟପୂର୍ଣ୍ଣ । ଡାହାଣ ଓ ବାଁ ପଟେ ଚାଖଣ୍ଡେ ଉଚ୍ଚର ବାଡ଼ । ନିଦ୍ରିତ ଅବସ୍ଥାରେ ଯେତେ ଗଡାଗଡି କଲେ ବି ତଳକୁ ଖସିପଡିବାର ଶଙ୍କା ନଥିଲା । ପଲଙ୍କର ମୁଣ୍ଡପାଖରେ ପ୍ରାୟ ଦୁଇଫୁଟ ଉଚ୍ଚତାର କାଠବାଡ଼ ଓ ତହିଁରେ ନିପୁଣ ଢାଳିର କାମ । ଭଳି ଭଳି ଲତାପତ୍ରର ନକ୍ସା ମଧ । ବାଡ଼ର ଠିକ୍ ମଝିରେ, ଦୁଇଟି କୁନି କୁନି ପଣସରେ ଥଣ୍ଟ ବୁଡାଇଥିବା ଭଙ୍ଗୀରେ ଲମ୍ବଲାଞ୍ଜର ହଳେ ତୋତାପକ୍ଷୀ - ମୁହାଁମୁହିଁ ଭାବେ ।

ପଲଙ୍କ ଉପରେ ଚିକଣିଆ ସଉପ । ମୁଣ୍ଡ ପାଖରେ ଗୋଲ୍‌ଗୋଲ୍ ପେଟୁଆ, ନିଦା ତକିଆ । ସେ ତକିଆରେ ପୁଣି ମହମହ ଲକ୍ଷ୍ମୀବିଳାସ ତେଲ ଓ ବଉଳଫୁଲର ବାସ୍ନା । ମାଇଁଙ୍କର ବେଣୀ ଥିଲା ଅଣ୍ଟାଯାଏ । ବାଳର ରଂଗ ନାଲିଆସିଆ । ତାଙ୍କ ପିତାଙ୍କ ବଂଶରେ ସଭିଙ୍କର ଚମଡାର ବର୍ଣ୍ଣଥିଲା କାର୍ପାସ ତୁଲ୍ୟ, ଡୋଳା ଥିଲା ଧୂସର ଓ କେଶ ଥିଲା ତାମ୍ରାଭ । ମାଇଁ ଲଗାଉଥିଲେ ସବୁଜ ରଂଗର ବହଳିଆ ଲକ୍ଷ୍ମୀବିଳାସ ତେଲ । ବେକତଳକୁ ଝୁଲିପଡିଥିବା ତାଳ ପ୍ରମାଣ ଗୋଲ୍ ଖୋଷା ଚାରିପଟେ ଘେର ବୁଲୁଥିଲା ବଉଳଫୁଲ ମାଳର । ବଉଳଫୁଲର ଗୋଟିଏ ବିଶେଷତ୍ୱ, ବହୁତ ଦିନଧରି ତାହା ସତେଜ ରହେ । ଗହୀର ମଝିରେ ଥିବା ଅଖଣ୍ଡେଶ୍ୱର ଶିବମନ୍ଦିର ବେଢ଼ାରେ ଥିଲା ସ୍ୱାସ୍ଥ୍ୟବାନ୍ ବଉଳଗଛଟି । ଫୁଲ ଫୁଟି ତଳେ ଅଜାଡିହୋଇ ପଡୁଥିଲା ଗୁଚ୍ଛ ଗୁଚ୍ଛ ତାରାପୁଞ୍ଜ ପରି । ମାଲୁଣୀଝିଅ ବେତାଏ ହବ ସାଉଁଟି ଆଣିଦେଉଥିଲା ମାଇଁଙ୍କ ପାଇଁ । ମାଳ ଗୁନ୍ଥୁଥିଲେ ମାଇଁ ନିଜେ । କେବେ କେମିତି ବଉଳମାଳ ମାମୁଁ ଆଣି ଦେଉଥିଲେ ବାଙ୍କି ହାଟରୁ । କିଣିକି ଆଣିଲାବେଳେ ମାଳଟି ହାତରେ ନଧରି ପକାଇ ଦେଉଥିଲେ ବେକରେ । ଖଡମ୍ ପିନ୍ଧା ଦୁମ୍ ଦୁମ୍ ଚାଲି ସହିତ ତାଳଦେଇ ସେ ହାରଟି ଛାତିରେ ଦୋହଲୁଥିଲା ଏପଟ ସେପଟ ହୋଇ ।

ରମା ମାଇଁଙ୍କ ବଖରାଟି ଥିଲା ଭାରିସଫା, ଭାରିସୁନ୍ଦର । ଘରର ଗୋଟିଏ କଣରେ, ଗେରୁଲିପା କାନ୍ଥ ସାମ୍ନାରେ ମନ୍ଦିର ଆକାରର ଖଟୁଲୀ । ଖଟୁଲୀରେ ତ୍ରିଭଙ୍ଗଠାଣୀରେ ଠିଆ ହୋଇ ବଂଶୀଧାରୀ କୃଷ୍ଣଚନ୍ଦ୍ରଙ୍କର ମୃଦୁ ମୃଦୁ ହସୁଥିବା ରୂପର ମନଲୋଭା ଫଟଟିଏ । ସଦ୍ୟଫୁଟା ଚଂପା ଓ ମଲ୍ଲିକଢ଼ରେ ଠାକୁର ବେଶ ହେଉଥିଲେ ନିତି ସକାଳେ । ମାମୁଁ ସବୁଦିନ ସ୍ନାନ ସାରି ଚନ୍ଦନଚର୍ଚ୍ଚିତ କରୁଥିଲେ ଠାକୁରଙ୍କୁ । ପୂଜା କଲାବେଳେ ବଡ଼ ଚନ୍ଦନପେଡାଟିରେ ଘଷୁଥିଲେ ମେଞ୍ଚାଏ ହବ ଲହୁଣୀ ପରି ଚନ୍ଦନ ।

Digitized by srujanika@gmail.com

ପିଉଳ ଦୀପରେ କର୍ପୂର ଆଳତି ସାରି ଠାକୁରଙ୍କ ଫଟ ଉପରେ ମାରୁଥିଲେ ଚନ୍ଦନର ଛିଟା । ଆଉ ପୂଜାର୍ଚ୍ଚନା ପରେ ନିଜେ ସାଜୁଥିଲେ ବଳକା ଚନ୍ଦନର ଅଙ୍ଗରାଗରେ । ଲମ୍ବଲମ୍ବ ବାବୁରି ବାଳ କପାଳ ଉପରୁ ପଛକୁ ଟାଣି କୁଣ୍ଡା ହେଉଥିଲା । କପାଳଟି ଦିଶୁଥିଲା ପ୍ରଶସ୍ତ-ଚଉଖୁଣ୍ଟିଆ । ସେଥିରେ ବଡ଼ ଚାତୁର୍ଯ୍ୟ ଓ ପରିପାଟୀ ସହିତ ଟାଣୁଥିଲେ ତିନୋଟି ଚଉଡା, ସମାନ୍ତରାଳ ଚନ୍ଦନର ଗାର । ତକ୍ ତକ୍ ଗୋରା ଦେହ, ଚଉଡା ସମର୍ଥ କାନ୍ଧରେ ଗେରୁମଡା କୁମ୍ଭଧଡିଆ ଗାମୁଛା । କାନଲତିରେ ସୁନାଲବଙ୍ଗ । ଯୁବାବୟସୀ ନରସିଂହ ମାମୁଁ ଦିଶୁଥିଲେ ଭାରି ସୁପୁରୁଷ, ଭାରି କାନ୍ତିବାନ୍ । ସେ ରୂପ ଏବେ ବି ଆଖି ଆଗରେ ନାଚିଯାଏ ।

ମାଇଁଙ୍କ ବଖରାଟି ମୋ' ପାଇଁ ଥିଲା ସ୍ୱର୍ଗତୁଲ୍ୟ । ପବନରେ ଚନ୍ଦନ ଓ କର୍ପୂରର ସୁଗନ୍ଧି । ଗୋବର ଲିପା ଚଟାଣଟି ଥିଲା କି ପାଲିସ୍ ! କି ପରିଷ୍କାର ! ମାଟିଲିପା ଘରଟିରେ ଖିଡ଼କୀ ନଥିଲା । କିନ୍ତୁ ପୂର୍ବପଟ କାନ୍ଥରେ ପ୍ରାୟ ମୁଣ୍ଡେ ଉଚ୍ଚରେ ଥିଲା ଯୋଡ଼ିଏ ଗୋଲ୍ ଜାଳକବାଟି । ସକାଳ ନଅଟା କି ଦଶଟା ବେଳେ ସୂର୍ଯ୍ୟ ଆକାଶରେ ସାମାନ୍ୟ ଉପରକୁ ଉଠିଲେ ସେଇ ଗବାକ୍ଷ ଦେଇ ଘର ଭିତରେ ପଡୁଥିଲା କିଛିଟ୍ ଆଲୋକର ଛିଟା । ସେ ଆଲୋକର ପ୍ରତିଫଳନରେ କେମିତି ଗୋଟେ ନରମ୍, ସୁନେଲୀ ଆଭା ଖେଳିବୁଲୁଥିଲା ଘରଟିରେ ।

ଅଜାଘରେ ସଦସ୍ୟ ଥିଲେ ଚାରିଜଣ - ଅଜା, ଆଈ, ମାମୁଁ ଓ ମାଇଁ । ବାପା ଯାଇଥିଲେ ଲଣ୍ଡନ୍ । ବୋଉ ଥିଲା ଗାଁରେ, ଜେଜେବାପାଙ୍କ ତତ୍ତ୍ୱବଧାନରେ । ମାମୁଁ ଯାଇ ଆମ ଗାଁ'କୁ ମତେ ନେଇଆସିଥଲେ । ତାଙ୍କପାଖେ ରହି ସ୍କୁଲରେ ପାଠପଢ଼ିବି ବୋଲି । କାରଣ ଆମଗାଁ'ରେ ସ୍କୁଲ୍ ନଥିଲା । ବୟସ ଥିଲା ମୋର ଛଅବର୍ଷ ।

ମାଇଁ ଭାରି ସୁଖ ପାଉଥିଲେ ମୋତେ । ମାମୁଁଙ୍କ ସାଥିରେ ଭାତ ଖାଇ ବସିଲାବେଳେ ମାଛରୁ କଣ୍ଟା ବାଛି ଦେଉଥିଲେ ମୋ'ପାଇଁ । ମହାନଦୀକୂଳେ ଗାଁ' । କେଉଟୁଣୀମାନେ ନଈରୁ ମାଛଧରି ପ୍ରାୟଦିନ ବିକି ଆଣୁଥିଲେ । ଅଣ୍ଟାରେ ଖାଳେଇ, ଖାଳେଇରେ ଭଲି ଭଲି ମାଛ, ବାଲିମିଶା କଉ, ମାଗୁର, ତୋଡି, ଚେରୁଆ । ଏବେ ମୁଁ ସଂପୂର୍ଣ୍ଣ ନିରାମିଷାଷୀ ! ଖୁବ୍ ସାନବେଳେ କିନ୍ତୁ ମତ୍ସ୍ୟଭୋଜୀ ଥିଲି ।

ମାଇଁ ଥିଲେ ନିଃସନ୍ତାନ । ସନ୍ତାନର ସୁଖ ମେଣ୍ଟାଉଥିଲେ ମୋ ପାଖରେ । ସକାଳେ ବନାଇ ଦେଉଥିଲେ ଦହିସର୍ବତ୍ ଏବଂ ଘରେଥିବା ଏକମାତ୍ର ସୌଖୀନ୍ କାଚଗିଲାସଟିରେ ସେ ସର୍ବତ ପିଇବାକୁ ଦେଉଥିଲେ ମୋତେ । ଟୋପିଭର୍ତ୍ତି ମୁଢ଼ିରେ ଢ଼ାଳି ଦେଉଥିଲେ ସରସର ଘରମରା ଘିଅ ଓ କୋରୁଅ । ଚାଉଳ ଦେଇ ଦାଣ୍ଡକୁ ବିକି ଆସିଥିବା ସଅରୁଣୀଠୁ କିଣେଇ ଦେଉଥିଲେ କେନ୍ଦୁ, ବେତକୋଳି ଓ ଭଇଁଚକୋଳି । କୋଳରେ ବସାଇ ତାଙ୍କ ସାନ ଛବିବହିଟିରୁ ଶିଖାଇ ଦେଉଥିଲେ ହିନ୍ଦୀର ବର୍ଣ୍ଣମାଳା ।

Digitized by srujanika@gmail.com

ସାଉଁଳାଇ ମୁଣ୍ଡ କୁଣ୍ଡାଇଦେଇ ବାଳରେ ବାନ୍ଧି ଦେଉଥିଲେ ରିବନ୍‌ର ଫୁଲ । କିନ୍ତୁ କେଜାଣି କାହିଁକି ତାଙ୍କପାଖରେ ଶୋଇବା ପାଇଁ କେବେ ବି ମତେ ଡାକୁନଥିଲେ । ଯଦିଓ ଜାଣିଥିଲେ ଯେ ସେ ବଖରାଟି ପ୍ରତି ମୋର ଥିଲା ଏକ ଅହେତୁକ ତୀବ୍ର ଆକର୍ଷଣ ।

ମୁଁ ଶୋଉଥିଲି ଆଈଙ୍କ ପାଖେ । ମାଈଁଙ୍କ ବଖରାଠାରୁ ବେଶ୍ ଦୂରରେ । ଅପେକ୍ଷାକୃତ ସଂକୀର୍ଣ୍ଣ ପ୍ରକୋଷ୍ଠଟିରେ ଗୋଟିଏ ପଟେ ବାଉଁଶର ମଞ୍ଚା ବନ୍ଧା ହୋଇ, ତା' ଉପରେ ରଖାହୋଇଥିଲା ସାନବଡ଼ ଧାନର ଓଳିଆମାନ । ଗୋବର ଲିପା ଉଞ୍ଚଉଞ୍ଚ ବାଉଁଶ ବେତାରେ ବର୍ଷଯାକର ଆହାର-ଉଷୁନା ଚାଉଳ । ମଞ୍ଚାତଳେ ଧାଡି ଧାଡି କଳାପଡିଆସୁଥିବା ଗରାମାନଙ୍କରେ ବିରି, ମୁଗ, ମୁଢ଼ି, ଚୂଡା ଓ ଚାଉଳ ଭଜା ଇତ୍ୟାଦି । ପ୍ରତି ଗରାମୁହଁରେ ଗ୍ରୀଷ୍ମଦିନେ ମହାନଦୀ ଗର୍ଭରୁ ସଂଗୃହୀତ ହୋଇଥିବା ସାଉଁଳିଆ ବର୍ତ୍ତୁଳାକାର କୁଆପଥର ଚାପା । ଆଉ ମଞ୍ଚାତଳେ ଆଈଙ୍କର ସାନ କାଇଁଚ ପେଡିଟିଏ । ତା'ଭିତରେ ଆଈଙ୍କର ନିର୍ମାଲ୍ୟ କୋଥଳି, ସିନ୍ଦୂର ଫରୁଆ ଏବଂ ଦାନ୍ତି ଭାଙ୍ଗିଯାଇଥିବା ସାନ କାଠପାନିଆଟିଏ । ତିନିଇଞ୍ଚ ଇୟର ପାରଦ ଉଠିଆସୁଥିବା ଦର୍ପଣ ଓ ତିଳକର ଗୋଟାଳିଟିଏ ମଧ୍ୟ । ଆଈ ସ୍ନାନସାରି ସେଇ ଦର୍ପଣରେ ମୁହଁ ଦେଖି କପାଳ ଓ ବାହୁରେ ତିଳକ ଘୋରି ଲଗାଉଥିଲେ । କାଠପାନିଆରେ ମୁଣ୍ଡ କୁଣ୍ଡାଇ ଫାଶଟିଏ ପକାଉଥିଲେ ବେକ ଉପରକୁ । ଆଉ ନିର୍ମାଲ୍ୟ କଣିକାଏ ପାଇ ପେଡିଟି ପୁଣି ଠେଲିଦେଉଥିଲେ ସଙ୍ଗା ତଳକୁ । ଘର ଭିତରେ, ମଞ୍ଚାତଳେ ଥିଲା ଶସ୍ୟଲୋଭରେ ବାସକରୁଥିବା ମୂଷିକମାନଙ୍କର ଅଜସ୍ର ଗର୍ତ୍ତ । ପ୍ରତିଦିନ ସକାଳୁ ଚିକିଟା ମାଟି ମେଞ୍ଚାଏ ନେଇ ମୂଷାଗାତ ବନ୍ଦ କରୁଥିଲେ ଆଈ । ତା'ପରଦିନକୁ ପୁଣି ଯୋଉଆକୁ ସେଇଆ ।

ଆଈ ଶୋଉଥିଲେ ମୋଟା ହେଁସଟିଏ ପାରି । ଶୀତ ଲାଗିଲେ ମତେ ଘୋଡାଇ ଦେଉଥିଲେ କନ୍ଥାଟିଏ । ତକିଆଟି ଥିଲା ଅପର୍ଯ୍ୟାପ୍ତ ପରିମାଣରେ ତୈଳାକ୍ତ । ଆଈଙ୍କ ମୁଣ୍ଡର ଅଠାଳିଆ ଜଡାତେଲ ପିଇ ପିଇ ଖୋଳକନାଟି ହୋଇଯାଇଥିଲା ଅଖାପରି ଶକ୍ତ । ମାଈଁଙ୍କ ଘର ପରି ଚକ୍ ଚକ୍ କାଚର ଲଣ୍ଠନ ଜଳୁନଥିଲା ସେଠି । ରୁଖା ଉପରେ ଜଳୁଥିଲା ପୋଲାଙ୍ଗ ତେଲର ମିଞ୍ଜିମିଞ୍ଜି ପିଉଳ ଦୀପଟିଏ । ସ୍ୱାଭାବିକ୍ ଯେ ଏତାଦୃଶ ଘର ଓ ବିଛଣା ଅପେକ୍ଷା ମାଈଁଙ୍କ ସୁବାସିତ ପରିଚ୍ଛନ୍ନ ବଖରାଟି, ବିଶେଷକରି ପଲଙ୍କଟି, ମୋ ପାଇଁ ଥିଲା ଯଥେଷ୍ଟ ଲୋଭନୀୟ ।

ସେଦିନର କଥା ସ୍ପଷ୍ଟ ମନେ ଅଛି ମୋ'ର । ରାତ୍ରିର ପ୍ରଥମ ପ୍ରହର । ଶୋଇଥିଲି ଆଈଙ୍କ ପାଖେ । ନିଦ ବି ମାଡି ମାଡି ଆସୁଥିଲା । କେଜାଣି କାହିଁକି ମୁଣ୍ଡରେ ଭୂତ ଚଢ଼ିଲା ମାଈଁଙ୍କ ପାଖେ ଶୋଇବା ପାଇଁ । ଉଠି ବସିଲି ହେଁସ ଉପରେ । କହିଲି, 'ଆଈ ! ମୁଁ ଆଜି ମାଈଁଙ୍କ ପାଖେ ଶୋଇବି ।'

Digitized by srujanika@gmail.com

"କାହିଁକି ? କଅଣ ହେଲା ?" ଆଈ ପଚାରିଲେ ନିଦ ମଳମଳ ଆଖିରେ ।

"ସବୁଦିନ ତ ଶୋଉଚୁ ଏଇଠି । ଆଜି କଅଣ ହେଲା ?"

"ନାଇଁ, ମୁଁ ଜମା ଶୋଇବିନି ତମ ପାଖେ, ତମ ମାଣ୍ଡି ମଇଳା । ତମ ହେଁସ ଚିରା ।" ମୁଁ ବେଶ୍ ମୁହଁ ଫୁଲାଇ ଜବାବ୍ ଦେଲି ।

"ଅଚ୍ଛା ! ଆଚ୍ଛା ! ମାଇଁ ଶୋଇଲାଣି ପରା ! କାଲିକି ଯିବୁ ।" ଆଈ ମୋ ଜିଦ୍ ଦେଖି ବୁଝାଇବାକୁ ଚେଷ୍ଟା କଲେ ।

ମୁଁ କିନ୍ତୁ ଏତେ ବୋକା ନଥିଲି । ନିଜ ଅନୁଭୂତିରୁ ଜାଣେ, ଛଅବର୍ଷର ପିଲାମାନଙ୍କୁ ଆମେ ଯେତେ ବୋକା ବୋଲି ଭାବୁ, ସେମାନେ ପ୍ରକୃତରେ ସେତେ ବୋକା ନୁହନ୍ତି । ସାଙ୍ଗେସାଙ୍ଗେ ଜବାବ୍ ଦେଲି "କୋଉଠି ? ମାମୁଁ ତ ମଠରୁ ଆସିନାହାନ୍ତି । ଭାତ ଖାଇ ନାହାନ୍ତି । ମାଇଁ କେମିତି ଶୋଇଲେ ?"

ବାରିପଟେ ନଈବନ୍ଧକୁ ଲାଗିକରି ଥିଲା ଜନୈକ ବାବାଜୀଙ୍କର ମଠଟିଏ । ନିଇତି ସଂଜବେଳେ ସେଠି ସଂକୀର୍ତନ ହେଉଥିଲା । ଗାଁ ଲୋକେ ଏକାଠି ହେଉଥିଲେ । ଖଞ୍ଜଣୀମାଡରେ ଚାଲୁଥିଲା ଭୀମଭୋଇଙ୍କର ମହିମାଧର୍ମୀ ଭଜନ । ବାବାଜୀ ବଜାଉଥିଲେ ଏକ୍‌ତାରା କିମ୍ବା ହାର୍ମୋନିୟମ । ମାମୁଁ ଥିଲେ ତାଳ ବାଦ୍ୟରେ ନିପୁଣ । ସଙ୍ଗତ୍ କରୁଥିଲେ ତବ୍‌ଲା କିମ୍ବା ମୃଦଙ୍ଗରେ ।

"ହଉ, ହଉ । ତୁ ଏବେ ଶୋଇପଡ୍ ତ ! କାଲି ଚକୁଳିପିଠା କରିଦେବି ତୋ' ପାଇଁ । ଦେଖିଲୁନି ? ଆଜି ବିରି ଚାଉଳ ବତୁରେଇଛି ।" ଆଈ କଥାର ମୋଡକୁ ଅନ୍ୟଆଡେ ବୁଲାଇବାକୁ ଚେଷ୍ଟା କଲେ ।

"ମୁଁ ଖାଇବିନି ତମ ଚକୁଳି ପିଠା"

"ହଉ, ନହେଲେ ଖେଚେଡି କରିଦେବି - ତତେ ଭଲ ଲାଗେ ପରା !" ଆଈ କଣ୍ଠକୁ ଯଥାସମ୍ଭବ ନରମ୍ କରି ମତେ ଫୁସ୍‌ଲାଇଲେ । ସବୁଡାଲରେ ଭଜା ମୁଗଡାଲି, ନଡିଆପାଚି ଓ ଗୁଆଘିଅ ପକାଇ ଆଈ କରୁଥିଲେ ବଢ଼ିଆ ସ୍ୱାଦିଷ୍ଟ ଖେଚେଡି । କିନ୍ତୁ ମାଇଁଙ୍କ ପଲଙ୍କ ପାଖରେ ସେ ଜିନିଷଟି ଆଦୌ ଲୋଭନୀୟ ମନେହେଲାନି ।

ଉଠି ଠିଆହୋଇ ପଡିଲି । ଆଈଙ୍କର ଆଶୈଶବ ପୋଲିଓଗ୍ରସ୍ତ ଗୋଡଟି ଥିଲା ଦୁର୍ବଳ । ଚଟ୍‌କି ଠିଆହୋଇ ପାରୁନଥିଲେ । ଦୁଇହାତରେ ଭିଡିକି ଧରିଲେ ମୋତେ ଏବଂ ଅନ୍ୟ କୌଣସି ଉପାୟ ନଦେଖି ଅଗତ୍ୟା ମୁଁ ତାର ସ୍ୱରରେ ଚିତ୍କାର କରିବାକୁ ଲାଗିଲି । ମୋ କ୍ରନ୍ଦନର ଧ୍ୱନି ଶୁଣି ମାଇଁ ବାହାରି ଆସିଲେ ତାଙ୍କ ପ୍ରକୋଷ୍ଠରୁ ।
ପଚାରିଲେ - "କଅଣ ହେଲା ମା ? ଝିଅ କାନ୍ଦୁଛି କାହିଁକି ?" ମାଇଁଙ୍କୁ ଦେଖି ଏବଂ

Digitized by srujanika@gmail.com

ଝଟ୍‌କାରେ ଆଇଙ୍କଠୁ ହାତଛଡାଇ ମୁଁ ଯାଇ ଦୁଇହାତରେ କୁଣ୍ଢାଇ ଧରିଲି ତାଙ୍କୁ-ଅଣ୍ଟା ପାଖରେ । କହିଲି "ମାଇଁ, ମୁଁ ତମପାଖେ ଶୋଇବି । ଆଇମୋତେଛାଡୁନାହାନ୍ତି" ।

ଆଇ କୌଣସିମତେ ଉଠି ପୁଣି ମୋତେ ଧରିବାକୁ ଚେଷ୍ଟାକଲେ । ମାଇଁଙ୍କୁ କହିଲେ "ତୁ ଯା' ତ ବୋହୂ ! ମୁଁ ତାକୁ ଭୁଲେଇଭାଲେଇ ଶୁଆଇ ପକେଇବି ।" ମୁଁ କିନ୍ତୁ ସହଜରେ ଭୁଲିବାର ପାତ୍ରୀ ନଥିଲି । ସମ୍ବେଦନଶୀଳା ମାଇଁଙ୍କୁ ଦେଖିସାରିଲା ପରେ ମୋର କ୍ରନ୍ଦନର ସ୍ୱର ଆଉ ଟିକିଏ ତୀବ୍ରତର ହୋଇଥିଲା । କିଛି ସମୟ ପାଇଁ ମଧ ଆଇଙ୍କ ସହିତ ମୋର ବାଦାନୁବାଦ ଚାଲୁ ରହିଥିଲା ଓ ମାଇଁଙ୍କ ପାଖକୁ ମତେ ନପଠାଇବା ପାଇଁ ଆଇଙ୍କର ଏଇ ଅହେତୁକ ଜିଦ୍ ମତେ କିଂଚିତ୍ ବିସ୍ମିତ କରିଥିଲା ମଧ । ଦୀର୍ଘକାହାଣୀକୁ ସଂକ୍ଷେପରେ କହିବାକୁ ଗଲେ, ଆଇଙ୍କର ବାରଣ ନମାନି ଅବଶେଷରେ ମାଇଁ ମୋତେ କାଖକରି ତାଙ୍କ ଘରକୁ ନେଇ ଯାଇଥିଲେ ଓ ତାଙ୍କ ପଲଙ୍କରେ ଶୁଆଇ ଦେଇଥିଲେ । ଉଞ୍ଚ ତକିଆରେ ମୁଣ୍ଡ ଲାଗିଲା ଅଖାଡୁଆ । ତକିଆରେ କିନ୍ତୁ ଥିଲା ବଉଳମାଳ ଓ ଶ୍ୱେତଚନ୍ଦନର ବାସ୍ନା । ସେ ଘ୍ରାଣରେ ନିଦୁଆ ଆଖିକୁ ଚଟ୍‌କି ତନ୍ଦ୍ରା ମାଡିଆସିଲା ।

ସକାଳେ ନିଦଭାଙ୍ଗିଲା ବେଶ୍ ଶୀଘ୍ର । ଆଖି ଖୋଲି ଆଇଙ୍କୁ ଖୋଜିଲାବେଳକୁ ମନେପଡିଗଲା ଗତରାତିର କଥା । ମାଇଁଙ୍କ ପଲଙ୍କରେ ଆସି ଶୋଇଥିବାର କଥା । ଉଠିକି ଉଞ୍ଚ ପଲଙ୍କଟିରୁ ତଳକୁ ଡେଇଁବାକୁ ଯାଉଛି ଅଚାନକ୍ ଆଖି ଅଟକିଗଲା ବଖରା ଭିତରେ ଉପସ୍ଥିତ ଥିବା ଅନ୍ୟଏକ ନିଦ୍ରିତ ଆଗନ୍ତୁକ ଉପରେ ।

ଅନ୍ଧାରୁଆ ଘରର ଆରପଟରେ, ପଲଙ୍କଠୁ କିଛିଦୂର ଛାଡି, ଦଉଡିଆ ଖଟ ଉପରେ ଶାୟିତ ଅଚିହ୍ନା ମଣିଷଟିଏ । ମୁଣ୍ଡଠୁ ପାଦପର୍ଯ୍ୟନ୍ତ ଚାଦରରେ ଢ଼ଙ୍କା । ମୁହଁ ଦିଶୁନଥିଲା । ଆଶ୍ଚର୍ଯ୍ୟ ଲାଗିଲା । ଡର ବି । ମନ ଭିତରେ ଖେଳିଗଲା ଏକାଧିକ ପ୍ରଶ୍ନ । କିଏ ଏ ଲୋକ ? ଏଠିକି ଆସିଲା ବା କେମିତି ? ମାଇଁଙ୍କ ଅଜାଣତରେ ଘରେ ପ୍ରବେଶ କରିଛି ନିଶ୍ଚୟ । ଦଉଡିଆ ଖଟଟି ତ ଥିଲା ଅଗଣାରେ, ଏଠିକି ଆଣିଲା ବା କିଏ ?

ମାଇଁଙ୍କୁ ଖୋଜି ଖୋଜି ସମୀପବର୍ତ୍ତୀ ରୋଷେଇଶାଳକୁ ଗଲି ତ୍ରସ୍ତ ଓ ଭୀରୁ ପଦକ୍ଷେପରେ । ମାଇଁଙ୍କର ବଡିଭୋର୍‌ରୁ ଗାଧୋଇବା ଅଭ୍ୟାସ ଥିଲା । ସଦ୍ୟସ୍ନାତ ମାଇଁ ଆଖୁଛେଦା ଜଳାଇ ଚୁଲୀ ଲଗାଉଥିଲେ । ଚିକ୍କଣ ଗୋରା କପାଳରେ ନାଲି ଟୁକ୍‌ଟୁକ୍ ସାଧବବୋହୂ ପରି ସିନ୍ଦୂରର ଟିପା । ଫୁଙ୍କନଳାରେ ଚୁଲି ଫୁଙ୍କିଲାବେଳକୁ ହାତର ରେଶମୀ ଚୂଡୀ ରୁଣୁଝୁଣୁ ରୁଣୁଝୁଣୁ ଶବ୍ଦ କରୁଥିଲା । "ମାଇଁ, ମାଇଁ, ଦଉଡିଆସ । କିଏ ଗୋଟେ ଲୋକ ପଶିଚି ଘର ଭିତରେ । ହେଇଟି ଦେଖ - ଶୋଇଛି ସେଠି ଦଉଡିଆ ଖଟରେ" ମାଇଁଙ୍କୁ ତରବରକି ଖବରଟି ଦେଇଦେଲି । ମାଇଁ ମୃଦୁହସି କହିଲେ ମାତ୍ର ପଦଟିଏ କଥା "ସିଏ ପରା ମାମୁଁ !"

Digitized by srujanika@gmail.com

ମାମୁଁ ? ମାମୁଁ ଶୁଅନ୍ତି ଏଠି ? ଏଇ ବଖରାରେ ? ଜାଣିନଥିଲି ମୁଁ ସେପର୍ଯ୍ୟନ୍ତ । ମାମୁଁ ପ୍ରତିଦିନ ରାତିରେ ଘରକୁ ଫେରିଲା ବେଳକୁ ମୁଁ ଶୋଇ ପଡିଥାଏ ଆଇଙ୍କ ପାଖେ । ସକାଳେ ମୁଁ ଉଠିଲାବେଳକୁ ଶାଳୁଆ ଦାନ୍ତକାଠିରେ ଦାନ୍ତ ଘଷୁଘଷୁ ମାମୁଁ ଯାଉଥାଆନ୍ତି ନଈକି । ମାମୁଁ କେଉଁଠି, କେତେବେଳେ ବା କାହିଁକି ଶୁଅନ୍ତି, ସେ ସଂପର୍କରେ ସେତେବେଳେ ମୋର ଜ୍ଞାନ ବା କୌତୁହଳ ନଥିବାଟା ଇ ଥିଲା ସ୍ୱାଭାବିକ୍ । ପୁଣି ଥରେ ମାଇଁଙ୍କ ବଖରାରେ ପଶି ନିଦ୍ରାମଗ୍ନ ମଣିଷଟିକୁ ନିରେଖି ଦେଖିଲି । ସତରେ ମାମୁଁ । ବୁଝିପାରିଲି-ଏଇ ଘର ପଲଙ୍କରେ ଇ ମାମୁଁ ଶୁଅନ୍ତି ନିଇତି । ଗତକାଲି ରାତିରେ ମୁଁ ତାଙ୍କୁ ତାଙ୍କ ନିର୍ଦ୍ଧାରିତ ସ୍ଥାନରୁ ନିଶ୍ଚିତ ରୂପେ ବେଦଖଲ୍ କରିଛି । ତେଣୁ ଅଧରାତିରେ ମାମୁଁ ବାହାରୁ ଦଉଡିଆ ଖଟଟି ନେଇ ତହିଁରେ ଶୋଇଛନ୍ତି । ମାମୁଁଙ୍କୁ ଏତାଦୃଶ ହଇରାଣ କରିଥିବା ହେତୁ ନିଜକୁ ଅପରାଧୀ ମନେହେଲା । ଏକଥା ବି ବୁଝିପାରିଲି ଯେ ମାମୁଁଙ୍କର ଅସୁବିଧା ହେବବୋଲି ଗତ ରାତିରେ ଆଇ ପଠାଉନଥିଲେ ମତେ ଏଠିକି । ଏଇ କାରଣଯୋଗୁ ମଧ ମତେ କେବେହେଲେ ମାଇଁ ଡାକୁନଥିଲେ ତାଙ୍କ କୋଳରେ ପଶି ତାଙ୍କପାଖେ ପଲଙ୍କରେ ଶୋଇବାକୁ । କିନ୍ତୁ କେଜାଣି କାହିଁକି ସବୁକଥାର ଯୁକ୍ତିଯୁକ୍ତ ବିଶ୍ଳେଷଣ କରିସାରିଲା ପରେ ବି, ଅପରିପକ୍ୱ କୁନିମନଟିରେ କେଉଁଠି କେମିତି ଟିକିଏ ଅସ୍ୱସ୍ତି ରହିଗଲା । ରହିଗଲା ସାମାନ୍ୟ ଖଟ୍‌କା । କିଛି ଗୋଟିଏ ରହସ୍ୟର ସମୀଚୀନ ସମାଧାନ କରିନପାରିଲା ଭଳିଆ ।

ମାମୁଁ ଘରେ ଥିଲି ପୂରା ବର୍ଷେ । କିନ୍ତୁ ସେଇଦିନ ପରଠୁ ମାଇଁଙ୍କ ପଲଙ୍କରେ ଶୋଇବା ପାଇଁ ଆଉକେବେ ବି ଜିଦ୍ କରିନଥିଲି ।

■ ■ ■

ଅକ୍ଟୋବର ୧୯୯୯

Digitized by srujanika@gmail.com

# ଶାନ୍ତି ଭବନ

ଘରଟି ଥିଲା ଆମର ପରିଚିତା ଜଣେ ଅଧ୍ୟାପିକାଙ୍କର । ଉପହାର ସ୍ୱରୂପ ପାଇଥିଲେ ତାଙ୍କ ପିତାଙ୍କଠାରୁ । ଅଧ୍ୟାପିକା ଜଣକ କିନ୍ତୁ ଘରଟି ଭଡ଼ା ଲଗାଇଦେଇ ରହୁଥିଲେ ତାଙ୍କ ବାପାମା'ଙ୍କ ସାଥିରେ- ସପରିବାର । ବୃଦ୍ଧ ପିତାଙ୍କର ଥିଲା ପ୍ରସାଦୋପମ କୋଠିଟିଏ । ପୁତ୍ରଦ୍ୱୟ ଚାକିରି କରୁଥିଲେ ବାହାରେ । ତାଙ୍କର ଦେଖାଶୁଣା ପାଇଁ ଜଣେ କେହି ସନ୍ତାନ ପାଖରେ ରହିବା ଆବଶ୍ୟକ ଥିଲା ।

ପ୍ରଶସ୍ତ ପ୍ରାନ୍ତର ଭିତରେ ଆଜ୍‌ବେଷ୍ଟସ୍ ଛାତର ଆର୍ମି ବ୍ୟାରାକ୍ ଭଳିଆ ତିଆରି ଲମ୍ବ ଲମ୍ବ କେଇଟି ବଖରା । ସାମ୍‌ନାରେ ଓ ପଛରେ ଅପ୍ରଶସ୍ତ ବାରଣ୍ଡା । ଲୁଣିମାରି ଆସିଥିବା ପଲସ୍ତରା ଓ ଖିଲଖିଲଗା କାନ୍ଥର ଭଙ୍ଗାଦଦରା ଘରଟିଏ । ବାଁ ପଟକୁ ବେଶ୍ ଜାଗା ଆବୋରି ବଡ଼ ପୁଷ୍କରିଣୀ । ପୋଖରୀ କୂଳରେ ଚକାମାଡ଼ି ବସିଥିବା ସବୁଜ ଛାୟାପ୍ରଦ ସହକାର । ଘର ସାମ୍‌ନାରେ ଅପର୍ଯ୍ୟାପ୍ତ ଅନାବାଦୀ ଜମି- ଧୁତୁରା, ଗଇଣ, ନାଗୁଆରି ଓ ସୁସ୍ଥ ସବଳ ନାଗଫେଣୀରେ ଭର୍ତ୍ତି । ହତା ଚାରିପଟେ ପାଚେରୀ ନଥିଲା । ହତାଟି ତେଣୁ ଅନେକାଂଶରେ ଧେନୁମାନଙ୍କର ଚାରଣ ଭୂମିରେ ପରିଣତ ହୋଇଥିଲା । ସୁବୃହତ୍ ଜମି ଭିତରେ ବିବର୍ଣ୍ଣ ଘରଟି ଠିଆ ହୋଇଥିଲା ଏକ କଙ୍କାଳସାର ବୃଦ୍ଧପ୍ରାୟ । ସାମ୍‌ନା କାନ୍ଥର ବାଁ ପଟେ କଳାରଂଗରେ ଅନେକଦିନ ଆଗରୁ କିଏ ଜଣେ କେବେ ବଡ ବଡ ଇଂରାଜୀ ଅକ୍ଷରରେ ଲେଖି ଦେଇଥିଲା ଘରର ନାଁଟି- ଶାନ୍ତି ଭବନ । ଜ୍ୟେଷ୍ଠର ଖରା, ପୌଷର କାକର ଓ ଶ୍ରାବଣର ବର୍ଷାରେ ଅକ୍ଷରଗୁଡିକ ବେଶ୍ ନିଷ୍ପ୍ରଭ ପଡ଼ି ଆସିଥିଲା ।

ଘରଟି ଥିଲା ଆମ ଘରକୁ ଲାଗିକରି । ଆମ ବାରି ଓ ଘରଟି ମଝିରେ କେବଳ କଣ୍ଟାତାରର ବାଡ଼ଟିଏ । କଲେଜରେ ଅଧ୍ୟୟନରତ ଯେଉଁ ଛାତ୍ରମାନଙ୍କୁ ହଷ୍ଟେଲ୍‌ରେ ସ୍ଥାନ ମିଳୁନଥିଲା ସେମାନେ ମେସ୍ କରି ରହୁଥିଲେ ସେଠି । ଜ୍ଞାନ ହେଲା ଦିନଠୁ ଶାନ୍ତି ଭବନକୁ ଦେଖୁଥିଲୁ । ପ୍ରତ୍ୟେକ ବର୍ଷ ଜୁଲାଇ, ଅଗଷ୍ଟ ମାସ ବେଳକୁ କଲେଜରେ ନାଁ ଲେଖାହେବା ସମୟ ହେଲେ ଆସୁଥିଲେ ଏକାଧିକ କଳା, ଗୋରା ଓ ଗହମ ରଙ୍ଗର ମୁହଁସବୁ । ଆମଘର ସାମ୍‌ନା ଦେଇ ତରୁଣଦଳକ କଲେଜ ଯାଉଥିଲେ । ତାହା ହିଁ ଥିଲା ଏକମାତ୍ର ବାଟ । ମୁହଁ ସବୁ ନିୟମିତ ଦେଖି ଦେଖି କେଇଟା ଦିନରେ ବେଶ୍ ପରିଚିତ ହେଇ ଯାଉଥିଲେ ଆମର ।

ଆମ କଲୋନୀରେ ସମବୟସ୍କ କିଶୋରୀ ଝିଅ ଆମେ ଥିଲୁ ଅନେକଜଣ । ସ୍କୁଲରୁ ଫେରି ଜଳଖିଆ ପର୍ବ ସମାପ୍ତ କରି କେନାଲ କୂଳରେ ହାୱା ଖାଉଖାଉ

Digitized by srujanika@gmail.com

ଗୁଲିଗପ କରୁଥିଲୁ ସଭିଏଁ ମିଶି । ଗୁଲିଗପ ନକଲେ ଜଳଖିଆ ହଜମ ହେଉନଥିଲା । ଆମର ସେତେବେଳର ଅପରିଣତ ଓ ଅନଭିଜ୍ଞ କୁମାରୀ ମନରେ ମେସ୍‌ର ତରୁଣ ଦଳ କିଛିଟା ବର୍ଣ୍ଣବୈଭବ ଆଣି ଦେଉଥିଲେ । ସାମ୍ନା ରାସ୍ତା ଦେଇ ଗଲାବେଳକୁ କଣେଇ କଣେଇ ଚୋରି କରି ଚାହୁଁଥିଲେ ଆମମାନଙ୍କୁ । ଆମେସବୁ କୁର୍‌କୁର୍ ହୋଇ ହସୁଥିଲୁ । ଚୁମ୍‌ଟା ଚୁମ୍‌ଟି ହୋଇ ବାଜି ମରାମରି ହେଉଥିଲୁ, କାହାକୁ ତରୁଣଟି ଚୋରାଚାହାଣୀ ନିକ୍ଷେପ କଲା ବୋଲି । ଆମ ଭିତରେ ସବୁଠାରୁ ପ୍ରିୟଦର୍ଶନା ଥିଲା ତେଲୁଗୁ ଭାଷାଭାଷୀ ସୂର୍ଯ୍ୟପ୍ରଭା । ସ୍ୱଭାବତଃ ବେଶୀ ଭାଗ ପିଲେ ତାକୁଇ ଚାହୁଁଥିଲେ । ପ୍ରତ୍ୟେକଟି ମେସ୍ ପିଲାର ମୁହଁର ରୂପରେଖ ଆମର ଥିଲା ମୁଖସ୍ଥ । କିନ୍ତୁ ସେମାନଙ୍କ ମଧ୍ୟରୁ ଗୋଟିଏ ଯୁବକ ଆମର ଅତ୍ୟନ୍ତ ପ୍ରିୟ ଥିଲା । କାରଣ ପିଲାଟିର ମୁହଁ ଥିଲା ଚମତ୍କାର । ଲହୁଣୀ ପରି ଦେହର ବର୍ଣ୍ଣ । ମୁଣ୍ଡର ଢେଉ ଖେଳୁଥିବା ଗହଳ କେଶଦାମରେ କେଜାଣି କାହିଁକି ସାମାନ୍ୟ ସବୁଜାଭା ମିଶି ରହିଥିଲା । ଚନ୍ଦ୍ର ପରି ଅତି ରୂପବାନ୍ ହେବା ସତ୍ତ୍ୱେ ସାମାନ୍ୟ କଳଙ୍କ ଥିଲା ତା' ମୁହଁରେ । କପାଳର ଗୋଟିଏ ପଟେ ବେଶ୍ ଲମ୍ବା କଟା ଦାଗଟିଏ । ଆମେ ତା' ନାଁ ଦେଇଥିଲୁ 'କପାଳପୋଡ଼ା' । ଅନ୍ୟମାନଙ୍କ ଅପେକ୍ଷା ସିଏ ବାରି ହୋଇଯିବାର ଅନ୍ୟ ଗୋଟିଏ କାରଣ ମଧ୍ୟ ଥିଲା । ସିଏ ଆସିବା ଆଗରୁ ଆମେ ତା'ର ସୁସୁରୀର ଶବ୍ଦ ଶୁଣୁଥିଲୁ । ହ୍ୱିସିଲ୍ ମାରିବା ଥିଲା ତା'ର ଅଭ୍ୟାସ । ହିନ୍ଦୀ ସିନେମା ଗୀତ ସବୁ ହ୍ୱିସିଲ୍‌ରେ ସୁନ୍ଦର ଭାବରେ ଉଠାଇ ନେଉଥିଲା ।

ଥରଟିଏ ତା' ହ୍ୱିସିଲ୍‌ରେ କେମିତି ଗୋଟିଏ ଚିହ୍ନା ସ୍ୱରର ଧ୍ୱନ୍ ଶୁଣିବାକୁ ପାଇଥିଲି । ଚାରି ପାଞ୍ଚ ଦିନ ଧରି କ୍ରମାଗତ ଭାବରେ ହ୍ୱିସିଲ୍ ଶବ୍ଦ ଶୁଣିସାରିଲାପରେ ଜାଣିପାରିଲି ଯେ ତାହା ଥିଲା ମୁଁ ଗାଉଥିବା ଗୋଟିଏ ପଲ୍ଲୀଗୀତର ମୁଖଡ଼ା । ମୁଁ ସାନବେଳେ ଶ୍ରୀ ଦାମୋଦର ରାଉତ ବୋଲି ଜଣେ ସଙ୍ଗୀତଜ୍ଞଙ୍କଠାରୁ ଗୀତ ଶିଖୁଥିଲି । କଜା, ଗେଡା, ଗୋଲ୍‌ଗାଲ୍ ମଣିଷଟିଏ । ବେତାରକେନ୍ଦ୍ରରେ ମଝିରେ ମଝିରେ ଓଡ଼ିଶୀ, ପଲ୍ଲୀ ଗୀତ ବା ଚଣାଣ ଗାଉଥିଲେ । ସାର୍ ଆସିଲେ ହାର୍‌ମୋନିୟମ୍ ବଜାଇ ଆମର ବାରିପଟକୁ ମୁହଁ କରିଥିବା ବାରଣ୍ଡାରେ ବସି ମୁଁ ଗୀତ ଅଭ୍ୟାସ କରୁଥିଲି । ଆମ ବାରିକୁ ଲାଗି ଠିଆ ହୋଇଥିବା ଶାନ୍ତି ଭବନକୁ ଗୀତସବୁ ଶୁଭୁଥିଲା ସ୍ପଷ୍ଟଭାବେ । କହିବା ବାହୁଲ୍ୟ ଯେ ସୁଦର୍ଶନ ଯୁବକଟି ମୁଁ ଗାଉଥିବା ଗୀତଟି ଶୁଣି ଶୁଣି ମନେ ରଖିଦେଇଥିଲା ।

କେଜାଣି କାହିଁକି ସୁସୁରୀ ବଜାଉଥିବା ପିଲାଟିର ନାଁଟି ଜାଣିବାପାଇଁ ଆମ୍ଭେମାନେ ସମସ୍ତେ ଥିଲୁ ପ୍ରଚଣ୍ଡ ଆଗ୍ରହୀ । ପ୍ରତିଦିନ ତା' ସହିତ ଦେଖା ହେଉଥିଲେ ସୁଦ୍ଧା ଦୁଇପଦ ନିର୍ଦ୍ଦୋଷ କଥାବାର୍ତ୍ତା କରି ନାଁଟି ପଚାରିନେବା ଆମ ପକ୍ଷରେ ଅସମ୍ଭବ ଥିଲା । ଆମକୁ ଶିଖା ଯାଇଥିଲା, ଉଭୟ ବିଦ୍ୟାଳୟରେ ଏବଂ ଘରେ, ଯେ କୌଣସି

Digitized by srujanika@gmail.com

ପ୍ରାପ୍ତବୟସ୍କ ପୁରୁଷ ପିଲା ସହିତ କଥୋପକଥନ କରିବା ମହାପାପ ଏବଂ ସେ ମହାପାପ କରିବାପାଇଁ ଯଥେଷ୍ଟ ସାହସର ପ୍ରୟୋଜନ ଥିଲା, ଯାହାକି ସେତେବେଳେ ଆମ୍ଭମାନଙ୍କ ପାଖରେ ନଥିଲା । କିନ୍ତୁ ଦୈବାତ୍ ଗୋଟିଏ ଦିନର ଘଟଣାରୁ ଆମେ ତା' ନାଁଟି ଜାଣିବାକୁ ପାଇଥିଲୁ । ମୋର ଚାରି ପାଞ୍ଚ ବର୍ଷର ସାନଭାଇଟିକୁ ମେସ୍‌ପିଲାମାନେ ଅନେକ ସମୟରେ ଡ଼ାକି ତା' ସହିତ ଖେଳୁଥିଲେ କିମ୍ବା ଗପ କରୁଥିଲେ । ବାରିପଟ କବାଟ ଖୋଲି କୁନିଭାଇଟି ମୋର ଚୁଟ୍‌କି ଚାଲିଯାଉଥିଲା ମେସ୍‌କୁ । ଭାଇଟି ମୋର ଥିଲା ଅତ୍ୟନ୍ତ ଗୁଲୁଗୁଲିଆ- ଚିନି କଣ୍ଢେଇ ପରି । ତାକୁ ଦେଖିଲେ ଯେ କୌଣସି ମଣିଷର ମନ ସ୍ନେହାର୍ଦ୍ର ହୋଇଯିବା ଥିଲା ସ୍ୱାଭାବିକ ।

ଦିନେ ମୋ ଭାଇ ମେସ୍‌ରୁ ଫେରିଲାବେଳକୁ ତା' ହାତରେ ଛବି ଥିବା ଚଉଖୁଣ୍ଟିଆ ଓ ବେଶ୍ ବଡ଼ ଆକାରର ଇଂରାଜୀ ପତ୍ରିକାଟିଏ । ନାଁଟି ପଢ଼ିଲି- ଇଲଷ୍ଟ୍ରେଟେଡ୍ ଉଇକ୍‌ଲି । ପ୍ରଥମଥର ପାଇଁ ଉକ୍ତ ପତ୍ରିକାଟି ଦେଖିଲି ସେଦିନ । ପତ୍ରିକା ଉପରେ ପରିଷ୍କାର ଇଂରାଜୀ ହାତରେ ଲେଖା-ଲଳିତ୍ ନାୟକ ।

''ଏ ବହି କୋଉଠୁ ପାଇଲୁ ?'' ବୋଉ ସାଙ୍ଗେ ସାଙ୍ଗେ ପଚାରି ବସିଲା- ପନିଖିରେ ପରିବା କାଟୁକାଟୁ । ''ସେଇ ଯେ ଧଳା ପିଲା- ମୁଣ୍ଡରେ ଦାଗ ଅଛି ସେଇ ଦେଇଛି ମତେ ଛବି ଦେଖିବାକୁ'' ଭାଇ ଥଙ୍ଗେଇ ଥଙ୍ଗେଇ ଉତ୍ତରଦେଲା ।

''କେଜାଣି ? ସିଏ କାହିଁକି ତତେ ଇଂରାଜୀ ବହି ଦବାକୁ ଯିବ ? ଯା ବେଇଗି, ତା' ଟେବୁଲରୁ ଉଠେଇକି ଆଣିଚୁ ଯଦି ଏବେ ଫେରାଇଦେଇ ଆ'' ବୋଉ ପାଟିକରି ଧମକାଇଦେଲା । ବହିଟି ଦୁଇହାତରେ ଜାକିଧରି ମୋ ଭାଇ କାନ୍ଦକାନ୍ଦ ହୋଇ କହିଲା- ଭୀତିପ୍ରଦ ସ୍ୱରରେ,''ନାଇଁ ନାଇଁ, ସତ କହୁଛି, ଧଳାପିଲା ମତେ ବହିଟି ଦେଇଚି । ମତେ ଲେଭେନ୍‌ଚୁଷ୍ ଦେଲା ଆଉ କାମୁଡ଼ିଦେଲା ବି ।''

''କାମୁଡ଼ିଦେଲା ? ଇଏ କି କଥା ? ଯିବୁରେ ବାପୁ ପଚାରି ଆସିବୁ କାହିଁକି ସିଏ କାମୁଡ଼ିଲା ମୋ ପୁଅକୁ ? ମୁଣ୍ଡ ଖରାପ ନ କଅଣ ?'' ବୋଉ ପରିବାକଟା ବନ୍ଦ ରଖି ଆଦେଶ ଜାରି କଲା ଓ ବୋଉର ରାଗ ରାଗ ମୁହଁ ଦେଖି ମୋ କୁନି ଭାଇଟି ଭୟରେ ତା'ର ଗୋଲାପି ଗାଲଟି ଦେଖାଇ ତତ୍‌କ୍ଷଣାତ୍ କହିଉଠିଲା, ''ନାଇଁ ମାଁ ! ରାଗିକି କାମୁଡ଼ିନି, ମତେ ଭଲପାଇକି କାମୁଡ଼ିଦେଲା, ଏଇଠିକି ।''

ତା' କଥା ଶୁଣି ଆମେ ସମସ୍ତେ ହୋ ହୋ ହୋଇ ହସିଉଠିଲୁ । ମୋର ଅଳ୍ପ ବୟସ୍କ ଭାଇଟିର ଶବ୍ଦଜ୍ଞାନ ଥିଲା ସୀମିତ । ପିଲାଟି ନିଶ୍ଚିତଭାବରେ ସ୍ନେହରେ ଗେଲ ଦେଇଥିଲା ତାକୁ ଏବଂ ମୋ ଭାଇ ଭାଷାରେ ତାହା ଥିଲା 'କାମୁଡ଼ିବା'- ଅନ୍ୟ କୌଣସି ପ୍ରତିଶବ୍ଦ ତାକୁ ଜଣାନଥିବା ହେତୁ । ପ୍ରସଙ୍ଗତଃ କହିରଖେ ଯେ ସେତେବେଳର ମୋର ସେଇ ପୁଟ୍‌କାଗାଲିଆ କୁନି ଭାଇଟି କମ୍ପ୍ୟୁଟର ସାଇନ୍ସରେ ପି.ଏଚ୍. ଡ଼ି. କରି

Digitized by srujanika@gmail.com

ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ବୈଜ୍ଞାନିକ ଭାବରେ ନିଯୁକ୍ତ । ତା' ପିଲାବେଳର ଗପଟି ଏବେ ବି ତାକୁ ଆମେ କହି ପରିହାସ କରୁ -ଟେଲିଫୋନ୍‌ରେ ମଧ୍ୟ ।

ଯାହାହେଉ, ସେତେବେଳର ଏଇ ଘଟଣାଟି ମୋ ପିଲାବେଳର ଅନ୍ୟ ଏକ ଘଟଣାକୁ ମୋର ସ୍ମୃତିପଥକୁ ନେଇ ଆସିଥିଲା ।

ଅନେକ ବର୍ଷ ଆଗର କଥା । ମୁଁ ଯେତେବେଳେ ମୋ ଭାଇ ବୟସର ଥିଲି । ସେତେବେଳେ ମଧ୍ୟ ଶାନ୍ତିଭବନର ଛାତ୍ରମାନେ ମୁଁ ଏବଂ ମୋର ସମବୟସୀ ବନ୍ଧୁମାନଙ୍କୁ ଅପରାହ୍ନରେ ମେସ୍‌କୁ ଡ଼ାକି ଆମ୍ଭମାନଙ୍କ ସହିତ ଖୁସିଗପ କରୁଥିଲେ । ନାଁ କଅଣ ? କେଉଁ ଶ୍ରେଣୀରେ ପଢୁଛୁ, ଆଜି କଅଣ ଖାଇଛୁ ଇତ୍ୟାଦି ଇତ୍ୟାଦି । ସ୍ୱ ସ୍ୱ ପରିବାରଠାରୁ ଦୂରରେ ରହି ଶିଶୁମାନଙ୍କ ଗହଣରେ କିଛିଟା ସମୟ ଅତିବାହିତ କରିବା ସେମାନଙ୍କୁ ଆନନ୍ଦଦାୟକ ମନେ ହେଉଥିଲା ନିଶ୍ଚୟ । କିନ୍ତୁ ସମସ୍ତଙ୍କ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ଛାତ୍ର ସହିତ ମୋର କିଛିଦିନ ପରେ ଜବରଦସ୍ତ ବନ୍ଧୁତ୍ୱ ଜମି ଯାଇଥିଲା । ପିଲାଟିର ଥିଲା ଅସାଧାରଣ ସ୍ୱାସ୍ଥ୍ୟ । ଉଭୟ ଦୈର୍ଘ୍ୟ ଓ ପ୍ରସ୍ଥରେ ଦେଖିଲା ଭଳିଆ । ମୁଣ୍ଡରେ ଗୋଛାଏ କୁଞ୍ଚକୁଞ୍ଚିଆ ବବୁରି ବାଳ । ଗୋଲ୍ ମୁହଁ ଚାରିପଟେ ଅଧଇଞ୍ଚ ଲମ୍ବର ବହଳ ଦାଢ଼ି ମୁହଁଟିକୁ ଆଉ ଟିକିଏ ବର୍ତ୍ତୁଳାକାର କରିଦେଉଥିଲା । ଏଭଳି ସ୍ୱାସ୍ଥ୍ୟବାନ ଯୁବକଟିଏ ମୁଁ ଆଜିପର୍ଯ୍ୟନ୍ତ ଦେଖିନି । ସିଏ ମତେ ଡ଼ାକୁଥିଲା ନାଁ ଧରି । ମୁଁ କିନ୍ତୁ ତା' ନାଁ ଜାଣିନଥିଲି । କୌତୁହଳବଶତଃ ଦିନେ ତା' ଖଟରେ ଗୋଡ଼ ଝୁଲାଇ ବସି ତାକୁ ପଚାରିଥିଲି ତା' ନାଁଟି ।

''ଏଇଠି ପାଖ ହିନ୍ଦ୍ ସିନେମାରେ ଗୋଟିଏ ଫିଲ୍‌ମ ଚାଲିଛି ଏବେ । କଅଣ ସେ ଫିଲ୍‌ମର ନାଁ କହ୍ତ !'' ପିଲାଟି ଇଷଦ୍ ହସି ମତେ ପଚାରିଲା । ତା' ନାଁ ସହିତ ସିନେମାର କଅଣ ସମ୍ପର୍କ ମୁଁ ଜାଣିପାରିଲି ନାହିଁ । କିନ୍ତୁ ନାଁଟି କହିଦେଲି ସାଙ୍ଗେ ସାଙ୍ଗେ - ସାମ୍‌ସନ୍ ଆଣ୍ଡ୍ ଡେଲାଇଲା । କେଇଦିନ ଆଗରୁ ମୋର କଲେଜପଢୁଆ ତରୁଣ ମାମୁଁ ସିନେମାଟି ସଂପର୍କରେ ବୋଉ ସାଥିରେ ଗପ କରୁଥିବାର ଶୁଣିଥିଲି ।

''ଠିକ୍ ଠିକ୍ । ତୁ ଦେଖିଛୁ ସେ ସିନେମାଟି ?'' ପିଲାଟି ଦ୍ୱିତୀୟ ପ୍ରଶ୍ନ କଲା ମତେ ।

''ବାଃ ! ମୁଁ କେମିତି ଦେଖିବି ? ସିନେମାଟି ତ ଇଂଲିଶ୍ ଭାଷାରେ । ଆଉ ଇଂଲିଶ୍ ମୁଁ ଜାଣିନି ।'' ମୁଁ ଉତ୍ତରଦେଲି ।

''ଯାଇକି ଦେଖିଆସିବୁ । ସିନେମାର ହିରୋ ହେଉଛି ସାମ୍‌ସନ୍ । ତା' ମୁଣ୍ଡବାଳ ଠିକ୍ ମୋ ମୁଣ୍ଡବାଳ ଭଳିଆ । ଆଉ ଭାରି ଶକ୍ତି ତା'ର । ଠିକ୍ ମୋ ଭଳିଆ ।'' ପିଲାଟି ତା' ହାତପେଣ୍ଡାର ମଜବୁଦ୍ ମାଂସପେଶୀ ଦେଖାଇ ବୁଝାଇଦେଲା । ମୁଁ କିନ୍ତୁ ସିନେମାଟି ସମ୍ପର୍କରେ ଜମ୍ମାରୁ ଆଗ୍ରହାନ୍ୱିତ ନଥିଲି । ବରଂ ତା'ର ନାଁଟି ଜାଣିବାକୁ ଚାହୁଁଚି ବୋଲି ପିଲାଟିକୁ ମନେ ପକାଇଦେଲି ।

Digitized by srujanika@gmail.com

"ମୋ ନାଁ ବି ସାମ୍‌ସନ୍ । ତୁ ମତେ ସାମ୍‌ସନ୍ ବୋଲି ଡ଼ାକିପାରୁ ।" ପିଲାଟି ଉତ୍ତରଦେଲା ଗମ୍ଭୀର ଭାବରେ । ମୁଁ ବୁଝିପାରିଲି ସିଏ ମଜା କରୁଛି ମୋ ସାଥିରେ । ଖିଲ୍ ଖିଲ୍ ହୋଇ ହସିଉଠିଲି । ପିଲାଟି ବି ଫିକ୍‌କିନା ହସିଦେଲା ମୋ ହସ ସହିତ ତାଳଦେଇ । ଆଉ ସେଇଦିନଠୁ ସିଏ ହୋଇଗଲା ମୋ ପାଇଁ ସାମ୍‌ସନ୍ ।

ଦିନେ ଗୋଧୂଳି ସମୟରେ ସାମ୍‌ସନ୍ ଓ ମୁଁ ମେସ୍‌ପିଣ୍ଡାରେ ଠିଆହୋଇ ଗପ କରୁଛୁ, ହଠାତ୍ କଥା ମଝିରେ ଅଟକିଯାଇ ସାମ୍ନା ରାସ୍ତାରେ ଚାଲିକି ଯାଉଥିବା ଲାଜକୁଳୀ ତନ୍ୱୀ ଝିଅଟିକୁ ଆଖିର ଇଙ୍ଗିତରେ ଦେଖାଇ ସାମ୍‌ସନ୍ ମତେ ପଚାରିଲା । "ଏଇ ଝିଅଟିକି ଚିହ୍ନିଚୁକି ?" "ଓହୋ ! ସିଏ ପରା ରାଣୀଦିଦି । ମହିଳା କଲେଜରେ ପଢ଼ନ୍ତି । ଫେରୁଛନ୍ତି ଏବେ କଲେଜରୁ । ଡ଼ାକିବି କି ତାଙ୍କୁ ?" ମୁଁ ଆଗ୍ରହର ସହିତ ପଚାରିଲି । "ଆରେ ନା, ନା, ଡ଼ାକ୍‌ନା ଡ଼ାକ୍‌ନା ।" ସାମ୍‌ସନ୍ ବ୍ୟସ୍ତ ହୋଇ ମୋ ହାତଧରି ମତେ ଅଟକାଇଲା । କହିଲା, "ତୁ ଯଦି କେତେବେଳେ ତାଙ୍କ ଘରକୁ ଯାଉ, ତୋ ରାଣୀ ଦିଦିଙ୍କୁ କହିଦେବୁ ମୁଁ ତାଙ୍କ କଥା ପଚାରୁଥିଲି ବୋଲି ।"

"ଆଚ୍ଛା !" ଜବାବ୍ ଦେଇ ଘରକୁ ଫେରିଲି ।

ରାଣୀ ଦିଦିଙ୍କୁ ଚିହ୍ନିଥିଲି ଭଲକରି । ଆମଘରଠାରୁ ସାମାନ୍ୟ ଦୂରରେ ଘର । ତାଙ୍କ ସାନଭଉଣୀ ଥିଲା ମୋ ସାଙ୍ଗ । ରାଣୀ ଦିଦି ଥିଲେ କିନ୍ତୁ ଭାରି ସୁନ୍ଦର । ପିନ୍‌ପିନ୍ ପତଳା ଚେହେରା । ପିନ୍ଧୁଥିଲେ ଧଳାଶାଢ଼ୀ-ଘୋଡ଼ିଘାଡ଼ି ହୋଇ । ଶାଢ଼ୀର ବର୍ଣ୍ଣ ତାଙ୍କ ତ୍ୱକ୍‌ର ବର୍ଣ୍ଣସହିତ ମିଶିଯାଉଥିଲା । ତଳକୁ ମୁହଁପୋତି ନାକସିଧା ବାଟ ଚାଲୁଥିଲେ । ଥିଲେ ଭାରି ଶର୍ମିଳୀ । ଲାଜ କଲେ ଗାଲ ଦୁଇଟିର ମଝି ଅଂଶରୁ ଗୋଲାପି ରଙ୍ଗ ଉକୁଟୁଥିଲା ।

କିଛିଦିନ ପରେ ପୁଣି ଥରେ ଶାନ୍ତିଭବନରେ ମୋତେ ଦେଖି ଦେଖି ସାମ୍‌ସନ୍ ପଚାରିଲା, "ରାଣୀ ଦିଦିଙ୍କୁ କହିଲୁ ନା ମୋ କଥା ?" ମନେ ମନେ ଜିଭ କାମୁଡ଼ିଲି । କଥାଟି ବିବାକ୍ ଭୁଲି ଯାଇଥିଲି ବୋଲି । କିନ୍ତୁ ସାମ୍‌ସନ୍‌କୁ ବେଶ୍ ନିର୍ଦ୍ଦ୍ୱନ୍ଦ ମନରେ ମିଛ କଥାଟିଏ କହିଦେଲି । "ଯାଇଥିଲି ଯେ, ହେଲେ ରାଣୀ ଦିଦିଙ୍କର ମୁଣ୍ଡ ବିନ୍ଧୁଥିଲା । ଶୋଇଥିଲେ । ମୁଁ ଖାଲି ମୋ ସାଙ୍ଗ ସାଥିରେ ଖେଳିକି ପଳେଇଆସିଲି ।"-

ସାମ୍‌ସନ୍‌ର ହସ ହସ ମୁହଁ ହଠାତ୍ ନିଷ୍ପ୍ରଭ ଦେଖାଗଲା । ବେଶ୍ ବିବ୍ରତ ହୋଇ ପଡ଼ିଲା ମଧ୍ୟ ସିଏ । ତା'ର ପଢ଼ା ଟେବୁଲର ଡ୍ରୟର ଟାଣି ଅନେକ ସମୟ ଖୋଜାଖୋଜି କରି ଗୋଟିଏ ବଟିକା ଆଣି ମୋହାତରେ ଦେଇ କହିଲା, "ଠିକ୍ ଅଛି ଏଇ ଔଷଧଟା ନେ, ରାଣୀ ଦିଦିଙ୍କୁ ଦେଇଦେବୁ । ମୁଣ୍ଡବିନ୍ଧା ଭଲହବାର ଔଷଧ । ମୋର ମୁଣ୍ଡବିନ୍ଧିଲେ ମୁଁ ଏଇ ବଟିକାଟା ଖାଏ ।" ବଟିକାଟି ହାତରେ ଧରି ଦୌଡ଼ି ପଳାଇ ଆସିଲାବେଳେକୁ ପଛରୁ ସାମ୍‌ସନ୍ ଡ଼ାକଛାଡ଼ିଲା ପୁଣି ଥରେ, "ଆରେ ରହ, ରହ ।"

Digitized by srujanika@gmail.com

''କଅଣ କହିବ କହୁନ ? ବଟିକାଟା ରାଣୀ ଦିଦିଙ୍କୁ ଦବାକୁ ଯିବି ଯେ !'' ମୁଁ ଅଧା ରାସ୍ତାରେ ଅଟକି ଉତ୍ତରଦେଲି ।

''ନାଇଁ, କିଛିନାଇଁ । ଖାଲି ରାଣୀ ଦିଦିଙ୍କୁ କହିଦେବୁ ମେଡିସିନ୍‌ଟା ମୁଁ ଦେଇଚି ବୋଲି ।'' ସାମ୍‌ସନ୍ ମନେ ପକାଇଦେଲା ଓ ତାହା କରିବାପାଇଁ ପ୍ରତିଜ୍ଞାବଦ୍ଧ ହୋଇ ମୁଁ ଦଉଡ଼ିକି ପଳାଇଆସିଲି ।

ଯା ପରେ ପରେ ଅବଶ୍ୟ ଅଳ୍ପ କେଇଦିନ ଭିତରେ ତନ୍ୱୀ, ସୁଶ୍ରୀ, ବ୍ରୀଡ଼ାବନତା ଓ ଅଧୋବଦନା ରାଣୀ ଦିଦିଙ୍କର ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥିଲା ଓ ବୋଉ ସହିତ ମୁଁ ଯାଇ ବାହାଘର ଭୋଜି ଖାଇ ଆସିଥିଲି । ସାମ୍‌ସନ୍ ରାଣୀ ଦିଦିଙ୍କ ସମ୍ପର୍କର ମୋ ସହିତ ଆଉ କଥୋପକଥନ କରିନଥିଲା । କହିବା ବାହୁଲ୍ୟ ଯେ ରାଣୀ ଦିଦିଙ୍କ ମାଙ୍ଗଳିକ କାର୍ଯ୍ୟଟି ସମ୍ପର୍କରେ ବିଷଦ୍ ବିବରଣୀ ମୁଁ ତାକୁ ଦେଇଥିଲି ।

ସାରା ଜୀବନ ଭାରତବର୍ଷର ବିଭିନ୍ନ ସ୍ଥାନରେ ବିତାଇ ଓଡ଼ିଶା ଫେରିଲା ପରେ ଏବେ ଦିନେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଉତାରୁ ରାଣୀ ଦିଦିଙ୍କ ସହିତ ଅଚାନକ ଭୁବନେଶ୍ୱରରେ ଦେଖା । ପରିବା ବଜାରରେ ଆଳୁ, ପିଆଜ କିଣୁଥିଲେ-ସାଥିରେ ତିନୋଟି କିଶୋର ବୟସର ନାତିଙ୍କୁ ଧରି । ମୁଁ ତାଙ୍କୁ ଆଦୌ ଚିହ୍ନି ପାରିନଥିଲି । ସିଏ କିନ୍ତୁ କେଜାଣି କେମିତି ଏକ ଅଦ୍ଭୁତ ଯାଦୁକରୀ ବିଦ୍ୟା ଫଳରେ ମତେ ଚିହ୍ନି ପାରିଥଲେ । ନିଜର ପରିଚୟ ଦେଇଥିଲେ ଓ ସସ୍ନେହ ଆଲିଙ୍ଗନ କରିଥିଲେ । ତାଙ୍କୁ ଦେଖି କେଜାଣି କାହିଁକି ହଠାତ୍ ସାମ୍‌ସନ୍‌ର କଥା ମୋର ମନେପଡ଼ିଥିଲା । ଭାବିଥିଲି ସାମ୍‌ସନ୍ ଯେଉଁଠି ଥାଉନା କାହିଁକି, ମୁହୂର୍ତ୍ତକ ପାଇଁ ଆସି ତା'ର ସ୍ୱପ୍ନର ପିତୁଳାକୁ ଥରଟେ ଦେଖିଦେଇ ପାରନ୍ତାକି !

ଏକଦା ତନ୍ୱୀ ଓ ସୁଶ୍ରୀ ରୂପେ ଖ୍ୟାତିଲାଭ କରିଥିବା ରାଣୀଦିଦି ଯେତେବେଳେ ମତେ ବାହୁପାଶରେ ଆବଦ୍ଧ କରିଥିଲେ ମୁଁ ମଧ୍ୟ ଆନନ୍ଦାତିଶଯ୍ୟରେ ତାଙ୍କୁ ନିଜ ଦୁଇହାତରେ କୁଣ୍ଢାଇ ପକାଇଥିଲି, ସ୍ୱତଃସ୍ଫୂର୍ତ୍ତ ଭାବରେ । କିନ୍ତୁ ମୋର ହାତଦୁଇଟି କେବଳ ତାଙ୍କର ମାତ୍ରାଧିକ୍ୟ ଭାବରେ ସ୍ଫୀତ ଉଦରଟିକୁ ବେଷ୍ଟନ କରି ପାରିଥିଲା । ତାଙ୍କ ପିଠିପଟକୁ ମୋ ହାତ ପାଇନଥିଲା । ଏକଦା କଷି ନହକା ଡ଼ାଳପରି ଦୋହଲୁଥିବା ରାଣୀ ଦିଦିଙ୍କର ପତଳା ଦେହଲତା ବର୍ତ୍ତମାନ ମେଦର ମାତ୍ରାଧିକ୍ୟରେ ରୂପାୟିତ ହୋଇଥିଲା ଏକ ଜାପାନୀ ସୁମୋ ପହିଲ୍‌ୱାନ୍‌ର ଶରୀରରେ ।

■ ■ ■

ନଭେମ୍ବର ୧୯୯୯

Digitized by srujanika@gmail.com

# ଅଷ୍ଟମ ସନ୍ତାନର ଜନନୀ

ତାଙ୍କର ଥିଲେ ସାତଟି ସନ୍ତାନ - ଝୁନୁ, ଦୁଲୁ, ବିପୁଳ, ଅନୁ, ଭନ୍ଟି, ଟପଲି ଓ ଦୀପୁ । ମୋ ସ୍ୱାମୀ ବିନୟ ଥିଲେ ଅଷ୍ଟମ - ଜ୍ୟେଷ୍ଠ ପୁତ୍ର ।

ବିନୟ ମୋତେ ବାଲେଶ୍ୱରରେ ତାଙ୍କ କଥା କିଛି କହି ନଥିଲେ । ସମୟ ବି ନଥିଲା, ଆସାମର ସବୁ ଖବର ଶୁଣିବା ପାଇଁ । ବାହାଘର ପରେ ମାତ୍ର ପନ୍ଦରଟି ଦିନ ଶାଶୁଘରେ ରହିଥିଲି, ନବବଧୂ ରୂପେ । ବନ୍ଧୁବାନ୍ଧବ, କୁଣିଆ ମଇତ୍ରଙ୍କ ଭିଡ଼ । ଦୁଇଜଣ ଯାକ ପରସ୍ପରକୁ ଭଲଭାବରେ ଚିହ୍ନିବା ପାଇଁ ବି ସମୟ ନଥିଲା ହାତରେ । ମୋ ଆଗମନ ପୂର୍ବରୁ ତାଙ୍କ ଜୀବନରେ ଘଟିଥିବା ଘଟଣାଗୁଡ଼ିକର ବିଶଦ୍ ବିବରଣୀ ଦେବା - ସେତିକି ସମୟ ଭିତରେ - ବିନୟଙ୍କ ପକ୍ଷରେ ଥିଲା କାର୍ଯ୍ୟତଃ ଅସମ୍ଭବ ।

ଶ୍ରାବଣ ମାସର ସଜଳ ଅପରାହ୍ନ । ଗୌହାଟୀରେ ଉଡାଜାହାଜରୁ ଓହ୍ଲାଇ ତାଙ୍କୁ ଦେଖିଥିଲି ଏୟାରପୋର୍ଟ ଲାଉଞ୍ଜର ଠିକ୍ ପ୍ରବେଶ ଦ୍ୱାରରେ । ଠିଆ ହୋଇଥିଲେ ଖୋଲା ଦରଜାର ଅନେକାଂଶ ଦଖଲ୍ କରି । ଥିଲେ ବେଶ୍ ସ୍ୱାସ୍ଥ୍ୟବତୀ । ଗହମ ରଙ୍ଗର ବାଙ୍ଗରୀ ହୋଇ ମହିଳାଟିଏ । ଚେପ୍‌ଟା ଗୋଲ୍ ମୁହଁ । ବାଳକୁ ସାମନାରୁ ଟାଣି ପଛପଟେ କୁନି ଗଣ୍ଠିଟିଏ ପକାଇଥିଲେ । ଅନେକଟା ଆମ ମା' ମାଉସୀମାନଙ୍କ ଭଳିଆ । ପିନ୍ଧିଥିଲେ ନିଜସ୍ୱ ପୋଷାକ । ଜରିଧଡ଼ି ଥିବା ଧଳା ଆସାମୀ ସିଲ୍‌କର ମେଖଳା ଓ ଚାଦର । ଅନେକାଂଶରେ ଆନ୍ଧ୍ରପ୍ରଦେଶର ଘାଗରା ଓ ଓଢ଼ଣୀ ପରି । ପଣତକାନି ପିଠିପଟ ଦେଇ ଖୋଷା ଉପରେ ବୁଲି ଆଗକୁ ଟଣା ହେଇଥିଲା । ବ୍ଲାଉଜ୍ ଦିଶୁନଥିଲା । ଆଖିଯୋଡ଼ିକ ଥିଲା ବର୍ମିଜମାନଙ୍କ ଭଳିଆ ସାନ ଓ ସରୁ । ତଳଓଠକୁ ଲାଗି ବେଶ୍ ବଡ଼ ବିରି ମାପର କଳାଜାଇଟିଏ । କପାଳ ମଝିରେ ଜକ୍‌ଜକ୍ କରୁଥିବା ଗୁଣ୍ଡସିନ୍ଦୂରର ଚାରଣି ଆକାରର ଠୋପାଟି ମହିମାମଣ୍ଡିତ କରୁଥିଲା ମୁଖଶ୍ରୀ । ମୁହଁଟି ହସହସ ।

ବିନୟଙ୍କୁ ଦେଖିଦେଇ କୁଣ୍ଢାଇ ପକାଇଲେ । ବିନୟ ନୂଆ ମଣିଷଟିକୁ ଚିହ୍ନାଇ ଦେଲେ ମାତ୍ର ପଦିଏ କଥାରେ । ମୋ ଆଡକୁ ଅନାଇ କହିଲେ 'ଇଏ ମା' । ଏଭଳି ଅପ୍ରତ୍ୟାଶିତ ଘଟଣାଟିଏ ପାଇଁ ମୁଁ ପ୍ରସ୍ତୁତ ନଥିବାରୁ ସାମାନ୍ୟ ଘାବରେଇ ଗଲି । କିନ୍ତୁ ମା' ଶବ୍ଦ ଶୁଣି ଜୁହାର କରିବାକୁ ନଇଁପଡ଼ିଲା ବେଳକୁ କୋଳକୁ ଟାଣିନେଲେ ମୋତେ । ପ୍ରବେଶ ପଥରେ ପ୍ଲେନ୍‌ରୁ ଓହ୍ଲାଇଥିବା ଅଜସ୍ର ଯାତ୍ରୀଙ୍କ ଭିଡ଼ । ତା'ରି ଭିତରେ ଠିଆହୋଇ - ସତେ ଅବା ଯାଦୁବିଦ୍ୟା ବଳରେ - କେଉଁଠୁ ବାହାର କରି ଆଣିଲେ ହାତୀଦାନ୍ତ ରଙ୍ଗର ଛୋଟ ପ୍ଲାଷ୍ଟିକ୍ ଡବାଟିଏ । ଡବାଟି ଖୋଲି, ମୋ ବାଁ ହାତଟି ଟାଣିନେଇ ଅନାମିକାରେ ପିନ୍ଧାଇ ଦେଲେ ଚମତ୍କାର ଗୋଟିଏ ସୁନାମୁଦି ।

Digitized by srujanika@gmail.com

ବଡ଼ ଠିକିରି ଆକାରର ଅର୍ଖ ନୂଆ ଅଙ୍ଗୁରୀୟଟି ଚକ୍‌ଚକ୍ କରୁଥିଲା ଖଞ୍ଜା ହୋଇଥିବା କୁନି କୁନି ଧୋବଲା ଓ ନାଲି ପଥରରେ । ଚକ୍ ଚକ୍ କରୁଥିଲା ମା'ଙ୍କର ମୁହଁ ବି । ଖୁସିର ଝଲକରେ ।

ବିନୟ ଯେତେବେଳେ ଟ୍ରେନିଂ ସାରି ଗୌହାଟୀରେ ପ୍ରଥମକରି ଚାକିରିରେ ଯୋଗ ଦେଇଥିଲେ, ଶ୍ରୀ ଗିରୀନ୍ ଭୂୟାଁ ସେତେବେଳେ ଥିଲେ ସେଠାରେ ଇଣ୍ଟେଲିଜେନ୍ସ ବିଭାଗର ଡି.ଏସ୍.ପି. । ଚାକିରିରେ ବିନୟଙ୍କଠାରୁ ଜୁନିୟର ହେଲେ ସୁଦ୍ଧା, ବୟସରେ ଥିଲେ ଯଥେଷ୍ଟ ବଡ଼ । ବିନୟଙ୍କ ସହିତ ଅଫିସ୍‌ରେ ଦେଖାସାକ୍ଷାତ ଓ ଚିହ୍ନାପରିଚୟ । ଶ୍ରୀ ଭୂୟାଁ ସୌଜନ୍ୟବୋଧ ହେତୁ ଅନେକଥର ବିନୟଙ୍କୁ ଅନୁରୋଧ କରିଥିଲେ ତାଙ୍କ ଘରକୁ ଯିବାପାଇଁ । ବିନୟଙ୍କର ଲୁଜାମନ । ଟାଳଟୁଳ କରି କିଛିଦିନ କଟିଥିଲା ।

ଶେଷପର୍ଯ୍ୟନ୍ତ ଦିନେ ଶ୍ରୀ ଭୂୟାଁ ଏକପ୍ରକାର ଜୋର୍ କରି ତାଙ୍କୁ ନେଇ ଯାଇଥିଲେ ସ୍ୱବାସଭବନକୁ । ବାସ୍ ! ସେଇ ଗୋଟିଏ ଦିନ । ତା'ପରଠୁ ଆଉ ବିନୟଙ୍କୁ ଜୋର୍ କରିବା ଦରକାର ପଡ଼ିନଥିଲା । ସିଏ ଯାଉଥିଲେ ମନକୁ ମନ - ନିୟମିତ । ଅପରିଚିତ ପ୍ରଦେଶରେ ସଦ୍ୟ ପହଞ୍ଚିଥିବା ଯୁବକ ଅଫିସରଟିକୁ ସ୍ନେହ ମିଳିଥିଲା । ନିରାପତ୍ତା ମିଳିଥିଲା । ଆଉ ସର୍ବୋପରି ମିଳିଥିଲା ଆଦରରେ ବଢ଼ା ହୋଇଥିବା ଗରମ ଭାତର ଥାଳି ।

ଯା ଭିତରେ କେତେବେଳେ କେମିତି ଶ୍ରୀମତୀ ଭୂୟାଁଙ୍କୁ ବିନୟ ମା' ବୋଲି ଡାକିବା ଆରମ୍ଭ କରିଦେଇଥିଲେ ତାଙ୍କର ମନେ ନାହିଁ । ନିଜ ହାତରେ ରାନ୍ଧି, ପାଖରେ ବସି ପେଟପୂରିଲା ଯାକେ ବଳେଇ ବଳେଇ ଭାତ ଖୁଆଉଥିବା ସ୍ନେହଶୀଳା ମଧ୍ୟବୟସ୍କା ମହିଳାଜଣକୁ ସମ୍ବୋଧନ କରିବା ପାଇଁ ଅନ୍ୟ କୌଣସି ନାଁ ତାଙ୍କ ମନକୁ ଜୁଟି ନଥିଲା ବୋଧହୁଏ । ମା' ଡାକୁଥିଲେ ପୁଅକୁ ନାଁ ଧରି- ବିନୟ ।

ପ୍ରଥମେ ପ୍ରଥମେ କଥୋପକଥନରେ ଅସୁବିଧା ଥିଲା । ମା' ହିନ୍ଦୀ ଓ ଇଂରାଜୀ ବୁଝିପାରୁଥିଲେ ସୁଦ୍ଧା କହିପାରୁ ନଥିଲେ ଏବଂ ବିନୟଙ୍କୁ ସେଠାକାର ଭାଷା ଜଣାନଥିଲା । ମା'ଙ୍କର କାଚକଣ୍ଢେଇ ପରି ସୁନ୍ଦର କିଶୋରୀ ଝିଅଯୋଡ଼ିକ - ଟପଲି ଓ ଭନ୍‌ଟି, ଅତି ଆଗ୍ରହରେ ବିନୟଙ୍କୁ ଆସାମୀ ଭାଷା ଶିଖାଇବାରେ ଲାଗି ପଡ଼ିଥିଲେ ଓ ବିନୟ ଅଳ୍ପଦିନ ଭିତରେ ବେଶ୍ ପ୍ରାଞ୍ଜଳ ଭାବରେ ଆସାମୀଜ୍ କହିବା ଶିଖିଯାଇଥିଲେ । ବିନୟ ସ୍ୱଭାବତଃ ଗହଳିପ୍ରିୟ । ଏକୁଟିଆ ରହି ପାରନ୍ତିନି । ସାତୋଟି ପିଲାଙ୍କର ସାନ୍ନିଧ ଓ କଳରବ ସେ ଅସୁବିଧା ଦୂର କରିଥିଲା । କିନ୍ତୁ ତାଙ୍କର ସବୁଠୁ ବେଶୀ ଅନ୍ତରଙ୍ଗତା ଥିଲା ମା'ଙ୍କ ସାଥିରେ । ମା' ଥିଲେ କାର୍ଯ୍ୟବ୍ୟସ୍ତ ଗୃହିଣୀ । ଅଧେ ସମୟ କଟୁଥିଲା ରୋଷେଇଶାଳରେ । ଗୋଟିଏ ବଡ଼ ଡାଲଡା ଟିଣ ଉପରେ ବସି ବିନୟ ମା'ଙ୍କ ସହିତ ଗପ କରୁଥିଲେ ଚୁଲୀ ମୁଣ୍ଡରେ । ମା' ହୁଁ ହାଁ ମାରୁଥିଲେ ଭାତ ରାନ୍ଧୁରାନ୍ଧୁ ।

Digitized by srujanika@gmail.com

ସମୟକ୍ରମେ ମା' ହୋଇ ଯାଇଥିଲେ ବିନୟଙ୍କର ଫ୍ରେଣ୍ଡ, ଫିଲୋସଫର୍ ଆଣ୍ଡ ଗାଇଡ୍ । ଘରକୁ ସାଇପଡ଼ିଶାର ତରୁଣୀ ଝିଅଟିଏ ଆସିଲେ ମା' ଶ୍ୟେନଦୃଷ୍ଟି ମେଲାଇ ନଜର ରଖୁଥିଲେ ତା'ଉପରେ । ସହଜେ ଆସାମ କାମାକ୍ଷା ଠାକୁରାଣୀଙ୍କ ଦେଶ । କାଳେ କାହାର ଯାଦୁବିଦ୍ୟାର ଶିକାର ହୋଇଯିବ ପୁଅଟି !

କ୍ରମଶଃ ବୁଝିପାରିଥିଲେ ଅବିବାହିତ ପୁତ୍ରଟିର ଖିଆପିଆର ଅନିୟମ ଓ ଅସୁବିଧା । ବିନୟଙ୍କୁ ବାଧ କରିଥିଲେ ତାଙ୍କ ଘରେ ଦୁଇବେଳା ଭାତ ଖାଇବା ପାଇଁ । ଦିନବେଳେ ଅଫିସର କାର୍ଯ୍ୟବ୍ୟସ୍ତତା ହେତୁ ବିନୟ ଯାଇପାରୁ ନଥିଲେ । ପ୍ରତ୍ୟେକ ଦିନ ରାତ୍ରିଭୋଜନ ହେଉଥିଲା ତାଙ୍କର ଭୂୟାଁ ସାହେବଙ୍କ ଘରେ । ପୂରାବର୍ଷଟିଯାକ, ଯେତେଦିନ ଗୌହାଟୀରେ ଥିଲେ, ଯଦି କେଉଁଦିନ ଅସୁବିଧା ବଶତଃ ଯାଇପାରୁ ନଥିଲେ, ଭାତ ତରକାରୀ ଡାଇନିଂ ଟେବୁଲ୍ ଉପରେ ସେମିତି ଘୋଡ଼ିଆହୋଇ ରହୁଥିଲା ଅଧରାତିଯାଏ । କେଜାଣି କେତେବେଳେ ଭୋକିଲା ପୁଅଟି ଆସି ପହଞ୍ଚିଯିବ ।

ଏସବୁ କଥା ଅବଶ୍ୟ ପରେ ବିନୟଙ୍କ ଠାରୁ ଶୁଣିଥିଲି ଏୟାରପୋର୍ଟରୁ ଆସି ସର୍କିଟ୍ ହାଉସ୍‌ରେ ପହଞ୍ଚିବା ପରେ । ମା' ଓ ଶ୍ରୀ ଭୂୟାଁ ଆମକୁ ସର୍କିଟ୍ ହାଉସ୍‌ରେ ପହଞ୍ଚାଇ ଦେଇ ଫେରି ଯାଇଥିଲେ ନିଜ ଘରକୁ । ଗଲା ଆଗରୁ ମା' କହିଯାଇଥିଲେ "ତମେ ରହିବା କଥା ମୋ ପାଖରେ । କିନ୍ତୁ ନୂଆକରି ଆସି ପହଞ୍ଚିଛ । ସର୍କିଟ୍ ହାଉସ୍‌ରେ ରହିବା ସୁବିଧାଜନକ ଓ ଆରାମପ୍ରଦ ହେବ ବୋଲି ମୋ ଘରେ ଏଥରକ ରହିବାକୁ ବାଧ କଲିନି । ରହିଲ ସିନା ଏଠି, ହେଲେ ଖିଆପିଆ କରିବ ଆମଘରେ ।"

ସର୍କିଟ୍ ହାଉସ୍‌ରେ ସ୍ନାନପର୍ବ ଇତ୍ୟାଦି ସମାପନ କରି ଓ କିଛି ପରିମାଣରେ ତାଜା ହୋଇ, ପ୍ରାୟ ରାତି ସାତଟାରେ ମା'ଙ୍କ ଘରେ ପହଞ୍ଚିଥିଲୁ । ଗୌହାଟୀ ମୁଖ୍ୟ ସହରର ସୀମାନ୍ତରେ କ୍ୱାର୍ଟର୍‌ଟି । ଜାଗାଟିର ନାଁ-ଚାନ୍ଦମାରୀ । ପୂର୍ବେ ସାହେବମାନେ ସହର ଉପକଣ୍ଠରେ ଥିବା ଉକ୍ତ ସ୍ଥାନଟିରେ ଗୁଳିଚାଳନା ଶିକ୍ଷା କରୁଥିଲେ । ଆସାମରେ ଏଭଳି ଶିକ୍ଷାକ୍ଷେତ୍ରକୁ ଚାନ୍ଦମାରୀ କହନ୍ତି । ବ୍ରିଟିଶ୍ ପୋଲିସ୍ କେବେଠାରୁ ବିଦାୟ ନେଇ ଯାଇଥିଲେ । କିନ୍ତୁ କଲୋନୀଟିର ନାଁ ରହିଯାଇଥିଲା ଚାନ୍ଦମାରୀ ।

ଭୂୟାଁ ସାହେବଙ୍କ କ୍ୱାର୍ଟରଟି ଥିଲା ପ୍ରାଚୀନ ଆସାମୀ ପଦ୍ଧତିରେ ତିଆରି । ଚଉଖୁଣ୍ଟିଆ ମଜବୁତ୍ ଆସ୍‌ବେଷ୍ଟସ୍ ବୋର୍ଡ଼ମାନ କାଠଫ୍ରେମ୍‌ରେ ଆଣ୍ଟି ଘରର କାନ୍ଥ ତିଆରି ହୋଇଥିଲା । ଆସ୍‌ବେଷ୍ଟସ୍‌ର ଛାତ । ଶୀତପ୍ରଧାନ ଦେଶ ହେତୁ ଖରାଦିନେ ଘରଟି ଗରମ ହୋଇଉଠିବାର ପ୍ରଶ୍ନ ନଥିଲା । ଆସାମ ଏକ ବୃଷ୍ଟିବହୁଳ ପ୍ରଦେଶ ହୋଇଥିବାରୁ ଗଡ଼ାଣିଆ ଛାତଟି ବର୍ଷାପାଣି ନିଗିଡ଼ି ଯିବାରେ ବି ଥିଲା ସହାୟକ । ଆଗେ ଆସାମରେ ବହୁତ ଭୂମିକମ୍ପ ହେଉଥିବାରୁ ଇଟାକଂକ୍ରିଟ୍ କୋଠା ବଦଳରେ ଏଭଳି ହାଲୁକା ଧରଣର ଘର ତିଆରି କରିବା ଏକ ନିୟମରେ ପଡ଼ିଯାଇଥିଲା । ଏବେ ଅବଶ୍ୟ ଭୂମିକମ୍ପ ପ୍ରାୟ ନାହିଁ କହିଲେ ଚଳେ । ଆଠବର୍ଷ ରହଣି ଭିତରେ ମାତ୍ର ଥରଟିଏ ମୃଦୁ ଭୂମିକମ୍ପର ଅନୁଭୂତି ହୋଇଥିଲା ମୋ'ର ।

Digitized by srujanika@gmail.com

ଉଣିଶଶହ ଚଉଷଠି ମସିହା କଥା । ସହରର ସରହଦ୍ଦରେ ଥିବା ଚାନ୍ଦମାରୀ ଇଲାକାକୁ ସେତେବେଳେ ବିଜୁଳିବତୀ ଯାଇନଥିଲା । ମା'ଙ୍କ ଘରେ ଜଳୁଥିଲା ସଫା କାଚର ବଡ଼ ବଡ଼ ଲଣ୍ଠନ । ଘର ଆଗରେ ବଡ଼ ପ୍ରାନ୍ତରଟିଏ । ପଛରେ ଆୟତନକ୍ଷେତ୍ର ଆକାରର ବଗିଚା । ଘରଟି ଲାଗୁଥିଲା ଖୋଲା ମେଲା । ସାନ ଆଡମ୍ବରହୀନ ଘରଟିଏ । କିନ୍ତୁ ଭାରି ସଫା ସୁତୁରା । ମାଲିକର ହୃଦୟ ପରି ପରିଚ୍ଛନ୍ନ ଓ ପରିଷ୍କାର ।

ମା'ଙ୍କ ପିଲାମାନେ ବିନୟଙ୍କୁ ଆଗରୁ ଦେଖିଥିଲେ । କିନ୍ତୁ ମୁଁ ଥିଲି ସଂପୂର୍ଣ୍ଣ ନୂଆମଣିଷ । ସଭିଏଁ ପର୍ଦ୍ଦା ପଛପଟେ ଛିଡ଼ାହୋଇ ମତେ ଚାହୁଁଥିଲେ - ଛପିଛପି । ଧରା ପଡ଼ିଗଲେ ଲାଜରେ ମୁହଁ ଲୁଚାଉଥିଲେ । ମା'ଙ୍କ ଜ୍ୟେଷ୍ଠା କନ୍ୟା ଝୁନୁର ବାହାଘର ହୋଇ ସାରିଥିଲା । ଘରେ ଥିଲେ ବାକି ଛଅଟି ସନ୍ତାନ ।

ବିନୟ ଡାକିବାରୁ ଜଣ ଜଣ ହୋଇ ଆଗକୁ ଆସିଲେ । କଲେଜ ପଢୁଆ ଦୁଇ ଯୁବକପୁତ୍ର - ଦୁଲୁ ଓ ବିପୁଳ, ମୁଣ୍ଡରେ ଛିଟ ସ୍କାର୍ଫ ଭିଡ଼ିଥିବା କିଶୋରୀ ଝିଅ ଅନୁ । ପରେ ମା'ଙ୍କ ଠାରୁ ଶୁଣିଥିଲି ଶୈଶବାବସ୍ଥାରେ ଅସୁସ୍ଥ ଥିବା ସମୟରେ ଜନୈକ ଡାକ୍ତରଙ୍କ ପ୍ରଦତ୍ତ ଏକ ଔଷଧ ଖାଇ ତାହାର ତୀବ୍ର ବିଷକ୍ରିୟା ଫଳରେ ଅନୁର ମୁଣ୍ଡବାଳ ଟକ ଉପୁଡ଼ି ଯାଇଥିଲା । ତା' ପରଠୁ ଆଉ ତା' ମୁଣ୍ଡରେ ଭଲକରି ବାଳ ଗଜୁରେନି । ଯେତିକି ବାଳ ଉଠେ, ସିଏ ଲମ୍ବାରେ ହୁଏ ମାତ୍ର ଇଞ୍ଚେ ବା ଦୁଇଇଞ୍ଚ । ଆଉ ବଢ଼େ ନାହିଁ । ଏଭଳି ଏକ ଦୃଷ୍ଟାନ୍ତ ଜୀବନରେ ପ୍ରଥମଥର ପାଇଁ ଦେଖିଲି ଓ ଶୁଣିଲି । ଝିଅଟି ପାଇଁ କଷ୍ଟ ହେଲା ମଧ । ଅନୁର ଚେହେରାଟି ଥିଲା କିନ୍ତୁ ଭାରି ସ୍ନିଗ୍ଧ ଓ ଶାନ୍ତ - ନିଥର ହ୍ରଦପରି । ଗୋରା ମୁହଁଟି ଟିକିଏ ଉଦାସ ଦିଶୁଥିଲା । ହୁଏତ ମୁଣ୍ଡବାଳ ପାଇଁ ।

ଅନୁ ତଳେ ବର୍ଷେ ସାନବଡ଼ ଏବଂ ଯମଜ ସଦୃଶ ପ୍ରତୀତ ହେଉଥିବା ଚମତ୍କାର ଝିଅଯୋଡ଼ିଏ । ଭନ୍ଟି ଓ ଟପ୍ଲି । ଭନ୍ଟି ଥିଲା ଭାରି ଚାଇଁ । ତା' ତୁଳନାରେ ଟପ୍ଲି ଥିଲା ଟିକିଏ ନିରୀହ ସ୍ୱଭାବର । କଥା କହୁଥିଲା ଗେହ୍ଲେଇକରି । ଆଉ ସବାଶେଷରେ ଦେବଶିଶୁର ଚେହେରା ପାଇଥିବା କୋଡ଼ପୋଛା ପୁଅ ଦୀପୁ । ଶ୍ରୀ ଭୂୟାଁ ଥିଲେ ଅତ୍ୟନ୍ତ ସୁଦର୍ଶନ । ଉନ୍ନତ ନାସା ବିଶିଷ୍ଟ ମେଦବର୍ଜିତ ସୁଠାମ ଶରୀର । ଟକ୍‌ଟକ୍ ଗୋରା ରଙ୍ଗ । ପିଲାମାନେ ସଭିଏଁ ଥିଲେ ପିତାସଦୃଶ ରୂପବାନ୍ ।

ମା' ଭାତ ବାଢ଼ିଲେ । ଯୂଇଫୁଲ ପାଖୁଡ଼ା ପରି ଧୋବ ଫରଫର ଲମ୍ବାଳିଆ ଆସାମୀ ଜହାଚାଉଳର ଭାତ । ଗୋଲ୍ ଗିନାରେ ଚିପାହୋଇ ଥାଳୀ ଉପରେ ଓଲଟା ହୋଇଥିଲା । ସାଥିରେ ଡାଲି, ତରକାରୀ, ମାଂସଝୋଳ । ମୁଁ ଥିଲି ଶାକାହାରୀ । ଶୁଣି ମା'ଙ୍କର ମନଦୁଃଖ ହେଇଗଲା । ମୁର୍‌ଗୀ ରନ୍ଧା ହୋଇଥିଲା ଖାସ୍ ମୋ ପାଇଁ । ମୁଁ କିନ୍ତୁ ବେଶ୍ ତୃପ୍ତିର ସହ ଆହାର କରିଥିଲି । ବଡ଼ ବଡ଼ ଫାଳର ସାମାନ୍ୟ ମିଠା ସ୍ୱାଦର ହରଡ଼ ଡାଲି, ସ୍କାସ୍ ତରକାରୀ ଏବଂ ଖାର୍ ଆଞ୍ଜା । ପରିବେଶଟି ଥିଲା ଘରୋଇ । ତେଣୁ ବିନା ସଙ୍କୋଚରେ ପେଟପୂରାଇ ଖାଇ ପାରିଥିଲି ।

ଆସାମରେ ସ୍କାସ୍ ବୋଲି ଏକପ୍ରକାର ପରିବା ମିଳେ । ଫଳେ ଲତାଜାତୀୟ ଗଛରେ । ପରିବାଟି ଦେଖିବାକୁ ଅନେକାଂଶରେ ସବୁଜ ପିଜୁଳି ପରି ଓ ସ୍ୱାଦରେ

Digitized by srujanika@gmail.com

ଲାଉ ପରି । 'ଖାର୍ ଆଞ୍ଜା' ବା ଖାର୍ ତରକାରୀଟି ଆସାମର ଏକାନ୍ତ ଭାବରେ ନିଜସ୍ୱ । ତରକାରୀଟି ଖାଇବା ସୋଡ଼ା ଦେଇ ତିଆରି ହୁଏ - ବିନା ହଳଦୀରେ । ଆଗକାଳେ ଗାଁ ଗହଳରେ ଯେତେବେଳେ ଖାଇବା ସୋଡ଼ାର ପ୍ରଚଳନ ନଥିଲା, ସେତେବେଳ ସୋଡ଼ା ବଦଳରେ ଦି ଚାରି ଚିମୁଟା କଦଳୀ ପଟୁକା ପାଉଁଶ ପଡୁଥିଲା । ଏବେ ମଧ କେଉଁଠି କେମିତି ପଡ଼େ । ତରକାରୀଟିର୍ ନିଜସ୍ୱ ଏକ ଖାରିଆ ସ୍ୱାଦ ଅଛି । ଏକ୍ସ ତରକାରୀ ଓ ଖାର ସେଦିନ ମା'ଙ୍କ ଘରେ ପ୍ରଥମକରି ଖାଇଥିଲି ।

"ସବୁଠୁ ଶାନ୍ତିରେ ମୁଁ ଏଇଠି ଖାଏ" ଖାଉ ଖାଉ ବିନୟ କହିଲେ ଓ ଭାତଥାଳି ପୋଛି ତାଙ୍କ ଖାଇବା ଢ଼ଙ୍ଗରୁ ତାଙ୍କ କହିବା କଥା ପ୍ରମାଣିତ ହୋଇଥିଲା ।

ମା'ଙ୍କ ହାତରନ୍ଧା ଥିଲା ଅମୃତ ସମାନ । ସାଧାରଣ ମଧବିତ୍ତ ସଂସାରର ଆଡମ୍ବରହୀନ ନିତିଦିନିଆ ରାନ୍ଧଣା । କିନ୍ତୁ ପାଟିକୁ ଲାଗୁଥିଲା ଭାରି ସୁଆଦିଆ । ମା' ହୃଦୟର ସ୍ନେହ ଗୋଳାଇ ହୋଇ ତରକାରୀ ସବୁ ହୋଇଯାଇଥିଲା ଖୁଶ୍‌ବୁଦାର୍ । ମା'ଙ୍କ ଘରେ ଇ ହରଡ଼ ଡାଲିରେ ସାମାନ୍ୟ ଚିନି ମିଶାଇ ରାନ୍ଧିବା ଶିଖିଥିଲି । ସେ ଅଭ୍ୟାସ ଏବେ ବି ଜାରି ଅଛି ।

ମା'ଙ୍କ ଘରେ ସେଦିନ ପ୍ରଥମରାତି । ଭାଷା ଜାଣିନଥିବାରୁ ବିଶେଷ କିଛି କଥାବାର୍ତ୍ତା କରିପାରିନଥିଲି । ତେବେ ବି ମଜାରେ କଟିଥିଲା ସନ୍ଧ୍ୟାଟି । ଭୂୟାଁ ସାହେବ ମଝିରେ ଚିଡ଼ାଇକି କହିଲେ - ଇଂରାଜୀରେ - "କାନନ ! ସାବଧାନ ଥିବ । ଆସାମ କାଉଁରୀ କାମଚଣ୍ଡୀର ଦେଶ । କେଉଁ କୁହୁକିନୀ ଯଦି କଳାଫୁଲ ଶୁଙ୍ଘେଇ ବିନୟକୁ ମେଣ୍ଢା ବନେଇଦିଏ ତେବେ କଥା ସଇଲା ।"

ମୁଁ ବି ହସି ହସି ଜବାବ୍ ଦେଇଥିଲି, 'ସେ ଭୟ ନାହିଁ । କାରଣ ବାହାଘର ବାସୀ ଦିନଠାରୁ ସିଏ ଗୋଟିଏ ସୁନ୍ଦର ଓ ବାଧ ମେଷଶାବକରେ ରୂପାନ୍ତରିତ ହେଇଯାଇଛନ୍ତି ।' ମୋ କଥା ଶୁଣି ହସର କଳରୋଳ ଉଠିଥିଲା ଘରେ ।

ସେଦିନ ଭୂୟାଁ ସାହେବଙ୍କ ଘରକୁ ବୁଲି ଆସିଥିବା ଆସାମୀ ଭାଷାର ତରୁଣ ଗାଳ୍ପିକ ଶ୍ରୀ ନୀରୋଦ ଚୌଧୁରୀଙ୍କ ସାଥିରେ ସାକ୍ଷାତ ହୋଇଥିଲା ମଧ । ସାବନା ରଙ୍ଗର ଖୋଲାମେଲା ସ୍ୱଭାବର ପ୍ରିୟଦର୍ଶନ ଯୁବକ । ମୁଁ ଲେଖାଲେଖି କରେ ଶୁଣି ସେଇ ସଂପର୍କରେ ମୋ ସହିତ ଆଲୋଚନା କରିଥିଲେ । ଶ୍ରୀ ଚୌଧୁରୀଙ୍କର ଗୋଟିଏ କ୍ଷୁଦ୍ରଗଳ୍ପ, ଚାମେଲୀ ମେମ୍‌ସାବ, ପରେ ଆସାମୀ ତଥା ହିନ୍ଦୀ. ଚଳଚ୍ଚିତ୍ର ରୂପେ ରୂପାୟିତ ହୋଇ ବିଶେଷ ଖ୍ୟାତି ଅର୍ଜନ କରିଥିଲା ।

ଦୁଇ ତିନି ଦିନ ଗୌହାଟୀରେ ରହି ଆମେ ଫେରିଆସିଲୁ ଡେରଗାଓଁ - ବିନୟଙ୍କର କର୍ମସ୍ଥଳକୁ । କେଇମାସ ପରେ ମୋ ବାପା ଗଲେ ଗୌହାଟୀ, ଅଲ୍ ଇଣ୍ଡିଆ ଓରିଏଣ୍ଟାଲ୍ କନ୍‌ଫରେନ୍ସରେ ଯୋଗଦେବା ପାଇଁ । ଆମେ ବାପାଙ୍କ ସହିତ ଦେଖାକରିବା ପାଇଁ ଡେରଗାଓଁରୁ ଗୌହାଟୀ ଆସିଥିଲୁ । ରହିଲୁ ମା'ଙ୍କ ଘରେ । ମୋ ବାପାଙ୍କୁ ଦେଖିବା ପାଇଁ ପ୍ରଚଣ୍ଡ ଆଗ୍ରହ ଥିଲା ଭୂୟାଁ ପରିବାରର ସଦସ୍ୟମାନଙ୍କର । ବାପାଙ୍କର ରହିବା ଓ ଖିଆପିଆର ବ୍ୟବସ୍ଥା ହୋଇଥିଲା ଆସାମ ସରକାରଙ୍କ

Digitized by srujanika@gmail.com

ଆନୁକୂଲ୍ୟରେ । ତେବେ ବି ବାପା ଯାଉଥିଲେ ଭୂୟାଁ ସାହେବଙ୍କ ଘରକୁ ।

ମା'ଙ୍କର ମୁହଁ ଫାଟି ପଡ଼ିଥିଲା ଖୁସିରେ । ପିଲାମାନେ ଜଣଜଣ କରି ଆସି ଭୂଇଁରେ ମୁଣ୍ଡ ଲଗାଇ ଓଳଗି ହୋଇଥିଲେ ବାପାଙ୍କୁ । ସୁଦୂର ଆସାମ ପ୍ରଦେଶରେ ଏଭଳି ଏକ ସ୍ନେହଶୀଳ ଓ ଉଦାରମନୋଭାବାପନ୍ନ ପରିବାର ଦେଖି ବାପା ଉଭୟ ଚକିତ ଓ ଅଭିଭୂତ ହୋଇଥିଲେ ।

ମୁଁ ସେଥରକ ବାପାଙ୍କ ସାଥିରେ କଟକ ଆସିଥିଲି ଓ ମୋର ଶିଶୁପୁତ୍ରଟିର ଜନ୍ମ ପରେ ତାକୁ ନେଇ ଆସାମ ଫେରି ଯାଇଥିଲି । ଫେରିଲା ବେଳକୁ ବିନୟଙ୍କର ଗୋଟିଏ ଟ୍ରେନିଂ ଚାଲିଥିଲା ଗୌହାଟୀରେ । ପୂରା ପରିବାର ରହିଥିଲୁ ଭୂୟାଁ ସାହେବଙ୍କ ଘରେ - ଟ୍ରେନିଂ ସରିବା ପର୍ଯ୍ୟନ୍ତ ।

ଉଣିଶଶହ ପଁଷଠି ମସିହା କଥା । ଆମେ ଗୌହାଟୀରେ ଥିଲା ବେଳେ ଆରମ୍ଭ ହେଲା ଭାରତ ପାକିସ୍ଥାନ ଯୁଦ୍ଧ । ସେତେବେଳେ ବାଙ୍ଗଲାଦେଶର ଅବସ୍ଥିତି ନଥିଲା । ସେ ରାଜ୍ୟଟି ଥିଲା ପାକିସ୍ଥାନର ଏକ ଅଂଶ ଏବଂ ପୂର୍ବ ପାକିସ୍ଥାନ ଥିଲା ଆସାମକୁ ବିଲ୍‌କୁଲ୍ ଲାଗିକରି-ଏକଦମ୍ ସୀମା ଛୁଇଁ । ସେତେବେଳେ ପାକିସ୍ଥାନ ସାମରିକ ବାହିନୀ ଆକ୍ରମଣ ପାଇଁ ନିର୍ଦ୍ଦିଷ୍ଟ କରି ରଖିଥିବା ପ୍ରଧାନ ଲକ୍ଷ୍ୟସ୍ଥଳମାନଙ୍କ ଭିତରୁ ଗୋଟିଏ ଥିଲା ଗୌହାଟୀ ସହର ଏବଂ ଖାସ୍ ଭାବରେ ନଗରର ଦୁଇଟି ଇଲାକା । ପ୍ରଥମରେ ବୋର୍‌ଝାର ବିମାନବନ୍ଦର, କାରଣ ଏହି ଏୟାରପୋର୍ଟଟି ଭାରତୀୟ ବାୟୁସେନାମାନଙ୍କ ଦ୍ୱାରା ମଧ ବ୍ୟବହୃତ ହେଉଥିଲା ଏବଂ ଦ୍ୱିତୀୟରେ ଆମେ ରହୁଥିବା ଚାନ୍ଦମାରୀ କଲୋନୀ ପାଖରେ ଥିବା ନୁନ୍‌ମାଟି ରିଫାଇନେରୀ ।

ସେ ସମୟର ସ୍ମୃତି ଅତ୍ୟନ୍ତ ଭୟପ୍ରଦ ଓ ଲୋମହର୍ଷଣକାରୀ । ଭାରତୀୟ ବାୟୁସେନାର ଯୁଦ୍ଧଜାହାଜ ଅହର୍ନିଶି ଗୌହାଟୀର ଆକାଶରେ ପଇଁତରା ମାରୁଥିଲେ ଓ ଶତ୍ରୁ ଆକ୍ରମଣର କୌଣସି ସଙ୍କେତ ପାଇଲେ ତୀବ୍ର ସାଇରେନ୍ ଧ୍ୱନି ଦ୍ୱାରା ଲୋକମାନଙ୍କୁ ସତର୍କ କରି ଦିଆଯାଉଥିଲା । ଯେପରିକି ସମସ୍ତ ନାଗରିକ ସ୍ୱ ସ୍ୱ ବଗିଚାରେ ଖୋଳା ହୋଇଥିବା ଟ୍ରେଞ୍ଚ ବା ସୁଡ଼ଙ୍ଗରେ ପଶି ଆତ୍ମରକ୍ଷା କରିପାରିବେ ।

ସାରା ରାତି ବ୍ଲାକ୍ ଆଉଟ୍ - ଘୋର ଅନ୍ଧକାରମଗ୍ନ ସହର । ପ୍ରତ୍ୟେକ ବାସଗୃହର ସ୍କାଇଲାଇଟ୍‌ରେ କଳାକାଗଜ ମାରି ନିବୁଜ କରିବାକୁ ନିର୍ଦ୍ଦେଶ ଆସିଥିଲା । ଆଲୋକରଶ୍ମି ବାହାରକୁ ଗଲେ ତାହା ଦେଖି ଶତ୍ରୁପକ୍ଷ ଆକାଶରୁ ବୋମା ପକାଇବାର ଭୟ ଥିଲା ବୋଲି । ଓଡ଼ିଶା ପରି ଶାନ୍ତିପ୍ରଦ ପ୍ରଦେଶରୁ ଯାଇ ଏଭଳି ଶଙ୍କାକୁଳ ପରିବେଶ ଜୀବନରେ ପ୍ରଥମଥର ପାଇଁ ଦେଖି ମୁଁ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲି ଓ ସବୁବେଳେ କାନ୍ଦୁଥିଲି ।

ଲୁହ ଢାଳୁଥିଲି ନିଜ ପାଇଁ ନୁହେଁ - ମୋର ଦୁଇମାସର ଅବୋଧ ଶିଶୁପୁତ୍ରଟିର ସୁରକ୍ଷା ପାଇଁ । ବୟସ ବି ଥିଲା ବହୁତ କମ୍ । ସେତେବେଳେ ମା' ରାତି ରାତି ସ୍ୱସନ୍ତାନମାନଙ୍କ ସହିତ ମତେ ବି ଆଗୁଳି ଜଗି ବସୁଥିଲେ । ଲୁହ ପୋଛିଦେଇ ଆଶ୍ୱାସନା ଦେଉଥିଲେ 'ମୟ ତୋମାର ଲଗତ୍ ଆସୁଁ ନହୟ । ଇମାନ୍ କାନ୍ଦି ଆସା

Digitized by srujanika@gmail.com

କେଲେ ?'- ମୁଁ ଅଛି ପରା ତୋ ପାଖରେ । କାନ୍ଦୁଚୁ କାହିଁକି ? ଭୟ କିଛିଟା ଦୂର ହୋଇ ଯାଉଥିଲା । ମା' ଅଛି ଯେ ପାଖରେ !

ଆସାମରେ ଥିଲି ଆଠବର୍ଷ । ବିଭିନ୍ନ ସହରକୁ ବିନୟଙ୍କର ବଦଳି ହେଉଥିଲେ ବି ମଝିରେ ମଝିରେ ଗୌହାଟୀ ଯାଉଥିଲୁ ଓ ମା'ଙ୍କ ସହିତ ସଂପର୍କ ଅବ୍ୟାହତ ଥିଲା । ବର୍ଷଟେ ଅଲ୍‌ଇଣ୍ଡିଆ ପୋଲିସ୍ ମିଟ୍‌ରେ ଯୋଗଦେବା ପାଇଁ ଯାଇଥିଲୁ ଗୌହାଟୀ ଓ ଥିଲୁ ଚିରାଚରିତ ରୀତିରେ ଚାନ୍ଦମାରୀରେ - ଭୂୟାଁ ସାହେବଙ୍କ ଘରେ । ଆମ ସାଥିରେ ଥିଲେ ମୋର କିଶୋରବୟସୀ ଦିଅର ଗୁନୁ । ଆସାମ ବୁଲିବାକୁ ଯାଇଥିଲେ । ମମତାମୟୀ ମା' ତାଙ୍କୁ ବି ଗ୍ରହଣ କରି ନେଇଥିଲେ ଘରମଣିଷ ପରି ।

ଗୌହାଟୀରେ ମା'ଙ୍କ ଘରଟି ଥିଲା ଆମ ନିଜ ଘର ପରି । ଯେତେବେଳେ ଇଚ୍ଛା ସେତେବେଳେ ବିନା ପ୍ରଶ୍ନବାଚୀରେ ଲୁଗାପଟା ଦିଖଣ୍ଡ ଧରି ପହଞ୍ଚିଗଲେ ହେଲା । କେବେ ମନେହେଉ ନଥିଲା ଯେ ଆମେ ଅନ୍ୟଘରେ ଅଛୁ । ସେଠି ରହିବାଟା ସତେ ଯେମିତି ଥିଲା ଆମର ଜନ୍ମସିଦ୍ଧ ଅଧିକାର ।

ମା' ତାଙ୍କ ପିଲାମାନଙ୍କ ତୁଳନାରେ କଦବା କେମିତି ଟିକିଏ ବେଶୀକରି ଯତ୍ନ ନେଉଥିଲେ ମୋର । ବିଶେଷ କରି ଯେତେବେଳେ ଗର୍ଭବତୀ ଅବସ୍ଥାରେ ଯାଇଥିଲି । ପିଲାଙ୍କୁ ଲୁଚାଇ ଭଲମନ୍ଦ ଜିନିଷ ଟିକିଏ ଖାଇବାକୁ ଦେଇ ଦେଉଥିଲେ । କମଳା ଖାଇବାକୁ ଭାରି ଭଲ ଲାଗୁଥଲା ସେତେବେଳେ । ପୁଅକୁ ପଠାଇ କିଣି ଆଣୁଥିଲେ ମିଠା କମଳା । ଭାତକୁ ଥିଲା ଅରୁଚି । ନିଜ ହାତରେ ମଇଦା ପରଟା ଭାଜୁଥିଲେ - ଝିଅ ଖାଇବ । ପାଖରେ ବସାଇ ଶିଖାଇ ଥିଲେ ଭେଟିଟେବଲ୍ ଚପ୍ ଓ ମଟନ୍ କଟ୍‌ଲେଟ୍‌ର ରନ୍ଧନ ପ୍ରଣାଳୀ । ସମସ୍ତଙ୍କୁ ଖାଇବାକୁ ଦେଇ ପଚାରିଥିଲେ "କେନେକୋୟା ହଇସେ କୁଆସୁନ୍ । ଆଜି କାନନେ ସପ ବନାଇସେ' - କେମିତି ହେଇଚି କହତ ! ଆଜି କାନନ ଚପ୍ ତିଆରି କରିଛି ।

ସେତେବେଳେ ବୁଝିପାରୁ ନଥିଲି । କିନ୍ତୁ ଏବେ ତାଙ୍କ ବୟସରେ ପହଞ୍ଚିଲା ପରେ ବୋଧଗମ୍ୟ ହେଉଛି, ଦିନ ଦିନ ଧରି ଆମ ପରିବାରଟିର ଦାୟିତ୍ୱ ମୁଣ୍ଡାଇ, ସଭିଙ୍କୁ ଚାରିଓଳି ରାନ୍ଧିବାଢ଼ି ଖୁଆଇବାରେ ସତରେ କେତେ ପରିଶ୍ରମ ନ ପଡ଼ିଥିବ ତାଙ୍କୁ ! ସାନ ଘରଟିଏ - ସେଥିରୁ ଗୋଟିଏ ବଖରା ଛାଡ଼ି ଦେଉଥିଲେ ଆମକୁ । ନିଜେ ପିଲାଛୁଆ ନେଇ ହଇରାଣ ହେଉଥିବା ସତ୍ତ୍ୱେ ବି । ସବୁଥିରେ ଜବରଦସ୍ତି ଭାଗ ବସାଉଥିଲୁ ଆମେ । ବିଛଣାରେ, ଖାଦ୍ୟରେ, ସ୍ନେହରେ । କାଇଁ ସେଥିପାଇଁ ଦିନେ ହେଲେ ତ ମୁହଁରେ ବିରକ୍ତିର ବା ଅହସିଷ୍ଣୁତାର ଇଙ୍ଗିତ ଦେଖିନି ! ବଦଳରେ କିଛି କରିପାରିନି ତାଙ୍କ ପାଇଁ । ମା'ର ଋଣ ସୁଝିବାର କଥା ମନକୁଇ ଆସିନି ।

ମା' ଥିଲେ ବିତ୍ତବାନ୍ ପିତାର ପୁତ୍ରୀ । ବାପା ଥିଲେ ଡୁମ୍‌ଡୁମାର ସଫଳ କାଠ ବ୍ୟବସାୟୀ - ଘରେ ରାଜାର ଚଳଣୀ । ବଧୂରୂପେ ଆସିଥିଲେ ସାଧାରଣ ମଧ୍ୟବିତ୍ତ ପରିବାରକୁ । ଗୌହାଟୀରେ ଥିବା ଦେଢ଼ଶ୍ୱଶୁରଙ୍କ ପରିବାର ସର୍ବଦା ଯା'ଆସ କରୁଥିଲେ । ଆସୁଥିଲେ ଅଜସ୍ର ବନ୍ଧୁ, କୁଟୁମ୍ବ, ପୋଲିସ୍ ବିଭାଗର ସାଙ୍ଗସାଥୀ ।

Digitized by srujanika@gmail.com

ନଖାଇ ଫେରିବାର କେବେ କାହାକୁ ଦେଖିନି । ମନ ଥିଲା ବିରାଟ - ଦେହ ସହିତ ସମାନ ତାଳ ଦେଇ । ବିରାଟ ବଟବୃକ୍ଷ ପରି ଚକାମାଡ଼ି ବସି ଆବୋରି ରଖିଥିଲେ ପୂରା ସଂସାରକୁ । ଥିଲେ ଶୀତଳ, ଛାୟାପ୍ରଦ ।

ଥରେ ମନେ ଅଛି, ପଡ଼ିଶାଘର ଝିଅଟିର ବାହାଘରକୁ ଯାଉଥିଲେ । ଯିବା ଆଗରୁ ଘର କୋଣରେ ବାସନକୁସନ ସାଇତା ହୋଇଥିବା ବଡ଼ ସିନ୍ଦୁକଟି ଖୋଲି ସେଥିରୁ ନୂଆ କଂସା, ଥାଳି କାଢ଼ିବାକୁ ଲାଗିଲେ ।

ଏଗୁଡ଼ା କାହିଁକି କାଢୁଚ ? ପଚାରିଥିଲି ।

ବାହାଘରରେ ଦବାକୁ ପଡ଼ିବ ଯେ ! ହସି ଉତ୍ତର ଦେଲେ ।

ତମେ ପରା ଟଙ୍କା ଦବ ବୋଲି କହୁଥିଲ !

ଟଙ୍କା ଦେବି ଯେ ! ହେଲେ ସେମାନଙ୍କର ଅବସ୍ଥା ସେତେ ଭଲ ନୁହଁ । ଝିଅକୁ ବାସନକୁସନ ଦବା ନିୟମ । ଅଳ୍ପ କିଛି ମୁଁ ସାହାଯ୍ୟ କରିଦେଲେ ତାଙ୍କ ବୋଝ କିଛିଟା ହାଲୁକା ହୋଇଯିବ । କହୁ କହୁ ବାଣ ଫୁଟିବାର ଆବାଜ୍ ଶୁଣି "ହେଇଟି ବର ଆସିଲାଣି" କହି ତରତର ହୋଇ ବାହାରି ଯାଇଥିଲେ । ବାସନତକ ସାଥିରେ ନେବାକୁ ଭୁଲି ନଥିଲେ ଅବଶ୍ୟ ।

ଆସାମରେ ବାରବର୍ଷ ରହିବା ପରେ ବିନୟଙ୍କର ବଦଳି ହୋଇଗଲା ମିଜୋରାମ୍ । ତା'ପରେ ଦିଲ୍ଲୀ । ଯମୁନା ଓ ବ୍ରହ୍ମପୁତ୍ରରେ ଅନେକ ପାଣି ବହିଗଲା ଯା ଭିତରେ । ଭାରତବର୍ଷର ଏ ମୁଣ୍ଡରୁ ସେ ମୁଣ୍ଡ । ସଂପର୍କର କଡି ସ୍ୱାଭାବିକ ଭାବରେ ଢ଼ୁଗୁଲା ପଡ଼ି ଆସିଥିଲା । କେହି କାହାରି ଖବର ଏତେ ବେଶୀ ନେଇପାରି ନଥିଲୁ ।

ଅନେକ ବର୍ଷ ପରେ ହଠାତ୍ ଥରେ ଦିଲ୍ଲୀରେ ଗୋଟିଏ ଫୋନ୍ ପାଇଲି । କୌଣସି ଏକ ଭଦ୍ରଲୋକଙ୍କର ଅଚିହ୍ନା ଗଳା । ଇଂରାଜୀରେ କହିଲେ 'ମୁଁ ଦୁଲୁ କହୁଛି ।' ଦିଲ୍ଲୀରେ ଦୁଲୁ ନାମଧାରୀ କାହାରିକୁ ମୁଁ ଚିହ୍ନିନଥିଲି । କହିଲି 'ଦୁଃଖିତ । ଆପଣଙ୍କୁ ମୁଁ ଠିକ୍ ଚିହ୍ନିପାରୁନି ।' ଭଦ୍ରବ୍ୟକ୍ତି ଜଣକ ଏଥରକ କହିଲେ 'ମୁଁ ଗିରୀନ୍ ଭୂୟାଁଙ୍କ ପୁଅ - ଗୌହାଟୀରେ...' । ମଝିରେ କଥା କାଟି ଆସାମୀ ଭାଷାରେ କହିଲି 'ଆଉ ପରିଚୟ ଦେବା ଦରକାର ନାହିଁ । ଘରକୁ ଆ ।'

ଦୁଲୁ କୌଣସି କାର୍ଯ୍ୟବଶତଃ ଦିଲ୍ଲୀ ଆସିଥିଲା । ଶୁଣିଥିଲା ଆମେ ଦିଲ୍ଲୀରେ ଅଛୁ । ଟେଲିଫୋନ୍ ଡାଇରେକ୍ଟୋରୀରୁ ନମ୍ବର ଖୋଜି ଫୋନ୍ କରିଥିଲା । ସାଥିରେ ଥିଲା ପତ୍ନୀ ଡଲି । ଝିଅ ଯୋଡ଼ିକ - ପିଙ୍କି ଓ ପନ୍ନଖିକୁ ଛାଡ଼ି ଆସିଥିଲା ଡଲିର ମା' ପାଖରେ ।

ଗାଡ଼ି ପଠାଇ ସେମାନଙ୍କ ରହିବା ଜାଗାରୁ ଦୁଲୁ ଓ ଡଲିକୁ ଘରକୁ ଆଣିଥିଲି । ଦୁଲୁକୁ ଚିହ୍ନିବା ଥିଲା ମୁସ୍କିଲ୍ । ଦେଖିଥିଲି କଟନ୍ କଲେଜରେ ପାଠ ପଢ଼ିଲା ବେଳେ । ଏବେ ଦେଖୁଥିଲି ସ୍ଥୂଳୋଦର, ଅଳ୍ପ ଅଳ୍ପ ଚନ୍ଦା ହେଇ ଆସୁଥିବା ମଧ୍ୟବୟସ୍କ ମଣିଷ ରୂପରେ । ସ୍ତ୍ରୀ ଡଲି ଥିଲା ସୁନ୍ଦରୀ । ରଙ୍ଗଟି ସାବନା, ମୁହଁଟି କିନ୍ତୁ ଭାରି କମନୀୟ ।

Digitized by srujanika@gmail.com

ପିଲାମାନଙ୍କର ଖବର ଦୁଲୁଠାରୁ ପାଇଲି । ବିପୁଳ, ଅନୁ, ଟପ୍‌ଲି, ରନ୍ଟି ସମସ୍ତେ ବିବାହିତ ଓ ସନ୍ତାନସନ୍ତତି ମାନଙ୍କର ଜଞ୍ଜାଳରେ ବ୍ୟସ୍ତ । ସଭିଙ୍କ ଅବସ୍ଥା ସ୍ୱଚ୍ଛଳ । ସବାସାନ ପୁଅ ଦୀପୁ ପାଇଁ କନିଆ ଖୋଜା ଚାଲିଛି । ଦୁଲୁର ନିଜର ଚା' ବ୍ୟବସାୟ । ଗୌହାଟୀରେ ଦ୍ୱିତଳ ପ୍ରାସାଦର ମାଲିକ ସିଏ ଏବେ । ଭାରି ଖୁସି ଲାଗିଲା ସଭିଙ୍କର କୁଶଳ ବାର୍ତ୍ତା ଶୁଣି । ପିଲାଗୁଡ଼ିଙ୍କର କୁନି କୁନି କଅଁଳ ମୁହଁ ମନେପଡ଼ିଲା । କେତେ ବଡ଼ ବଡ଼ ହେଇଗଲେଣି !

ମା' ଆଉ ବୁଯାଁ ସାହେବ କେମିତି ଅଛନ୍ତି ? ପଚାରିଲି ।

ଦୁଜନେଇ ଡୁକାଲେ ନହୟ - କେଟିୟା ବା । ବିରଣ ମୁହଁରେ ଦୁଲୁ ଉତ୍ତର ଦେଲା । ବୁୟା ସାହେବଙ୍କ ମୃତ୍ୟୁ ଗଳା କ୍ୟାନ୍ସରରେ ଓ ମା'ଙ୍କର ମୃତ୍ୟୁ ଜରାୟୁ କ୍ୟାନ୍ସରରେ । ବିଶ୍ୱାସ ହେଲାନି ମଣିଷ ଯୋଡ଼ିକ ନାହାନ୍ତି ବୋଲି । ଏତେ ଶୀଘ୍ର କେମିତି ଚାଲିଗଲେ ?

ପରେ ଭାବିଲେ - ମୁଁ ବି ବଦ୍ଧପାଗଳ । ନିଜେ ଆସି ଦରବୁଢ଼ୀ ହେଲିଣି । ଅଥଚ ଭାବିଥିଲି ବୁୟାଁ ସାହେବ ଓ ମା' ଚିରଦିନ ପାଇଁ ଅମର ହୋଇ ରହିଥିବେ । କାଳଚକ୍ରର ଘୂର୍ଣ୍ଣନ ମୋ ପାଇଁ ବନ୍ଦ ହେଇଯିବ ପରା !

ହଠାତ୍ ପରସ୍ପର ସଂପର୍କ ବିହୀନ ଅନେକଗୁଡ଼ିଏ ଘଟଣା ଗୋଟିକ ପରେ ଗୋଟିଏ ମନେ ପଡ଼ିଗଲା - ଆଠମାସର ମୋ କୁନି ପୁଅଟିକୁ କୋଳରେ ଧରି ଗେଲ କରି ମା' କହୁଛନ୍ତି 'ତୋମାର୍ ଲରାଟୁ ବର୍ ଧୁନିୟା ହଇସେ । (ତୋ ପୁଅଟି ଭାରି ସୁନ୍ଦର ହୋଇଛି) । ଅନୁ ହାତରେ ଚୁପ୍‌କି ଡାକି ରୋଷେଇ ଘରେ ମା' ଖାଇବାକୁ ଦେଉଛନ୍ତି ଦୋଷାଟିଏ । ଗୋଟିଏ ତରକାରୀ ଦେଇ ଭାତ ଖାଇପାରିବିନି ବୋଲି ଖାଇବା ଆଗରୁ ତରବର କରି ପୋଟଳ ଭାଜୁଛନ୍ତି ମୋ ପାଇଁ । ନୂଆ ବାହାହୋଇ ସଂସାର କରିବାକୁ ଯାଉଥିବା ବେଳେ ସାଥିରେ ନେଇ ଦରଦାମ୍ କରି ବଜାରରୁ କିଣାଇ ଦେଉଛନ୍ତି ଟି ସେଟ୍ ଓ କଣ୍ଟାଚାମଚ । ହାତଧରି ତିଆରି କରିବାକୁ ଶିଖାଇ ଦେଉଛନ୍ତି ଆସାମୀ ବରାଚାଉଳର ତିଳପୂରଦିଆ ପିଠା ।

ଆଖି ଜକେଇ ଆସିଲା । ହଠାତ୍ ଯେମିତି ଶୁଣିପାରିଲି କାନ ପାଖରେ ମା'ଙ୍କର ପରିଚିତ ସ୍ୱର । ସେଇ କଥା, ଯାହାକି ବହୁତ ବର୍ଷ ଆଗରୁ ଥରେ ମୋତେ କହିଥିଲେ । ଭାରତ ପାକିସ୍ଥାନ ଯୁଦ୍ଧ ବେଳେ । ଲୁହ ପୋଛିଦେଇ । ଆଶ୍ୱାସନା ଦେଇ । ମୟଁ ତୋମାର୍ ଲଗତ୍ ଆସୁଁ ନହୟ । ଇମାନ୍ କାନ୍ଦି ଆସା କେଲୈ ? ମୁଁ ଅଛି ପରା ତୋ ପାଖରେ ! କାନ୍ଦୁଚୁ କାହିଁକି ?

■ ■ ■

ଅକ୍ଟୋବର ୧୯୯୭

Digitized by srujanika@gmail.com

# ବାପା

କଥା ଆରମ୍ଭ ହୋଇଥିଲା କୌଣସି ଏକ ସାମାନ୍ୟ କାରଣରୁ । ସାଧାରଣ ଯୁକ୍ତିତର୍କରୁ ଆରମ୍ଭ ହୋଇ ଶେଷ ହୋଇଥିଲା କଳହରେ ଓ ମୁଁ ବେବୀ ଉପରେ ବେଶ୍ ରାଗିଯାଇଥିଲି । ବୟସରେ ଯଥେଷ୍ଟ ସାନ ତରୁଣୀ ଭଉଣୀଟି ଉପରେ ବେକାର କଥାରେ ରୋଷାନ୍ୱିତ ହେବା ନିଶ୍ଚିତ ଭାବରେ ଥିଲା ଗର୍ହିତ ଓ ଅଶୋଭନୀୟ । କିନ୍ତୁ ମୁଁ ରାଗିଥିଲି - ମୋର ପଚାଶୋର୍ଦ୍ଧ୍ୱ ବୟସ ସତ୍ତ୍ୱେ ଓ ମୋର ଚରିତ୍ରର ଅମାର୍ଜନୀୟ ଅସହିଷ୍ଣୁତାକୁ ଅତ୍ୟନ୍ତ ଲଜ୍ଜ୍ୟାଜନକ ଭାବରେ ଜାହିର୍ କରି । ବାପା ପାଖରେ ବସି ନୀରବରେ ଚୂଡ଼ା ଓ ଛେନାଚକଟା ଖାଉଥିଲେ । ସମୟ ଅପରାହ୍ନ । ଶେଷ ଆଡ଼କୁ ରାଗ ଟମ୍ ଟମ୍ ମୁହଁରେ ବାପାଙ୍କ ଆଡ଼କୁ ଘୂରି କହିଲି - ''ବାପା ! ଆପଣ କିଛି କହୁନାହାନ୍ତି ଯେ ! ବେବୀ ଏମିତି କଳି କରୁଛି ମୋ ସାଥିରେ !'' ବାପା ଉତ୍ତର ଦେଲେ, ଧୀର, ସମାହିତ ଓ ଅବିଚଳିତ ସ୍ୱରରେ ''ତମ ଦି'ଭଉଣୀଙ୍କ ଭିତରେ କଥାବାର୍ତ୍ତା, ସେଥିରେ ମୁଁ କଅଣ କହିବି ?''

''ବାଃ ! କା'ର ଭୁଲ୍ ସେ କଥାଟା ଅନ୍ତତଃ କହିବେ ତ ! ବେବୀ ତ ପ୍ରଥମେ କଳି ଆରମ୍ଭ କଲା ମୋ ସାଥିରେ ।'' ମୁଁ ଜବାବ ଦେଲି ।

ବାପା ସାମାନ୍ୟ ହସିଲେ । ପାଟିରେ ଥିବା ଛେନାଚକଟା ଢୋକିସାରି କହିଲେ, ''ତୁ ଯେତେବେଳେ ନିହାତି ସାନଟିଏ ଥିଲୁ, ସେତେବେଳେ କୌଣସି କାରଣରୁ ରାଗିଗଲେ ହାତରେ ଧରିଥିବା ଜିନିଷଟି - ସିଏ ଗିନାଟିଏ ହେଉ ବା କଣ୍ଢେଇଟିଏ- ଜୋର୍‌ରେ ତଳେ କଚାଡ଼ି ଦେଉଥିଲୁ । ସେତେବେଳେ ତୋ ମୁହଁଟି ମତେ ଯେମିତି ଦିଶୁଥିଲା, ଏବେ ଠିକ୍ ସେମିତି ଦିଶୁଛି ।''

ଅଚାନକ୍ ମୋର କଥା କହିବା ବନ୍ଦ୍ ହୋଇଯାଇଥିଲା । ଗଳା ପାଖରେ କୌଣସି ଏକ ଶକ୍ତ ଗୋଲାକାର ପଦାର୍ଥ ଆସି କଣ୍ଠରୁଦ୍ଧ କଲା ଅବା । ଆଖିରୁନ୍ଧି ହେଇଗଲା ଗରମ ବାମ୍ପରେ । ପିଣ୍ଡାରୁ ଉଠି ପଳାଇ ଆସିଥିଲି ଶୋଇବାଘର ଭିତରକୁ । ଏ ବୟସରେ ଭାବପ୍ରବଣ ହୋଇ ବାପା ଓ ସାନ ଭଉଣୀଟି ସାମ୍ନାରେ ଝର୍‌ଝର୍ ଲୁହ ଢ଼ାଳିବାକୁ ଲାଜ ଲାଗିଥିଲା ବୋଲି ।

ଏଇ ହେଉଛନ୍ତି ମୋ ବାପା - ଶାନ୍ତ, ସଂଯତ, କ୍ରୋଧଶୂନ୍ୟ ଓ ଋଷିପ୍ରତିମ ବିଦ୍ୱାନ ମଣିଷଟିଏ, ବିରଳ ମଣିଷଟିଏ ।

ଅବିଶ୍ୱସନୀୟ ମନେ ହୋଇପାରେ । କିନ୍ତୁ ସାରାଜୀବନ ଭିତରେ ବାପା ଆମ ଉପରେ କେବେ ରାଗିଛନ୍ତି ବା ଧମକ ଦେଇ କଥା କହିଛନ୍ତି ବୋଲି ମୋର ମନେପଡୁନି । ଖୁବ୍ ସାନବେଳେ, କୌଣସି ଭୁଲ୍ କାମ କରିଦେଲେ, ସାଥିପିଲାମାନେ ବଡ଼ ବଡ଼ ଆଖି ତୋଳା ନଚେଇ ବେଶ୍ ଷ୍ଟାଇଲ୍‌ରେ କହୁଥିଲେ ''ବାପା ଜାଣିଲେ

Digitized by srujanika@gmail.com

ରାଗିବେ ।'' ଖୁବ୍ ଇଚ୍ଛା ହେଉଥିଲା ଏଇଧରଣର ଗୋଟିଏ ବାକ୍ୟ କହିବା କେମିତି କହିବା ପାଇଁ । ଜାହିର୍ କରିବା ପାଇଁ ଯେ, ଆମ ବାପା, ତୁମ ବାପାଙ୍କଠୁ କିଛି କମ୍ ନୁହନ୍ତି । କିନ୍ତୁ ଆମେ ଚୁପ୍ ରହୁଥିଲୁ । କାହିଁକିନା ଆମ ବାପା କେବେ ରାଗୁନଥିଲେ । ବସ୍ତୁତଃ, ବାହାରର କୌଣସି ଲୋକଉପରେ ବି କେବେହେଲେ ବାପାଙ୍କୁ କ୍ରୋଧିତ ହେବା କିମ୍ବା ଉଚ୍ଚସ୍ୱରରେ କଥାକହିବା ମୁଁ ଦେଖିନି । ଜୀବନର ନବରସ ଭିତରୁ ରୌଦ୍ରରସର ପରିସ୍ଫୁଟନ ତାଙ୍କଠାରେ ହୋଇପାରିଲାନି ଶେଷପର୍ଯ୍ୟନ୍ତ । ବାକି ସବୁରସ ନିମଗ୍ନ ହୋଇଗଲେ ମାତ୍ରାଧିକ ପରିମାଣରେ ଥିବା ଶାନ୍ତ ରସର ପାରାବାରରେ ।

ଅଧ୍ୟୟନକୁ ବାଦ୍ ଦେଲେ, ବାପାଙ୍କ ଜୀବନରେ ଅନ୍ୟ କିଛି ସଉକ୍ କେବେ ନଥିଲା ବା ନାହିଁ । ସାଙ୍ଗସାଥିମାନଙ୍କ ସହିତ ଆଡ୍ଡା, ଯାନିଯାତ୍ରା, ବନ୍ଧୁକୁଟୁମ୍ବ ଶଙ୍ଖୁଳା, ଗୁଲିଗପ, ପାନସିଗ୍ରାଟ୍ ଖିଆ, ଭୋଜିଭାତ, ବଜାରବୁଲା-ସବୁଥିରେ ନିରାଗ୍ରହ । ସବୁଥିରେ ଥିଲେ ଅନାଡ଼ି । ପିଲାଟି ଦିନରୁ ଚରିତ୍ର ନିଷ୍କଳୁଷ । ଚଳଣୀ ସାଦାସିଧା ଓ ଆଡ଼ମ୍ବରହୀନ । ମନେଅଛି, ଥରେ ମତେ ବାପା କହିଥିଲେ ଯେ କଲେଜରେ ପାଠ ପଢ଼ିଲାବେଳେ ଏକଦା ଗୋଟିଏ ଗାମୁଛା କିଣି ଆଣିଥିଲେ ବଜାରରୁ । ଗାମୁଛାଟିର ଦୁଇପଟରେ ଚଉଡ଼ା ଧଡ଼ିଥିଲା ଏବଂ ଧଡ଼ିଟି ଥିଲା ବେଶ୍ ରଙ୍ଗଦାର୍ । ବାପା ଧଡ଼ିଟି ଦୁଇପଟୁ ଚିରିଦେଇ ଗାମୁଛାଟି ବ୍ୟବହାର କରିଥିଲେ । କାରଣ ବର୍ଣ୍ଣାଢ୍ୟ ଧଡ଼ିଟି ତାଙ୍କୁ ଛାତ୍ରଜୀବନୋପଯୋଗୀ ମନେହୋଇନଥିଲା । ବିଦ୍ୟାଭ୍ୟାସ ତାଙ୍କ ପାଇଁ ଥିଲା ଏକ ସାଧନା ତଥା ତପସ୍ୟା । ସେଇ ତପସ୍ୟା ଇ କରିଆସିଛନ୍ତି ଆଜୀବନ ।

ବାପା ସ୍ୱଭାବତଃ ମିତଭାଷୀ । ତାଙ୍କୁ କେବେ ପ୍ରୟୋଜନଠାରୁ ପଦଟିଏ ଅଧିକ କଥା କହିବାର ଶୁଣିନି କିମ୍ବା ତୁଚ୍ଛାଟାରେ ମୁହୂର୍ତ୍ତଟିଏ ସମୟ ଅପଚୟ କରିବାର ଦେଖିନି । ମନେପଡ଼େ - ଥରଟିଏ, ମାତ୍ର ଥରଟିଏ, ଆମଘରେ ରହି ପାଠପଢୁଥିବା ବୋଉର ତରୁଣ ଭାଇ ସତ୍ୟବାଦୀ ମାମୁଁଙ୍କ ଜୋର୍‌ଜବରଦସ୍ତିରେ ବାପା ଗୋଟିଏ ହିନ୍ଦୀ ସିନେମା ଦେଖିବାକୁ ଯାଇଥିଲେ । ମୁଁ ସାନ ଥିଲାବେଳେ, ଆମଘର ପାଖରେ ନୂଆକରି 'ହିନ୍ଦ୍' ସିନେମା ହଲ୍‌ଟି ତିଆରି ହେବାପରେ, ପ୍ରଥମେ ଦିଲ୍ଲୀପକୁମାର ଅଭିନୀତ ଫିଲ୍ମ 'ହଲ୍‌ଚଲ୍' ପଡ଼ିଲା । ମାମୁଁ ଆଗତୁରା ଟିକେଟ କାଟି ଆଣିଲେ ଓ ନିରୀହ ଓ ସାଧୁ ଭଗ୍ନୀପତିଟିଙ୍କ ପଛରେ ଲାଗି ଲାଗି ତାଙ୍କୁ ନାକେଦମ୍ କରିପକାଇଲେ । ସମ୍ପର୍କ ଇ ଥିଲା ସେଇଭଳି । ଅଗତ୍ୟା ପ୍ରିୟ ଶ୍ୟାଳକଟିର ବାଧ ବାଧକତାରେ ପଡ଼ି ବାପା ଗଲେ ସିନେମା । ସାଥିରେ ମୁଁ, ବୋଉ ଓ ମାମୁଁ । ଟିକେଟ ଥିଲା ବାଲ୍‌କୋନୀର । ସିଟ୍ ଥିଲା ହଲ୍‌ର ପଛଆଡ଼କୁ । ସିନେମା ହଲ୍ ସହିତ ଅପରିଚିତ ବାପା, ସିନେମାକୁ ଥିଏଟର ଭାବି, ପର୍ଦ୍ଦାଟି ନିକଟରୁ ସ୍ପଷ୍ଟତର ଦିଶିବ ବୋଲି, ସିଟ୍‌ରୁ ବେଶ୍ କିଛିଦୂର ଆଗକୁ ଉହୁଙ୍କିପଡ଼ି କିୟତ୍‌କ୍ଷଣ ଚଳନ୍ତି ଛବିମାନଙ୍କୁ ଚାହିଁ ରହିଲେ ଓ ତାପରେ ବାକି ସମୟତକ ସମ୍ପୂର୍ଣ୍ଣ ନିସ୍ପୃହ ମୁଖଭଙ୍ଗୀ କରି ଧ୍ୟାନମଗ୍ନ ଋଷିପରି ବସିରହିଲେ । ମାମୁଁଙ୍କର ବାପାଙ୍କୁ ସିନେମା ଦେଖାଇବାର ଆଗ୍ରହ ଫିକା ପଡ଼ିଯାଥିଲା ।

ପିଲାଦିନୁ ଦେଖିଛି, କଲେଜ ଯିବା ସମୟତକ ବାଦ୍‌ଦେଲେ, ବାକିତକ ସମୟ ବାପାଙ୍କର କଟିଛି ପଢ଼ାଘରେ । ତପସ୍ୟାରତ ଯୋଗୀପରି ଘଣ୍ଟା ଘଣ୍ଟା ଧରି ଅବିଚଳିତ

Digitized by srujanika@gmail.com

ଭାବରେ ଲେଖୁଥିଲେ ଓ ପଢୁଥିଲେ । କରୁଥିଲେ ସଂସ୍କୃତ, ପାଳି, ପ୍ରାକୃତ ଓ ଭାଷା ତତ୍ତ୍ୱର ଅନୁଶୀଳନ । କରୁଥିଲେ କେଉଁ ତମ୍ବାପଟା ବା ଶିଳାଲେଖର ପାଠୋଦ୍ଧାର । ମଣିଷଟି ଭ ଥିଲେ ନିଆରା । ରସ ପାଉଥିଲେ ପ୍ରସ୍ତରରୁ ଓ ତାମ୍ର ଫଳକରୁ । ଲୋକମାନେ ବିଦେଶ ଗଲେ କେତେ କଅଣ ଜିନିଷ ଆଣନ୍ତି । ବାପା କିନ୍ତୁ ଲଣ୍ଡନରୁ ଫେରିଲାବେଳେ ଜାହାଜରେ ବୋହି ବୋହି ଆଣିଥିଲେ-ସମ୍ପୂର୍ଣ୍ଣ ନିଜ ଚେଷ୍ଟାରେ - ବିଦେଶରେ ରହିଯାଇଥିବା ଅନନ୍ତବାସୁଦେବ ମନ୍ଦିରର ମୂଳ ଶିଳାଲେଖର ପ୍ଲାଷ୍ଟର କାଷ୍ଟ୍ । ପରେ ତାହାକୁ ମିଉଜିୟମ୍‌କୁ ଦାନ କରି ଦେଇଥିଲେ । ଓଜନ୍ଦାର ବିରାଟକାୟ ପ୍ଲାଷ୍ଟରକାଷ୍ଟଟି କେଇବର୍ଷ ଧରି ମୋ ପଢ଼ାଘର କାନ୍ଥକୁ ଆଉଜାହୋଇ ରଖା ହୋଇଥିଲା । ତା'ର ମୂଲ୍ୟ ବୁଝିନଥିଲି ସେତେବେଳେ । ମଣିଥିଲି ଆବର୍ଜନା ।

ବାପା ଜୀବନରେ ଯଦି କାହାକୁ ସବୁଠୁ ବେଶୀ ଭଲପାଇଛନ୍ତି, ତାହା ହେଉଛି ବହି । ତାଙ୍କ ପଢ଼ାଘରେ, କେବଳ ତାଙ୍କ ବସିବା ଚୌକିଟି ଛାଡ଼ିଦେଲେ, ବାକି ସର୍ବତ୍ର ପୁସ୍ତକର ଆକାଶଚୁମ୍ବୀ ସ୍ତୂପ ଓ ସମଗ୍ର ବଖରାଟି ପୋଥି, ପୁସ୍ତକ ଓ ପତ୍ରିକାରେ ରୁନ୍ଧି ହୋଇ ଏକରକମ ଅଣନିଃଶ୍ୱାସୀ । ବସ୍ତୁତଃ, ଆମଘରର ପ୍ରତିଟି କୋଣ, ଅନୁକୋଣ, ବାପାଙ୍କ ଦୟାରୁ ବହିରେ ଠେସା । ବହି ଇ ତାଙ୍କର ପ୍ରଶ୍ୱାସ । ବହି ଇ ତାଙ୍କର ପ୍ରାଣ । ଆମେମାନେ ଏବେ ବି ଘରୁ ବହିଟିଏ ଆଣିଲେ ରେଜିଷ୍ଟର୍‌ରେ କିଏ କ'ଣ ବହି ନେଲା ଟିପିରଖନ୍ତି । ଥରଟେ ପଢ଼ିବା ପାଇଁ ଶ୍ରୀ ସୁନୀତିକୁମାର ଚାଟାର୍ଜୀଙ୍କ Languages and literatures of Modern India ବହିଟି ଆଣିଥିଲି । ଯେତେବେଳେ ଘରକୁ ଗଲି, ସେ ବହିକଥା ପଚାରି ପଚାରି ମତେ ଏଭଳି ବ୍ୟତିବ୍ୟସ୍ତ କଲେ ଯେ ଦିନେ ରାଗିକି ଯାଇ ସେ ବହିଟି ଫେରାଇଦେଇ ଆସିଲି ।

ବାପାଙ୍କ ଦାଉରେ, ଆମଘରେ ଛିଣ୍ଡା କାଗଜଟିଏ ବି ଫିଙ୍ଗିବା ଆମ ପକ୍ଷରେ ଅସମ୍ଭବ । ବୋଉ କାଠଚୁଲି ଲଗାଇଲାବେଳେ, ରଦିକାଗଜ ନେଇ ନିଆଁ ଧରାଇଲାବେଳକୁ, ବାପାଙ୍କ ଆଖିରେ ଯଦି କେତେବେଳେ କେମିତି ତାହା ପଡ଼ି ଯାଇଛି, ବାପା ଚୂଲିରେ ହାତପୂରାଇ ସେ ଦରପୋଡ଼ା କାଗଜ ଭିଡ଼ି ଆଣିଛନ୍ତି-ହାତ ଝାଳସି ଯିବା ସତ୍ତ୍ୱେ । ଉଦ୍‌ବେଗ - କାଳେ କୌଣସି ବହି ବା ପତ୍ରିକାର ଛିନ୍ନପୃଷ୍ଠା ତା' ଭିତରେ ଭୁଲ୍‌ରେ ରହି ଯାଇଥିବ ।

ଏବେ ବାପାଙ୍କର ଦୁଇ ଆଖିରେ କାଟାରାକ୍ଟ । ଦୃଷ୍ଟିଶକ୍ତି କ୍ଷୀଣ । ତେବେ ସୁଦ୍ଧା ଗୋଟିଏ ହାଣ୍ଡଲବାଲା ବହଳ ଯବକାଚ ଧରି ଏବେ ବି ନବେବର୍ଷରେ ବହି ପଢ଼ନ୍ତି । ବାପାଙ୍କ ପଢ଼ାଘରଟି ଉପର ମହଲାରେ । ସିଢ଼ି ଚଢ଼ିବାରେ ଅକ୍ଷମ । କାଳେ ଉପରକୁ ଚାଲିଯିବେ ବୋଲି, ସେ ତଳମହଲାରେ ରହୁଥିବା ବଖରାଟିର ବାହାରେ ମୋ ଭାଇ ଅନେକ ସମୟରେ ତାଲା ପକାଇଦିଏ । ତେବେ ବି ସୁଯୋଗ ଦେଖି ଲୁଚି ଲୁଚି ପଢ଼ାଘରେ ଯାଇ ବସିଥାଆନ୍ତି ଏବଂ ଧୂମାୟିତ ସ୍ମୃତିଶକ୍ତି ହେତୁ, କବାଟ ବୋଲି ଭାବି ବନ୍ଦ ଝର୍କାକୁ ଠେଲୁ ଠେଲୁ ତତ୍‌ସନ୍ନିକଟ ବହିଗଦାକୁ ଝୁଣ୍ଟି, ତଳେ ପଡ଼ି ଗୋଡ଼କୁ ଜଖମ୍ କରନ୍ତି ।

Digitized by srujanika@gmail.com

ବାପାଙ୍କର ଏଇ ବହିପ୍ରୀତି ସମ୍ପର୍କରେ ମନେପଡ଼େ ବୋଉଠାରୁ ବାରମ୍ବାର ଶୁଣିଥିବା ଏକ ଚମତ୍କାର ସୁମଧୁର କାହାଣୀ । ବୋଉ ନବବଧୂରୂପେ ଆସିବାର ଦୁଇଚାରିଦିନ ପରେ ବାପା କୁଆଡ଼େ ବୋଉକୁ କହିଥିଲେ ପ୍ରାତଃସ୍ନାନ ସାରି ପରିଷ୍କାର ଲୁଗା ପିନ୍ଧି ତାଙ୍କ ଉପର ମହଲା ପଢ଼ାଘରକୁ ଆସିବାପାଇଁ । ଯେହେତୁ ପରିଣତ ବୟସର ଶାଶୁ, ଶ୍ୱଶୁର ସାଥିରେ ରହୁଥିଲେ, ବୋଉ ସ୍ୱଭାବତଃ ଭାବିଥିଲା ଯେ ହୁଏତ ପତ୍ନୀ ସହିତ ନିରୋଳାରେ କିଛି ସୁଖଦୁଃଖ ହେବା ପାଇଁ ବାପା ତାକୁ ଡାକିଛନ୍ତି । ତା' ପରଦିନ ଗାଧୁଆ ସାରି, ବାପଘରୁ ଆଣିଥିବା ଧୋବଲୁଗା ଖଣ୍ଡିଏ ପିନ୍ଧି ଓ ପାତା ପକା ବାଳ ଉପରେ ସରୁ ଓଢ଼ଣାଟିଏ ଟାଣି ବୋଉ କୁଆଡ଼େ ଉପର ମହଲାକୁ ଯାଇଥିଲା । ଅଧ୍ୟୟନରତ ଯୁବକସ୍ୱାମୀ ବେଶ୍ ସଂଭ୍ରମର ସହିତ ବସିବା ପାଇଁ ପତ୍ନୀଙ୍କୁ ଚୌକିଟିଏ ପ୍ରଦାନ କରିଥିଲେ ଓ କିଶୋରୀ ଗ୍ରାମ୍ୟବଧୂଟିକୁ ଅବାକ୍ କରି ବହି ଆଲମାରୀଟି ଖୋଲି କହିଥିଲେ, ''ହେଇଟି ଦେଖ ! ମୋ ବହିପତ୍ର ସବୁ ଏଇଠି ରହେ । ଆଉ ଏଇ ଟେବୁଲରେ ମୁଁ ପଢ଼ାପଢ଼ି କରେ । ବହିପତ୍ର ସଜାଡ଼ିକି ରଖିବ । ହେଲେ ଅପରିଷ୍କାର ହାତରେ ବହି ଛୁଇଁବନି କି ଅଗାଧୁଆ ଏ ଘରେ ପଶିବନି ।'' ଖୁସିଗପ ବଦଳରେ ପୁସ୍ତକ ସମ୍ପର୍କୀୟ ଏତାଦୃଶ ତାଗିଦା ଶୁଣି ବୋଉକୁ ସେଦିନ କୁଆଡ଼େ ଭାରି କାନ୍ଦ ଲାଗିଥିଲା । ବହିପାଗଳା ବୈରାଗୀ ସ୍ୱାମୀଟି ପ୍ରତି କିନ୍ତୁ ମମତ୍ୱବୋଧ ମନରେ ଜାଗରିତ ହେଉଥିଲା ମଧ୍ୟ ।

ବାପା ଯେ କେବଳ ବୋଉକୁ ପରିଷ୍କାର ପରିଚ୍ଛନ୍ନ ହୋଇ ପଢ଼ାଘରକୁ ଯିବାକୁ କହୁଥିଲେ ତାହା ନୁହେଁ, ନିଜେ ମଧ୍ୟ କରୁଥିଲେ ସେଇଆ । ତାଙ୍କପାଇଁ, ବହିଥିଲା ଦେବତାତୁଲ୍ୟ ଓ ପଢ଼ାଘରଟି ଥିଲା ମା' ସରସ୍ୱତୀଙ୍କର ମନ୍ଦିର ସଦୃଶ ।

ପିଲାଦିନେ ଦେଖିଛି, ବାପା ସ୍ନାନସାରି ପଢ଼ାଘରେ ପଶୁଥିଲେ ଏବଂ ଥରେ ପଢ଼ାଘରେ ପଶିଲେ ଆଉ ବିଛଣା ଛୁଉଁନଥିଲେ କିମ୍ବା ଆମ୍ଭମାନଙ୍କୁ କୋଳକୁ ଉଠାଉନଥିଲେ । ଅପରିଷ୍କାର ହୋଇଯିବା ଭୟରେ । ରାତି ନଅଟାରେ ପଢ଼ା ପାଇଁ ଉଦ୍ଦିଷ୍ଟ ଧୋତି ବଦଳାଇ, ଅନ୍ୟ ଧୋତି ପିନ୍ଧି ବିଛଣାକୁ ଆସୁଥିଲେ ଓ ଶିଶୁସନ୍ତାନଟିକୁ କାନ୍ଧରେ ପକାଇ କିମ୍ବା ଗୋଡ଼ରେ ଝୁଲାଇ, ଶ୍ରୀ ନନ୍ଦକିଶୋର ବଳଙ୍କର 'ତାମରାକାଉ' ନାନାବାୟା ଗୀତଟି ଗାଇ ସନ୍ତାନଟିର ପରିଚର୍ଯ୍ୟା କରୁଥିଲେ ରାତିଭର୍ ।

ଏ ନିୟମଟି ଚାଲୁ ହୋଇଥିଲା ଜ୍ୟେଷ୍ଠ ସନ୍ତାନ ମୋ'ଠାରୁ । ମୁଁ ଜନ୍ମ ହୋଇଥିଲି ଆଠମାସରେ, ନିର୍ଦ୍ଧାରିତ ସମୟର ଅନେକ ପୂର୍ବରୁ । ବାପା ସାରାରାତି ପ୍ରସାରିତ ଦୁଇ ଗୋଡ଼ ମଝିରେ ମତେ ରଖି ଓ ଗୋଡ଼ ଝୁଲାଇ ଝୁଲାଇ ତଥା ଗୀତଗାଇ ମତେ ଶୁଆଉଥିଲେ । ଜୀବନ ଥିଲା ଚଢ଼େଇଟାକର । କିନ୍ତୁ କଣ୍ଠସ୍ୱର ମୋର ଥିଲା ବେଶ୍ ତୀବ୍ର । କୋଳରୁ କାଢ଼ି ତଳେ ଥୋଇଦେଲେ ତାର ସ୍ୱରରେ ଚିତ୍କାର କରୁଥିଲି । ମୋ'ର ସେତେବେଳର ଏତାଦୃଶ କ୍ରିୟାକଳାପରେ ବାପାଙ୍କୁ ଅବଶ୍ୟ ମୋର ଚରମ ବୁଦ୍ଧିମତ୍ତାର ପରିଚୟ ମିଳିଥିଲା । ସବୁବେଳେ କହନ୍ତି ''କାନନବୁଢ଼ୀର ପିଲାଦିନୁ ବହୁତ ବୁଦ୍ଧି । କେମିତି ଯେ ଜାଣିବ ବାପା ଗୋଡ଼ରୁ ଉଠାଇ ବିଛଣାରେ ଶୁଆଇଦେଲେ ବୋଲି ! ସାଙ୍ଗେ ସାଙ୍ଗେ ଉଠିପଡ଼ି କାନ୍ଦିବ ।''

Digitized by srujanika@gmail.com

ବାପା ଲଣ୍ଡନ୍ ଗଲେ ପି.ଏଚ.ଡି ପାଇଁ । ଶିଖି ଆସିଲେ ଦୁଇଟି ଅଭ୍ୟାସ । ଚା'ପିଆ ଓ ସୁଟକେଶ୍ ଧରା । ସେଠି କୁଆଡ଼େ ସାହେବମାନେ ହାତରେ ଧରି କିଛି ଜିନିଷ ନିଅନ୍ତିନି । ସଭିଙ୍କ ହାତରେ ବ୍ୟାଗ୍ । ଅଜିଠୁ ପ୍ରାୟ ପଚାଶ ବର୍ଷ ତଳେ ଭି.ଆଇ.ପି. ର ଯୁଗ ନଥିଲା । ନା ମିଳୁଥିଲା ଆଜିପରି ରେକ୍ସିନର ଭଳି ଭଳି ସୁଦୃଶ୍ୟ ବ୍ୟାଗ୍ ବା ଆଟାଚି । ମିଳୁଥିଲା କେବଳ ଟିଣ ସୁଟ୍‌କେଶ୍ । ବାପା ସେଇଭଳି ଏକ ସାନ ସୁଟକେଶରେ ବହିପତ୍ର ରଖି କଲେଜ ଗଲେ । ଆମକୁ କିନ୍ତୁ ଲାଜ ଲାଗୁଥିଲା ସେ ସୁଟ୍‌କେଶ୍ ଧରିବାପାଇଁ । ବାପା କିନ୍ତୁ ଆରାମ୍‌ରେ, ଲଣ୍ଡନରୁ ଆଣିଥିବା ଚକ୍‌ଚକ୍ ନେଭି ବ୍ଲୁ ରଙ୍ଗର ସୁଟ୍ ହସିତ ଟାଇ ଭିଡ଼ି ଓ ଫୁଲ୍ ସୁ ପିନ୍ଧି ସେ ସୁଟ୍‌କେଶ୍ ହାତରେ ଧରି କଲେଜ ଯାଉଥିଲେ । ତାଙ୍କୁ ଲାଜ ବା ସଙ୍କୋଚ ଲାଗୁନଥିଲା । ଲଜ୍ଜାର ପରିଭାଷା, ବାପାଙ୍କ ପାଇଁ ଥିଲା ଭିନେ । ବିଶ୍ୱାସ କରୁଥିଲେ ଯେ କେବଳ ଅସଦାଚରଣ କଲେ ହିଁ ଲଜ୍ଜା ପାଇବାର କଥା-ଅନ୍ୟଥା ନୁହେଁ । ବାପାଙ୍କର ସବୁଠାରୁ ବଡ଼ ଗୁଣ ହେଲା ଯେ ସେ କେବେହେଲେ ଅପରବିଷୟରେ ଚର୍ଚ୍ଚା କରନ୍ତିନି କିମ୍ବା ତାଙ୍କ ସମ୍ପର୍କରେ ଅନ୍ୟ କିଏ କଅଣ କହିଲା- ନିନ୍ଦା ବା ପ୍ରଶଂସା - ସେଥିପ୍ରତି ଭ୍ରୂକ୍ଷେପ କରନ୍ତିନି । ସାରାଜୀବନ, ଯାହା ଉଚିତ୍ ଓ ସଙ୍ଗତ ଭାବିଛନ୍ତି, କରିଛନ୍ତି । ସତ୍ୟ ଓ ନ୍ୟାୟ ଉପରେ ପାଲିସ୍ କରିବା, ଥିଲା ତାଙ୍କ ସ୍ୱଭାବ ବିରୁଦ୍ଧ । ଚିରଦିନ ରହିଆସିଛନ୍ତି ନିର୍ବେଦ ଓ ନିର୍ବିଚଳ, ଉଭୟ ସୁଖରେ ଓ ଦୁଃଖରେ ।

ଲଣ୍ଡନରୁ ବାପା ଆଉ ଗୋଟିଏ କଥା ମଧ୍ୟ ଶିଖି ଆସିଥିଲେ- ଛତାଧରା । ଲଣ୍ଡନର ପାଗ ବେଶ୍ ଚଗଲା । ପ୍ରାୟତଃ ମେଘୁଆ ଦିନ ବା ଅଚାନକ୍ ଟିପ୍ ଟିପ୍ ବର୍ଷା । ଛତାର ପ୍ରୟୋଜନ ସେଠି ବେଶୀ । ବାପା କିନ୍ତୁ ଖରା ହେଉ ବା ବର୍ଷା ହେଉ, ଛତା ବ୍ୟବହାର କରୁଥିଲେ ସାରାବର୍ଷ ଏବଂ ବାପାଙ୍କର ଛତା ଉପାଖ୍ୟାନଟି ଥିଲା ଭାରି ମଜେଦାର୍ । ନେଇକି ଯିବେ ନୂଆ ଛତାଟିଏ । ଦୋକାନରେ, ବ୍ୟାଙ୍କରେ, ଅଫିସ୍‌ରେ, ଜମା ହୋଇଥିବା ଛତା ମେଳରେ ରଖିବେ ନିଜ ଛତାଟି । ଆଉ ଆସିଲାବେଳକୁ ଭୁଲ୍‌ରେ ନେଇ ଆସିବେ ଅନ୍ୟ କାହାର ଜରାଜୀର୍ଣ୍ଣ ପୁରୁଣା ଛତାଟିଏ । ପୁଣି କିଣାହେବ ନୂଆଛତା, ପୁଣି ସେଇ ପୁରୁଣା କାହାଣୀର ପୁନରାବୃତ୍ତି । ଆମ୍ଭେମାନେ ସବୁବେଳେ ଅପେକ୍ଷା କରୁଥିଲୁ; କେତେବେଳେ ତ ହେଲେ ବାପା ପୁରୁଣାଛତା ବଦଳରେ ନୂଆ ଛତାଟିଏ ଆଣିବେ ! ତାହା କିନ୍ତୁ କଦାଚିତ୍ ସମ୍ଭବ ହେଲାନି ।

ବାପା ଏକ ବିରଳ ମଣିଷ । ସଂସାରରେ ଥାଇ ସୁଦ୍ଧା ସଂସାର ପ୍ରତି ଉଦାସୀନ ଓ ଅନାସକ୍ତ । ସାଧାରଣ ମଣିଷର ମାନସିକ ସ୍ତର ଅପେକ୍ଷା ସମ୍ପୂର୍ଣ୍ଣ ଏକ ଭିନ୍ନ ସ୍ତରରେ ସିଏ ଥିଲାଭଳି ମୋତେ ଲାଗେ । ସ୍ୱଭାବରେ ବୈରାଗୀ ଏବଂ ସେଇଥିପାଇଁ ବୋଧେ ଭାରି ଭୁଲାମନ ବାପାଙ୍କର । ଥରଟେ କଲେଜରେ ନିଜ ପ୍ରକୋଷ୍ଠରେ ବସି ଅଧ୍ୟୟନରେ ଏ ଭଳି ନିବିଷ୍ଟ ଥିଲେ ଯେ କଲେଜ ପିଅନ କଣ୍ଟୁରୀ ବାହାରେ ତାଲା ଲଗାଇ ଘରକୁ ଗଲାଣି ବାପା ଜାଣି ପାରିନଥିଲେ । ଘର ସାମ୍‌ନାରେ ପର୍ଦ୍ଦା ଥିବାରୁ ପିଅନଟି ବାପାଙ୍କୁ ଦେଖିପାରିନଥିଲା । ବାପାଙ୍କ ଝର୍କାପାଖରେ ଥିଲା ଇଷ୍ଟହଷ୍ଟେଲ୍ । ବାପା ପରେ ହଷ୍ଟେଲ୍ ଛାତ୍ରଙ୍କ ଦ୍ୱାରା କଣ୍ଟୁରୀକୁ ଡାକି କବାଟ ଖୋଲା କରାଇଥିଲେ ।

Digitized by srujanika@gmail.com

ଥରଟେ କଟକ ଷ୍ଟେସନରେ ଚଳନ୍ତି ଟ୍ରେନ୍‌ରୁ ଓହ୍ଲାଇ ଆଘାତପ୍ରାପ୍ତ ହୋଇଥିଲେ । ତାଙ୍କୁ ମନେ ହୋଇଥିଲା ଯେ ଟ୍ରେନଟି ବନ୍ଦ ହୋଇଗଲାଣି । ଏକାଧିକ ଥର ବାଣୀବିହାର ଅଫିସକୁ କାମରେ ଯାଇ ଅଫିସ ଟେବୁଲ ଉପରେ ପଡ଼ିଥିବା ଚାବି ପେନ୍ଥାକୁ ନିଜ ଚାବି ପେନ୍ଥା ଭାବି ନେଇଆସିଛନ୍ତି । ତା' ପରଦିନ ବିବ୍ରତ କର୍ମଚାରୀମାନଙ୍କୁ ନେଇ ଚାବିଟି ଫେରାଇ ଦେଇ ଆସିଛନ୍ତି । ଆଉ ଭୁଲାମନ ବାପାଙ୍କ ପକେଟ୍‌ରୁ ଟଙ୍କା ପକେଟ୍‌ମାର ହେବାଟା ଏକ ସାଧାରଣ ଘଟଣା । ମୋ ଭାଇ ମଜାରେ କହେ, ବାପା ଘରୁ ବାହାରିଲେ ତାଙ୍କ ପଛରେ ଦୁଇଟି ପକେଟ୍‌ମାର୍ ମାର୍ଚ୍ଚ କରି କରି ଚାଲନ୍ତି । ଥରେ କଲିକତାରୁ ପୁରୀ ଏକ୍ସପ୍ରେସ୍‌ରେ ଫେରିଲାବେଳେ କୋର୍ଟର ଛାତି ପକେଟରୁ ଟିକେଟ ଓ ଟଙ୍କା ସହିତ ପର୍ସଟି ଚୋରି ଯାଇଥିଲା । ଭାଗ୍ୟବଶତଃ ଟି.ଟି.ଆଇ ଜଣକ ଥିଲେ ଓଡ଼ିଆ ଓ ରେଭେନ୍ସା କଲେଜର ପାକ୍ତନ ଛାତ୍ର । ବାପାଙ୍କ ସମ୍ବନ୍ଧରେ ପ୍ରଚଳିତ ଲୋକାପବାଦ ଯେ ସିଏ ଜଣେ ସତ୍ୟନିଷ୍ଠ ସାଧୁପୁରଷ ଓ ମିଛକଥା କହନ୍ତିନି, ସହିତ ଭଲଭାବରେ ପରିଚିତ ଥିଲେ । କପର୍ଦ୍ଦକଶୂନ୍ୟ ଓ ଅଭୁକ୍ତ ବାପାଙ୍କର ସର୍ବପ୍ରକାର ଯତ୍ନ ନେଇ ଆଣି ପହଞ୍ଚାଇ ଦେଇଥିଲେ କଟକ ଷ୍ଟେସନ୍‌ରେ ।

ବାପାଙ୍କର ନୀତିନିଷ୍ଠ ଆଦର୍ଶ ଜୀବନ ପ୍ରସଙ୍ଗରେ କଥା କହିଲାବେଳେ ଆଉ ଗୋଟିଏ ଛୋଟ ଘଟଣା ମନେପଡ଼େ । କେଇବର୍ଷ ତଳରକଥା । କଟକର ଜଣେ ବୟୋବୃଦ୍ଧ ପୁସ୍ତକ ବିକ୍ରେତାଙ୍କର ବହୁତ ଦିନ ପରେ ନାତିଟିଏ ହୋଇଥିଲା ଏବଂ ଭଦ୍ରଲୋକ ଏକୋଇଶିଆ ଦିନ ସଂଧ୍ୟାରେ ଅପ୍ରତ୍ୟାଶିତ ଭାବରେ ଆସି ଆମ ଘରେ ହାଜର ହେଇଥିଲେ-ହାତରେ ଅର୍ଖ ନୂଆ ନାଲି ଗାମୁଛାଟିଏ ଧରି । ଉଦ୍ଦେଶ୍ୟ, ପୌତ୍ର ପାଇଁ ବାପାଙ୍କର ପଦରଜ ଟିକିଏ ନେବା । ସାରା ସହର ଖୋଜି ଖୋଜି ତାଙ୍କୁ କୁଆଡ଼େ ଏଭଳି ଆଦର୍ଶ ଦେବତୁଲ୍ୟ ମଣିଷଟିଏ ମିଳିନଥିଲେ ।

ଏଇ ହେଉଛନ୍ତି ମୋ ବାପା-ନିରହଙ୍କାର, ହୃଦୟବାନ୍ ଓ ମାନବିକ ମୂଲ୍ୟ ବୋଧରେ ଗଭୀର ଆସ୍ଥା ପୋଷଣ କରୁଥିବା ଏକ ଶୁଭ୍ର, ସରଳ, ବ୍ୟକ୍ତିତ୍ୱ ।

ସମୟ ସମୟରେ ମୋର ମନେହୁଏ ଯେ ବାପାଙ୍କୁ ସୃଷ୍ଟି କଲାବେଳେ ମନମୁତାବିକ୍ ଭଲ ମଣିଷଟିଏ ବନାଇବାକୁ ଯାଇ ବୋଧହୁଏ ଭଗବାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା । ବିନିଦ୍ର ରହିବାକୁ ପଡିଥିଲା ଅନେକଗୁଡ଼ିଏ ଅତନ୍ଦ୍ର ରାତି । ତେଣୁ ରାଗିକି ଠିକ୍ ପରେ ପରେ ସିଏ ଛାଞ୍ଚଟିକୁ ନଷ୍ଟ କରିଦେଲେ । ଆଉ ବାପା ରହିଗଲେ ବାପାଙ୍କ ପରି-ଏକକ ଏବଂ ଅଦ୍ୱିତୀୟ । ତାଙ୍କପରି ଆଉ ଦ୍ୱିତୀୟ ମଣିଷ ସୃଷ୍ଟି ହେଇ ପାରିଲାନି ପୃଥିବୀରେ । ଏବଂ ଅବଶୋଷର କଥା, ତାଙ୍କର ଜ୍ୟେଷ୍ଠ ସନ୍ତାନ ହୋଇ ସୁଦ୍ଧା, ତାଙ୍କର କୌଣସି ଗୁଣ ମୁଁ ପାଇପାରିଲିନି । ଯଦି କାଣିଚାଏ ତାଙ୍କ ଗୁଣ ମୁଁ ପାଇଥାଆନ୍ତି, ତାହେଲେ ତରିଯାଇଥାଅନ୍ତି ।

■ ■ ■

ଡିସେମ୍ବର ୧୯୯୯

Digitized by srujanika@gmail.com